PK 2575
.S8

Vol. 1

FT MEADE
ASIAN

THE LIBRARY OF CONGRESS

THE LIBRARY OF CONGRESS

# TRACTS

IN THE

# ORIYA LANGUAGE.

## କବିତାମୃତବିନ୍ଦୁ ।

[Amos Sutton]

ଦୋଷାନ୍ଧକାରବ୍ୟପସାରଣେନଗୁଣାମ୍ ଜ୍ୟୋତ୍ସ୍ନୀଲନନଚ୍ୟଦକ୍ଷାଃ ।
ସନ୍ତଃ ପ୍ରବନ୍ଧଂ ମମ ଶୋଧୟନ୍ତୁ ଶ୍ଳୋକଂ ମୟୂଖା ଇବ ଚନ୍ଦ୍ରରଶ୍ମେଃ ।

POETICAL SERIES.—VOL. I.

CUTTACK:

PRINTED FOR THE ORISSA TRACT SOCIETY.

1843.

PK2575
I58
vol. 1
Orien
Ori

*** The expense of publishing these Volumes is chiefly furnished by the LONDON and AMERICAN TRACT SOCIETIES.

# ନିର୍ଘଣ୍ଟ ପତ୍ର ।

---


| | |
|---|---|
| | ପତ୍ରାଙ୍କ । |
| ଆଶ୍ରୟ ନିର୍ଣୟ | ୧୩୩ |
| ଈଶ୍ୱରଙ୍କ ମହିମା | ୧୫୯ |
| ଖେଦଯୁକ୍ତ ଲୋକର ପ୍ରାର୍ଥନା | ୧୪୫ |
| ଚୌତିଶା | ୧୬୨ |
| ତତ୍ତ୍ୱସାର | ୧୬୪ |
| ତ୍ରାଣଚନ୍ଦ୍ରୋଦୟ | ୭୩ |
| ତ୍ରାଣତତ୍ତ୍ୱ | ୧୫୦ |
| ଦିବ୍ୟବର୍ଣମାଲା | ୧୨୫ |
| ଧର୍ମପୁସ୍ତକରସାର | ୧୭ |
| ଧର୍ମବ୍ୟବସ୍ଥା | ୧୬୭ |
| ନାନାବିଧ ଭଜନ | ୧୬୭ |
| ନୀତିଶିକ୍ଷାବିଧ | ୧୭୧ |
| ନିସ୍ତାର ରତ୍ନାକର | ୧ |
| ପ୍ରଭୁ ଯୀଶୁଖ୍ରୀଷ୍ଟର ନାମମାଲା | ୧୫୭ |
| ଭଗବଦ୍ବାଦ ଲେଖନ | ୧୬୭ |
| ମନର ଚେତନା | ୧୩୯ |
| ମହା ପ୍ରାୟଶ୍ଚିତ୍ତ | ୧୨୮ |
| ଯୀଶୁଖ୍ରୀଷ୍ଟରେ ନିବେଦନ | ୧୫୩ |
| ସତ୍ପରାମର୍ଶ | ୧୭୯ |

| | |
|---|---|
| | ପତ୍ରାଙ୍କ । |
| ସତ୍ଗୁରୁ | ୧୬୧ |
| ସତ୍ୟଧର୍ମ ପ୍ରକାଶ | ୩୬ |
| ସତ୍ୟଉପାୟ | ୧୬୮ |
| ସ୍ୱଦସନ୍ତ ଭରସା | ୧୬୯ |

No. 1.

THE

# JEWEL-MINE OF SALVATION.

## ନିସ୍ତାର ରତ୍ନାକର ।

ଶୁଣହେ ଜଗତ୍ର ଲୋକ କହୁହେ ବିସ୍ତର ।
ଘୋର ପାପରୁ କେମନ୍ତେ ପାଇବ ନିସ୍ତାର । ୧ ।

ଇହିଁରେ ଉଦ୍ଦେଶକାରୀ ନାହିଁ କେହି ଜଣ ।
ନିରବଧି ପରିଶ୍ରମୀ ସଂସାର କାରଣ । ୨ ।

ସଂସାର ସାମଗ୍ରୀ ନାହି ସତ୍ୟ ଅଧିକାର ।
ସବୁ ମିଥ୍ୟା ମାତ୍ର ଚକ୍ଷୁ ମୁଦିଲେ ଅନ୍ଧାର । ୩ ।

ଅଳ୍ପଦିନ ଭୋଗ ହେତୁ ତାର ପ୍ରୟୋଜନ ।
ମରଣ ଉତ୍ତରେ ସଙ୍ଗେ ନ ଯିବଟି ଧନ । ୪ ।

ଜନ୍ମିଲେ ମରଣ ଅଛି ଦେଖ ସର୍ବ ଜନ ।
ମରଣାନ୍ତେ ସ୍ୱର୍ଗେ ଅବା ନରକେ ଗମନ । ୫ ।

ସଦାଶ୍ରୟ ବିନା କେହି ସ୍ୱର୍ଗରେ ନ ଯିବେ ।
ଅଧୋମୁଖ ହୋଇ ଘୋର ନରକେ ପଡ଼ିବେ । ୬ ।

ନରକ କେମନ୍ତ ସ୍ଥାନ କେମନ୍ତ ଯନ୍ତ୍ରଣା ।
ନିର୍ବୋଧ ହୋଇଲେ କାହିଁ କିଛି ନୋହେ ଜଣା । ୭ ।

ଭୟଙ୍କର ନରକରେ ପ୍ରଚଣ୍ଡ ଅନଳ ।
ତାର ନିର୍ବାଣ ନ ହେବ ଜ୍ୱଳେ ସଦା କାଳ । ୮ ।

ତହିଁରେ ପଡଲେ ଭାଇ ରକ୍ଷା ନାହିଁ କାର ।
ଅନନ୍ତ ସୀମା ପର୍ଯ୍ୟନ୍ତେ କରେ ହାହାକାର । ୯ ।

ଭକ୍ତି କର ଯେହ୍ନେ ଘୋର ନରକେ ନ ପଡ ।
ସାବଧାନ ପରହାଣ ଯେମନ୍ତେ ନ ହୁଡ । ୧୦ ।

ମନେ ଭାବ ନିରନ୍ତର ସର୍ବ ନରଗଣ ।
ଆସିଛନ୍ତି ଜଗତରେ ସତ୍ୟ ମହାଜନ । ୧୧ ।

ନାମେ ଯୀଶୁଖ୍ରୀଷ୍ଟ ଖ୍ୟାତ ପାପିର ଉଦ୍ଧାରେ ।
ନରରୂପ ମୁକ୍ତି କର୍ତ୍ତା ବ୍ରହ୍ମ ଅବତାରେ । ୧୨ ।

ଆଶ୍ରୟ କର ହେ ଶୀଘ୍ର କର ହେ ଆଶ୍ରୟ ।
ଖ୍ରୀଷ୍ଟର ଶରଣ ଛାଡ ନାହିଁ ସଦାଶ୍ରୟ । ୧୩ ।

ହିନ୍ଦୁ ଲୋକଙ୍କର ଅଛି ନାନା ଅବତାର ।
ତାହାର ବୃତ୍ତାନ୍ତ ଶୁଣ କହିବା ବିସ୍ତାର । ୧୪ ।

ପ୍ରଥମରେ ମୀନରୂପ ହେଲେ ନାରାୟଣ ।
ସତ୍ୟବ୍ରତ ରକ୍ଷା ହେତୁ ତାହାର କାରଣ । ୧୫ ।

ଦ୍ୱିତୀୟରେ କୂର୍ମପୃଷ୍ଠେ ଧରଣୀ ତୋଳିଲେ ।
ତୃତୀୟେ ଶୂକର ଦନ୍ତେ ତାହାକୁ ଧଇଲେ । ୧୬ ।

ଚତୁର୍ଥରେ ନରସିଂହ ହିରଣ୍ୟ ବଦାରି ।
ପଞ୍ଚମେ ବାମନ ବଳୀ ନୃପି ଛଳ ପୁରି । ୧୭ ।

ଷଷ୍ଠେ ପ୍ରଶୁ ରାମ କ୍ଷତ୍ରି ବଂଶ ସଂହାରଣ ।
ସପ୍ତମରେ ରାମଚନ୍ଦ୍ର ମାଇଲେ ରାବଣ । ୧୮ ।

ଅଷ୍ଟମରେ ଗୋପୀନାଥ ନାଶିଲେ କଂସକୁ ।
ନବମରେ ବୁଦ୍ଧହେଲେ ଦୂଷିଲେ ବେଦକୁ । ୧୯ ।

ଏହିରୂପେ ଅବତାର ଯେତେକ ସତ୍ୟଜାଣ ।
ତେବେ ତହିଁ ନଦିକର ନାହି ପରହାଣ । ୨୦ ।

ଯେହେତୁ ସେମାନେ କିଛୁ ତ୍ରାଣ ନ ସାଧିଲେ ।
ମାତ୍ର ନିଜ ଅଭିଲାଷ କାମାଦି ପୂରିଲେ । ୨୧ ।

ନାନା ସ୍ଥାନେ ନାନା ଜଣେ ନାନାଦି ରଚନ ।
ଜ୍ଞାନ ଅପାର ପ୍ରକାର କରେ ଅନୁମାନ । ୨୨ ।

ଅନେକ ଲୋକର ଏହି ମତ ଶାସ୍ତ୍ର ଥିଲେ ।
ତ୍ରାଣ ଶାସ୍ତ୍ର ପାଅନ୍ତେ ସେ ସବୁ ପକାଇଲେ । ୨୩ ।

ତାହାର ପ୍ରସଙ୍ଗ କିଛୁ କର ହେ ଶ୍ରବଣ ।
ମନ ଦେଇ ବୁଝି ଧର ଅମିଅ ବଚନ । ୨୪ ।

ପ୍ରଥମରେ ବିଧି କର୍ତ୍ତା ସର୍ବ ସୃଷ୍ଟି କଲେ ।
ସ୍ଥାବର ଜଙ୍ଗମ ଯେତେ ଆଜ୍ଞାରେ ସୃଜିଲେ । ୨୫ ।

ଏଥୁ ଅନନ୍ତରେ ଏକ ନାରୀ ଏକ ନର ।
କଲେ ନିଜ ସାଦୃଶ୍ୟରେ ନିଷ୍ପାପି ଅନ୍ତର । ୨୬ ।

ଯଦ୍ୟପି ସେମାନେ କିଛୁ ଦୋଷ ନ କରନ୍ତେ ।
ରୋଗ ଦୁଃଖ ମୃତ୍ୟୁ ନାହିଁ ଜଗତେ ଆସନ୍ତେ । ୨୭ ।

ତେବେ ଶୟତାନ ଫାନ୍ଦେ ନରନାରୀ ପଡ଼ି ।
ଅଧର୍ମୀ ଆଚାର କଲେ ସୁସ୍ୱଭାବ ଛାଡ଼ି । ୨୮ ।

ଏହି ଦୁଇ ଜଣଠାରୁ ସବୁ ଜାତ ହେଲେ ।
ପାପିଷ୍ଠ ସନ୍ତାନ ମାତ୍ର ସଦା ଜନ୍ମାଇଲେ । ୨୯ ।

ଏହି ହେତୁ ଜଗତରେ ଯେତେ ନରଗଣ ।
ସବୁ ଠାରେ ସଦା କରେ ମନ୍ଦ ଆଚରଣ । ୩୦ ।

ମିଥ୍ୟା ବାକ୍ୟ ପ୍ରବଞ୍ଚନା ପରଧନ ହରି ।
ବଧ ପରଦାର ହିଂସା ସବୁ ଜନ କରି । ୩୧ ।

ଏଥୁଁ ଈଶ୍ୱରଙ୍କ କ୍ରୋଧ ପ୍ରଜ୍ୱଳିତ ହେଲେ ।
ଅଠ ପ୍ରାଣି ବିନୁ ସବୁ ଜଳେ ବୁଡ଼ାଇଲେ । ୩୨ ।

ସେମାନଙ୍କ ବଂଶ ପୁଣି ପୂରିଲେ ଧରଣୀ ।
ପୁନର୍ବାର ପାପ କଲେ ସେହି ସବୁ ପ୍ରାଣୀ । ୩୩ ।

ଅପାର ପ୍ରକାର ମିଥ୍ୟା ଅର୍ଚ୍ଚନା କଲେ ।
ଏଣୁମନ୍ତେ ଧର୍ମ ଆଜ୍ଞା ପ୍ରଭୁ ପ୍ରକାଶିଲେ । ୩୪ ।

ତାହାଙ୍କ ଅଟଳ ବାକ୍ୟ ମାନ ସର୍ବ ଜନ ।
ପାପ ପୁଣ୍ୟ ଭଲ ମନ୍ଦ ଅନନ୍ତ ବିଧାନ । ୩୫ ।

ପରମେଶ୍ୱର ଉବାଚ ।

ଆମ୍ଭର ଗୋଚରରେ ଆନ ଦେବତା ନ ହେବ ।
କୌଣସି ପ୍ରତିମା ମୂର୍ତ୍ତି ପୂଜା ନ କରିବ । ୩୬ ।

ଈଶ୍ୱରଙ୍କ ମହାନାମ ବ୍ୟର୍ଥ ନ ଘେନ ।
ରବିବାର ଧର୍ମି ରୂପେ କରିବ ପାଳଣ । ୩୭ ।

ଆପଣାର ମାତା ପିତା କର ସମାଦର ।
ଅକାରଣ ନର ପ୍ରାଣ ବଧହିଂ ନ କର । ୩୮ ।

କେବେ ନ କର କାହାର ସଙ୍ଗେ ପରଦାର ।
ଚୋରି ନ କର କିଞ୍ଚିତ ପଦାର୍ଥ କାହାର । ୩୯ ।

ମିଥ୍ୟା ସାକ୍ଷ୍ୟ ନ କହିବ କୌଣସି କାରଣେ ।
ଲୋଭ ନ କର କାହାର ନାରୀ ଅବା ଧନେ । ୪୦ ।

---

ଏହାର ବିରୁଦ୍ଧେ ଯେତେ ଶାସ୍ତ୍ର ନିରୂପିତ ।
ଜାଣିବ ଅଧର୍ମ ସବୁ ମଥ୍ୟାରେ କଳ୍ପିତ । ୪୧ ।

ଦଶାଜ୍ଞା ଈଶ୍ୱର ଦେଲେ ଏହି ଜଗତରେ ।
ତାର ଅଭିପ୍ରାୟ ଶୁଣ କହି ସାରୋଦ୍ଧାରେ । ୪୨ ।

ସବୁ ଆତ୍ମ ଦେଇ ସବୁ ବଳ ସବୁ ମନେ ।
ଈଶ୍ୱରଙ୍କୁ କର ପ୍ରେମ ଯେତେକ ଜୀବନେ । ୪୩ ।

ସେହିରୂପେ ପଡ଼ୁସୀଙ୍କ ବହି ପ୍ରେମ ଚିତ୍ତେ ।
ନିଜ ପ୍ରାଣ ତୁଲ୍ୟ ସବୁ ବେଳେ କର ହିତ । ୪୪ ।

ସତ୍ୟ ପଥେ ସତ୍ୟ ମତେ ଥାଅ ସବୁ ଜନ ।
ଜଗତର ସ୍ୱାମୀ ପୁଣି କହନ୍ତି ବଚନ । ୪୫ ।

କେହି ଯେବେ ନିଷ୍ପାତକ ଧର୍ମ ଆଚରିବ ।
ସ୍ୱର୍ଗ ସ୍ଥାନେ ଦେବା ଆମ୍ଭେ ଅନନ୍ତ ଗୌରବ । ୪୬ ।

ନୋହିଲେ ପାତକ କର୍ମ ଯେ ଜନ କରିବେ ।
ଘୋର ନରକରେ ଦଣ୍ଡ ନିତାନ୍ତ ପାଇବେ । ୪୭ ।

ଏହି ମତେ ଧର୍ମ ଆଜ୍ଞା ପ୍ରଭୁ ପ୍ରଚାରିଲେ ।
ପୁନରପି ଲୋକ ସବୁ କଦାଚାର କଲେ । ୪୮ ।

ନ ମାନନ୍ତେ ତାଙ୍କ ଆଜ୍ଞା କେବେ ଏକ ଜଣ ।
ଏନିମନ୍ତେ ଶାପଗ୍ରସ୍ତ ସବୁ ନର ଗଣ । ୪୯

ମରଣ ଉତ୍ତରେ ଘୋର ନରକେ ପଡ଼ନ୍ତି ।
ଈଶ୍ୱରଙ୍କ କୋପାନଳେ ପ୍ରଚଣ୍ଡେ ଜ୍ୱଳନ୍ତି । ୫୦ ।

ପୃଥିବୀସ୍ଥ ସର୍ବ ଲୋକ ଏହି ମନ୍ଦ ପଣେ ।
ନିର୍ଭୟେ ସମସ୍ତ ପାପ କଲେ ଅନୁକ୍ଷଣେ । ୫୧ ।

ଏହି ହେତୁ ପୃଥିବୀର ମନୁଷ୍ୟ ସମସ୍ତ ।
ଈଶ୍ୱରର କ୍ରୋଧ ପାତ୍ର ମହା ଶାପଗ୍ରସ୍ତ । ୫୨ ।

ଏଦଶାରେ ମନୁଷ୍ୟ ହୋଇଲେ ବିଦ୍ୟମାନ ।
ନିଜ ପୁଣ୍ୟ ଦେଇ କେବେ ନ ପାଇବେ ତ୍ରାଣ । ୫୩ ।

ଯେହେତୁ ସେମାନେ କୁସ୍ୱଭାବରେ ଜଡ଼ିତ ।
ତହିଁ ପାଇଁ କ୍ରିୟା ଶୁଦ୍ଧ ନାହିଁ କଦାଚିତ । ୫୪ ।

ପୁଣ୍ୟ କରିବାକୁ ନ ପାରଇ କେହି ଜଣ ।
ଅବଧାନ କର କହି ତାହାର ପ୍ରମାଣ । ୫୫ ।

ସୁକ୍ରିୟାର ମୂଳ ମନ ଶାସ୍ତ୍ରରେ କହଇ ।
ମନ ଶୁଦ୍ଧ ବିନା ଫଳ ଶୁଦ୍ଧ ନ ହୁଅଇ । ୫୬ ।

ମିଥ୍ୟାରେ ଆସକ୍ତ ହୋଇ ଯେ ଯାହାର ମନ ।
ସତ୍ୟ କ୍ରିୟା କେମନ୍ତ କରିବ ସେହି ଜନ । ୫୭ ।

କାମାନଳେ ଅଗ୍ନି ମୟ ଦୁରାତ୍ମାର ମନ ।
କପ୍ରକାରେ ଥିବ ତହିଁ ଧର୍ମ ଅନୁଷ୍ଠାନ । ୫୮ ।

ନିର୍ମଳ ଈଶ୍ୱର ଶୁଦ୍ଧ ଅତି ସଦାଚାର ।
ନିଷ୍ପାପୀ ନିଷ୍କାମୀ ନିତ୍ୟ ସତ୍ୟ ନିରାକାର । ୫୯ ।

ଆପେ ନିର୍ଦ୍ଦୋଷୀ ହୋଇଲେ ସଦୋଷିର କାର୍ଯ୍ୟ ।
ବିଚାର କରନ୍ତେ କେବେ ନ କରିବ ଗ୍ରାହ୍ୟ । ୬୦ ।

ଈଶ୍ୱରଙ୍କ ଶାପ ଗ୍ରସ୍ତ ଯାବତ ହୁଅନ୍ତି ।
ତାବତ ତାହାଙ୍କ ରକ୍ଷି କେହି ନ ପାରନ୍ତି । ୬୧ ।

ଏନିମନ୍ତେ ନରୋପାୟ ଯେତେକ କଳ୍ପିତ ।
ସବୁ ପାଳିଲେ ନିସ୍ତାର ନାହିଁ କଦାଚିତ । ୬୨ ।

ଦେବୀ ଦେବା ମିଥ୍ୟା ସେବା ଲୌକିକ ଆଶ୍ରୟେ ।
ଦାନ ଧ୍ୟାନ ମନ୍ତ୍ର ସ୍ନାନ ବ୍ୟର୍ଥ ଜଣା ଯାୟେ । ୬୩ ।

ଏହି ସବୁ କ୍ରିୟା କଲେ ନୋହିବ ନିସ୍ତାର ।
ଅଧିକ କି ହେବ କହି ଏହି ସାରୋଦ୍ଧାର । ୬୪ ।

ଈଶ୍ୱରଙ୍କ ଶାପଗ୍ରସ୍ତ ସମସ୍ତେ ହୁଅନ୍ତି ।
ତାହାର ପ୍ରମାଣ ଶୁଣ କହିବା ଏଧାନ୍ତି । ୬୫ ।

ସର୍ବ ପ୍ରାଣୀ କ୍ଲାନ୍ତିଯୁକ୍ତ ବିବିଧ ରୋଗରେ ।
ଆଉ ମନ ଦୁଃଖି ସଦା ନାନାବିଧ ଦୁଃଖରେ । ୬୬ ।

ପ୍ରଳୟ ସମୟ ଜଳ ବ୍ୟାପିଲା ଯେମନ୍ତ ।
ପାପ ମୂଳ ଏହି ଦୁଃଖ ସର୍ବତ୍ର ତେମନ୍ତ । ୬୭ ।

ତେଣୁ ମୃତ୍ୟୁ ଅଧିକାରୀ ସର୍ବ ପ୍ରାଣି ଠାରେ ।
ବିଯୋଗ ସମୟେ ଯେନ ଯୀଶୁର ବିଚାରେ । ୬୮ ।

ସେହି ଅଦାଲତଠାରୁ ନରକରେ ଯାଇ ।
ମହା ବିଚାର ପର୍ଯ୍ୟନ୍ତେ କାରାଗାରେ ଥାଇ । ୬୯ ।

ଜଗତର ଶେଷ ଦିନେ ଜଣେ ମହା ଦୂତ ।
ଭୀମ ଭୟଙ୍କର ତୁରୀ ବଜାଇ ଅଦ୍ଭୁତ । ୭୦ ।

ସମସ୍ତ ମାନବ ଦେହ ଉଠି ସେହି କ୍ଷଣେ ।
ନିଜ ଆତ୍ମରେ ସଂଯୁକ୍ତ ହୁଡା ଜଣେ ଜଣେ । ୭୧ ।

ଆହେ ସେହି ଧର୍ମରୂପ କ୍ରୋଧ ମହା ଦିନ ।
ଆସୁଅଛି ମହାବାୟୁ ଯେମନ୍ତ ଗର୍ଜନ । ୭୨ ।

ତେଜୋମୟ ମେଘାବୃତ ପ୍ରଭୁ ଯୀଶୁଖ୍ରୀଷ୍ଟ ।
ଅଗ୍ନି ପର ମହା ସିଂହାସନେ ଉପବିଷ୍ଟ । ୭୩ ।

ଚନ୍ଦ୍ର ରକ୍ତପାତ ଦେଖି ସୂର୍ଯ୍ୟ ଅନ୍ଧକାର ।
ସର୍ବ ସୃଷ୍ଟି କମ୍ପେ ଘୋର ଚମତ୍କାର । ୭୪ ।

ପ୍ରଚଣ୍ଡ ଅଗ୍ନିର କୁଣ୍ଡ ନରକ ଦିଶଇ ।
ଭୂମି ସିନ୍ଧୁ ମେଘ ତାପେ ତରଳି ବହଇ । ୭୫ ।

ବଡ ସାନ ଯେତେ ଜନ ନାରୀ ଅବା ନର ।
ମହା ସିଂହାସନ ଆଗେ ପାଇବେ ବିଚାର । ୭୬ ।

ଆହେ ପ୍ରିୟ ବନ୍ଧୁ ଏବୁ ଭାବ ନିରନ୍ତରେ ।
ସେହି ମହା ଦିନେ ସ୍ଥିର ହେବ କି ପ୍ରକାରେ । ୭୭ ।

ମିଥ୍ୟା କଥା ବିସମ୍ବାଦ ଦମ୍ଭ ଅହଙ୍କାର ।
ଯୁଆ ଚୌର୍ଯ୍ୟ ହିଂସା ଚୌର୍ଯ୍ୟ ଲୋଭ ପରଦାର । ୭୮ ।

କୃତ ପାପ ଯେତେ ଗୁପ୍ତ କିବା ପ୍ରକାଶିତ ।
ପ୍ରଭୁଠାରୁ ଲେଶ ମାତ୍ର ନାହିଁ ଅବିଦିତ । ୭୯ ।

ଈଶ୍ୱର ଜାଣର କଥା ନାହିଂ ପଚାରିବେ ।
କ୍ରିୟା କଥା ମନ ମାତ୍ର ସେହି ବିଚାରିବେ । ୮୦ ।

ସମସ୍ତ ପାପର ଭୋଗ ଉପଯୁକ୍ତ ମତେ ।
ନିଶ୍ଚୟ ବିଚାର ଦେବେ ମନୁଷ୍ୟଙ୍କୁ ଯେତେ । ୮୧ ।

ଯାର ପାପ ତାର ଶାପ ନରକେ ଅନନ୍ତ ।
ବଡ କ୍ଷୁଦ୍ର ବିପ୍ର ଶୂଦ୍ର ଚଣ୍ଡାଲ ପର୍ଯ୍ୟନ୍ତେ । ୮୨ ।

ହୁବିଚାର କର ମନେ ପ୍ରିୟ ନରଗଣ ।
କି ପ୍ରକାରେ ପାର ହେବ ସେହି ମହାଦିନ । ୮୩ ।

ପାପିଷ୍ଠ ମନ ହୋଇଲା ଦୁରାଗ୍ନ ଆଚର ।
କି ପ୍ରକାରେ ନରକରୁ ପାଇବ ନିସ୍ତାର । ୮୪ ।

ଈଶ୍ୱରଙ୍କ ଝଡରୂପ କ୍ରୋଧର ସମ୍ମୁଖେ ।
ତୃଣ ଗୁଳ୍ମ ଛିନ୍ନ ଭିନ୍ନ କାଳ୍ପଣିକ ଲୋକେ । ୮୫ ।

ସେହି ଅତି ଧର୍ମରୂପ ଦଣ୍ଡରୁ ହେ ଭାଇ ।
ପଳାଅ ପଳାଅ ସବୁ ପଳାଅ ତ୍ୱରାଇ । ୮୬ ।

ପୁଣି ସେହି ଦଣ୍ଡଠାରୁ କେ ରକ୍ଷା କରିବ ।
କେଉଁଠାରେ ପଳାଇ ଯିବ କେମନ୍ତେ ବଞ୍ଚିବ । ୮୭ ।

ବ୍ରହ୍ମ ଶାପଠାରୁ ମୁକ୍ତ କେ କରି ପାରିବ ।
ଅନନ୍ତ ପ୍ରଚଣ୍ଡ ଅଗ୍ନି କିରୂପେ ସହିବ । ୮୮ ।

ପାପିଷ୍ଠର ପରିବର୍ତ୍ତେ କେ ଦଣ୍ଡ ଭୋଗିବ ।
ଉପଯୁକ୍ତ ରକ୍ଷା କର୍ତ୍ତା କେଉଁଠାରେ ପାଇବ । ୮୯ ।

ଦେବତାର ମଧ୍ୟେ କେହୁ ଅବା ଋଷିଗଣ ।
ଅବା ଗୁରୁ ଅବା ବିପ୍ର ଅବା ମହାଜନ । ୯୦ ।

କେହି ନ ପାରିବ ସବୁ ସ୍ୱପାପୀ ଅଟନ୍ତି ।
ଆନ ପାପିଷ୍ଠର ପାପ ଭୋଗିବେ କେମନ୍ତି । ୯୧ ।

କେ ଜନ୍ମିବେ କେ ଭୋଗିବେ କେ ଲଭିବେ ଭାର ।
ଅଇଲେ ଅନାଥ ନାଥ ଯୀଶୁ ଅବତାର । ୯୨ ॥

ଏମାନଙ୍କ ମଧ୍ୟେ ନାହିଁ ପାପିର ଆଶ୍ରୟ ।
ଏନିମନ୍ତେ ପ୍ରକାଶିଲେ ଈଶ୍ୱର ଉପାୟ । ୯୩ ॥

ଦେଖ ପ୍ରେମ ମହାଶ୍ଚର୍ଯ୍ୟ ବ୍ରହ୍ମ ଦୟାମୟ ।
ସ୍ୱର୍ଗଠାରୁ ପଠାଇଲେ ଆପଣା ତନୟ । ୯୪ ॥

ଅବନୀରେ ଜନ୍ମ ଘେନ ସେହି ମହାଜନ ।
ଅଭିଷେକ୍ତ ତ୍ରାତା ଯୀଶୁ ପ୍ରଭୁ ଭଗବାନ । ୯୫ ॥

ଯିହୁଦା ଦେଶରେ ରାଜା ଦାଉଦ ନଗରେ ।
ଧର୍ମଆତ୍ମାଠାରୁ ଜାତ ନାରୀର ଗର୍ଭରେ । ୯୬ ॥

ଯେତେ ଦିନ ତ୍ରାଣ କର୍ତ୍ତା ପ୍ରକାଶିତ ହେଲେ ।
ଅନେକ ଅଦ୍ଭୁତ ସେହି ସ୍ଥାନେ ୀ କଲେ । ୯୭ ॥

ପଙ୍ଗୁକୁ ସେ ଦେଲେ ପାଦ ଅନ୍ଧକୁ ନୟନ ।
କୁଷ୍ଠୀକୁ ସେ ଦେଲେ ହାତ ମୃତ୍ୟୁକୁ ଜୀବନ । ୯୮ ।

ମଙ୍ଗଳ ସୁସମାଚାର ଉପଦେଶ ଦେଲେ ।
ନାନା ବିଧ ଦୟା ଧର୍ମ ଜ୍ଞାନ ପ୍ରକାଶିଲେ । ୯୯ ॥

ଦୋଷିଙ୍କର ଦଣ୍ଡ ଭୋଗି ସେହି ମହାଜନ ।
ଦୁଷ୍ଟ ଲୋକଙ୍କର ହସ୍ତେ ହୋଇଲେ ନିଧନ । ୧୦୦ ॥

ନାନାମତ ଯନ୍ତ୍ରଣାରେ ପ୍ରାଣକୁ ତେଜିଲେ ।
ପୁନରପି ତିନିଦିନେ ସଜୀବ ଉଠିଲେ । ୧୦୧ ।

ପାପିର ଯନ୍ତ୍ରଣା ଯେତେ ଦେହରେ ଧରିଲେ ।
ଏନିମନ୍ତେ ତ୍ରାଣ କର୍ତ୍ତା ସେହି ଖ୍ୟାତ ହେଲେ । ୧୦୨ ॥

ଦେଖ ମହତ୍ୱ ବିଶିଷ୍ଟ ଅନାଦି ଅନନ୍ତ ।
ପରମେଶ୍ୱରଙ୍କ ପୁତ୍ର ଯୀଶୁ ଭଗବନ୍ତ । ୧୦୩ ॥

ମନୁଷ୍ୟ ତାହାଙ୍କଠାରେ ପାପୀଲେକା ପ୍ରାୟେ ।
ତେବେହେଁ ଧରଲେ ସେହ ନରରୂପ କାୟେ । ୧୦୪ ।

ପାପିଙ୍କର ହେତୁ ପ୍ରାଣ ଦେଲେ ସେହ ପୁଣି ।
ଏମନ୍ତ ଆଶ୍ଚର୍ଯ୍ୟ କୃପା ନ ଦେଖି ନ ଶୁଣି । ୧୦୫ ।

ଦେଖ ଆପଣାର ବନ୍ଧୁ ବଞ୍ଚାଇବା ପାଇଂ ।
ଜୀବନ ଦେବାକୁ ପ୍ରାୟ କେହ ଜନ ନାହିଁ । ୧୦୬ ।

ପୁଣି କାଷ୍ଠ ରୂପ ପାପି ପାପର ମୋଚନ ।
ଏ ଅତ ଆଶ୍ଚର୍ଯ୍ୟ ପ୍ରଭୁ ସମର୍ପିଲେ ପ୍ରାଣ । ୧୦୭ ।

ଏ ବଡ ଅପୂର୍ବ କଥା ବସ୍ତୁରକ ଯେହ୍ନ ।
ଦୋଷିମାନଙ୍କର ଦୋଷ ଭୋଗ କଲେ ସେହ୍ନ । ୧୦୮ ।

ଆଜ୍ଞା ଭଙ୍ଗା ପ୍ରଜା ହେତୁ ଯୀଶୁ ଅଭିଷିକ୍ତ ।
ଆପଣେ ହୋଇଲେ ନର ମେଧ ପ୍ରାୟଶ୍ଚିତ୍ତ । ୧୦୯ ।

ଆପଣାର ସୁତୋପରେ ଜଗତର ରାଜା ।
ବସାଇଲେ ସବୁ ପାପି ପ୍ରଜାଙ୍କର ବୋଝା । ୧୧୦ ।

ତହଂରେ ଶାସକ କର୍ମ ପ୍ରକାଶିତ ହେଲେ ।
ନ୍ୟାୟ ସତ୍ୟ ଧର୍ମ ଦୟା ମିଳଣ ପାଇଲେ । ୧୧୧ ।

ଦେଖା ଗଲେ ଧର୍ମମୟ ଦୟାଳୁ ଇଶ୍ୱର ।
ଯୀଶୁଖ୍ରୀଷ୍ଟ ବନା ନାହିଁ ଜଗତର ପାର । ୧୧୨ ।

ଖ୍ରୀଷ୍ଟ ଅବତାର ପ୍ରେମ ବଟିଏ ଅତ୍ୟନ୍ତ ।
ମାନବ ମାଏକ ତାହା କହିବ କେମନ୍ତ । ୧୧୩ ।

ଯୀଶୁଖ୍ରୀଷ୍ଟ ମଲେ ନାହିଁ ଆନ ଲୋକ ମତ ।
ପାଇଲେ ଅନେକ ଦୁଃଖ ମଲେ ସେ ଅଦ୍ଭୁତ । ୧୧୪ ।

ଯେତଂକାଳେ ଭୋଗ କଲେ ଯନ୍ତ୍ରଣାର ଭାର ।
ତେବେ ତାହାଙ୍କର ଦୁଃଖ ହୋଇଲା ଅପାର । ୧୧୫ ।

ପର୍ବତ ଉପରେ ପର୍ବତର ଭାର ଯେତେ ।
ଜଗତର ପାପ ଦଣ୍ଡ ହୋଇଲା ସେ ମତେ । ୧୧୬ ।

ମହା ଭାର ତଳେ ସେହି ସ୍ୱେଦ କଲେ ରକ୍ତ ।
ହୋଇଲେ ମନର ବ୍ୟଗ୍ର ଅତି ଶଂକାଯୁକ୍ତ । ୧୧୭ ।

ତାଙ୍କ ଯନ୍ତ୍ରଣାର ଭୋଗ ପାପିର ନିମନ୍ତେ ।
ଅକଥ୍ୟ ଅଭାବ୍ୟ ମହାସମ୍ଭବ ହୁଅନ୍ତେ । ୧୧୮ ।

ଯନ୍ତ୍ରଣାର ମଧ୍ୟେ ଥାଇ ସେ ଡାକ ବୋଇଲେ ।
ଅହେ ପିତା ମୋତେ କିପାଁ ଛାଡୁଛ ଏକାଳେ । ୧୧୯ ।

ପାପିଙ୍କର ହସ୍ତେ ତାଙ୍କୁ ଈଶ୍ୱର ଛାଡଲେ ।
ତାଙ୍କ ମୁଖେ ଦୁଷ୍ଟ ଲୋକେ ଛେପ ପକାଇଲେ । ୧୨୦ ।

ଅନେକ ଧିକ୍କାର କରି ତାହାଙ୍କୁ ନିନ୍ଦଣ ।
କଣ୍ଟାର ମୁକୁଟ ତାଙ୍କ ମୁଣ୍ଡରେ ବାନ୍ଧିଣ । ୧୨୧ ।

ହସ୍ତ ପାଦେ କଣ୍ଟା ମାରି ଗଛରେ ଟାଙ୍ଗିଲେ ।
ଅପାର ଯନ୍ତ୍ରଣା ଦେଇ ତାହାଙ୍କୁ ହାଣିଲେ । ୧୨୨ ।

ପାର୍ଶ୍ୱ ଦେଶେ ଶୂଲ ମାରି ତାଙ୍କୁ ବଦାଇଲା ।
ରକ୍ତ ଜଳ ସେହି ବାଟେ ବହୁ ବାହାରିଲା । ୧୨୩ ।

ଦକ୍ଷିଣ ବାମରେ ବାନ୍ଧି ଦୁଇ ଜନ ଚୋର ।
ଏହିରୂପେ ବଧ କଲେ ଜଗତର ସାର । ୧୨୪ ।

ଯେତଙ୍କୁ ସମୟରେ ପ୍ରଭୁ କ୍ରୁଶେ ଟଙ୍ଗା ହେଲେ ।
ନିଜ ପାତକର କ୍ଷମା ନିବେଦନ କଲେ । ୧୨୫ ।

ଅହେ ପିତା କ୍ଷମା କର ଏହି ପାପି ଜନ ।
ଯାହା କରନ୍ତି ଏମାନେ ତହିଁରେ ଅଜ୍ଞାନ । ୧୨୬ ।

ଏହିରୂପେ ପ୍ରାଣ ଦେଲେ ଜଗତର ତ୍ରାତା ।
ନିଜ ଅଙ୍ଗେ ଭୋଗ କରି ପାତକର ବ୍ୟଥା । ୧୨୭ ।

ଶୁଣ ପିୟୃ ଭ୍ରାତାମାନେ ଆପଣାର ପ୍ରତ ।
ଏହି ଗ୍ରନ୍ଥ ଦେଇଛନ୍ତି ଈଶ୍ୱର ସଂପ୍ରତ । ୧୨୮ ।

ନାମ ବୋଲି ଏହାର ମଙ୍ଗଳ ସମାଗ୍ଭର ।
ତାର ହେତୁ ଶୁଣ ଭବ କହିବା ବସ୍ତାର । ୧୨୯ ।

ଶ୍ରାଦ୍ଧ ଜପ ତୀର୍ଥ ବ୍ରତ ହୋମ ନାନା ସ୍ନାନ ।
ତପସ୍ୟା ପୂଜନ ଦାନ ଧ୍ୟାନ ବଳିଦାନ । ୧୩୦ ।

ଅନ ନାନା କର୍ମ କ୍ରିୟା ମନୁଷ୍ୟ କଳ୍ପିତ ।
ପରିତ୍ରାଣ ହେତୁ ଯେତେ ସ୍ଥାନେ୨ ସ୍ଥିତ । ୧୩୧ ।

ଏହି ସବୁ କଲେ ଯେତେ ଫଳ ନ ଉଦୟେ ।
ମଙ୍ଗଳ ସୁସମାଗ୍ଭରେ ସେହି ଫଳ ପାୟେ । ୧୩୨ ।

ପାପ କ୍ଷମା ଶୁଦ୍ଧ ମନ ସତ୍ୟ ଆଚରଣ ।
ମରଣାନ୍ତେ ପରଂଗତ ପାଇବ ପ୍ରମାଣ । ୧୩୩ ।

ଅହେ ପ୍ରିୟୃ ବନ୍ଧୁ ଜନ କର ସତ୍ୟ ମନ ।
ସୁମଙ୍ଗଳ ସମାର୍ଗ୍ଭର କର ହେ ଗ୍ରହଣ । ୧୩୪ ।

ପାପଠାରୁ ବମୋଚନ ଯେବେ ଅନ୍ୱେଷଣ ।
ଆସ ଆସ ଯୀଶୁ ଖ୍ରୀଷ୍ଟ କର ହେ ଶରଣ । ୧୩୫ ।

ତାଙ୍କର ଯେ ବଳିଦାନ ରକ୍ତରୂପ ଝର ।
ପାପ କଲୁଷ ସମସ୍ତ ଦେବେ ପରିଷ୍କାର । ୧୩୬ ।

ପାପ ଭେଟିବା ନମନ୍ତେ ଯେବେ ଲଗା ଖୋଜ ।
ଆସ ଆସ ଯୀଶୁ ଖ୍ରୀଷ୍ଟ ନାମକର ଭଜ । ୧୩୭ ।

ସେହି ସତ୍ୟ ପ୍ରତନଧି ପାପିର ଅଟନ୍ତି ।
ଋଣ ସବୁ ଶୋଧନାର୍ଥେ ପ୍ରାଣ ଦେଇଛନ୍ତି । ୧୩୮ ।

ପ୍ରାୟୃଶ୍ଚିତ୍ତ କରିବାକୁ ଯେବେତ କାତର ।
ଆସ ଆସ ଯୀଶୁ ଖ୍ରୀଷ୍ଟ ପାଦପଦ୍ମ ଧର । ୧୩୯ ।

ଯେବେ ଆପଣାର ପାପ ପର୍ବତ ସମାନ ।
କଅବା ଅଗଣ୍ୟ ସିନ୍ଧୁ ବାଲିର ପ୍ରମାଣ । ୧୪୦ ।

ଶ୍ରଦ୍ଧା ଦେଇ ଧର ଯୀଶୁ ଖ୍ରୀଷ୍ଟ ପ୍ରାୟଶ୍ଚିତ୍ତ ।
ତେବେ ସବୁ ପାପଠାରୁ ହେବ ପରିଷ୍କୃତ । ୧୪୧ ।

ଯେବେ ଅନ୍ୱେଷଣ କର ସାଧୁ ପୁରୋହିତ ।
ଆସ ଆସ ଯୀଶୁ ଖ୍ରୀଷ୍ଟ କର ସନ୍ନିହିତ । ୧୪୨ ।

ପୌରହିତ ପ୍ରାୟଶ୍ଚିତ୍ତ ନିଯୃମ ତାଙ୍କର ।
ତହିଁରେ ଈଶ୍ୱର ତୁଷ୍ଟି ଅଛନ୍ତି ଅପାର । ୧୪୩ ।

ତାଙ୍କ ଲାଗି ମନୁଷ୍ୟର ପ୍ରାର୍ଥନା କି ସ୍ତୁତ ।
ଈଶ୍ୱରଙ୍କଠାରେ ହେବ ସବୁ ଗ୍ରାହ୍ୟ ଅତ । ୧୪୪ ।

ତୁମ୍ଭେ କି ନିର୍ମଳ ଚିତ୍ତ କର ଅନ୍ୱେଷଣ ।
ଆସ ଆସ ଯୀଶୁ ଖ୍ରୀଷ୍ଟ ଦେବେ ନୂଆ ମନ । ୧୪୫ ।

ତହିଁରେ ପାପର ଇଚ୍ଛା ସର୍ବନାଶ ହେବ ।
ଦୟା କ୍ଷମା ଶାନ୍ତି ସବୁ ପ୍ରକାଶ ପାଇବ । ୧୪୬ ।

ମରଣର ହେତୁ କି ତୁମ୍ଭର ମନେ ଭୟ ।
ଆସ ଆସ ଯୀଶୁ ଖ୍ରୀଷ୍ଟ କର ହେ ଆଶ୍ରୟ । ୧୪୭ ।

ତେବେ ମହା ସ୍ଥିର ମନେ ମୃତ୍ୟୁ ନ ଡରିବ ।
ନରକର ଭୟ ଘୋର ସବୁ ନାଶ ଯିବ । ୧୪୮ ।

ମନର ସମସ୍ତ ପାପ ମାର୍ଜନା ହୋଇଲେ ।
ପରଂଲାଭ ପ୍ରାପ୍ତ ତହିଁ ମରଣର କାଳେ । ୧୪୯ ।

ପ୍ରଭୁର ଦର୍ଶନ ମିଳି ପରିତୃପ୍ତ ହେବ ।
ସଦା ସ୍ୱର୍ଗେ ମହାନନ୍ଦେ ଅମର ରହିବ । ୧୫୦ ।

ଦେଖ ପ୍ରିୟ ବନ୍ଧୁଜନ ଯୀଶୁ ଅବତାର ।
ସ୍ୱର୍ଗ ସୁଖ ଛାଡ଼ି ଏଡ଼େ ଦୁଃଖ ଅଙ୍ଗୀକାର । ୧୫୧ ।

ସେହି ଆପଣାର ପ୍ରାଣ ଅପିଁୟ ମାନିଲେ ।
ପାପି ନରଗଣ ପ୍ରତି ପ୍ରେମ ପ୍ରକାଶିଲେ । ୧୫୨ ।

ଏତାଦୃଶ ପ୍ରେମକାରୀ ମହା ଦୟାବନ୍ତ ।
ସମର୍ପିଲେ ନିଜ ପ୍ରାଣ ତୁମ୍ଭର ନିମନ୍ତ । ୧୫୩ ।

ତେବେ କି ତାହାଙ୍କ ନାମେ ଶ୍ରଦ୍ଧା ନ କରିବ ।
ତେବେ କି ତାହାଙ୍କ ପ୍ରେମେ ପ୍ରେମୀ ନହୋଇବ । ୧୫୪ ।

ତେବେ କି ତାହାଙ୍କ ଶିଷ୍ୟ ଚିହ୍ନ ନ ଧରିବ ।
ତାଙ୍କ ପାଦେ ଅନୁସରି ଅବା ତା ଛାଡିବ । ୧୫୫ ।

ତ୍ରାଣ ଦାତା ଜାଣ ଭାଇ ଯେତିକି ମହାଜନ ।
ଧର୍ମାତ୍ମାଙ୍କୁ ଦାନ କରେ ମନର ଶୋଧନ । ୧୫୬ ।

ଶିଷ୍ୟଙ୍କର ଦୁଃଖ ଦଣ୍ଡ ଧରେ କଲେବରେ ।
ଯୀଶୁ ବିନା ତ୍ରାଣ ଦାତା ନାହିଁ ଏସଂସାରେ । ୧୫୭ ।

ଈଶ୍ୱରଙ୍କ ଦ୍ୱାରା ସେହି ଥିଲେ ନିଯୋଜିତ ।
ଏନିମନ୍ତେ ଗ୍ରାହ୍ୟ ଜାଣ ତାଙ୍କ ପ୍ରାୟଶ୍ଚିତ୍ତ । ୧୫୮ ।

ତାହାଙ୍କର ପ୍ରହାରରେ ପାପିର ମୋଚନ ।
ତାହାଙ୍କର ମରଣରେ ମୃତ୍ୟୁର ଜୀବନ । ୧୫୯ ।

ସ୍ୱର୍ଗ ଚଳେ ପୃଥିବୀସ୍ଥ ଯେତେ ନରଗଣ ।
ତାଙ୍କ ନାମ ଧରି ହେବେ ଆତ୍ମ ପରିତ୍ରାଣ । ୧୬୦ ।

ପୁଣି ତାଙ୍କ ନାମ ବିନୁ ଆନ ନାମ ନାହିଁ ।
ତାଙ୍କ ସ୍ୱର୍ଗମାର୍ଗ ଛାଡ଼ି ଆନ ମାର୍ଗ ନାହିଁ । ୧୬୧ ।

ଅସ ସବୁ ଭାରାକ୍ରାନ୍ତ ପାପୀ ଦୀନ ହୀନ ।
ଠିଙ୍କା ବିନା ତ୍ରାଣ ରତ୍ନ ଆସ ଅସ କିଣ । ୧୬୨ ।

ମରଣ ସମୟେ ଗତି ପାଇବ ନିଶ୍ଚୟେ ।
ତେଜିଲେ ଅନନ୍ତ ଦୁଃଖ ସଦା ସୁଖ ପାୟେ । ୧୬୩ ।

ଅହେ ପ୍ରିୟ ବନ୍ଧୁଜନ ସଂସାର ମାୟାରେ ।
ଅବା ଜାତି ଭ୍ରଷ୍ଟ ଅବା ଲୋକର ନିନ୍ଦାରେ । ୧୬୪ ।

ଭୟରେ ଭୀତ ନ ହୁଅ ମନରେ ବିଚାର ।
କି ହେଉ ଅନେକ ଗ୍ଲାନି ଅଳ୍ପ ବାଞ୍ଛାକର । ୧୬୫ ।

ଜାତି ନାହିଁ ପରକାଳେ ଭଣ୍ଡିଲ ବଚନ ।
ସଜାତିର ସାର ଜାଣ ଖ୍ରୀଷ୍ଟର ମରଣ । ୧୬୬ ।

ସମସ୍ତର ସୃଷ୍ଟିକର୍ତ୍ତା ଏକ ଭଗବାନ ।
ତାଙ୍କ ଆଜ୍ଞା କଲେ ହେବ ତାହାଙ୍କ ସନ୍ତାନ । ୧୬୭ ।

ନାହିଁ ଯେବେ ଦୂରାଚାର ମନ୍ଦ କର୍ମ କର ।
ଶୟତାନୀ ଜାତି ହେବ ଏହି ସାରୋଦ୍ଧାର । ୧୬୮ ।

ଏବେ ଯୀଶୁ ଖ୍ରୀଷ୍ଟ ଥାନ୍ତି ଈଶ୍ୱର ଦକ୍ଷିଣେ ।
ନିଜ ଭକ୍ତର ନିମନ୍ତେ ନିତ୍ୟ ନିବେଦନେ । ୧୬୯ ।

ତାଙ୍କ ପ୍ରିୟ ପାଏଁ ଯେତେ ମରନ୍ତି ଏଠାରେ ।
ଧର୍ମ ଦୂତେ ବୁହା ଯାଏ ତାଙ୍କ ସ୍ୱର୍ଗପୁରେ । ୧୭୦ ।

ଶୁଣ ହେ ସୁଜନେ ଶୁଣ ଶୁଣ ହେ ବଚନ ।
ଏହାର ନିସ୍ତାର ଗ୍ରନ୍ଥ ମଙ୍ଗଳ ଆଖ୍ୟାନ । ୧୭୧ ।

ସ୍ୱର୍ଗକୁ ଆରୋହି ଗଲେ ପ୍ରଭୁ ଯେତେବେଳେ ।
ତାଙ୍କ ଶିଷ୍ୟଗଣ ପ୍ରତି ଏହି ଆଜ୍ଞା ଦେଲେ । ୧୭୨ ।

ଯାଇ ସବୁ ଜଗତେ ମଙ୍ଗଳ ସମାଚାର ।
ପ୍ରତ୍ୟେକ ପ୍ରାଣି ଗୋଚରେ କରିବ ପ୍ରଚାର । ୧୭୩ ।

ତହିଁରେ ବିଶ୍ୱାସି ସବୁ ସ୍ୱର୍ଗ ସ୍ଥାନେ ଯିବେ ।
ଅବିଶ୍ୱାସି ସବୁ ଘୋର ନରକେ ପଡ଼ିବେ । ୧୭୪ ।

ଆଦ୍ୟ ଗ୍ରନ୍ଥ ଏବ୍ରୀ ପୁଣି ଗ୍ରୀକ ଭାଷେ ଥିଲା ।
ତହିଁରୁ ଇଂରାଜି ଭାଷେ ତର୍ଜମା ହୋଇଲା । ୧୭୫ ।

କେବଳ ତାହା ନୋହଲା ଅନ ନାନା ପ୍ରାଣୀ ।
ତର୍ଜମା କଲେ ନସ୍ତାର ଶାସ୍ତ୍ର ଚୂଡାମଣି । ୧୭୬ ।

ରୁସ୍ୟ ଫରାଂସିସ ଅଉ ହଲନ୍ଦାଜ ଗଣ ।
ଜର୍ମନୀ ଦେନ୍ମାର୍କ ଅରମାଣି ବହୁତଜନ । ୧୭୭ ।

ଅମେରକା ଅଫ୍ରିକା ଆଶିୟା ନାନା ସ୍ଥାନ ।
ଅଉ ଯେତେ ଉପଦ୍ଵୀପ ପ୍ରଧାନ ପ୍ରଧାନ । ୧୭୮ ।

ସଂପ୍ରତ ସଂସ୍କୃତ ଆଉ ବଙ୍ଗଲା ଉତ୍କଲ ।
ଅସାମ ହନ୍ଦୀ କାଶ୍ମୀର ପଞ୍ଜାବ ନେପାଲ । ୧୭୯ ।

କର୍ଣାଟ ତେଲିଙ୍ଗ ମହାରାଷ୍ଟ୍ର ଜୟପୁର ।
ବିକନେର ଗୁଜରାଠ ପୋଷ୍ଟୁ ମାଡୁଆର । ୧୮୦ ।

କଙ୍କଣ ଉଦୟପୁର ମଗଧ ବଲୋଚ ।
ତାତାର ମାଲଦ୍ଵୀପ ଚିନୀ ମଲେଓୟା ଓଚ । ୧୮୧ ।

ଏହି ସମସ୍ତ ଭାଷାରେ ତର୍ଜମା ହୁଅନ୍ତ ।
ପୁଣି ଛପା ଗଲେ ଅନେକେ ତାହା ପଢନ୍ତ । ୧୮୨ ।

ଏବେ ହେ ବିଚାର କର ସବୁ ନରଗଣ ।
ଏହି ଉପଦେଶ ଗ୍ରନ୍ଥ କେମନ୍ତ ପ୍ରମାଣ । ୧୮୩ ।

ଆନ ଅନ ମିଥ୍ୟା ସବୁ ଦେଜବ ଗୁରତ ।
ଧର୍ମ ଶାସ୍ତ୍ର ସତ୍ୟ ମାନ କେବଳ ଉଚିତ । ୧୮୪ ।

ମରଣ ପର୍ଯ୍ୟନ୍ତେ ଯୀଶୁ ଖ୍ରୀଷ୍ଟେ ଆଶା କର ।
ମରଣାନ୍ତେ ସ୍ଵର୍ଗ ସୁଖ ଭୋଗ ନରନ୍ତର । ୧୮୫ ।ଇତ ।

No. 2.

THE

# ESSENCE OF THE BIBLE.

## ଧର୍ମପୁସ୍ତକର ସାର ।

---

### ଦ୍ୱିପଦୀ ।

ସର୍ବସୃଷ୍ଟି କର୍ତ୍ତା ପାଳକସଂହର୍ତ୍ତା ଅଛନ୍ତି ଏକ ଈଶ୍ୱର ।
ତାଙ୍କ ଆରାଧନେ ସତ୍ୟର ପାଳଣେ ସାଧୁ ହୁଅଇ ତତ୍ପର ।
ପରଂ ତତ୍ତ୍ୱବାଣୀ କହିବା ପ୍ରମାଣି ଧର୍ମପୁସ୍ତକର ସାର ।
ସମସ୍ତ ସୁଜନ କରହେ ଶ୍ରବଣ ମନେ କର ସୁବିଚାର ।

---

### ପୟାର ।

ପଚାରନ୍ତି ନିତି ନିତି ଅନେକ ସୁଜନ ।
ଈଶ୍ୱର କାହାକୁ ଜାଣ କରହେ ପ୍ରମାଣ ।

ନିର୍ଗୁଣ ଅଟନ୍ତି ସେହି କିବା ଗୁଣବନ୍ତ ।
କେଉଂ ସ୍ଥାନେ ତାଙ୍କ ଧାମ କହ ହେ ତଦନ୍ତ ।

କେମନ୍ତ ସ୍ୱଭାବ ତାଙ୍କ କେମନ୍ତ ଆକାର ।
ତାଙ୍କ ନାମ କ୍ରିୟା ଜ୍ଞାନ କରହେ ବିସ୍ତାର ।

ଯାର ଏମନ୍ତ ବଚନ ତାହାଙ୍କୁ ପଚାର ।
ତୁମ୍ଭ କତ୍ପ ଜୀବାତ୍ମ କହ ସ୍ଥିର କର ।

ସେ କି କହ ଗୁଣହୀନ କିବା ଗୁଣବନ୍ତ ।
କି ଆକାର କି ପ୍ରକାର ସ୍ୱଭାବ କେମନ୍ତ ।

ଯେବେ ନିଜ ଜୀବାତ୍ମାର ତତ୍ତ୍ୱ ନ ସମ୍ଭବେ ।
ତେବେ ଅନନ୍ତର ତତ୍ତ୍ୱ କେମନ୍ତେ ପାଇବେ ।

ପୁଣି ସତ୍ୟ ଧର୍ମଗ୍ରନ୍ଥେ ଲେଖା ଅଛି ଯାହା ।
କହି ମନ ଦେଇ ଶୁଣ ବୁଝାଇବା ତାହା ।

---

## ଦ୍ୱିପଦୀ ।

ଈଶ୍ୱରଙ୍କ ତତ୍ତ୍ୱ ସ୍ୱଭାବ ଯଥାର୍ଥ ବର୍ଣ୍ଣନା କରିବା ଶୁଣ ।
ଚିତ୍ତସ୍ଥିର କରି ଶାସ୍ତ୍ରପଥ ଧରି ବୁଝିବ ତାଙ୍କର ଗୁଣ ।

---

## ପୟାର ।

ଈଶ୍ୱର ବିଷୟେ ଅଛି ନାନା ଭୁଲ ଭ୍ରାନ୍ତି ।
ପଞ୍ଚ ତତ୍ତ୍ୱରୂପ ବ୍ରହ୍ମ ଅନେକେ କହନ୍ତି ।

ଜାଣିବା ଉଚିତ ଯାହା ଧର୍ମଶାସ୍ତ୍ରେ କହେ ।
ଈଶ୍ୱର ଆତ୍ମସ୍ୱରୂପ ଜାଣ ନିଃସନ୍ଦେହେ ।

ପରମ ଚୈତନ୍ୟମୟ ରୂପ ନାହିଁ ତାଁର ।
ତେଜୋମୟବାସୀ ନର ନେତ୍ର ଅଗୋଚର ।

ଉପମା ରହିତ ଧ୍ରୁବ ସତ୍ୟ ନିରଞ୍ଜନ ।
ସଦାନନ୍ଦ ସ୍ୱୟଂଜୀବୀ ସର୍ବଶକ୍ତିମାନ ।

ଚରାଚର କର୍ତ୍ତା ଏକ ମାତ୍ର ନିରାମୟେ ।
ଅଲକ୍ଷ୍ୟ ଅଦ୍ୱୈତ କାର ଗମ୍ୟ ନାହି ହୋୟେ ।

ଅସୀମ ସର୍ବଜ୍ଞ ସେହି ନିତ୍ୟ ଭଗବନ୍ତ ।
ସର୍ବବ୍ୟାପୀ ବିଶ୍ୱକର୍ତ୍ତା ଅନାଦି ଅନନ୍ତ ।

ଦେଖ ସର୍ବତ୍ର ସଚଳ ମନୁଷ୍ୟ ହୁଅଇ ।
ଅଚଳ ଈଶ୍ୱର ସଦା ସର୍ବାଶ୍ରୟ ସେହି ।

ସୁଖ ଦୁଃଖ ଭୋଗ କରେ ସୃଷ୍ଟ ବସ୍ତୁ ଯେତେ ।
ସେହି ମାତ୍ର ନିତ୍ୟାନନ୍ଦ ଦୁଃଖାଦି ରହିତେ ।

ତାହାଙ୍କ ଅଧୀନ ସବୁ ସେହି ନିରଧୀନ ।
ସର୍ବଦର୍ଶୀ ଅନୀଶ୍ୱର ମହତ ପ୍ରବୀଣ ।

ଯଦ୍ୟପି ସାମର୍ଥ ଅଛି ସର୍ବ ପ୍ରାଣିଙ୍କର ।
ତଥାପି ଅନନ୍ତ ବଳ କେବଳ ତାଙ୍କର ।

ସେହି ଯଥା ଶୁଦ୍ଧସତ୍ତ୍ୱ ତଥା ଜ୍ୟୋତିମାନ ।
ତେମନ୍ତ ତେଜସ୍ୱୀ ସତ୍ୟ ବିଶ୍ୱାସୀ ପ୍ରଧାନ ।

ତାହାଙ୍କ ଅମିତ ନାହିଁ ପୂର୍ଣମିତ ଗିର ।
ଅଟଳ ବଚନ ପ୍ରଭୁ ସଂସାରର ସାର ।

ସ୍ଥାନେ ସ୍ଥାନେ ଯେତେ ଦେଖ ଦୟା ଧର୍ମଜ୍ଞାନ ।
ପ୍ରଭୁଠାରୁ ହେଲେ ତେତେ ପ୍ରଭୁର ଯେ ଦାନ ।

ଅନାଦି କାରଣ ସେହି ସର୍ବତ୍ର ବିଧାତା ।
ଦୟାମୟ ସିନ୍ଧୁ ପୁଣି ପ୍ରତିଫଳ ଦାତା ।

ସେହି ସଦାନିତ୍ୟସ୍ଥାୟୀ ସକଳାନ୍ତର୍ଯ୍ୟାମୀ ।
ଯିହୁହା ନାମରେ ଖ୍ୟାତ ଜଗତର ସ୍ୱାମୀ ।

ଯଦ୍ୟପି ଈଶ୍ୱର ତତ୍ତ୍ୱ ସଦା ଏକ ମାନ ।
ତଥାପି ତ୍ରିବିଧରୂପ ଈଶ୍ୱରତ୍ୱ ଜାଣି ।

ଏକ ଭବେ ତିନି ଜଣ ଗୌରବ ସମାନ ।
ମନେ ଧ୍ୟାନ କରନ୍ତୁ ଗମ୍ଭୀର ବଚନ ।

ଏକର ବିଖ୍ୟାତ ନାମ ପିତା କୁହା ଯାନ୍ତି ।
ଦ୍ୱିତୀୟର ନାମ ପୁତ୍ର କି ବାକ୍ୟ କୁହନ୍ତି ।

ତୃତୀୟର ନାମ ପୁଣି ଧର୍ମାତ୍ମା ବିଖ୍ୟାତ ।
ସୃଷ୍ଟି ତ୍ରାଣ ଜ୍ଞାନ କର୍ତ୍ତା ଶାସ୍ତ୍ରେ କଥିତ ।

---

## ତ୍ରିପଦୀ ।

ଈଶ୍ୱରର ଗୁଣ ମନ ଦେଇ ଶୁଣ ଆଉ ସ୍ୱଭାବ ତାଙ୍କର ।
ସୃଷ୍ଟିର ରଞ୍ଜନ କହୁ ବିବରଣ ଧର୍ମଗ୍ରନ୍ଥ ଅନୁସାର ।

---

## ପୟାର ।

ଦେଖ ଆଦି ନାନା ଶାସ୍ତ୍ର ଅନେକ ପୁରାଣ ।
ନାନା ଗ୍ରନ୍ଥେ ବହୁ ଜ୍ଞାନ ବିସ୍ତାର ବଚନ ।

ନିଜବୁଦ୍ଧି ଅନୁସାରେ କରି ଅନୁମାନ ।
ନାନାମତ ପ୍ରକୃତିଲେ ଯାର ଯଥା ଜ୍ଞାନ ।

କେହି କେହି ଜଗତର ସୃଷ୍ଟି ନ ମାନନ୍ତି ।
ସୃଷ୍ଟିକୁ ଅସୃଷ୍ଟି ଅତି ଅଜ୍ଞାନେ ବୋଲନ୍ତି ।

ଯହିଂରେ ବର୍ଣ୍ଣିତ ଅଛି ସୃଷ୍ଟିର ବିସ୍ତାର ।
ସେହି ଗୃହ ବେଦ ନାହିଁ ଏକଇ ପ୍ରକାର ।

ବହୁବିଧ କହିଛନ୍ତି ସୃଷ୍ଟିର ରଚନ ।
ସକଳ ସନ୍ଦେହ ଯୁକ୍ତ ତାହାର ବଚନ ।

ବିଚାର କଲେ କୁହଇ ଏହା ପ୍ରକାଶିତ ।
ଈଶ୍ୱରଙ୍କ ଯୋଗ୍ୟ ତହିଁ ନୁହଇ ରଚିତ ।

ଧର୍ମ ପୁସ୍ତକରେ ଲେଖା ଯେ ବିଧି ବଚନ ।
ତାହା ସାର କରି କହି ଶୁଣ ଦେଇ ମନ ।

ପ୍ରଥମେ ସୃଜିଲେ ବ୍ରହ୍ମ ସ୍ୱର୍ଗ ଆଉ କ୍ଷିତି ।
ଅନନ୍ତରେ ସୃଷ୍ଟି କଲେ ତେଜୋମୟ ଜ୍ୟୋତିଃ ।

ଜ୍ୟୋତିଠାରୁ ତମୋ ଭିନ୍ନ ହେଲେ ସେହିକ୍ଷଣି ।
ଜ୍ୟୋତିକୁ କହିଲେ ଦିନ ତମକୁ ରଜନୀ ।

ସନ୍ଧ୍ୟା ପୁଣି ପ୍ରାତଃକାଳ ତହିଁରେ ହୋଇଲେ ।
ପ୍ରଥମ ଦିବସ ଦେଖ ଏହି ଖ୍ୟାତି ହେଲେ ।

ଦ୍ୱିତୀୟ ଦିନରେ ବ୍ରହ୍ମ ଆକାଶ ସୃଜିଲେ ।
ଦୁଇ ଭାଗ କରି ଅଧେ ଉପରେ ରଖିଲେ ।

ତୃତୀୟ ଦିନରେ ଦେଖ ସେହି ଆଜ୍ଞା କଲେ ।
ଏକତ୍ର ହୋଇଲେ ଜଳ ସିନ୍ଧୁ ତହିଁ ହେଲେ ।

ଅନନ୍ତରେ ହେଲା ଦେଖ ଶୁଷ୍କ ଭୂମି ସ୍ଥଳ ।
ତହିଁରେ ଜନ୍ମିଲେ ବୃକ୍ଷ ତୃଣାଦି ସକଳ ।

ଚତୁର୍ଥ ଦିନରେ ପ୍ରଭୁ ଆପଣା ଆଦେଶେ ।
ଚନ୍ଦ୍ରସୂର୍ଯ୍ୟ ସୃଷ୍ଟି କରି ରଖିଲେ ଆକାଶେ ।

ଦିନନାଥ ସୂର୍ଯ୍ୟ ହେଲେ ଚନ୍ଦ୍ର ନିଶାପତି ।
ତହିଁ ହେଲେ ଦିନ ମାସ ବରଷ ପ୍ରଭୃତି ।

ପଞ୍ଚମ ଦିନରେ ଦେଖ ପ୍ରଭୁ ଆଜ୍ଞା ଦେଲେ ।
ଜଳଚର ଖେଚରାଦି ଜନମ ପାଇଲେ ।

ଷଷ୍ଠ ଦିନେ କ୍ଷିତି ତଳେ ତାଙ୍କ ଆଜ୍ଞା ବଶେ ।
ସମସ୍ତ ଭୂଚର ଜନ୍ତୁ ଜନ୍ମିଲେ ବିଶେଷେ ।

ସୃଜିଲେ ଜଗଦୀଶ୍ୱର ମନୁଷ୍ୟ ତହିଁରେ ।
ପିତୁଳା ବନାଇ ଏକ କ୍ଷିତିର ଧୂଳିରେ ।

ତାର ନାକେ ଫୁଙ୍କ ଦେଇ ମହା ପ୍ରାଣୀ କଲେ ।
ଆଦମ ନାମରେ ଖ୍ୟାତ ଅମର ହୋଇଲେ ।

ସର୍ବପ୍ରାଣିଙ୍କର ରାଜା ତାହାଙ୍କୁ ସ୍ଥାପିଲେ ।
ଶାସନ କାରକ ଭାର ତାର ହସ୍ତେ ଦେଲେ ।

ତାହାର ପାଞ୍ଜର ନେଇ ସୃଷ୍ଟି କଲେ ନାରୀ ।
ହୋଇଲେ ତାହାର ପତ୍ନୀ ହବା ଯେ ସୁନ୍ଦରୀ ।

ଏହିରୂପେ ପତିପତ୍ନୀ ସମ୍ବନ୍ଧ ଘଟିଲା ।
ନରଠାରୁ ମାତା ପିତା ଉପୁଜଇ ହେଲା ।

ସେହି ଦୁଇ ଜଣ ସଦା ଏକତ୍ର ବସନ୍ତ ।
ଏକ ଭାବ ଏକଚର୍ଯ୍ୟା ଏକପ୍ରୀତ ମାନ୍ତ ।

ହୋଇଲା ସକଳ ସୃଷ୍ଟି ଯଥା ମନସ୍କାମ ।
ସପ୍ତମ ଦିନରେ ପ୍ରଭୁ କଲେ ଯେ ବିଶ୍ରାମ ।

ଏନିମନ୍ତେ ସର୍ବଦେଶେ ଏହି ବ୍ୟବହାର ।
ଦେଖା ଯାଏ ସପ୍ତଦିନେ ସପ୍ତମାଏ ବାର ।

---

ଦିପଦୀ ।

ପାପରେ ବିନଷ୍ଟ ସୁସ୍ୱଭାବ ଭ୍ରଷ୍ଟ ଦେଖ ସର୍ବ ନର ଗଣ ।
ନିଷ୍ପାପ ନିର୍ମିତ କିରୂପେ ପତିତ କହି ସ୍ଥିର ରଖ ମନ ।

---

ପୟାର ।

ପାପର ବିଷୟେ ଅଛି ନାନାମତ ଜ୍ଞାନ ।
ଜଗତର ଲୋକେ କହି କରଇ ପ୍ରମାଣ ।

ଅନେକ ପଣ୍ଡିତ କହେ ବୁଝି କର ସ୍ଥିର ।
ପାପ ପୁଣ୍ୟର ମିଲଣେ ହୋଇଲେ ଶରୀର ।

ପୂର୍ବର ବୃତ୍ତାନ୍ତ କେହି କିଛି ନ ଜାଣନ୍ତି ।
ନାନା ଅପାର ପ୍ରକାର ବଣ୍ଡନ୍ତ ମାନନ୍ତି ।

ଈଶ୍ୱରର ଲୀଲା ସବୁ କହଇ ବିଗ୍ରହ ।
ନାନା ମାୟା କୃତ କହି ମନ ମଧ୍ୟେ ଧର ।

ଯାର ମନେ ଯେ ଭାବିଲେ ତାହା ସେ ରଚିଲେ ।
କେହି କିଛି ପ୍ରକୃତାର୍ଥ କହି ନ ପାରିଲେ ।

କୃଷ୍ଣ କହିଥିଲେ ଯାହା ଅର୍ଜୁନର ପ୍ରତି ।
ଗୀତା ନାମେ ଗ୍ରନ୍ଥେ ଦେଖ ସେହି ଧର୍ମ ନୀତି ।

ସଂସାରରେ ପାପ ପୁଣ୍ୟ କିଛି ନ ମାନିବ ।
ଯେ କିଛି ଦେଖ ହେ ପାର୍ଥ ଆମ୍ଭରେ ଜାଣିବ ।

ମୋର କୃତ ଏ ଜଗତ ମୋତେ ଅଛି ଭ୍ୟାଇ ।
ନଟ ପୁତୁଲୀର ତୁଲ୍ୟ ସମସ୍ତ ନଚାଇ ।

ଗୌରୀଙ୍କୁ କହିଲେ ଶିବ ଦେଖ ରାମାୟଣେ ।
ହେ ପାର୍ବତି ଶୁଣ କାଷ୍ଠ ପିତୁଲୀ ସମାନେ ।

ନଚାଉ ଅଛନ୍ତି ରାମ ସଂସାର ତାବତ ।
ବେଦ କହନ୍ତି ସେରୂପେ ନଟ କପଟବତ ।

ନଚାଉ ଅଛନ୍ତି ରାମ କୃଷ୍ଣ ଆଦି ସର୍ବେ ।
ଈଶ୍ୱରଙ୍କ ଯୋଗ୍ୟ ବାକ୍ୟ କିଛି ନାହିଁ କେବେ

ମୁଶଲମାନଠାରେ ଯେବେ ଅଳ୍ପ ଜ୍ଞାନ ଥାନ୍ତି ।
ତେବେହେଁ ପାପ ପୁଣ୍ୟରେ ସେମାନଙ୍କ ଭ୍ରାନ୍ତି ।

ନରବଂଶ ପାପଶୀଳ ହୋଇଲେ କେମନ୍ତି ।
କେଉଂଠାରୁ ଉତ୍ପନ୍ନ କିଛି ନ ଜାଣନ୍ତି ।

ଏକମନ୍ତେ ଦେଖ ସବୁ ଏହି କଥା ବୋଲେ ।
ପାପହୀନ ଜନ୍ମ ପାନ୍ତି ଶିଶୁ ଜନ୍ମ କାଳେ ।

ଏମନ୍ତ ଯେବେ ହୁଅନ୍ତେ ଜଗତ ସଂସାରେ ।
କେହି ଶିଶୁ ନ ମରନ୍ତା ତେବେ କପାଁ ମରେ ।

ଚତୁର ହୋଇଣ ଜେବେ ପାପ ନ କରନ୍ତେ ।
ପାପେ ମରେ ଦୁଃଖ ପାଏ ବଖ୍ୟାତ ଏମନ୍ତେ ।

ଉତ୍ତମ ବୃକ୍ଷରେ ମନ୍ଦ ଫଳ ନ ଫଳଇ ।
ମନ୍ଦ ବୃକ୍ଷେ ଭଲ ଫଳ କେବେ ନ ମିଳଇ ।

ଯେବେ ବାଳକରେ ପାପି ଭାବ ନାହିଁ ଥାନ୍ତା ।
ତେବେ ପାପ ଆଚରଣ କେବେ ନ କରନ୍ତା ।

ଏହିମତେ ବିଚାରିଲେ ଜଣା ଯାଏ ମନେ ।
ପ୍ରକୃତ ସନ୍ଧାନ କଛୁ ସେମାନେ ନ ଜାଣେ ।

ପୂର୍ବେ ଯେତେବେଳେ ପ୍ରଭୁ ସୃଷ୍ଟି କଲେ ନର ।
କଲେ ନିଜ ସାଦୃଶ୍ୟରେ ପବିତ୍ର ଅନ୍ତର ।

ନାନା ଜୀବଜନ୍ତୁ ତାର ବଶରେ ରଖିଲେ ।
ଜଗତ ପ୍ରଧାନ କର ତାହାଙ୍କୁ ସ୍ଥାପିଲେ ।

ଅନନ୍ତରେ ବନାଇଲେ ବଗିଞ୍ଚ ସୁନ୍ଦର ।
ଏଦନ ନାମରେ ଖ୍ୟାତ ଅତ ମନୋହର ।

ଆଦ ପୁରୁଷଙ୍କୁ ତହିଁ ଦେଲେ ସେ ବସତ ।
ସେଠାରେ ସ୍ତ୍ରୀ ପୁରୁଷ ଦୁଇ ଜଣ ସ୍ଥିତ ।

ସେମାନଙ୍କୁ ଆଜ୍ଞା ଦେଲେ ଏମନ୍ତ ଈଶ୍ୱର ।
ସମସ୍ତ ବୃକ୍ଷର ଫଳ ଖାଅ କରନ୍ତର ।

ପୁଣି ମନା ବୃକ୍ଷ ଫଳ କେବେ ନ ଖାଇବ ।
ଯେବେ ଖାଇବ ସେ ଫଳ ନିଶ୍ଚୟେ ମରିବ ।

ଅନନ୍ତରେ ଶୟତାନ ସର୍ପରୂପ ଧର ।
ଆସି ବଗିଚ୍ଚରେ ଧୂର୍ତ୍ତ ନାନା ଛଳ କର ।

କପଟ ଭାଷାରେ କହେ କେତେ ମାୟା କର ।
ଶୁଣ କହୁ ହିତ କଥା ହବା ହେ ସୁନ୍ଦର ।

ଏ ବୃକ୍ଷର ଫଳମାନ ଯେଜନ ଖାଇବ ।
ପ୍ରତିଜ୍ଞା କରୁଛୁଁ ସେହି କେବେ ନ ମରିବ ।

ପୁଣି ଭଲ ମନ୍ଦ କଥା ଜ୍ଞାନ ଲାଭ ହେବ ।
ଫିଟା ଯିବ ଜ୍ଞାନ ଚକ୍ଷୁ ସମସ୍ତ ବୁଝିବ ।

ମୋ କଥା ଶୁଣିଲେ ହେବ ଈଶ୍ୱର ସମାନ ।
ଏନିମନ୍ତେ ନବାରିଲେ ଜାଣିବ ପ୍ରମାଣ ।

ତାର କପଟ ବଚନେ ନାରୀ ଭୁଲି ଗଲା ।
ଈଶ୍ୱରଙ୍କ କଥା ମିଥ୍ୟା ତହିଁରେ ମାନିଲା ।

ଶୟତାନ ଦୁଷ୍ଟ ଫାନ୍ଦେ ପଡ଼ି ଏହିରୂପେ ।
ପତିକି ଖୁଆଇ ଫଳ ଖାଇଲାକ ଆପେ ।

ଈଶ୍ୱରଙ୍କ ଆଜ୍ଞା ଲଙ୍ଘି ଉପୁଜିଲା ପାପ ।
ପ୍ରବେଶିଲା ଜଗତରେ ଅପାର ସନ୍ତାପ ।

ଆଦ ପିତା ମାତା ହେଲେ ମହାଶାପଗ୍ରସ୍ତ ।
ସେମାନଙ୍କ ବଂଶ ଭ୍ରଷ୍ଟ ହୋଇଲେ ସମସ୍ତ ।

ଏହିରୂପେ ଯେତେ ଦେଶ ସର୍ବ ନର ଗଣ ।
ସର୍ବୁଠାରେ ସର୍ବେ କରେ ମନ୍ଦ ଆଚରଣ ।

ବାଳକ ବୃଦ୍ଧ ପର୍ଯ୍ୟନ୍ତେ ନର ନାରୀ ଯେତେ ।
ପାପେ ନରକାଧିକାରୀ ହୋଇଲେ ସମସ୍ତେ ।

ତ୍ରିପଦୀ ।

ଦେଖ ପାପେ ଭ୍ରଷ୍ଟ ନରବଂଶ ନଷ୍ଟ ଧର୍ମ ଅଙ୍କ ଲୋପ ହୋଯ୍ୟ ।
ଏଣୁ ଶାପଗ୍ରସ୍ତ ହୋଇଲେ ସମସ୍ତ କର ନାନାବିଧ ଉପାଯ୍ୟ ।

ପଯ୍ୟାର ।

ଯେଉଁ କାଳେ ନରବଂଶ ପୃଥ୍ୱୀରେ ବଢିଲେ ।
ସବୁଠାରେ ନର ନାରୀ ମନ୍ଦ ଆଚରିଲେ ।

ଆଦ୍ୟରେ ଈଶ୍ୱର ନର ନାରୀଙ୍କର ମନ ।
ଆପଣାର ସତ୍ୟ ଜ୍ଞାନ କରନ୍ତି ସ୍ଥାପନ ।

ଭଲ ମନ୍ଦ ଦୋଷାଦୋଷ ବିଷୟର ଜ୍ଞାନ ।
ସମସ୍ତଙ୍କ ମନ ମଧ୍ୟେ କଲେ ଅଧିଷ୍ଠାନ ।

ପୁଣି ଏହି ଅନ୍ତର୍ଜ୍ଞାନ ପାପରେ ମଳିଣ ।
ଦିନେ୨ ଧର୍ମ ବୁଦ୍ଧି କରନ୍ତି ହେଲଣ ।

ଏନିମନ୍ତେ ନାନା ନିନ୍ଦା ନୀଚ ଉପାସନା ।
ଭୂଲି ଭ୍ରାନ୍ତ ଲୋକେ ବୋଲି ବ୍ରହ୍ମ ଆରାଧନା ।

ଅପାର ପ୍ରକାର ମତେ ପ୍ରଭୁଙ୍କୁ ତେଜିଲେ ।
ଏହି ହେତୁ ଧର୍ମ ବିଧି ଆପେ ଜଣାଇଲେ ।

ଆମ୍ଭର ଗୋଚରେ ଅନ୍ୟ ଦେବତା ନୋହିବ
କୌଣସି ପ୍ରତିମା ମୂର୍ତ୍ତି ପୂଜା ନ କରିବ ।

ଈଶ୍ୱରଙ୍କ ମହା ନାମ ବିଅର୍ଥ ନ ଘେନ ।
ବିଶ୍ରାମ ଦିବସ ମାନ୍ୟ କରିବ ପାଳଣ ।

ଆପଣାର ମାତା ପିତା କର ସମାଦର ।
ଅକାରଣ ନରପ୍ରାଣ ବଧହିଁ ନ କର ।

କେବେ ନ କର କାହାର ସଙ୍ଗେ ପରଦାର ।
ଚୋରି ନ କର କିଛିଭ ପଦାର୍ଥି କାହାର ।

ମିଥ୍ୟା ସାକ୍ଷ୍ୟ ନ କହିବ କୌଣସି କାରଣେ ।
ଲୋଭ ନ କର କାହାର ନାରୀ ଅବା ଧନେ ।

ଏହି ଆଜ୍ଞା ଲଙ୍ଘନରେ ମନୁଷ୍ୟ ସମସ୍ତ ।
ବଡ ସାନ ଯେତେ ଜନ ଘୋର ଶାପ ଗ୍ରସ୍ତ ।

ଏଣୁ ମୁକ୍ତିର ବିଷୟ ଆଉ ନାନା ଗତି ।
କହିଛନ୍ତି ନାନାମତେ ଯାର ଯଥା ମତି ।

ସତ୍ୟବାକ୍ୟ ଲୋକଙ୍କର ନୋହେ କଦାଚିତ ।
ଈଶ୍ୱରଙ୍କ ଯୋଗ୍ୟ ନୋହେ ଯେତେକ କଳ୍ପିତ ।

ସଂସାରରେ ରଚିଲେ ଯେ କଥା ଦୁଇ ମତ ।
କେହି ମନ ମତ କହେ କର୍ମ ମୁକ୍ତି ପଥ ।

ଏହି ହେତୁ ତୀର୍ଥଯାତ୍ରା ପୂଜା ବ୍ରତ ଦାନ ।
ନରକ ନିସ୍ତାରୋପାୟ ଜପ ତପ ଧ୍ୟାନ ।

ଆଉ କେହି କହେ ଦେଖ ନାହିଁ ଧର୍ମାଧର୍ମ ।
ଈଶ୍ୱର ସର୍ବସ୍ୱ ଆପେ ନିରାକାର ବ୍ରହ୍ମ ।

ଏହି ଦୁଇ ଜ୍ଞାନ ମିଥ୍ୟା କଳ୍ପନା ରଚିଲେ ।
କେହି ସତ୍ୟ ତତ୍ତ୍ୱ ଜ୍ଞାନ କହି ନ ପାରିଲେ ।

ନାନା ବିଧି ସତ୍ୟ ଧର୍ମ କରି ନିଜ ଜ୍ଞାନେ ।
ତଥାପି ନିନ୍ଦିତ କର୍ମେ ବେଷ୍ଟିତ ସେମାନେ ।

ଯୋଗ ସମାଧି ପୂଜନ ତପ ଜପ ତୀର୍ଥ ।
କେହି ପାପ ନିବାରଣେ ନୁହନ୍ତି ସମର୍ଥ ।

ଅନେକ ସୁକ୍ରିୟା କରି ଖଣ୍ଡଣେ ଦୁଷ୍କୃତ ।
ପୁଣି କ୍ରମେ ବଢି ପାପ ଆଉ ବିପରୀତ ।

ଈଶ୍ୱରଙ୍କ ସତ୍ୟବାଣୀ କହନ୍ତି ଏରୂପେ ।
ତାଙ୍କ ଆଜ୍ଞା ନ ପାଳିଲେ ପଡେ ତାଙ୍କ ଶାପେ ।

କର୍ମରେ ଲଗାଇ ମନ ସ୍ୱର୍ଗର ଲାଲସେ ।
ନରକ ଯୋଗ୍ୟ ହୁଅଇ ଆପଣା ବଶେଷେ ।
ଅମ୍ଭେ ପାପ ନାହିଁ ମାନ ଯେବେ କେହି କହେ ।
ତହିଁରେ କି ପାପ ଛୁଟେ କିବା ତାକୁ ସହେ ।
ଦେଖ ଜରା ମୃତ୍ୟୁ ଯାହା ଛଡାଇ ନ ହୋଏ ।
ନ ମାନଲେ ସେ ନ ଘଟେ ପାପେ କିବା ଭୟେ ।
ନାହିଁ ମଲେ ନାହିଁ ଭୟ ମୃତ୍ୟୁ ତାର ବଢ଼େ ।
ମୃତ୍ୟୁ ଯାର ପାପ ତାର ଛାଡଲେ ନ ଛୁଟେ ।
ଏନିମନ୍ତେ କହ ଶୁଣ ଈଶ୍ୱର ବଚନ ।
ମୁକ୍ତି ତତ୍ତ୍ୱ ପ୍ରକାଶିଲେ ପାପ ନସ୍ତାରଣ ।

---

ଦ୍ୱିପଦୀ ।

ସର୍ପ ନାଶ କାରୀ ଯୀଶୁ ଅବତାର ଦେଖ ଅନାଦ ଅନନ୍ତ ।
ନାରୀ ବଂଶଜାତ ହୋଇଲେ ଅଦ୍ଭୁତ ନରରୂପ ଭଗବନ୍ତ ।

---

ପୟାର ।

ମନୁଷ ହୋଇଲେ ଭ୍ରଷ୍ଟ ପୂର୍ବେ ଯେତେବେଳେ ।
ଦୀନ ଦୟାଳୁ ପ୍ରକଟ ପ୍ରଭୁ ତେତେବେଳେ ।
ସେହି କାଳେ ମୁକ୍ତି ପଥ ପ୍ରକାଶିଲେ ଜାଣ ।
ଏହି ମହାଗୂଢ଼ ବାକ୍ୟ ଭକ୍ତି ଭବେ ମାନ ।
ନରର ଉପରେ ଦଣ୍ଡ ଦେଲେ ଭଗବାନ ।
ବୋଇଲେ ବ୍ୟଥାରେ ନାରୀ ପ୍ରସବ ସନ୍ତାନ ।
ପୁନରପି ଧୂଳିରେ ଯାବତ୍ ନ ମିଶିବ ।
ତାବତ୍ ମୁଖର ଘର୍ମେ ଭକ୍ଷଣ ପାଇବ ।

ଭୂମିରେ ଉତ୍ପନ୍ନ କଣ୍ଟା ନାନା ତୃପ ବନ ।
ପଶୁ ମଧ୍ୟେ ଜନ୍ମହେବେ ନାନାଦ ଦୁର୍ଜନ ।

ଶୟୃତାନ ସର୍ପରୂପେ ନାରୀକୁ ଭଣ୍ଡିଲେ ।
ଏହି ହେତୁ ଧର୍ମରାଜା ତାହାକୁ ଦୁଷିଲେ ।

ଏହି କାର୍ଯ୍ୟ କରି ଅଛୁ ଅରେ ତୁହି ଦୁଷ୍ଟ ।
ଏଣୁ ସବ୍ବ ପଶୁଠାରୁ ହୁଅ ଶାପଗ୍ରସ୍ତ ।

ପେଟ ଦେଇ ତୁହି ସଦା କରିବୁ ଗମନ ।
ଭକ୍ଷଣ କରିବୁ ଧୂଳି ଯାବତ୍ ଜୀବନ ।

ସଦା ତୋର ବଂଶେ ପୁଣି ନାରୀର ସନ୍ତତ ।
ହେଉ ଏକକୁଅରେକ ଘୋର ହିଂସା ମତ ।

ତୁହି ତାର ଗୋଇଠିରେ କରୁ ପାରୁ କ୍ଷତ ।
ତାର ବଂଶେ ତୋର ମୁଣ୍ଡେ କରିବେ ଅଘାତ ।

ଏହି କଠିମର ବାକ୍ୟ ଦୁଇ ଭବ ସାର ।
ଶ୍ରଦ୍ଧାଚିତ୍ତ ଦେଇ ଶୁଣ କହିବା ବିସ୍ତାର ।

ଯେସନେକ ସର୍ପାଘାତେ ନଷ୍ଟ ମହା ପ୍ରାଣ ।
ତେସନେକ ସର୍ପ ତୁଲ୍ୟ ଜାଣି ଶୟୃତାନ ।

ତାର ଦୁଷ୍ଟ ପ୍ରବଞ୍ଚନେ ମନିଷ ଦଂଶିତ ।
କାୟ ମନ ବାକ୍ୟ ହେଲା ଗରଲେ ପୂରିତ ।

ପଦାଘାତେ ସର୍ପ ମୁଣ୍ଡ ହେବାରେ ଚୂର୍ଣ୍ଣନ ।
ତ୍ରାଣକର୍ତ୍ତା ପରାକ୍ରମ ଏହି ନଦର୍ଶନ ।

ପୁରୁଷ ସଂସର୍ଗ ବିନା କୁମାରୀ ଗର୍ଭରେ ।
ହୋଇଲେ ଉଦ୍ଭବ ସେ ଧର୍ମାତ୍ମାର ବଳରେ ।

ନାରୀର ବଂଶରେ ଜାତ ସେହି ମହାଜନ ।
ସର୍ବ୍ବନାଶ କରାଇବେ ସର୍ପଶୟୃତାନ ।

ଏହିରୂପେ ଜଣାଇଲେ ପିତା ଭଗବାନ ।
ମୁକ୍ତି ଦାତାର କେମନ୍ତେ ହେବେ ଆଗମନ ।
ଖ୍ୟାତ ଅଭିଷେକୀ ପ୍ରଭୁ ତ୍ରାଣକର୍ତ୍ତା ଯୀଶୁ ।
ଈଶ୍ୱରଙ୍କ ପୁତ୍ର ପୁଣି ମନଷର ଶିଶୁ ।

ଏହି ବଚନର ତତ୍ତ୍ୱ କେମନ୍ତ ଅଦ୍ଭୁତ ।
ଦେଖ ବ୍ରହ୍ମ ପଠାଇଲେ ଆପଣାର ସୁତ ।
ଯାହାଙ୍କ ଶରୀର ଜାତ ଅନାଦି ଅନନ୍ତ ।
ଆବିର୍ଭୂତ ନରରୂପୀ ସେହି ଭଗବନ୍ତ ।
ଶଯ୍ତାନର ସ୍ଥାନରୁ ଛଡାଇ ନିଅନ୍ତି ।
ନରେ ମୁକ୍ତି ଦେଇ ପାପ ମାର୍ଜନା କରନ୍ତି ।

---

ତ୍ରିପଦୀ ।

ତାଙ୍କ ଜନ୍ମ ଶିକ୍ଷା କର୍ମ ଏହି ତାଙ୍କର ଯେ ଧର୍ମ
ମୃତ୍ୟୁ ଆଉ ପୁନଶ୍ଚ ଉତ୍ଥାନ
ନିଜ ରାଜ୍ୟେ ଶୁଭ ଯାତ୍ରା କ୍ରମେ ଏହି ସବୁବାର୍ତ୍ତା
ବିବରଣ କରିବା ବ୍ୟାଖ୍ୟାନ ।

---

ପୟାର ।

ତାଙ୍କ ଜନ୍ମ କାଳ ପ୍ରାପ୍ତ ହେଲା ଯେତେବେଳେ ।
ପଠାଇଲେ ନିଜ ସୁତ ବ୍ରହ୍ମ ତେତେବେଳେ ।
ନାମେ ଯୀଶୁଖ୍ରୀଷ୍ଟ ଖ୍ୟାତ ପାପିର ଉଦ୍ଧାରେ ।
ଅଭିଷେକୀ ମୁକ୍ତିକର୍ତ୍ତା ବ୍ରହ୍ମ ଅବତାରେ ।
କୁମାରୀର ଗର୍ଭେ ଜନ୍ମ ହୋଇଲା ତାଙ୍କର ।
ପାପହୀନ ଦେହ ଥିଲା ପ୍ରଭୁ ନିରାକାର ।

ଯୌବନରେ ପ୍ରେମ ଜ୍ଞାନ ତାଙ୍କର ଅଦ୍ଭୁତ ।
ତେବେ ପିତା ମାତାଠାରେ ହେଲେ ବଶୀଭୂତ ।

ତିରିଶ ବରଷେ ପ୍ରଭୁ ଅଭିଷେକ ହେଲେ ।
ଶୁଣ ତାଙ୍କ ଦିବ୍ୟଗୁଣ ଯେଉଁନ୍ତେ ପ୍ରକାଶିଲେ ।

ନାନା ଗ୍ରାମେ ନଗରରେ ଦେଉଳେ ଦାଣ୍ଡରେ ।
ଘରେ ବାଟେ ସିନ୍ଧୁତଟେ ପର୍ବତେ ନାବରେ ।

ମଙ୍ଗଳ ସୁସମାଚ୍ଛର ଉପଦେଶ ଦେଇ ।
ଭ୍ରମିଲେ ସେ ବହୁ କ୍ଳେଶେ ଉପକାରୀ ହୋଇ ।

ଯେମନ୍ତେ କୌଣସି ପାପୀ ନରକେ ନ ଯାଏ ।
ବୋଇଲେ ହେ ମିଥ୍ୟା ଛାଡ ଧର ସଦାଶ୍ରୟେ ।

ନୂଆ ମନ ବନା ପୁଣି ନୂତନ ଅନ୍ତର ।
ସ୍ୱର୍ଗସ୍ଥାନେ କାର କେବେ ନାହିଁ ଅଧିକାର ।

ଯେତେ ଦିନ ତ୍ରାଣକର୍ତ୍ତା ହେଲେ ଜଗତରେ ।
କଲେ ଅପାର ସୁକର୍ମ ଆଶ୍ଚର୍ଯ୍ୟ ଶକ୍ତିରେ ।

ପଙ୍ଗୁକୁ ସେ ଦେଲେ ପାଦ ଅନ୍ଧକୁ ନୟନ ।
ନୁଲାକୁହିଁ ଦେଲେ ହସ୍ତ ମୃତ୍ୟୁକୁ ଜୀବନ ।

ଭୂତଗ୍ରସ୍ତ ପକ୍ଷାଘାତି କୁଷ୍ଠୀ ନାନା ରୋଗୀ ।
ଅରୋଗୀ ହୋଇଲେ ଯେତେ ତାଙ୍କୁ ଅନୁରାଗୀ ।

ବିବିଧ ଅଦ୍ଭୁତ କ୍ରିୟା ସ୍ଥାନେ୨ କଲେ ।
ତଥାପି ସଂସାର ମୁଢେ ତାଙ୍କୁ ନ ଚିହ୍ନିଲେ

ହାତରେ ଯେକଣ ଗୋଟା ପାଞ୍ଚ ସାତ ରୁଟୀ ।
ଭାଙ୍ଗିକେତେ ସହସ୍ର ଲୋକଙ୍କୁ ଦେଲେ ବାଣ୍ଟି ।

ଖାଇଣ ହୋଇଲେ ତୃପ୍ତ ଯେତେ ଭୋକ୍ତାମାନ ।
ସେରୂପେ ସମୁଦ୍ରେ ତାଙ୍କ ଆଶ୍ଚର୍ଯ୍ୟ ଗମନ ।

ଝଡ ତରଙ୍ଗର ଶାନ୍ତ ଅଉ ଚମତ୍କାର ।
ଶୁଣା ନାହିଁ କାର କର୍ମ ଯେମନ୍ତ ତାଙ୍କର ।

---

## ତ୍ରିପଦୀ ।

ଯୀଶୁର ଚରିତ୍ର ଅତ୍ୟନ୍ତ ପବିତ୍ର ଗୁଣଶୀଲ ମନୋହର ।
ଶୁଣ ମନ ଦେଇ ତୃପ୍ତଚିତ୍ତ ଯାଇଁ ଜ୍ଞାନ ହୋଇବ ସୁନ୍ଦର ।

---

## ପୟାର ।

ତାଙ୍କ ଜନ୍ମେ ଶୟତାନ ହୋଇ କମ୍ପମାନ ।
ଯୀଶୁକୁ ଘଟାଇଲା ଅନେକ ଦୁଃଖମାନ ।

ଚିରକାଳ ଧନହୀନ ହେଲେ ସର୍ବେଶ୍ୱର ।
ନିବାସର ଘର ଦ୍ୱାର ନାହିଁ ତାହାଙ୍କର ।

କହିଥିଲେ ନିଜ ମୁଖେ ନମ୍ରଭାବେ ଯୀଶୁ ।
ଖାଲେ କନ୍ଦରରେଁ ଥାୟେ ଯେତେ ବନ ପଶୁ ।

ଶୂନ୍ୟ ପକ୍ଷି ବସା ଅଛି ବାସ କରିବାର ।
ମୁଣ୍ଡ ପାତିବାର ସ୍ଥାନ ନୁହଇ ଆମ୍ଭର ।

ଦେଖହେ ସଚ୍ଚିଦାନନ୍ଦ ସର୍ବଉପରସ୍ଥ ।
ଦାସାକାର ଧରି ଦୁଃଖ ଶୋକ ପରିହିତ ।

ତାଙ୍କ ମୁଖେ ପାପିଗଣ ଛେପ ପକାଇଲେ ।
ନାନା ପୀଡା ନିନ୍ଦା ଖେଦ ସବୁ ସେ ସହିଲେ ।

ଦ୍ୱେଷ ପୂର୍ଣ୍ଣେ ଦୁଷ୍ଟ ଲୋକେ ବଧ କରିବାକୁ ।
ଜର ଘାଣ୍ଡି ଚୋର ତୁଲ୍ୟ ଧରିଲେ ତାହାଙ୍କୁ ।

କଣ୍ଟାର ମୁକୁଟ ତାଙ୍କ ମସ୍ତକରେ ଦେଲେ ।
ଗଷ୍ଠେପରେ ହସ୍ତ ପାଦ ଗୋଜରେ ବାନ୍ଧିଲେ ।

ଶୂଳ ମାଇ ପାର୍ଶ୍ୱ ଦେଶେ କଲ ଜର ଜର ।
ରକ୍ତଜଳ ସେହି ବାଟେ ହୋଇଲା ବାହାର ।
ଅପାରଯନ୍ତ୍ରଣା ଦେଇ କଲେ ସଂହାର ।
ତାହା ଦେଖି ଦିନମଣି ହେଲେ ଅନ୍ଧକାର ।
ପ୍ରହର ଦୁଇ ଉତ୍ତାରେ ସମର୍ପିଲେ ପ୍ରାଣ ।
ସେହି କାଳେ ଭୂଧରାଦ ଶୋକେ କମ୍ପମାନ ।
ଉଠିଲେ ସମାଧିଠାରୁ ବହୁ ସାଧୁଜନ ।
ଅନେକ ଲୋକ କଟରେ ଦେଲେ ସୁଦର୍ଶନ ।
ତୃତୀୟ ଦିନରେ ପ୍ରଭୁ ସଜୀବ ହୋଇଲେ ।
ପୁନର୍ବାର ଚମତ୍କାର ବିଜୟୀ ଉଠିଲେ ।
ଚାଳିଶ ଦିନ ପର୍ଯ୍ୟନ୍ତେ ରହିଲେ ପ୍ରକାଶ ।
ତାଙ୍କ ଶିଷ୍ୟଗଣ ପ୍ରତି କଲେ ଆଦେଶ ।
ସମସ୍ତ ଜଗତେ ଯାଅ ପ୍ରତ୍ୟେକ ଗୋଚରେ ।
ସୁମଙ୍ଗଳ ସମାଚାର ଘୋଷଣା ପ୍ରଚାରେ ।
ତାହା ଶୁଣିବାରେ ଯାର ବିଶ୍ୱାସ ଜନ୍ମିବ ।
ଅନନ୍ତ ଜୀବନ ତାର କ୍ଷୟ ନ ହୋଇବ ।
ଏଥି ନୋହିବ ବିଶ୍ୱାସ ଯାର ତୁଚ୍ଛ ଜ୍ଞାନେ ।
ଅନନ୍ତ ଦଣ୍ଡିତ ହେବ ମହା ଘୋର ସ୍ଥାନେ ।
ଆଉ କହିଥିଲେ ପ୍ରଭୁ ନିଜ ଭକ୍ତଗଣେ ।
ଦୟାମୟ ଦୀନବନ୍ଧୁ ଗମ୍ଭୀର ବଚନେ ।
ଜଗତ ଶେଷ ପର୍ଯ୍ୟନ୍ତେ ଜାଣିବ ନିଶ୍ଚୟ ।
ଆମ୍ଭେ ରହି ତୁମ୍ଭ ସଙ୍ଗେ କରିବା ସହାୟ ।
ଆଉ ନାନା ଆଶୀର୍ବାଦ ସେମାନଙ୍କୁ ଦେଲେ ।
ସ୍ୱର୍ଗେ ଗଲେ ସ୍ୱର୍ଗ ନାଥ ମହା ତେଜ ବଳେ ।

ସ୍ୱର୍ଗ ରାଜଧାନୀ ମଧ୍ୟେ ଜ୍ୟୋତି ସିଂହାସନେ ।
ନର ହିତାର୍ଥେ କରନ୍ତି ନିତ୍ୟ ନିବେଦନେ ।
ମନୁଷ୍ୟ ତାହାଙ୍କଠାରେ ପିପୀଲିକା ପ୍ରାୟେ ।
ତଥାପି ଧଇଲେ ସେହି ନରରୂପ କାୟେ ।
ମନୁଷ୍ୟର ପାପ ଦେଖ ପର୍ବତ ସମାନ ।
ଯାର ପ୍ରାୟଶ୍ଚିତ୍ତେ ପ୍ରଭୁ ଦେଲେ ନିଜପ୍ରାଣ ।
ପାପର ଯନ୍ତ୍ରଣା ଯେତେ ଦେହରେ ଧଇଲେ ।
ଏନିମନ୍ତେ ତ୍ରାଣକର୍ତ୍ତା ସେହି ଖ୍ୟାତ ହେଲେ ।
ସେହି ସତ୍ୟ ମୁକ୍ତିଦାତା ଜଗତର ପତି ।
ଦୀନ ଅନାଥର ବନ୍ଧୁ ଅଗତିର ଗତି ।

---

## ଦ୍ୱିପଦୀ ।

ଖ୍ରୀଷ୍ଟିୟାନ ସତ୍ୟ ଧର୍ମ ପାପ ଆଉ ପୁଣ୍ୟ କର୍ମ ।
ପରିତ୍ରାଣର ଉପାୟ ଯାହା ।
ମହା ବିଚାରର ଦିନ ସ୍ୱର୍ଗ ନରକେ ଗମନ
କହି ମନ ଦେଇ ଶୁଣ ତାହା ।

---

## ପୟାର ।

କିକ ଧର୍ମ କିକ କର୍ମ କିକ ଆରାଧନ ।
ଏପ୍ରକାରେ ପ୍ରଶ୍ନ କରେ ବହୁ ବହୁ ଜନ ।
ମନାଷର ଭୁଲ ଭ୍ରାନ୍ତି ଖଣ୍ଡଣ ଯେସନେ ।
ବ୍ୟବସ୍ଥାର ସାର କରି କହିବା ଏସ୍ଥାନେ ।
ଖ୍ରୀଷ୍ଟିୟାନ ସତ୍ୟ ଧର୍ମ ଅତ୍ୟନ୍ତ ନିର୍ମଳ ।
ପର ଲୋକେ ସୁଖଦାୟ ଅକ୍ଷୟ ଉଜ୍ଜ୍ୱଳ ।

ଏହି ଧର୍ମ ଆଚରଣ ସୁଗମ ସାଧନ ।
ଧନବ୍ୟୟେ ଉପବାସେ ନାହି ପ୍ରୟୋଜନ
ଲୌକିକ କର୍ମରେ ତୁଷ୍ଟ ନୁହନ୍ତ ଈଶ୍ୱର ।
ଶୁଦ୍ଧ ମନେ ପରମାର୍ଥି ସାଧନ ତାଙ୍କର ।
ସର୍ବ ଅଗ୍ରୁ ସର୍ବ ଶକ୍ତି ଦେଇ ସର୍ବ ମନ ।
ଈଶ୍ୱରଙ୍କୁ କର ପ୍ରେମ ଯାବତ୍ ଜୀବନ ।
ନିଜ ପ୍ରାଣ ସୁଖ ଚେଷ୍ଟା ଯେହ୍ନେ କର ନିତ୍ୟ ।
ପର ପ୍ରାଣ ହିତକାଂକ୍ଷୀ ହୁଅ ସେହି ମତେ ।
ପୁଣ୍ୟ ବୁଦ୍ଧି ଧର ଦୁଷ୍ଟ କ୍ରିୟା କର ତ୍ୟାଗ ।
କାମ କ୍ରୋଧ ହିଂସା ଲୋଭ ତେଜ ବେଗ ବେଗ ।
ପାପରେ କରିବ ଖେଦ ଛାଡ ମିଥ୍ୟା ଆଶା ।
ଯୀଶୁ ପ୍ରଭୁ ମୁକ୍ତି ଦାତା ଏଥିରେ ଭରସା ।
ପିତା ପୁତ୍ର ଧର୍ମାତ୍ମାର ନାମରେ ଆଶ୍ରିତ ।
ସ୍ଥିର ମନ ରଖି ଜଳେ ହୋଇବ ଡୁବିତ ।
ଧରିଲେ ଖ୍ରୀଷ୍ଟର ଧର୍ମ ପବିତ୍ର ଲକ୍ଷଣ ।
ମରଣ ପର୍ଯ୍ୟନ୍ତେ କର ନିୟମ ପାଳଣ ।
ମରଣ ଉତ୍ତାରେ ଜାଣ ବିଗ୍ୱରର ଦିନେ ।
ସମସ୍ତେ ହୋଇବେ ଉଭା ଖ୍ରୀଷ୍ଟର ଅଧୀନେ ।
ତେବେ ତାଙ୍କ ଦୂତଗଣ ତୂରୀ ବଜାଇଲେ ।
କବରେ ପୋତିଲେ ଅବା କେହୁ ଜଳ ସ୍ଥଳେ ।
ଯାର ଯେତେ ମୃତ ଦେହ ଯେଉଁ ସ୍ଥାନେ ଥିବେ ।
ସେହି ଦେହ ଧରି ସବୁ ମନୁଷ୍ୟ ଉଠିବେ ।
କି ଧନୀ କି ଧନହୀନ ଜ୍ଞାନୀ କି ଅଜ୍ଞାନ ।
ଧର୍ମାଧର୍ମ ପ୍ରତିଫଳ ପାଇବେ ପ୍ରମାଣ ।

ବିଶ୍ୱାସେ ପାଇବେ ସ୍ୱର୍ଗ ସବୁ ଭକ୍ତ ଗଣ ।
ଅବିଶ୍ୱାସିଙ୍କର ହେବ ନରକେ ଗମନ ।

ପପିଙ୍କର ସେହି ଦିନେ ଭୟଙ୍କର ଯେତେ ।
ଅକଥ୍ୟ ଆହ୍ଲାଦ ହେବ ଧାର୍ମିଙ୍କର ତେତେ ।

ଆହେ ପ୍ରିୟ ବନ୍ଧୁ ସବୁ କିରୂପେ ଛଇବ ।
କି ଉତ୍ତର ଦେବ ତେବେ କିଗତି ପାଇବ

ଏବେହେଁ ବିଶ୍ୱାସ କର ଛାଡ ପାପମତି ।
ବିଶ୍ୱାସେ ପାଇବ ତ୍ରାଣ ତ୍ରାଣରେ ସୁଗତି ।

ତହିଁରେ ପାପର କ୍ଷମା ହୋଇବ ହେ ଭାଇ ।
ପାପ ଶାପ ଜନ୍ମ ମୃତ୍ୟୁ ଆଉ ଦଣ୍ଡ ନାହି ।

ପ୍ରଭୁର ଦର୍ଶନ ପାଇ ପରିତୁଷ୍ଟ ହେବ ।
ସ୍ୱର୍ଗିଗଣ ସଙ୍ଗେ ନିତ୍ୟ ଆନନ୍ଦେ ରହିବ ।

କରଯୋଡି କହୁଂ ଆମ୍ଭେ ବିନୟ ବଚନ ।
ଧର ସବୁ ମୋର ସତ୍ୟ ମଙ୍ଗଳ ଆଖ୍ୟାନ ।

ଶୁଣ ବନ୍ଧୁଜନ ମନେ କରିବ ପ୍ରତ୍ୟୟ ।
ଯୀଶୁଙ୍କୁ ଭଜିଲେ ମୁକ୍ତି ପାଇବ ନିଶ୍ଚୟ ।

ସମସ୍ତ ନରକ ଭୟ ଆଉ ନ ରହିବ ।
ସଦାସ୍ୱର୍ଗେ ମହାନନ୍ଦେ ବସତି କରିବ ।

ଇତି ଶ୍ରୀଧର୍ମପୁସ୍ତକର ସାର ସଦୁପଦେଶ ସମ୍ପୂର୍ଣ୍ଣ ।

---

AN

# EPITOME OF THE TRUE RELIGION.

## ସତ୍ୟ ଧର୍ମ ପ୍ରକାଶ ।

### ଆଭାଷ ।

ଶୁଣ ଶୁଣ ହେ ବନ୍ଧୁଗଣ । ଏକାନ୍ତେ କର ଦୃଢ ମନ ।
ସତ୍ୟ ଧର୍ମରେ ହେଲେ ମତ । ଖଣ୍ଡେ ପାପ ଭୋଗ ଦୁର୍ଗତ ।
ଜାତ ହୁଅନ୍ତେ ବହୁ ଲୋକେ । ମରି ଅଛନ୍ତି ଏକେ ଏକେ ।
ଶଏ ବଂଶତ ପରମାଣ । ଜୀବର ପରମାୟୁ ଜାଣ ।
ହେଲେ ଆୟୁଷ ବଡ ଦୀର୍ଘ । ଏଥୁ ଅଧିକ ନୋହେ ଭୋଗ ।
ଅଦ୍ୟ କିଅବା ଦିନାନ୍ତରେ । କିଅବା ଆବର ବର୍ଷରେ ।
ଅବଶ୍ୟ ମରଣ ହୋଇବ । ସକଳେ ମନେ ଜାଣି ଥିବ ।
ଇହ ଲୋକରେ ଅଳ୍ପକାଳ । ରହନ୍ତି ମନୁଷ୍ୟ ସକଳ ।
ଅପାର ସ୍ଥିତ ପରକାଳେ । ନ ଜନ୍ମ ମୃତ୍ୟୁ ଆଉ ବେଳେ ।
ସ୍ୱର୍ଗେ ଅନନ୍ତ କାଳସ୍ଥିତ । ଅଥବା ନରକେ ବସତ ।
ନଷ୍ଟେ ହୁଅଇ ପ୍ରାଣିଙ୍କର । ନ ଜନ୍ମ ମରଣ ଅବର ।
ଦେଖ ଏ ପାପ ଭୋଗ ଘୋର । ନାହିଂ ଏହାର ପାରାବାର ।
ତହିଁରେ ମଜ୍ଜିଲେଟି ଭାଇ । କେବେ ନିସ୍ତାର ଆଉ ନାହିଂ ।
ଘୋର ନରକ ଦୁଃଖ ସିନ୍ଧୁ । ତହିଂରେ ନାହିଂ ଭାଇ ବନ୍ଧୁ ।
ଦହଇ ପାପ ଅଗ୍ନି ଘୋରେ । ଧୂମ୍ର ଉଠଇ ଅନ୍ଧକାରେ ।
ଏହେତୁ ଦେଖ ବୁଝି ମନେ । ସକଳେ ବିଚାର ସୁଜନେ ।
କେହ୍ନେ ପାଇବ ପରିତ୍ରାଣ । ସେଠା ବିଚାରେ ବନ୍ଧୁଗଣ ।
ପାପସ୍ୱରୂପ ଘୋର ପଙ୍କେ । ନ ବୁଝି ମଜ୍ଜୁଛନ୍ତି ଲୋକେ ।

ଅସ୍ଥିର ହୋଇ ସବୁଜୀବେ । ବିଷୟ କାମ କ୍ରୋଧ ଭାବେ ।
ଦେଖ କେ ଅବା ସୃଷ୍ଟି କରେ । କେ ଅବା ପାଳେ କେ ସଂହରେ ।
ଭାବି ନ ଦେଖି ଏହା ଜୀବେ । ଅଜ୍ଞ ବଞ୍ଚକ ହୋନ୍ତି ସର୍ବେ ।
ଏହେତୁ ଉଦ୍ଧାର କାରଣ । କର୍ତ୍ତବ୍ୟ ଯାହା ତାହା ଶୁଣ ।
ଯେ ପ୍ରଭୁ ତ୍ରାତା ଜଗତର । ଉଦ୍ଧାରେ ତାଙ୍କୁ ଆଶ୍ରେ କର ।
ଶୁଦ୍ଧ ମନରେ ଭକ୍ତି ତତ୍ତ୍ୱେ । ତାଙ୍କୁ ଭଜିବ ନିତ୍ୟେ ନିତ୍ୟେ ।
ତେବେ ହୋଇବ ନିସ୍ତେ ପାର । ପାପରୁ ହୋଇବ ଉଦ୍ଧାର ।

---

## ଶରୀରର ଅସ୍ଥିର ବିଷୟ ।

ହେତୁ କରଣ ଶୁଣ ମୋହୋର ବାକ୍ୟ ।
ମନେ ବିବେଚି ତୁମ୍ଭେ ଆଶ୍ଚର୍ଯ୍ୟ ଦେଖ ହେ ।
କି ଅବା ବସ୍ତୁ ତୁମ୍ଭେ କେ ତୁମ୍ଭ ଦେହ ।
ଯହିଂରେ କର ଏତେ ଆଶ୍ଚର୍ଯ୍ୟ ସ୍ନେହ ହେ । ୧ ।
କିରୂପେ ହୋଇଲା ଏ ରୂପ ନିର୍ମାଣ ।
ଯାହା ସୁଶୋଭିତ ବୁଦ୍ଧି ଅଗମ୍ୟ ହେ ।
ଅଙ୍ଗ ଥିବାରୁଂ ତହିଂ ଅଧିକ ଶୋଭା ।
ଚମତ୍କାର କେଶ କିଶୋର ଆଭା ହେ । ୨ ।
ପିଣ୍ଡରେ ପ୍ରାଣ ତେସନେକ ଅସ୍ଥିର ।
ନଳିଣୀ ଦଳେ ଥାଏ୍ୟ ଯେସନେ ନୀର ହେ ।
ସୁସ୍ଥିର ପ୍ରାଏ୍ୟ ହୋଇଅଛୁ ତହିଂରେ ।
ଅଜର ପ୍ରାଏ୍ୟ ମଣୁଅଛୁ ଅନ୍ତରେ ହେ । ୩ ।
ଯହିଂରୁ ଅଙ୍ଗୁ ଗଲେ ମଡା କହିବେ ।
କାଷ୍ଠ ପଥର ପ୍ରାଏ୍ୟ କରି ତେଜିବେ ହେ ।
ତହିଂରେ ଏତେ ଅଭିମାନ କିପାଇଁ ।
ଏଥାରେ ସାର ଜ୍ଞାନ ସାର ନୁହଇ ହେ । ୪

ଧର୍ମ ଶାସ୍ତ୍ରରେ ଏ ଲେଖନ । ଏହ ବଷୟେ କହୁଁ ଶୁଣ ।
ଅଗ୍ଣୁଠୀ ଅଜର ଅକ୍ଷୟେ । ଅମର ପୁଣ ନତ୍ୟମୟେ ।
ନର୍ମଳ ସ୍ୱଭବେ ଅବର । ଅଗ୍ଣକୁ ସୃଜଲେ ଈଶ୍ୱର ।
ଜ୍ଞାନ ଗମ୍ୟରେ ଯାହା ହୋୟେ । ଅଗ୍ଣୁଠୀ ସର୍ବଦା ଅଜୟେ ।
ପ୍ରଥମେ ଶୁଦ୍ଧ ଅଗ୍ଣ ଗୁଣେ । ଥିଲେ ଆଦମ ନାମେ ଜଣେ ।
ଅଦ ପୁରୁଷ ମନୁଷ୍ୟର । ଈଶ୍ୱର ଭକ୍ତି ତା ଅପାର ।
ସର୍ବାନ୍ତଃକରଣରେ ଜ୍ଞାନେ । ଈଶ୍ୱରେ ପ୍ରେମ ପ୍ରତ ଦନେ ।
ପୁଣିହିଂ କେତେ କାଲ ଅନ୍ତେ । ଈଶ୍ୱର ଆଜ୍ଞା ନ ପାଲନ୍ତେ ।
ଅଦମ ତାହାର ସନ୍ତତ । ଘୋର ନରକେ ହେଲା ଗତ ।
ଈଶ୍ୱରେ ନର୍ଦୋଷ ନୁହନ୍ତ । ପାପର ଘଟଣାରେ ଥାନ୍ତ ।
ପଡ଼ୁଅଛନ୍ତ ତମ ଘୋରେ । ପାପ କୁମ୍ଭିର ଗ୍ରାସ କରେ ।
ଏହ ନମନ୍ତେ ନରଗଣେ । ମନ ବକାର ପାନ୍ତ ଏଣେ ।
ସର୍ବେ ପାଷାଣ୍ଡ ହୋଇଛନ୍ତ । କଛହିଂ ବୁଝି ନ ପାରନ୍ତ ।
ମାନବ ଜନ୍ମର ଏଫଳ । ଈଶ୍ୱରେ ଭଜନା ଅଟଲ ।
ସେ କଥା ଦୂରେ ତେଜ ପୁଣ । କେହ ନ କରନ୍ତ ସ୍ମରଣ ।
ପରକାଳର ଚେଷ୍ଟା ମାନ । କଛହିଂ ନ କରନ୍ତ ଜନ ।
ଦଣ୍ଡେହେଂ ମନେ କେ ନ ଭଲେ । କସ ଘଟିବ ପରକାଳେ ।
ନରକ ଘୋର ଭୟଙ୍କର । କାହାର ତାକୁ ନାହିଂ ଡର ।
ହାହା କ ହେଲା ଭବ ଦେଖ । ହେ ଭାଇ ହୋଇଲ ନରେଖ ।
କେବଣ ଠାବେ ଅଛୁ ଏବେ । ଆବର ଯିବ କେଉଁ ଠାବେ ।
ସେଠାରେ କେ ଅବା ରଖିବ । କା ସଙ୍ଗେ ଅଛୁ ସଖ୍ୟ ଭବ ।
ଘୋର ଯାତନା ପାପ ଭୋଗ । ନଶ୍ଚୟେ ତହିଂ ହେବ ଯୋଗ ।
ଭକ୍ତିମାର୍ଗରେ ଦୃଢ଼ ଚିତେ । ଈଶ୍ୱର ଆରାଧନା ଅର୍ଥେ ।
ଅଗ୍ଣ ଆବର ଦେହ ପାଁଇ । ତାଙ୍କ ଭଜନା କଲ ନାହିଁ ।
ମନରେ ଏହ ବବେଚନା । କର ସମସ୍ତେ ଏକ ମନା ।
ଶେଷର ଦବସେ ବଚାର । ଘଟିବ ସର୍ବ ଲୋକଙ୍କର ।

କାଯ୍ୟେ ମନରେ ବାକ୍ୟେ ଜୀବ । ଯେ କର୍ମ ଯେବା କରି ଥିବ ।
ସୂକ୍ଷ୍ମ ବର୍ଣ୍ଣି ଯେ ତାହାର । ଦେବ ଈଶ୍ୱରଙ୍କ ଛାମୁର ।
ସେ ସ୍ଥାନେ ଯାହାର କଲ୍ମଷ । ନିଶ୍ଚୟେ ହୋଇବ ପ୍ରକାଶ
ଶୟ୍ତାନ ନାମ ଯାହାର । ତାହାର ଯେଅବା କିଙ୍କର ।
ଅନନ୍ତ ନରକେ ସେମାନେ । ପଡିବେ ନିଶ୍ଚେ ଦୁଷ୍ଟଗଣେ ।
ଯେମନ୍ତ କର୍ମ ତଥା ଫଳ । ଭୁଞ୍ଜିବେ ଯାତନା ସକଳ ।
ଆବର ସୁକର୍ମି ଯେଜନ । ନିଶ୍ଚୟେ ଦେଇ ଥାନ୍ତି ମନ ।
ତାର ଅନନ୍ତ ସ୍ୱର୍ଗ ବାସ । ପ୍ରଭୁଙ୍କ କୃପାରେ ଅଶେଷ ।

---

## ଈଶ୍ୱରଙ୍କ ବିଷୟ ।

ଈଶ୍ୱରଙ୍କ ବିଷୟ ଶୁଣ ସୁଜନେ ।
ଏକାନ୍ତ ଚିତ୍ତ ହୋଇ ବିବେଚ ମନେ ହେ ।
ଶାସ୍ତ୍ରରେ ବିଖାଣନ୍ତି ଯାର ଚରିତ୍ର ।
ଅତି ନିର୍ମଳ ସେ ଅପୂର୍ବ ପବିତ୍ର ହେ । ୧ ।
ସ୍ଥାବର ଜଙ୍ଗମାଦି ଅନନ୍ତ ଜୀବ ।
ଇଚ୍ଛା ମାତ୍ରକେ ପ୍ରଭୁ ସୃଜିଲେ ସବୁ ହେ ।
ଯାହାର ଯେତେ ଶକ୍ତି ଦୃଷ୍ଟି ହେଉଛି ।
ତାହା ସଦୃଶ ଗୁଣ ତାଙ୍କରେ ଅଛି ହେ ୨ ।
ଅଖଣ୍ଡ ଜ୍ଞାନ ନିତ୍ୟାନନ୍ଦ ସ୍ୱରୂପୀ ।
ଅନାଦି ଅନନ୍ତ ସେ ସକଳ ବ୍ୟାପୀ ହେ ।
ମହା ବଳିଷ୍ଠ ପରାକ୍ରମ ଈଶ୍ୱର ।
ଶାସ୍ତ୍ରେ କହନ୍ତି ରୂପ ନାହିଁ ଯାହାର ହେ । ୩ ।
ବିଜ୍ଞାନେ ମହିମାରେ ପ୍ରତାପେ ପୂର୍ଣ୍ଣ ।
ଅବିରଚ୍ଛନ୍ନ ତହିଁ ସମସ୍ତ ଗୁଣ ହେ ।

ଏହା ଜାଣନ୍ତୁ ସ୍ୱର୍ଗଲୋକେ ତାଙ୍କର ।
ତେଜ ନୁହଇ ଦେଖ ଦୃଷ୍ଟି ଗୋଚର ହେ । ୪ ।

---

ଖଗୋଲ ଆଦି ଜାତ କେତେ । ଦୃଶ୍ୟ ଅଦୃଶ୍ୟ ବସ୍ତୁ ଯେତେ ।
ଈଶ୍ୱରଠାରୁ ଜାତ ସର୍ବ । ଏକଥା ନିଶ୍ଚୟେ ଜାଣିବ ।
ଊର୍ଦ୍ଧ୍ୱେ ଆକାଶ ସୃଷ୍ଟି କଲେ । ତହିଂରେ ସକଳ ରଖିଲେ ।
ସେ ପୁଣି ନିରାଧାରେ ଅଛି । ସମସ୍ତ ପୃଥ୍ୱୀକି ଘୋଟିଛି ।
ଏଥି ସକଳେ ବୁଝି ଦେଖ । ଈଶ୍ୱର କେମନ୍ତ ବିବେକ ।
କେମନ୍ତ ଈଶ୍ୱର ଭିଆଣ । ଆଶ୍ଚର୍ଯ୍ୟ ଶକ୍ତି ପୁଣି ଗୁଣ ।
ଦେଖ କେମନ୍ତ ଚମତ୍କାର । ଜଗତ ମଣ୍ଡଳ ବିସ୍ତାର ।
ତଥି ମଧ୍ୟରେ ରଖିଛନ୍ତି । ସୂର୍ଯ୍ୟ ପ୍ରକାଶେ ମହାଜ୍ୟୋତି ।
ରାତ୍ରି ନିମନ୍ତେ ନିଶାକର । ରଖିଲେ ନକ୍ଷତ୍ର ସଙ୍ଗର ।
ତହିଂରେ ହୋଇ ଜୋତ୍ସ୍ନା ଆଭା । ଦେଖ ପାଉଛ କେତେ ଶୋଭା ।
ଆବର ଦେଖ ଏହି ମତେ । ଈଶ୍ୱର ଦୟା ଗୁଣ କେତେ ।
ଯହିଂରେ ଯେ ତୋଷ ହୁଅନ୍ତି । ବିଷୟ ବୁଝି ତାକୁ ଦିଅନ୍ତି ।
ଉଚିତ ଯେ ସ୍ଥାନ ଯାହାର । ତାକୁ ତା ଦିଅନ୍ତି ଈଶ୍ୱର ।
ଗୃହ ପର୍ବତ ବୃକ୍ଷ ବନ । ଜଳ ଆକାଶ ଆଦି ସ୍ଥାନ ।
ତୃଣ ଶସ୍ୟାଦି ସାକ ଫଳ । ଆହାର ଅର୍ଥେ ଦିଅନ୍ତି ଫଳ ।
ମନୁଷ୍ୟ ଆଦି ଜନ୍ତୁ ଯେତେ । ଭୋଗ କରନ୍ତି ନାନାମତେ ।
ଦେବାକୁ ସର୍ବସ୍ଥାନେ ଜଳ । ସୃଜିଲେ ପ୍ରଭୁ ମେଘମାଳ ।
ସେ ପୁଣି ଯଥାକାଳେ ବୃଷ୍ଟି । କରି ରଖଇ ସର୍ବସୃଷ୍ଟି ।
ଏହେତୁ ନିତ ସ୍ତୁତି କର । ସେବା ଧନ୍ୟବାଦ ଆବର ।
ତାହାଙ୍କ ଆଜ୍ଞାର ପାଳଣ । କର ଆହ୍ଲାଦିତ ହୋଇଣ ।
ତାଙ୍କର ପ୍ରଶଂସା ଅପାର । ଜାଣ କର୍ତ୍ତବ୍ୟ ସମସ୍ତର ।
ତାହାଙ୍କ ଯେତେ ଦୟା ଗୁଣ । ଶୁଣ କହିବି ତା ପ୍ରମାଣ ।
ମାନବ ସବୁ ପାପେ ନଷ୍ଟ । ଅତ୍ୟନ୍ତ ପତିତ ପାପିଷ୍ଟ ।

ତେବେ ଦେବାକୁ ପରିତ୍ରାଣ । ଯେତେ ଅଛନ୍ତି ପାପି ଗଣ ।
ଏକରି ତାଙ୍କ ଅଙ୍ଗୀକାର । ତାହାଙ୍କୁ ସେଣିଲେ ଗୁରର ।
ସେ ପ୍ରଭୁ ଯୀଶୁ ତ୍ରାଣକାରୀ । ସଂସାରେ ଅଇଲେ ଉଦ୍ଧାର ।
ଯେମନ୍ତ ପ୍ରଭୁ ଦୟାଯୁକ୍ତ । ତେସନ ତାହାଙ୍କର ସୁତ ।
ଏମନ୍ତ ଆଶ୍ଚର୍ଯ୍ୟ ନୟନେ । ନ ଦେଖି ଶୁଣି ନାହୁଁ କର୍ଣେ ।
ଦୃଢ଼ ବିଶ୍ୱାସ ତାଙ୍କ ପ୍ରତ । ଏକାନ୍ତେ ଯେ ପ୍ରାଣି କରନ୍ତ ।
ସ୍ୱର୍ଗର ସୁଖ ସେହି ଜନ । ଭୁଞ୍ଜିବେ ଏହି ତାଙ୍କ ମନ ।
ଏକାନ୍ତେ ଭାବ ଦେଖ ଚିତ୍ତେ । ଏଥିରେ ଅନୁଗ୍ରହ କେତେ ।
ତାହାଙ୍କ ଉଚିତ ଯେ ସ୍ତବ । କରି ସମର୍ଥ କେବା ହେବ ।
ତଥାପି ସାଧ୍ୟ ଅନୁସାରେ । ଯାବନ୍ତ ପ୍ରାଣ ଏ ଶରୀରେ ।
କର ତାହାଙ୍କ ଆରାଧନ । ଅବର ଆଜ୍ଞାର ପାଳଣ ।
ଶୁଦ୍ଧ ଭକ୍ତିରେ ଧନ୍ୟବାଦେ । ସଦା ଚେଷ୍ଟିତ ଅପ୍ରମାଦେ ।
ଶୁଣ ଏ ହିତ ବାକ୍ୟ ସାର । ଭୋ ଭ୍ରାତ ସ୍ୱର୍ଗ ପଥ ଧର ।
କେବେ ହେଁ ତୁମ୍ଭେ ତାହାଙ୍କର । ଚିନ୍ତା ନ କଲ ଏକ ବାର ।
ତେବେ କାହିଁରେ ତ୍ରାଣ ହେବ । ଏ ବୃଥା ସଂସାର ଜାଣିବ ।
ଈଶ୍ୱରେ ତେଜ୍ୟା କଲେ ପୁଣ । ହୁଅଇ ତାଙ୍କ ଅପମାନ ।
ତହିଁରେ କେବେ ରକ୍ଷା ନୋହେ । ଏ କଥା ଜାଣିବ ନିଶ୍ଚୟେ ।
ତାହାଙ୍କୁ ଛାଡ଼ ତେବେ ଆର । କପାଁ ଦେବତା ପୂଜା କର ।
କେମନ୍ତେ ଲଜ୍ଜା କର୍ମମାନ । କରୁଛ ଦେବତା ଭଜନ ।
ଦେବତା ପୂଜିଲେ ଅଶେଷ । ନ ଜାଣ ଘଟଇ କଲ୍ମଷ ।
ହାହା କୁକର୍ମ ଏ ତୁମ୍ଭର । ନିଶ୍ଚୟେ ଛାଡ଼ିଲ ଈଶ୍ୱର ।
ଏତେକ ଭ୍ରାନ୍ତ ହେ ତୁମ୍ଭର । ହାହା କି ଦୁର୍ଦ୍ଦଶା ଏଘୋର ।
ପରଶ ମଣି ଥୋଇ ତଳେ । ସୀସା ଘେନିଲ ତା ବଦଳେ ।
ଆପଣା ଭଲ ଯେବେ ଲୋଡ଼ । ଏମନ୍ତ କର୍ମ ଶୀଘ୍ର ଛାଡ଼ ।
ଈଶ୍ୱରଙ୍କର କ୍ରୋଧ ଘୋର । ଜଳୁଛି ଅତି ଖର ତର ।
ତହିଂ ପଡ଼ିବେ ତେତେ ଲୋକ । ଯେତେକ ଦେବତା ପୂଜକ

ଏବେ ଉପାୟ ତାର ଶୁଣ । ସେ ସବ ତେଜ ଏହିକ୍ଷଣ ।
ସୁପ୍ରାମର୍ଶ ବାକ୍ୟ ଘେନ । କର ସତ୍ୟେଶ୍ୱର ଭଜନ ।
ତାଙ୍କର ଆରାଧନା କର । ଭୂତକୁ ନ ପୂଜ ଆବର ।
ତେବେ ହୋ ଦେଖ ଭଲ ଗତ । ହେବ ତୁମ୍ଭର ଶୀଘ୍ର ଅନ୍ତ ।

---

## ଈଶ୍ୱରଙ୍କ ବ୍ୟବସ୍ଥାର ବିଷୟ ।

ଈଶ୍ୱରଙ୍କ ବ୍ୟବସ୍ଥାର ଶୁଣ ହୋ ବିଷୟ ସାର
ମନୋଯୋଗ କରିସ ବିଶେଷ ।
ଛାଡ ସବ ଅଭିମାନ ଶୁଣିଲେ ଜନ୍ମିବ ଜ୍ଞାନ
ମନ୍ଦ ବୁଦ୍ଧି ହରିବ ଅଶେଷ ।

ଈଶ୍ୱର ଙ୍କ ମନୁଷ୍ୟକୁ ବିବେଚନା ଦେଇ ।
ନ ସୃଜିଲେ ବ୍ୟବସ୍ଥା କି ନ ଦେଲେ ବୁଝାଇ ।
ଯହିଂରେ ଭଜନ୍ତୁ ତାଙ୍କୁ କରି ସ୍ତୋତ୍ର ଆଦି ।
ଅବଶ୍ୟହି ଦେଲେ ସତ୍ୟ ଧର୍ମ ପୁସ୍ତକାଦି ।
ଯହିଂରେ ପାପିଙ୍କ ଅଛି ନାଶର କଥନ ।
ନାନା ଉପଦେଶ ଅଛି ଦେଖ ବିଦ୍ୟମାନ ।
ବିଧି ନିଷେଧର ଅଛି ତହିଁରେ ବିସ୍ତାର ।
କେବେହେଂ କି ବିବେଚନା ନ କଲ ତାହାର ।
ଈଶ୍ୱରଙ୍କ କିରୂପେ କର୍ତ୍ତବ୍ୟ ଆରାଧନ ।
କିରୂପେ କରି ହୁଅଇ ଧର୍ମ ଆଚରଣ ।
ଏନିମନ୍ତେ ଦଶ ଆଜ୍ଞା ସେହୁ ପ୍ରକାଶିଲେ ।
ଏକେ ଏକେ କହୁଁ ଯାହା ଈଶ୍ୱର ବୋଇଲେ ।
ମୋର ବିନୁ ନ ମାନିବ ଈଶ୍ୱର ବୋଲିଣ ।
ନ ପୂଜିବ ଦେବତାଙ୍କୁ ପ୍ରତିମା କରିଣ ।

ନିରର୍ଥକ ଈଶ୍ୱରର ନାମ ନ ଘେନିବ ।
ପୁଣ୍ୟ ଜ୍ଞାନେ ରବିବାରେ ଅବଶ୍ୟ ମାନିବ ।
ପିତୃର ମାତାଙ୍କୁ ସଦା କର ସମାଦର ।
ନର ପ୍ରାଣ ହିଂସା ଭାବେ ସଂହାର ନ କର ।

ନ କରିବ ପରଦାର ଚୋର ନ କରିବ ।
କାହାର ନିମନ୍ତେ ମିଥ୍ୟା ସାକ୍ଷ୍ୟହିଂ ନ ଦେବ ।
କାହାର ଦ୍ରବ୍ୟରେ କିଛି ଲୋଭହିଂ ନ କର ।
ଜାଣ ଏହି ଆଜ୍ଞା ଦଶ ସବୁ ଧର୍ମ ସାର ।

ବାହ୍ୟ ଦୋଷ ମାତ୍ର ଏଥି ନିଷେଧ ନୁହଇ ।
ପୁଣି ମନେ ଯେତେ ମନ୍ଦ ଭାବନା ଉଠଇ ।
ଧର୍ମି ଆଜ୍ଞା ପାଳି ଥିବ ମାନ୍ୟ ସଭିଙ୍କର ।
ତାହାକୁ ଲଙ୍ଘିଂଲେ ପାପ ହୁଅଇ ଅପାର ।

ଦୁଇ ଅତେ ତୀକ୍ଷ୍ଣ ଧାର ଖଣ୍ଡାର ସମାନ ।
ଈଶ୍ୱରଙ୍କ ବାକ୍ୟ ହୋଇ୍ୟ ଏଥି ନାହିଂ ଆନ ।
ଅଭିପ୍ରାୟ କୁଚେଷ୍ଟାଦି ମନ ଯେ ଯାହାର ।
ବୁଝିଣ ଯେ ସତ୍ୟ ବାକ୍ୟ କରନ୍ତି ବିଗ୍ଭର ।

କର୍ତ୍ତବ୍ୟ ଯେ କର୍ମ ହୋଇ୍ୟ ନିଷେଧ ଯେ ଅବା ।
କରନ୍ତି ଯେ କର୍ମ ତାଙ୍କ ବିପରୀତ ସେବା ।
ସେ ପାପୀ ଅବଶ୍ୟ ସତ୍ୟ ମାନିବାକୁ ହୋଇ୍ୟ ।
ରୋଗକୁ ଜାଣିଲେ କେବା ଔଷଧ ନ ନୀଇ୍ୟ ।

ପାପ ଜ୍ଞାନ ହେଲା ମାତ୍ରେ ଉପାୟ ତ୍ରାଣର ।
ଅବଶ୍ୟ କରିଲେ ପାପୁଁ ତେବେ ହୋଇ୍ୟ ପାର ।
ଯଦି ତୁମ୍ଭେ ଆପଣାର ମାନ ସେହି ପାପ ।
ତ୍ରାଣର ଉପାୟ ଚେଷ୍ଟା ନ ଥିବ ସନ୍ତାପ ।

### ଦୋଷାଦୋଷ ଜ୍ଞାନ ବିଷୟେ

ବିବେକ ନାମରେ ଜ୍ଞାନ ଅନ୍ତରେ ଯାହାର ସ୍ଥାନ
ଦୋଷାଦୋଷ ଯହିଁ ଜଣା ଯାଏ ।
ଅଛି ତାହା ସମସ୍ତର ବିବେଚନା କର ତାର
ସାର ଭାଗ ଯହିଁରେ ବୁଝାଏ ।
ଯାହାର ବିବେକ ନାହିଂ ପଶୁ ସମ ସେ ଅଟଇ
ଭଲ ମନ୍ଦ ବୁଝି ନ ପାରଇ ।
ସୁବିବେକ ହୋଏ ସୁଖୀ ଅବିବେକୀ ସଦା ଦୁଃଖୀ।
ପରଲୋକେ ଯନ୍ତ୍ରଣା ଘଟଇ ।

---

ସେହି ଜ୍ଞାନ ଯାହା ଯାହା ତୁମ୍ଭଙ୍କୁ ଜଣାଉଂ ।
ଶୁଣିଲେ ଜାଣିଲେ ଶୁଭ ପାଇବଟି ତଞ୍ଚୁଂ ।
ନ ଶୁଣି ନ ମାନିଲେ ଏମନ୍ତ ହେବ କାଲ ।
ଅବଶ୍ୟ ମାନବ ପଛେ ଘଟିବ ଜଞ୍ଜାଲ ।
ଧର୍ମାଧର୍ମ ଯେବେ ତୁମ୍ଭ ନାହି ବିବେଚନା ।
ତେବେ ସେ ତୁମ୍ଭର ଦୋଷ ବ୍ୟକ୍ତ କରେ ସିନା ।
ଯଦି କେହି ତୁମ୍ଭ ଦୋଷ ଜାଣି ନ ପାରୁଛି ।
ତୁମ୍ଭେ ଜାଣି ଲଜ୍ଜା ଭରେ ଡର କି ନୋହୁଛି ।
ସ୍ୱକର୍ମାଦି ଗୁଣ ଦୋଷ ଜାଣିଣ ମନରେ ।
ବିବେକ ଥାଅନ୍ତେ କମ୍ପାଁ ନ ଭଜ ଈଶ୍ୱରେ ।
ହାହା ଦେଖ ଦେଖି ତୁମ୍ଭ କେତେ ବଡ଼ମ୍ଭଣ ।
ଈଶ୍ୱର ବିଷୟେ କିଛି ନ କର ସ୍ମରଣ ।
ତାଙ୍କ ଅଜ୍ଞା ଲଙ୍ଘନରେ କେବେ ନାହିଁ ସୁଖ ।
କେବଳ ନରକେ ମୃତ୍ୟୁ ଅତି ଘୋର ଦୁଃଖ ।

ପରଦାର ମିଥ୍ୟା ଗଣ ବେଶ୍ୟାରେ ରମଣ ।
କ୍ରୋଧ ଚୈର ବଞ୍ଚନ ଠକାଇ ଦୁଷ୍ଟପଣ ।
ଇତ୍ୟାଦ ଦୁଷ୍କୃତ କର୍ମେ କେ ଭୟ ନ କରେ ।
ତୁମ୍ଭେ କ ମନକୁ ବାନ୍ଧିଅଛ ପାଷାଣରେ ।
ଦେଖ ସମସ୍ତଙ୍କ ଅଛୁ ଅପଣାକୁ ଦୟା ।
ତୁମ୍ଭର ନାହିଁ କପାଁଇ କ କଠିଣ ହୃୟା ।
ଅପଣାକୁ ବଞ୍ଚିଲ ହୋ ସ୍ୱର୍ଗ ବିଷୟରେ ।
ହାହା କ ହୋଇବ ଦଶା ମୃତ୍ୟୁ ସମୟରେ ।
ଜାଣି ନାହଂ କ ହୋ ପାପ ଦୋଷ ଦବ୍ୟ ଜ୍ଞାନେ ।
ତେମନ୍ତ କ ଜ୍ଞାନ ନାହଂ ତୁମ୍ଭ ମନେ ମନେ ।
ତାହା ହେଲେ ପଶୁଠାରୁ ତୁମ୍ଭେ ବୁଦ୍ଧିହୀନ ।
ପଶୁ ନିଜ ଭଲ ଲୋଡେ ତୁମ୍ଭେ ତା ନ ଘେନ ।
ସମସ୍ତଙ୍କ ଈଶ୍ୱର ଶାସନ କର୍ତ୍ତା ଛନ୍ତି ।
ପାପ କଲେ ତୁହି ସବୁ ପ୍ରତଫଳ ଦ୍ୟନ୍ତି ।
ବିରକ୍ତ ଭାବରେ ଘୃଣା ପାପକୁ ଯେ କରେ ।
ଅବଶ୍ୟ ଅଛଇ ଧର୍ମେ ମିଳଇ ଈଶ୍ୱରେ ।
ସେହି ଦବ୍ୟଜ୍ଞାନେ କପାଁ ନ ପାଅ ଚେତନ ।
ଦେହେ ଅତ୍ମା ଅଛୁ ପକ୍ଷୀ ପିଞ୍ଜରେ ଯେସନ ।
ସୁକର୍ମ କୁକର୍ମ ଫଳ ଘଟିବ ତହିଂରେ ।
କଲେ ଭୁଞ୍ଜିବାକୁ ହୋଏ ନୋହେ ଛାଡବାରେ ।
ଦେଖ ମୃତ୍ୟୁ ଅସୁ ଅଛୁ ନିକଟେ ଘନାଇ ।
କେ ଅମର ଅଛୁ ଜନ୍ମ ଘେନି ନ ମରଇ ।
ଇହକାଳେ କ କରିଲ କ ତୁମ୍ଭ ଉପାୟେ ।
ତୁମ୍ଭର ଯେ ପରକାଳେ ହୋଇବ ସହାୟେ ।

ପ୍ରତିକ୍ଷଣେ କାଲ ବହି ଗଲା ଦେଖ ଏବେ ।
ସାଧିବ ତ୍ରାଣ ଉପାୟ କାଲ ଗଲେ କେବେ ।
ଏବେ କହୁଁ ଶୁଣ କଥା କର ତ୍ରାଣୋପାୟେ ।
ନରକରେ ନିଜ ପାପ ଯେହ୍ନେ ନ ବୁଡାୟେ ।
ସୁବିବେକ ଏହି କଥା ବୁଝ ହୋ ସତ୍ୱର ।
ଛାଡଣ ଦୁଷ୍କର୍ମ ମାନ ଭଜ ହୋ ଈଶ୍ୱର ।
କାହା ଭରସାରେ ସ୍ଥିର ଅଛି ତୁମ୍ଭ ମନ ।
ଖେଦଯୁକ୍ତ ହୋଇ କର ଖ୍ରୀଷ୍ଟଙ୍କ ସ୍ମରଣ ।
ତାଙ୍କ ବିନୁ ଏସଂସାରେ ନାହିଂ ପରିତ୍ରାଣ ।
ଦେଖ ଆଉ କେହି ନାହିଂ ଦେବାକୁ ଶରଣ ।

---

## ଜଗତର ବିଷୟ ।

ଏହିତ ସଂସାର ଦେଖହୋ ଅପାର ମନରେ କରିଭାବନା ।
ଭଲ କି ସେ ମନ୍ଦ ଭାଗି ଏହି ଧନ ନୋହିଲେ ଘଟେ ଯନ୍ତ୍ରଣା ।

ଦେଖ ଈଶ୍ୱରଙ୍କ ଅଜ୍ଞା ଲଘିଂଲେ ସକଲେ ।
ଶାପେ ପୂର୍ଣ୍ଣ ହୋଇଲା ଜଗତ ସର୍ବକାଲେ ।
ପାପ କର୍ମ ଭଲ ପାନ୍ତି ପାପେ ସର୍ବେ ରତ ।
କରିଛନ୍ତି ପାପ ଦିବା ରାତ୍ରିରେ ଅଭୂତ ।
ଧର୍ମି ପ୍ରତି ନାହିଂ ମନ ନ ଡରେ ଈଶ୍ୱରେ ।
ସତ୍ୟ ଧର୍ମ ନ ଇଚ୍ଛଇ ମରନ୍ତି ପାପରେ ।
ଅଧର୍ମ ବିରାଜୁ ଅଛି ପାପିଙ୍କର ଚିତେ ।
ଯାତନା ମରଣ କ୍ଲେଶ ଭୁଞ୍ଜୁଛନ୍ତି ମର୍ତ୍ତ୍ୟେ ।
କେଅବା ଦରିଦ୍ର କେହୁ ପୀଡାରେ ବ୍ୟାକୁଳ ।
କେଅବା ଅନ୍ୟାୟେଗ୍ରସ୍ତ ଖେଦରେ ଆକୁଳ ।

ଦେଖ ପାନ୍ତ୍ର ଅପମାନ କେ ଭୟେ କମ୍ପିତ ।
ଏହଉପେ ବହୁ ଲୋକ ଅତ୍ୟନ୍ତ ଦୁଃଖିତ ।

ମରଣ ଅନଳ ଦହୁଅଛୁ ବଶେଷେଣ ।
ତୃଣକୁ ଦହଇ ଅଗ୍ନି ଯେହ୍ନେ ନିଃଶେଷେଣ ।

ଏହି ହେତୁ ବୁଝି ଭାଇ ଅନତ୍ୟ ସଂସାରେ ।
ପ୍ରେମ ନ ବଢାଅ ଆଉ ଅପାର ଦୁଃଖରେ ।

ଦେଖି ଶୁଣି କପାଁ ଏତେ ପାପ ପଥେ ଚଲ ।
ପାପ କର କେହୁ ସୁଖି କାହିଂ ଅଛୁ ବୋଲ ।

ଛାଡ ଛାଡ ଦୁଷ୍ଟ କର୍ମ ଧର ସତ୍ୟ ପଥ ।
ଈଶ୍ୱରେ ଭଜିଲେ ପୂର୍ଣ୍ଣ ହେବ ମନୋରଥ ।

ଅନନ୍ତ ପରମ ସୁଖ ସ୍ୱର୍ଗର କାରଣେ ।
ବଲମ୍ବ ନ କର ଚେଷ୍ଟା କର ଅନୁକ୍ଷଣେ ।

ଅମର ଆତ୍ମାକୁ ଅଳ୍ପ ଦନ ସୁଖ ପାଇଁ ।
ବକ୍ରୟ କରଛ ଶୟତାନ ହସ୍ତେ ନେଇ ।

ପାପିଙ୍କ ସଙ୍ଗତେ ସେ ଆତ୍ମାକୁ ଘେନ ଯିବ ।
ତୁମ୍ଭକୁ ବୁଡାଇ ପଛେ ଆପଣେ ବୁଡବ ।

ସୁଖ ଲେଶ ନାହିଂ ତହିଂ ଦୁଃଖର ସାଗର ।
ସେ ସକଳ ନାଶ ମୂଳ ଦୁରାତ୍ମା ପାମର ।

ଯେ ତାହା ମତେ ଚଳଇ ସେ ନରକେ ଯାୟେ ।
ନ ପାନ୍ତ୍ର କୌଣସି କାଳେ ନିସ୍ତାର ଉପାୟେ ।

ଏନିମନ୍ତେ ବୁଝାଇଣ ଆପଣା ମନକୁ ।
ଛଡାଅ କୁକ୍ଷିତ ପଥ ରଖ ଆପଣାକୁ ।

ସ୍ୱର୍ଗେ ନତ୍ୟ ସୁଖ ଭୋଗେ ରହିବା ନମନ୍ତେ ।
ଈଶ୍ୱରଙ୍କ ଅରାଧନା କର ହେ ଏକାନ୍ତେ ,

## ଧର୍ମପୁସ୍ତକ ବିଷୟ ।

ଏବେତ ସୁଧୀର ଧର୍ମପୁସ୍ତକର କର ବିଷୟ ବିଚାର ।
ଯହିଂରେ ଈଶ୍ୱର ଗୁଣ କ୍ରିୟା ଆର ତ୍ରାଣ ପ୍ରାପ୍ତି ଲେଖାସ୍ଥିର ।

---

ଧର୍ମାଧର୍ମ ଜାଣିବାକୁ ଦୟାଳୁ ଈଶ୍ୱର ।
ନରଠାରେ ଦେଲେ ଯେ ମଙ୍ଗଲ ସମାଚାର ।

ନୂଆ ମନ ପବିତ୍ର ଆଚାର ପାପକ୍ଷୟ ।
ତହିଂରେ ପ୍ରକାଶ ପରିତ୍ରାଣର ଉପାୟ ।

ଆହୁର ଯାଉଛୁ ଜଣା ଯେତେ ସାଧୁଗଣ ।
ଈଶ୍ୱରଙ୍କ ସଙ୍ଗେ ତହିଂ କରିଲେ ମିଳଣ ।

ସୃଷ୍ଟି ଭ୍ରଷ୍ଟ ଧର୍ମ ଖ୍ରୀଷ୍ଟ ପୂର୍ବ ବ୍ୟବହାର ।
ଇତ୍ୟାଦି ଲେଖା ଅଛୁ ଯେତେକ ଜ୍ଞାନସାର ।

ଭବିଷ୍ୟତ କାଲ କଥା ଯାହା ଅଛୁ ଲେଖା ।
ଅଦ୍ୟାବଧି ଫଳୁଅଛୁ ଯାଉ ଅଛୁ ଦେଖା ।

ସେହି ଲେଖା ଅନୁସାରେ ଖ୍ରୀଷ୍ଟ ଅବତାର ।
ମୃତ୍ୟୁ ହେଲା ବଲିରୂପେ ଦୁଃଖ ଭୋଗ ତାଁର ।

ଯିହୁଦୀ ଲୋକ ଭ୍ରମନ୍ତି ତେଣୁ ନାନା ଦେଶେ ।
ଭୁଞ୍ଜୁଛନ୍ତି ନାନା ଶାସ୍ତି ଅଶେଷ ବିଶେଷେ ।

ସେହିରୂପେ ହୋଇଲା ମଙ୍ଗଲ ସମାଚାର ।
ଲେଖା ଅନୁସାରେ ସବୁ ଦେଶରେ ପ୍ରଚାର ।

ଖ୍ରୀଷ୍ଟିୟାନ୍ ନ ଥିଲେ ପୂର୍ବେ ଏତେକ ଦେଶରେ ।
କ୍ରମଶେ ହୋଇଲା ବୃଦ୍ଧି ତାହାର ପ୍ରଚାରେ ।

ଏବେ ଅଛନ୍ତି ସେମାନେ ତିରିଶ କୋଟି ହୋଇ ।
ସର୍ବ ଦେଶେ ବ୍ୟାପିଛନ୍ତି କାହି ଛଡା ନାହିଁ ।

ଖ୍ରୀଷ୍ଟିୟାନଙ୍କର ପୁର୍ବପୁରୁଷ ଯେ ଥାନ୍ତେ ।
ପ୍ରତିମା କରଣ ସର୍ବେ ଦେବତା ପୂଜନ୍ତେ ।
ନାନା ମନ୍ଦ ବ୍ୟବହାର ମାନ କରୁ ଥିଲେ ।
ଶୁଣନ୍ତେ ଖ୍ରୀଷ୍ଟଙ୍କ ନାମ ସମସ୍ତ ତେଜିଲେ
ସେ ବିଷୟେ ଲେଖିଥିଲେ ଯେତେ ଦେଶେ ରାଜା ।
ଭଜିବେ ଯୀଶୁଖ୍ରୀଷ୍ଟଙ୍କୁ ଆଉ ଯେତେ ପ୍ରଜା ।
ଧର୍ମଶାସ୍ତ୍ରବକ୍ତା ଯେତେ ଭିନ୍ନ ଭିନ୍ନ ଦେଶେ ।
ନାନା ସ୍ଥାନେ ନାନା କାଳେ ଜନ୍ମିଲେ ବିଶେଷେ ।
ଛଉଶ ମନୁଷ୍ୟ ଥିଲେ ଧର୍ମ ପରାୟଣ ।
ଏକଇ ପ୍ରକାରେ ତାଙ୍କ ବାକ୍ୟର ମିଳଣ ।
ତ୍ରାଣର ଉପାୟ ପାପ ଦଣ୍ଡ ଆରାଧନା ।
ଆଜ୍ଞା ଉପଦେଶ ଭୁଲି ନ ଲେଖନ୍ତି ଭିନ୍ନ ।
ନ ସମ୍ଭବେ ଏହୁ ଗ୍ରନ୍ଥ ନର ରଚନାରେ ।
ଅବଶ୍ୟ ଥାଆନ୍ତା ଦୋଷ ମନ କଳ୍ପଣାରେ ।
ନିତାନ୍ତ ଈଶ୍ୱର ଏହା କରିଲେ ପ୍ରକାଶ ।
ନ ମାନିଲେ ତାଙ୍କ ବାକ୍ୟ ଘଟେ ସର୍ବ ନାଶ ।
ନରର ରଚନା ହେଲେ ନ ଫଳନ୍ତା କାଳେ ।
ଏନିମନ୍ତେ ସେ ପ୍ରମାଣ ବୁଝ ହେ ସକଳେ ।
ଆଉ ଧର୍ମଗ୍ରନ୍ଥେ ଲେଖା ଏକଇ ଈଶ୍ୱର ।
ଅତି ମନୋହର ନାନା ଗୁଣ ତାହାଙ୍କର ।
ଅନ୍ୟ ଶାସ୍ତ୍ରେ ନାନା ମନ୍ଦ ବିଷୟ କୀର୍ତ୍ତନ ।
ପ୍ରଭୁଙ୍କ ବିଷୟେ ଅଛି ବିରୁଦ୍ଧ ଲେଖନ ।
ଏହି ହେତୁ ସେହି ଶାସ୍ତ୍ର ମନୁଷ୍ୟ କଳ୍ପିତ ।
ନୁହଇ ଈଶ୍ୱର ଦତ୍ତ ଜାଣିବ ନିଶ୍ଚିତ ।

ଖ୍ରୀଷ୍ଟିୟାନଙ୍କର ଗ୍ରନ୍ଥ ଅଛି ସୁନିର୍ମଳ ।
ତହିଂ ତାଙ୍କ ପୁଣ୍ୟ ଗୁଣ ମାହାତ୍ମ୍ୟ କେବଳ ।

ସକଳ ଲେଖନ ଅଛି ଉପଯୁକ୍ତମତେ ।
ମନୁଷ୍ୟଙ୍କ ଜାଣିବାର ଅବଶ୍ୟକ ଯେତେ ।

ସକଳ ଲୋକଙ୍କ ପିତା ଈଶ୍ୱର ଅଟନ୍ତି ।
ସକଳ ଲୋକଙ୍କ ହିତେ ଏକ ଶାସ୍ତ୍ର ଦ୍ୟନ୍ତି ।

ଏହି ହେତୁ ସେହି ଶାସ୍ତ୍ର ସର୍ବଦା ବହିତ ।
ସର୍ବ ଲୋକଙ୍କ ପାଳଣ କରିବା ଉଚିତ ।

ଏହା ଯେବା ନ ମାନନ୍ତି କେବଳ ଭ୍ରାନ୍ତିରେ ।
ମଣିହରା ସର୍ପ ପ୍ରାୟେ ମରନ୍ତି ଶେଷରେ ।

ନାହିଂ ତାର ପରିତ୍ରାଣ ଆଉ ଅନ୍ୟଗତି ।
ଅନ୍ୟ ଶାସ୍ତ୍ରେ ଭ୍ରାନ୍ତ ହୋଇ ଭୁଞ୍ଜାଇ ଦୁର୍ଗତି ।

ଏହି ପରାମର୍ଶେ ଚଳ ନ କର ଲଙ୍ଘନ ।
ତ୍ରାଣୋପାୟେ ଚେଷ୍ଟା କର ଛାଡ଼ି ପାପ ମନ ।

ତାଙ୍କୁ ହେଳା କରି ତାଙ୍କ ବାକ୍ୟ ନ ମାନିଲ ।
ତେବେ ତାଙ୍କ ସହ୍ୟ ଦେଖ ଅଦ୍ୟାପି ବଞ୍ଚିଲ ।

ହରାଇଲେ ଜୀବାତ୍ମାକୁ ଆଉ ନ ପାଇବ ।
ଆତ୍ମା ପ୍ରତି ଦୟା କର ନୋହିଲେ ବୁଡ଼ିବ ।

କେ ଜାଣଇ ତାଙ୍କ କ୍ରୋଧ ଯଦି ଶୀଘ୍ର ହୋୟେ ।
ସର୍ବନାଶ ହେବ ବେଗେ କର ହେ ଉପାୟେ ।

ଧର୍ମ ଗ୍ରନ୍ଥ ଦେଖ ତାଙ୍କ ନିଜ ଉପଦେଶ ।
ଖ୍ରୀଷ୍ଟଙ୍କ ସେବକ ହୁଅ ତରିବ ଅବଶ୍ୟ ।

---

### ଯୀଶୁଖ୍ରୀଷ୍ଟଙ୍କର ବିଷୟ ।

ଛାଡ ଛାଡ ଦୁଷ୍ଟ ପଣ ବିବେଚି ମନେ ମନେଣ
ଶୁଣ ଯୀଶୁ ଖ୍ରୀଷ୍ଟଙ୍କ ବିଷୟ ।
ଯହିଁରେ କରିଣ ଭକ୍ତି ପାପିଗଣେ ପାନ୍ତି ମୁକ୍ତି
ଯାହାଙ୍କ କରୁଣା ଅତିଶୟ ।

ଜଗତକୁ ପ୍ରେମ କଲେ ଈଶ୍ୱର ଏମନ୍ତେ ।
ନିଜ ପୁତ୍ର ସମର୍ପିଲେ ଉଦ୍ଧାର ନିମନ୍ତେ ।

ପାପିଙ୍କର ପ୍ରତି ଏତେ ସ୍ନେହ ପ୍ରକାଶିଲେ ।
ତାଙ୍କୁ ବୋଦା ରୂପ କରି ଏଥିକି ପେଶିଲେ ।

ସେହି ଯୀଶୁ ଖ୍ରୀଷ୍ଟରେ ଯେ ବିଶ୍ୱାସ କରଇ ।
ଅନନ୍ତ ଜୀବନ ପାଏ ନଷ୍ଟ ନ ହୁଅଇ ।

ଦେଖ ତୁମ୍ଭେ ଅପରାଧୀ ବ୍ୟବସ୍ଥା ଲଙ୍ଘିଣ ।
ଏହା ତ ଜଣାଏ ତୁମ୍ଭ ଅନ୍ତରସ୍ଥ ଗୁଣ ।

ଯହୁଁ ଈଶ୍ୱରଙ୍କ ଆଜ୍ଞା ଆଦମ ଲଙ୍ଘିଲା ।
ତହୁଁ ଏ ସଂସାରେ ନାନା ପାପ ପ୍ରବେଶିଲା ।

ଦେହରେ ଆତ୍ମରେ ମୃତ୍ୟୁ ତହିଁର ପ୍ରକାଶେ ।
ବଳିଷ୍ଠ ହୋଇଣ ମୃତ୍ୟୁ ସମସ୍ତଙ୍କୁ ଗ୍ରାସେ ।

ତହୁଁ ଯୀଶୁ ଖ୍ରୀଷ୍ଟଙ୍କର ଆଜ୍ଞା ପାଳଣରେ ।
ବହୁତ ନିର୍ଦ୍ଦୋଷ ହେବ ବିଶ୍ୱାସ ଫଳରେ ।

ଆଦମଙ୍କ ଆଦି ପାପୁଁ ପାପୀ ସର୍ବ ନର ।
ଜନ୍ମୁଛନ୍ତି ମରୁଛନ୍ତି ନୁହନ୍ତି ଅମର ।

ଈଶ୍ୱରଙ୍କ ସୁତଙ୍କୁ ଯେମନ୍ତ ଭକ୍ତି କଲେ ।
ପାପୁ ମୁକ୍ତ ନିଶ୍ଚେ ହେବ ବିଶ୍ୱାସର ଫଳେ ।

ଆମ୍ଭମାନଙ୍କୁ ନିଷ୍ପାପୀ କରିବାର ପାଁଇ ।
ନିଷ୍ପାପ ଶରୀରେ ପ୍ରଭୁ ପାପ ନେଲେ ସେହି ।
ପାପିଙ୍କର ପାପ ସଜା ଆପେଁ କଲେ ଭୋଗ ।
ଏତେ ଦୟାଳୁ ଖ୍ରୀଷ୍ଟଙ୍କରେ କର ମନୋଯୋଗ ।

ତାହାଙ୍କ ଆଶ୍ରୟ ଧରି କରି ପାପେ ଘୃଣା ।
ତ୍ରାଣ ପାଇ ଶାନ୍ତ ହେବ ତୁଟିବ ଯନ୍ତ୍ରଣା ।

ଆହେ ଦେଖ ତାହାଙ୍କର କେତେ ଦୟା ପଣ ।
ପ୍ରସ୍ତୁତ ଅଛନ୍ତି ଉଦ୍ଧାରଣେ ପାପିଗଣ ।

ଦେଖ ଅଙ୍ଗୀକାର କରି କହିଲେ ଲୋକଙ୍କୁ ।
ଯେ ଆସିବ ମୋ ନିକଟେ ନ ତେଜିବା ତାକୁ ।

ଯିବାକୁ ତାଙ୍କ ନିକଟେ ନ କରିବ ଭୟେ ।
ତାଙ୍କ ଯହିଂ ପ୍ରେମ ତାର ସଦା ଶୁଭ ହୋୟେ ।

ଶୀଘ୍ର ତାଙ୍କୁ ଭକ୍ତି କର କେବେ ନ ପାଶୋରି ।
ସତ୍ୟ ଭକ୍ତି ପ୍ରିୟ ସେହୁ ପ୍ରଭୁ ବଂଶୀଧାରି ।

ଆହେ ଭାଇ ଶୁଣ ମଙ୍ଗଳ ବୃତ୍ତାନ୍ତ ଏଥ ।
ଖ୍ରୀଷ୍ଟଙ୍କ ସ୍ମରଣେ କର ପୂର୍ଣ୍ଣ ମନୋରଥ ।

ଅନନ୍ତ ଜୀବନ ତହୁଁ ତତ୍‌କ୍ଷଣେ ପାଇବ ।
ଆହା କରି ସୁଖାର୍ଣ୍ଣବେ ସୁଖରେ ଭାସିବ ।

ଦୁରନ୍ତ ପାପର ଜ୍ୱାଳା ଯିବ ଏକା ବେଳେ ।
ଯେହ୍ନେ ବିଷ ଉଡ଼ି ଯାୟେ ମହୌଷଧି ବେଳେ ।

ଅନୁଗ୍ରହ କରି ସେହୁ ଭକ୍ତେ ତ୍ରାଣ ଦିଅନ୍ତି ।
ହୋଇଲେ ଶରଣାଗତ କୋଳ କରି ନିଅନ୍ତି ।

ଆଉ କେଉଂ ପ୍ରାୟଶ୍ଚିତ୍ତେ ଅବା ଧନ ଦାନେ ।
ପରିତ୍ରାଣ ନ ପାଇବ ସୁକ୍ରିୟା ବିଧାନେ ।

ସେତ ଈଶ୍ୱରଙ୍କ ଦାନ କାହା ସାଧ୍ୟ ନାହିଁ ।
ଆପଣା ଗାରିମା କେବା କରି ପାରେ ତହିଁ ।

ଅନୁଗ୍ରହଠାରୁ ହୋଏ ବିଶ୍ୱାସରେ ମୁକ୍ତି ।
ଆମ୍ଭମାନଙ୍କର କିଛି ନାହିଂ ତହିଂ ଶକ୍ତି ।

କଳ୍ପିତ ଆଶ୍ରୟ ସବୁ ତେଜ ନେଇ ଦୂରେ ।
ଖ୍ରୀଷ୍ଟ ହସ୍ତେ ମୁକ୍ତି ନୟ ବିଶ୍ୱାସ ଅନ୍ତରେ ।

ସେହୁଠୀ ମନୁଷ୍ୟ ଭବେ ଈଶ୍ୱରାବତାର ।
ନ କରିବ ନରଙ୍କାନ ତେବେଠୀ ନିସ୍ତାର ।

ମନୁଷ୍ୟ କି ମନୁଷ୍ୟଙ୍କୁ ତରାଇ ପାରଇ ।
ପ୍ରସ୍ତରରେ ପ୍ରସ୍ତର କି ପାରି କରି ହୋଇ ।

ଆପେଁ ଯେ ପାପେ କାତର ନ ପାଏ ଭରସା ।
ସେ କି ପରେ ଦେଇ ପାରେ ପରିତ୍ରାଣ ଆଶା ।

ଦୁଷ୍ଟ ଦ୍ରବ୍ୟେ ଯାର ହୋଏ କ୍ଷଣେ କ୍ଷଣେ ଭ୍ରାନ୍ତ ।
ସେ ଅନ୍ଧ ଅନ୍ଧକୁ ପଥ ଦେଖାଏ କେମନ୍ତ ।

ସେହି ଯଦି ଈଶ୍ୱରଙ୍କ ପୁତ୍ର ନ ହୁଅନ୍ତେ ।
ପାପିଙ୍କର ତ୍ରାଣ ଅର୍ଥେ ପ୍ରାଣ କିପାଁ ଦିଅନ୍ତେ ।

ତେଣୁ ଈଶ୍ୱର ନିତାନ୍ତ ଜଣା ଯାଉ ଅଛି ।
କେ ପର ନିମନ୍ତେ ମରେ କାହିଁ ଶୁଣା ଅଛି ।

ଲୋକ ବ୍ୟବହାରେ ଧର୍ମ ଶାସ୍ତ୍ରେ ଦେଖ ଆଉ ।
ତ୍ରାଣ କର୍ତ୍ତା ନାମ ତାଙ୍କୁ ନ ଦିଅନ୍ତେ କେହୁ ।

ଧର୍ମ ଶାସ୍ତ୍ରେ ଯାହା ଲେଖାଅଛି ତାହା ଶୁଣ ।
ଏକେ ଏକେ କହୁଅଛି ସେ ସବୁ ପ୍ରମାଣ ।

ଈଶ୍ୱରଙ୍କ ତୁଲ୍ୟ ଲେଖେ ଗୁଣ କ୍ରିୟା ଜ୍ଞାନ ।
ସର୍ବବ୍ୟାପୀ ସର୍ବ ଜ୍ଞାମୀ ସର୍ବ ଶକ୍ତିମାନ ।

ଅନାଦି ଅନନ୍ତ ପ୍ରଭୁ ନିତ୍ୟ ପ୍ରେମ ମୟ ।
ଇତ୍ୟାଦି ଶାସ୍ତ୍ର ଲେଖଇ ତାଙ୍କର ବିଷୟ ।
ଆଉ ତାଙ୍କୁ ଶକ୍ତିବନ୍ତ ଈଶ୍ୱର ବୋଲଣ ।
ତେଜସ୍ୱୀ ଈଶ୍ୱର ଲେଖେ ଈଶ୍ୱର ଜାଣିଣ ।
ରାଜାଙ୍କର ରାଜା ଲେଖେ ସତ୍ୟେଶ୍ୱର ବିଭୁ ।
ତ୍ରାଣ କର୍ତ୍ତା ବୋଲି ଲେଖେ ପ୍ରଭୁଙ୍କର ପ୍ରଭୁ ।
ଈଶ୍ୱର କହିଲେ ପୂର୍ବେ ଆକାଶ ବାଣିରେ ।
ଯୀଶୁ ପ୍ରିୟ ପୁତ୍ର ଅମ୍ଭ ସନ୍ତୋଷ ତହିଁରେ ।
ଆପଣା କଥାରେ ଖ୍ରୀଷ୍ଟ ଆଉ ପ୍ରକାଶିଲେ ।
ଆପେ ସେହି ଆପଣାକୁ ଈଶ୍ୱର ବୋଇଲେ ।
ଅମ୍ଭେ ତୁମ୍ଭକୁ କହୁଛୁଁ ଇତ୍ୟାଦି ଆଦେଶ ।
ପ୍ରଭୁ କଲେ ନିଜ ନାମେ ଦିବ୍ୟ ଉପଦେଶ ।
ତାଙ୍କ ଶ୍ରୀମୁଖର ଶିକ୍ଷା ଏସନ ନିର୍ମଳ ।
ଉତ୍ତମ ଜ୍ଞାନେ ପୂର୍ଣ୍ଣ ହୋଇଛି କର୍ଣ୍ଣ ଶୀତଳ ।
ଶତ୍ରୁ ଲୋକେ ଉପଦେଶ ଶୁଣିଣ ବୋଇଲେ ।
କେବେ ନର ଏହା ସମ ଶିକ୍ଷା ନାହିଂ ଦେଲେ ।
ତାଙ୍କର ଆଶ୍ଚର୍ଯ୍ୟ କ୍ରିୟା ଅତି ବିଚକ୍ଷଣ ।
ତେବେ ମନୁଷ୍ୟଙ୍କ ହିତ ହେଲା ଯହିଁରେଣ ।
ପାଦେ ଚଳି ଗଲେ ପ୍ରଭୁ ସମୁଦ୍ର ଜଳରେ ।
ଝଞ୍ଜାବାତ ସ୍ଥିର ହେଲା ତାହାଙ୍କ ଆଜ୍ଞାରେ ।
ପଞ୍ଚ ରୁଟି ନେଇ ସେହୁ ଖାଇବାକୁ ଦେଲେ ।
ପଞ୍ଚ ସହସ୍ର ମନୁଷ୍ୟ ତୃପ୍ତ ତହିଁ ହେଲେ ।
ନାନା ରୋଗୀ ସୁସ୍ଥ ହେଲେ ତାଙ୍କ କଥା ଶୁଣି ।
ଜନ୍ମାନ୍ଧ ପାଇଲା ନେତ୍ର ପଙ୍ଗୁ ପାଦ ପୁଣି ।

ଘୋଡ଼ାଘରେ କହିଲେ କଥା ବଶ୍ୱର ଶୁଣିଲେ ।
ଶ୍ୱର ଦବସର ମତା ବଞ୍ଚିଣ ଉଠିଲେ ।

ପୂର୍ବାପରେ କେହୁ କର ନାହିଂ ଏତେ କର୍ମ ।
କେ ପାପ ଖଣ୍ଡି ପାରଇ ଦେଇ ନଛ ନାମ ।

ଖ୍ରୀଷ୍ଟଙ୍କର ଉପାଖ୍ୟାନ ଶୁଣ ବନ୍ଧୁଗଣ ।
ଏସବୁ କ୍ରିୟାରେ ନଜେ ଦେଲେ ସେ ପ୍ରମାଣ ।

ପେଶିଲେ ଆମ୍ଭକୁ ଆମ୍ଭ ପିତା ଭଗବାନ ।
ମୋରକୃତ କ୍ରିୟା ସବୁ ଆମ୍ଭରେ ପ୍ରମାଣ ।

ସେତାଙ୍କ ବଷୟେ ଗ୍ରନ୍ଥ ଯେତେ ଲେଖା ଥିଲା ।
ସେ ସବୁ ପ୍ରତ୍ୟକ୍ଷରୂପେ ଯୀଶୁରେ ଫଳିଲା ।

ତାଙ୍କ ଜନ୍ମବାର କୁଳ ଜନନୀ ଜନକ ।
ଶିକ୍ଷା କ୍ରିୟା ଦୁଃଖ ଭୋଗ କୃଶରେ ନଧାନ ।

ପୁଣି ତାଙ୍କ ଉଠିବାରେ ଯେତେ ଲେଖା ଥିଲା ।
ସେ ସବୁ ବଷୟ ତହିଁ ସମ୍ପୂର୍ଣ୍ଣ ଘଟିଲା ।

ମଙ୍ଗଳ ସମ୍ବାଦେ ତାହା ଅନୁରୂପେ ଲେଖେ ।
ଏନମନ୍ତେ ପୂର୍ବେ ଖ୍ରୀଷ୍ଟ କହିଲେ ପ୍ରତ୍ୟକ୍ଷ ।

ଧର୍ମ ଗ୍ରନ୍ଥ ଅଲୋଚନେ କର ସୁବଗ୍ଭର ।
ପ୍ରମାଣ ଦେଉଛି ସେତ ବଷୟେ ଆମ୍ଭର ।

ପୂର୍ବେ କହିଛନ୍ତି ଯୀଶୁ ଯେ ଭବିଷ୍ୟ ବାଣୀ ।
ସେ ସବୁ ଘଟିଲା ଶୁଣ ପୂବର କାହାଣୀ ।

ସର୍ବ ଜଗତ୍ର ମଙ୍ଗଳ ସମାଗ୍ଭର କଥା ।
ପ୍ରକାଶ ହୋଇଣ ଏହା ଜାଣିବ ସର୍ବଥା ।

ବଗ୍ଭର ଦନର କଥା ବସ୍ତାର କହିଲେ ।
ଜଗତର ଅନ୍ତ କଥା ପ୍ରଭୁ ପ୍ରଗ୍ଭରିଲେ ।

ସ୍ୱର୍ଗ ନରକର କଥା କହଲେ ବସ୍ତାର ।
ହେଉ ଅଛୁ କେଉ କେଉଂ ବଷୟ ତାହାର ।
ସକଲ ଅବଶ୍ୟ ପୂର୍ଣ୍ଣ ହୋଇବ ତାହାର ।
ଏଥିରେ କହଲେ ପ୍ରଭୁ କରଣ ବସ୍ତର ।
ତୁମ୍ଭମାନଙ୍କୁ କହୁଛୁଁ ଏସକଲ କଥା ।
ଘଟିଲେ ଜାଣିବ ସତ୍ୟ ମୁହିଁ ତ୍ରାଣ ଦାତା ।
ଆଉ ଦେଖ ତାଙ୍କ ପ୍ରେମ ଦୟା ଧର୍ମୀଙ୍କରେ ।
ଅବଶ୍ୟ ପ୍ରମାଣ ହୋଯେ ଈଶ୍ୱରବତାରେ ।
ଅପେ ସେ ଅମ୍ଭମାନଙ୍କ ହୋଇ ପ୍ରତନଧି ।
ପାଳିଲେ ଦୟା କରଣ ଈଶ୍ୱରଙ୍କ ବଧି ।
ଦେଲା ନଜ ଉପଦେଶ ପ୍ରମାଣ ତହିଁଂକୁ ।
ଶିଷ୍ୟଙ୍କୁ ଦୃଷ୍ଟାନ୍ତ ହେଲା ଧର୍ମାଚରବାକୁ ।
ଶାସ୍ତ୍ରେ ଲେଖେ ଈଶ୍ୱରଙ୍କ ସ୍ୱଭାବ ତାଙ୍କର ।
ଦେଖ ସେହୁ ନ କରଲେ ହିଂସାଦ୍ କାହାର ।
ବହୁ ତହିଂ ଗାଳି ଖାଇ ଗାଳିହିଂ ନ ଦେଲେ ।
ଶତ୍ରୁର ନମନ୍ତେ କ୍ଷମା ପ୍ରାର୍ଥନାହିଂ କଲେ ।
ଦୋଷିଙ୍କର ଉପକାର କଲେ ବଶେଷରେ ।
ତାରବାକୁ ପାପିଙ୍କି ପ୍ରାଣ ଦେଲେ ଶେଷରେ ।
ପ୍ରକାଶି କହଲେ ସର୍ବେ ତାଙ୍କ ଶତ୍ରୁଗଣ ।
ଯୀଶୁ ଈଶ୍ୱରଙ୍କ ପୁତ୍ର ଅବଶ୍ୟ ପ୍ରମାଣ ।
ଏହ ହେତୁ ବୁଝ ତୁମ୍ଭେ ଏସର୍ବ ବଚନ ।
ନରକ ତାରଣ ଅର୍ଥେ ଅଇଲେ ଆପଣ ।
ସେହ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଆଉ କେ ନୁହନ୍ତ ।
ସକଲ ଲୋକଙ୍କ ତ୍ରାତା ତାହାଙ୍କୁ କହନ୍ତ ।

## ମନଫେରାଇବାର ବିଷୟ ।

ଯେମନ୍ତ ଫେରଇ ଚିତ୍ତ କହୁଁ ଶୁଣ ତାର ତତ୍ତ୍ୱ ।
ସୂକ୍ଷ୍ମ ବିବେଚନା କର ତାର ।
ତହୁଁ ହେବ ପୁନର୍ଜ୍ଜନ୍ମ ଆଉ ହେବ ସତ୍ତ୍ୱ ଗୁଣ
ନିଶ୍ଚେ ହେବ ଧର୍ମେ ଅଧିକାର ।

---

ଶୁଣି ଅଛ ଶବ୍ଦ ମାତ୍ର ଏହି ଦୁହିଙ୍କର ।
ଅର୍ଥ କହୁଁ ଶୁଣ ଆଗେ ମନ ଫେରିବାର ।

ଜାଣିଣ ଆପଣା ପାପ ମନ ସନ୍ତାପରେ ।
ବିମୁଖ ହୋଇଣ ମନ ବଚନ ଅଙ୍ଗରେ ।

ଈଶ୍ୱର ଭଜନରେ ପ୍ରବର୍ତ୍ତ ହୋଇବାର ।
ମନ ଫେରାଇବାର ଏ ନରକ ଖଣ୍ଡଣର ।

ଆଉ ଧର୍ମାତ୍ମଙ୍କ ଦେଇ ମନୁଷ୍ୟର ମନ ।
ଈଶ୍ୱରଙ୍କଠାରୁ ହେଲା ନିର୍ମଳ ତତ୍କ୍ଷଣ ।

ସତ୍ୟ ଧର୍ମ ଗ୍ରହଣରେ ଛାଡ଼ ପାପ ଯୁହାଁ ।
ହୋଏ ଉତ୍ତମ ସ୍ୱଭାବ ପୁନର୍ଜ୍ଜନ୍ମ ଏହା ।

ଜନ୍ମହୁଂ ପାପିଷ୍ଠ ଭାବେ ନରେଛନ୍ତି ରହି ।
ତାହା ଗଲେ ସତ୍ୟ ଧର୍ମ ଭାବ ତାର ହୋଇ ।

ଏହି ହେତୁ ଅହେ ଭାଇ ପଚାରୁଁ ତୁମ୍ଭକୁ ।
ଏବେହେଁ ତୁମ୍ଭର ମନ ଅଛି ସଂସାରକୁ ।

ତାହାର ବଦଳେ ମନ ନୋହିଲେ ନୂତନ ।
ନ ପାରିବ ନେଇ କେବେ ଯୀଶୁଙ୍କ ଶରଣ ।

ଈଶ୍ୱରଙ୍କ ଆରାଧନା ନ ପାରିବ କରି ।
ଏମନ୍ତ କି ତୁମ୍ଭ ବୋଧ ନୋହେ ଚିନ୍ତା କରି ।

ଏଥିପାଇ ବୁଝି ଦେଖ କୁଅଭିଳାଷେଣ ।
ଦୁଷ୍ଟ କର୍ମେ ମତ୍ତ ସର୍ବେ କାହୁଁ ହେବ ତ୍ରାଣ ।

ଉତ୍ତମ ମନୁଷ୍ୟ ହୋଇବାକୁ ଯେବେ ମନେ ।
ଖ୍ରୀଷ୍ଟରେ ବିଶ୍ୱାସ ତେବେ କର ଦୃଢ ଜ୍ଞାନେ ।

ଧର୍ମାତ୍ମ ତୁମ୍ଭ ମନକୁ କଲେ ପରିଷ୍କାର ।
ତେବେତ ଚଳି ପାରିବ ଆଜ୍ଞାରେ ତାଙ୍କର ।

ଈଶ୍ୱର କହିଲେ ପୂର୍ବେ ମୁହିଁ ପୁଣ୍ୟ ମୟ ।
ଏହି ହେତୁ ପୁଣ୍ୟ ହେଉ ତୁମ୍ଭର ନିଶ୍ଚୟ ।

ଅତି ପୁଣ୍ୟ ସ୍ୱର୍ଗପୁର ଈଶ୍ୱରଙ୍କ ସ୍ଥାନ ।
ତହିଁ ବସତି କରନ୍ତି ଯେତେ ପୁଣ୍ୟବାନ ।

ପୁଣ୍ୟାତ୍ମ ନୋହିବ ଯେବେ ତେବେତ ସ୍ୱର୍ଗକୁ ।
ନ ପାରିବ କେବେ ତୁମ୍ଭେ ପ୍ରବେଶ ହେବାକୁ ।

ନରକର ମଧ୍ୟେ ତୁମ୍ଭ ହୋଇବ ବସତି ।
ଧର୍ମ ଗ୍ରନ୍ଥେ ଏହା ଲେଖୁଅଛି ସତ୍ୟ ଖ୍ୟାତି ।

କୁକୁର ବଞ୍ଚକ ଆଉ ବିଗ୍ରହପୂଜକ ।
ମିଥ୍ୟା ପ୍ରିୟ ବେଶ୍ୟାଗାମୀ ମାୟାବି ଘାତକ ।

ଏମାନେ ସକଳେ ଥାନ୍ତି ସ୍ୱର୍ଗର ବାହାର ।
ଏନିମନ୍ତେ ଅହେ ଭାଇ କର ପୁଣ୍ୟାଚାର ।

ଉତ୍ତମ ସ୍ୱଭାବ କର ଗୁଣ ବୁଦ୍ଧି ଦୟା ।
ଶୀଘ୍ର ଛାଡ ପ୍ରବଞ୍ଚନା ଚୌର୍ଯ୍ୟାଦି କୁକ୍ରିୟା ।

ମିଥ୍ୟା କଥା ଛାଡ ଆଉ ପରସ୍ତ୍ରୀ ହରଣ ।
ଆଉ ମିଥ୍ୟାଶ୍ରୟ ଛାଡ ଦେବତା ପୂଜନ ।

ଜପ ଯଜ୍ଞ ତୀର୍ଥ ଯାତ୍ରା ତପ ବଳିଦାନ ।
ସହମରଣାଦି କର୍ମ ଶ୍ରାଦ୍ଧ ଗଙ୍ଗା ସ୍ନାନ ।

କରିବାକୁ ଯୋହ୍ନ ଏହା ଜାଣିବ ଅନ୍ତରେ ।
ଛାଡ ହିଂସା ରାଗ ଲୋଭ ଦ୍ୱେଷ ଈର୍ଷାପରେ ।

ଗର୍ବ ଅହଙ୍କାର ଛାଡ ସର୍ବଠାରେ ପ୍ରୀତ ।
କର ସର୍ବ କର୍ମେ ଧୈର୍ଯ୍ୟ ସୁଶୀଲ ସୁମତ ।

ଦୟା ଶାନ୍ତ ସତ୍ୟତାରେ ସନ୍ତୁଷ୍ଟ ହୋଇଣ ।
ସତ୍ୟ ଧର୍ମ ପଥ ଧର ମନ ଫେରାଇଣ ।

ଆଉ ଦେଖ ତୁମ୍ଭେ ଅବା ଅନ୍ୟ କେହି ହୋଏ ।
କୁପଥ ଛାଡିଣ ଯେବେ ସୁପଥରେ ଯାଏ ।

ପାପେ ମନସ୍ତାପ କରି ଏକାନ୍ତ ମନରେ ।
ଖ୍ରୀଷ୍ଟ ନିକଟେ ଆସଇ ଶରଣ ନେବାରେ ।

ମନ ଫେରାଇବ ସେହୁ ପୁନର୍ଜନ୍ମ ଦେବେ ।
ଜାଣିବ ସେ ସିଦ୍ଧ ହୋଇ ସ୍ୱର୍ଗଟି ପାଇବେ ।

ଖ୍ରୀଷ୍ଟିୟାନ ଧର୍ମ ବିଷୟ ।

ଏବେ ଶୁଣ ସାର ମର୍ମ ଖ୍ରୀଷ୍ଟିୟାନଙ୍କର ଧର୍ମ
ଯାହା ଅର୍ପେ ସ୍ଥାପିଲେ ଈଶ୍ୱର ।
ସତ୍ୟ ଧର୍ମରେ ସନ୍ତୁଷ୍ଟ ମିଥ୍ୟା ଧର୍ମ ସଦା ରୁଷ୍ଟ
ଜାଣ ଏହି ଅଟଳ ବିଚାର ।

ଖ୍ରୀଷ୍ଟିୟାନଙ୍କର ଧର୍ମ ଅତ୍ୟନ୍ତ ନିର୍ମଳ ।
ଇହକାଳେ ହେବ ଭାଇ ଅପାର ମଙ୍ଗଳ ।

ମୃତ୍ୟୁକାଳେ ତରିବାରେ ଭରସା ରହିବ ।
ପରଲୋକେ ପରିତ୍ରାଣ ନିଶ୍ଚୟ ହୋଇବ ।

ଏ ଧର୍ମ ଆଚରିବାକୁ ସୁଗମ ସାଧନ ।
ଧନ ବ୍ୟୟେ ଉପବାସେ ନାହିଂ ପ୍ରୟୋଜନ ।
ଲୌକିକ କ୍ରିୟାରେ ନାହିଁ ଈଶ୍ୱରଙ୍କ ତୋଷ ।
ମନୁଷ୍ୟ କଳ୍ପିତ ଏଣୁ ଯେହୁଁ ବହୁ ଦୋଷ ।
ଖ୍ରୀଷ୍ଟିୟାନ ଧର୍ମ ଏହି ଶୁଣ ଦେଇ ମନ ।
ଈଶ୍ୱରଙ୍କଠାରେ କରେ ଚିତ୍ତ ସମର୍ପଣ ।
ଦୁଷ୍କର୍ମ ତେଜିଲେ ଦେଖ ପୁଣ୍ୟ ହୋୟେ ବୃଦ୍ଧି ।
ଏ ସବୁ ବିଷୟ ଧର୍ମ ଗ୍ରନ୍ଥରେ ପ୍ରସିଦ୍ଧି ।
ଖ୍ରୀଷ୍ଟ ଭକ୍ତ ହେବେ ଯେ ସେମାନେ ଲୋଭ ଦ୍ୱେଷ ।
କାମ କ୍ରୋଧ ହିଂସା ଆଦି ତେଜିବେ ବିଶେଷ ।
ଏମନ୍ତ ନୋହିଲେ କେବେ ଖ୍ରୀଷ୍ଟିୟାନ ନୋହେ ।
ଚଳିଲେ ଖ୍ରୀଷ୍ଟଙ୍କ ପଥେ ଖ୍ରୀଷ୍ଟିୟାନ କହେ ।
ଆପଣା ପାପ ଦେଖିଲେ ଯେବେ କେହି ଜନ ।
ସେହି ସବୁ ପାପୁଁ ମନ ଫେରାୟେ ବହନ ।
ଆଉ ଖ୍ରୀଷ୍ଟଙ୍କ ଆଶ୍ରୟେ କରଇ ବିଶ୍ୱାସ ।
ମାତ୍ର ତାଙ୍କ ପ୍ରେମ ନାମେ ରଖଇ ଅଭ୍ୟାସ ।
ତେବେ ପିତାପୁତ୍ର ଆଉ ଧର୍ମାତ୍ମଙ୍କ ନାମେ ।
ଡୁବିତ ହୁଅଇ ଯେହ୍ନେ ଖ୍ରୀଷ୍ଟର ନିୟମେ ।
ତହୁଁ ଧର୍ମ ମଣ୍ଡଳିରେ ହେବ ସମ୍ପ୍ରଦାୟୀ ।
ମରଣ ପର୍ଯ୍ୟନ୍ତେ ହୋୟେ ଧର୍ମ ଅନୁଷ୍ଠାୟୀ ।
ମାସେ ମାସେ ସବୁ ଭାଇ ଭଉଣୀ ମିଳଣେ ।
ପ୍ରଭୁଙ୍କ ଭୋଜନ କରେ ଅତି ପ୍ରେମି ମନେ ।
ନିତନିତ ଜ୍ଞାନେ ପ୍ରେମେ ପୁଣ୍ୟରେ ବଢ଼ଇ ।
ଯଥାସାଧ୍ୟ ପ୍ରଭୁଙ୍କ ମହିମା ଯେ ଲୋଡଇ ।

ବାଳକ ହୋଇଲେ ସେହୁ ପାଠଶାଳେ ଯାଯ଼େ ।
ସୁଶାସ୍ତ୍ର ପଢଣ ସତ୍ୟ ଜ୍ଞାଣ ପଥ ପାଯ଼େ ।
ଜୀବିକା ନିମନ୍ତେ ଚେଷ୍ଟା ଛଦନ କରନ୍ତି ।
ରବିବାରେ ଗୃହ କର୍ମେ ଉଦାସୀ ହୁଅନ୍ତି ।
ମଣ୍ଡଳୀରେ ଈଶ୍ୱରଙ୍କ ସ୍ତବର ଗାଯ଼ନ ।
କରି ପ୍ରାର୍ଥନା କରନ୍ତି ସତ୍ୟ ଧର୍ମ ଜ୍ଞାନ ।
ଧର୍ମ ଜ୍ଞାନ ଶୁଣଇ ଆଦର କାର୍ଯ୍ୟ ନାହିଂ ।
ତାଙ୍କର ବିବାହ ବାର୍ତ୍ତା ଶୁଣ ଅହେ ଭାଇ ।
ତାଙ୍କ ବିବାହରେ ନାହିଂ କନ୍ୟା ବିକା କିଣା ।
ନ ବୁଲନ୍ତି ବାଟେ୨ ନ ବାଜେ ବାଜଣା ।
ପ୍ରେମ ଭରେ କନ୍ୟା ସଙ୍ଗେ ଧର୍ମ ନିଯ଼ମରେ ।
ବିବାହ କରନ୍ତି ଧର୍ମ ଶିକ୍ଷକ ଠାବରେ ।
ଈଶ୍ୱରଙ୍କ ଆଶୀର୍ବାଦ ପ୍ରାର୍ଥନା ହୋଇଲେ ।
ବିବାହ ସଂପୂର୍ଣ୍ଣ ହୋଯ଼େ ଜାଣିବ ସକଳେ ।
ଏହିରୂପେ ଖ୍ରୀଷ୍ଟିଯ଼ାନଙ୍କର ବ୍ୟବସାରେ ।
ଏକାଳ କାଟନ୍ତି ଶାସ୍ତ୍ରାଳାପ ଶିଷ୍ଟାଗ୍ରେରେ ।
ନ ଯାନ୍ତି କେବଣ ତୀର୍ଥେ ସେହୁ ମୃତ୍ୟୁ କାଳେ ।
ଖ୍ରୀଷ୍ଟଙ୍କ ଭରସା ରଖେ ବିଶ୍ୱାସର ବଳେ ।
ଷ୍ଟଭବ ସକଳ ବୋଲି ମନେ ନାହିଂ ଭଯ଼ ।
ଅନନ୍ତ ଜୀବନାଶଯ଼େ ଆହ୍ଲାଦ ହୃଦଯ଼ ।
ଆଉ ତାହାଙ୍କର ଦେହ ପୋଡା ନାହିଂ ଯାଯ଼େ ।
କବରରେ ଥାନ୍ତି ପୁଣ ଉଠିବା ଆଶଯ଼େ ।
ମଲେ ତାଙ୍କ ନାହିଂ ଶ୍ରାଦ୍ଧ କୁଟୁମ୍ବାର୍ଥେ ବ୍ୟଯ଼େ ।
ମଲା ଲୋକ ହେତୁ କ୍ରିଯ଼ା ଉପକାର ନୋହେ ।

ପାପୁଁ ମୁକ୍ତି ଯେବେ ହୋ ମିଳନ୍ତା ଧନ ଦେଲେ ।
ତେବେ ମୃତ୍ୟୁ କାଳେ ମୁକ୍ତି କିଣନ୍ତେ ସକଳେ ।

ଆପଣାକୁ ନ ବଞ୍ଚିଣ ନମ୍ର ଚିତ୍ତ ଧର ।
ଈଶ୍ୱରେ ପ୍ରାର୍ଥନା କର ତାଙ୍କୁ ଅନ୍ୱେଷ କର ।

ତେବେ ଧର୍ମୀଗୁ ହୋଇବ ସୁଶିକ୍ଷା ପାଇବ ।
ଧନା ମନୋଭ୍ରାନ୍ତ ଦୁଃଖ ଶୀଘ୍ର ଦୂରେ ଯିବ ।

ଖ୍ରୀଷ୍ଟିୟାନ ହେଲେ ଜାତ ଯିବ ନ ବୋଲିବ ।
ଜାତ ସେତ କଥାମାଏ ପରମାର୍ଥ ଭିବ ।

ତୁମ୍ଭମାନଙ୍କର ଜାତ ନ ଅଛୁ ବିଶେଷେ ।
ପୃଥିବୀରେ ଦୁଇ ଜାତ ଅଛୁ ସର୍ବଦେଶେ ।

ଈଶ୍ୱରଙ୍କ ଜାତ ଯେହୁ ତାଙ୍କ ପକ୍ଷେ ରହେ ।
ଶୟତାନ ପକ୍ଷ ଜାତ ତାର ଜାତ ହୋଏ ।

ଖ୍ରୀଷ୍ଟାଶ୍ରିତ ସତ୍ୟଭକ୍ତ ଈଶ୍ୱରଙ୍କ ଜାତ ।
ତାହାଙ୍କ ରକ୍ଷକ ଯୀଶୁ ତ୍ରାଣ ଦାତା ଗତ ।

ଦୁରାଚାର ପାପୀ ଶୟତାନକୁ ଭଜନ୍ତି ।
ତାଙ୍କ ଜାତ ତାର ସଙ୍ଗେ ନରକରେ ଥାନ୍ତି ।

ଦୁରନ୍ତ ନରକ ଭୁଞ୍ଜେ ନାହି ଯହିଁ ତ୍ରାଣ ।
ଅନନ୍ତ ନରକାନଳେ କେତେ ଅପମାନ ।

ଈଶ୍ୱରଙ୍କ ଜାତ ହେଲେ ହୋଏ ସ୍ୱର୍ଗୀଗଣ ।
ଅତ୍ୟନ୍ତ ଶୋଭିତ ହୋଏ ପାଏ ପରିତ୍ରାଣ ।

ଏବେହେଁ ସମୟ ଅଛୁ ଆସ ଶୀଘ୍ର କର ।
ନିଜାତ୍ମକୁ ଦୟାକର ନ କର ଚାତୁର ।

ଇହ କାଳେ ନ ଭଜିଲ ଖ୍ରୀଷ୍ଟଙ୍କ ଚରଣ ।
ଘଟାଇଲ ନିଜାତ୍ମର ନରକେ ମରଣ ।

## ମୃତ୍ୟୁର ବିଷୟ ।

ଜନ୍ମିଲେ ମରଣ ହୋଏ ମୃତ୍ୟୁ ପଛେ ପଛେ ଥାଏ
ନୋହେ ଚିରଜୀବୀ କେହି ନର ।
ସମାନ ସକଳମଧ୍ୟେ ସମୟ ବିଶେଷେ ହୋଏ
ଏବେ ଚିନ୍ତ ଉପାୟ ତାହାର ।

---

ଶରୀରରୁ ଆତ୍ମା ଯେବେ ବିଚ୍ଛେଦ ହୁଅନ୍ତି ।
ସକଳ ପଣ୍ଡିତେ ତାକୁ ମରଣ କହନ୍ତି ।

କାଲ ଯାଉ ଅଛି ମୃତ୍ୟୁ ଆସୁଛି ଧନାଇଂ ।
ବୁଝି ଦେଖ ଏହି ଦେହ ଯିବ ମାଟି ହୋଇ ।

ପଚେ ଅବା ଭସ୍ମ ହୋଏ ଅବା କୃମି ହୋଏ ।
ଏମନ୍ତ ଦୁର୍ଦ୍ଦଶା ଦେହ କେବେହେଁ ନିତ୍ୟ ନୋହେ ।

କାଷ୍ଠ ତୁଲ୍ୟ ଅସ୍ଥି ନାଡ ଦଉଡ ବନ୍ଧନ ।
ମାଟି ତୁଲ୍ୟ ମାଂସ ତହିଂ ଚର୍ମ୍ମର ଲେପନ ।

ନବଦ୍ୱାର ବସା ଘର ଜୀବର ଆଶ୍ରୟେ ।
ପଞ୍ଚରେ ନିର୍ମ୍ମିତ ଶେଷେ ପଞ୍ଚେ ମିଶି ଯାଏ ।

ଥାଉ ଦେଖ ଶରୀରରେ ନ ଅଛି ଚେତନ ।
ଆତ୍ମାରେ ଜୀବିତ ପ୍ରାୟେ କରୁଛି ଶ୍ରବଣ ।

ଦେହ ରଥ ଆତ୍ମା ରଥୀ ତାଇଚ୍ଛା ସାରଥୀ ।
ଚଳାଇଲେ ଚଳେ ବୋଲେ ସ୍ୱଇଚ୍ଛରେ ଗତି ।

ସୁଖ ଦୁଃଖ ଦୁଇଚକ୍ର ଫେରେ ନିରନ୍ତର ।
ଚିନ୍ତା ଘୋଡା ଆଶା କୋଡା ନ ଅଛି ନିସ୍ତାର ।

କୁମାର ଯୌବନ ବୃଦ୍ଧ ତିନ ରଙ୍ଗ ତହିଁ ।
କାଲବଶେ ଏକଗଲେ ଅରେକ ଆସଇ ।

ଦେହ ଜୀର୍ଣ ଶୀର୍ଣ ହେଲେ ନାନା ରୋଗ ହୋଏ ।
ପୂର୍ବେ ନ ଜାଣଇ କାହିଁ କାହା ମୃତ୍ୟୁ ହୋଏ ।
ଏମନ୍ତ ଦେହକୁ କେଭେଁ ନ କର ଗୌରବ ।
ଏଥୁଁ ଆଗୁ ଗଲେ ନାହିଁ କେହି ପଗ୍ଭରବ ।
ସୁକର୍ମ କୁକର୍ମ ଦୁଇ ପାରେ କଢ଼ବାକୁ ।
ଯହିଁ ଚିର ତାହା କର ବୁଝାଅ ମନକୁ ।
ପରଲୋକେ ଚିରକାଲ ଅଳ୍ପ ଇହଲୋକେ ।
ରହେ ମଲେ ସ୍ୱର୍ଗ ଯାଏ କଅବା ନରକେ ।
ଅତ୍ୟଳ୍ପ କାଳ ନିମନ୍ତେ ଅଛି ଭ୍ରାନ୍ତ ନର ।
ଏଥି କପାଁ ଅଳ୍ପ ସୁଖ ଅର୍ଥେ ପାପ କର ।
ହସ୍ତଉଚ୍ଚ ତହିଁରେ ଅନନ୍ତ ସ୍ୱର୍ଗ ସୁଖ ।
ପଚ୍ଛେ ହାହା କରି ଥିବ ନଷ୍ଟେ ତୁମ୍ଭେ ମୂର୍ଖ ।
ମଲେ କି ଦଶା ହୋଇବ ନ ଭାଲ ମନରେ ।
କାହିଁ ଯିବ କି ଖାଇବା କେ ରଖେ ସେଠାରେ ।
ଧର୍ମାଧର୍ମ ଫଲଟି ଭୁଞ୍ଜାଇବେ ଈଶ୍ୱର ।
ଜାଣି ଶୁଣି ତାଙ୍କ ଆଜ୍ଞା ମନେ ନାହିଁ ଧର ।
ଶୁଣ ଭାଇ ହିତ କହି ପାପେ କର ଭୟ ।
ସବୁ ଭ୍ରାନ୍ତ ଛାଡ଼ି କର ସତ୍ୟ ଧର୍ମାଶ୍ରୟ ।
ପାପରୋଗେ ପଥ୍ୟ ହେଲେ ଜୀବନ ପାଇବ ।
ନୋହିଲେ ମରିବ ପାପେ କେ ରକ୍ଷା କରିବ ।
ପଥ ହୁଡ଼ି ଅନ୍ଧ ଯେହ୍ନେ ଖାଲରେ ପଡ଼ଇ ।
ଜ୍ଞାନ ହରା ଭ୍ରାନ୍ତ ହେଲେ ନରକେ ବୁଡ଼ଇ ।
ଉଠିବା ନିମନ୍ତେ ସିଡ଼ୀ କି ଅଛି ଦଉଡ଼ି ।
ନରପାଏ ଥାନ୍ତୁ ପାପ ଯାତନାରେ ପଡ଼ି ।

ଇହକାଳେ ପ୍ରଭୁ ଠାରୁ ଜୀବନ ପାଇଲ ।
ସତ୍ୟ କର୍ମ ସାଧନାର୍ଥେ ତାହା ନ ସାଧିଲ ।

ନାଗର ରସିକପଣ ଭ୍ରାନ୍ତଙ୍କର ତୁଣ୍ଡେ ।
ଘଟିଲେ ମରଣ ଆଉ ନ ରହଇ ଦଣ୍ଡେ ।

ସୌନ୍ଦର୍ଯ୍ୟ ମର୍ଯ୍ୟାଦା ବଳ ଐଶ୍ୱର୍ଯ୍ୟ ମତ୍ତତା ।
କାହିଂରହେ ଲମ୍ପଟତା ଆଉ ଚତୁରତା ।

ସେ ସବୁ ଦୁଷ୍କର୍ମ ତାଙ୍କୁ ନରକେ ପକାଏ ।
ଦେଖ ଧନ ଦ୍ରବ୍ୟ କାହା ସଙ୍ଗତେ ନ ଯାଏ ।

ଆସିବା ବେଳେ ଉଲଗ୍ନ ଯିବାରେ ଉଲଙ୍ଗ ।
ଆସିବା ଯିବାରେ କେହି ନ ହୁଅନ୍ତି ସଙ୍ଗ ।

ଅନ୍ୟଙ୍କ କହିବା ଦେଖ ଦେହ ଆପଣାର ।
କେଉଂଠାବେ ଛାଡ଼ି ଯାଏ ନକରେ ବିଚାର ।

ଏଥିରେ ପଥ ହରାଇ ଭ୍ରାନ୍ତ କେବେ ନୁହ ।
ପାପ ଛାଡ଼ି ତାଙ୍କୁ ଭଜ ଧର୍ମ ସଙ୍ଗ ନୟ ।

ମୃତ୍ୟୁ କାଳେ ଚିନ୍ତା ହେବ ବଞ୍ଚିଲେ ଏ ଥର ।
ପାପ ନ କରିବା ଆଉ ଭଜିବା ଈଶ୍ୱର ।

ଏଜୀବନା ବୃଥା ହେବ ନୋହିବ ସମୟ ।
ଏକାଳ ବୃଥା ଯାଉଛୁ ବୁଝିହେ ନିଶ୍ଚୟ ।

ବନ୍ଧ୍ୟା ବୃକ୍ଷ କାଟି ଯେହ୍ନେ ଅଗ୍ନିରେ ପୋଡାଏ ।
ଧର୍ମ ନ କରିଲେ ତେହ୍ନେ ନରକେ ବୁଡାଏ ।

କେମନ୍ତ କଠୋର କ୍ଲେଶ ଯାତନା ସେ କାଳେ ।
ତୁମ୍ଭର ହୋଇବ ମନେ ବୁଝ ଏତେ ବେଳେ ।

ସେ କାଳେ ଉପାୟ ଆଉ କିଛି ନ ପାଇବ ।
ଛାଡ଼ି ପାପ ମନ ନିତ୍ୟ ସୁଖରେ ରହିବ ।

## ବିଚାର ଦିନର ବିଷୟ ।

ଜଗତର ଅନ୍ତେ ବିଚାର ନିମନ୍ତେ ହେବ ଦେଖ ଏକ ଦିନ ।
ଧର୍ମାଧର୍ମ ଫଳ ଫଳିବ ସକଳ ଯୀଶୁଖ୍ରୀଷ୍ଟଙ୍କ ଅଧୀନ ।

---

ତୁମ୍ଭେ କି ନ ଜାଣ ଭାଇ ବିଚାର ଦିନରେ ।
ଯିବାକୁ ହେବ ସବୁଙ୍କି ବିଚାର ସ୍ଥାନରେ ।

କି ଧନୀ କି ଧନ ହୀନ ଆଉ ଯେବା ହୋଏ ।
ସବୁଙ୍କ ବିଚାର ହେବ ଏଡ଼ିବାକୁ ନୋହେ ।

ବିଶ୍ୱାସେ ପାଇବେ ସ୍ୱର୍ଗ ଯେତ୍କ ଭକ୍ତ ଜନ ।
ପାପି ମାନଙ୍କର ହେବ ନରକେ ଗମନ ।

ପାପିଙ୍କର ସେହି ଦିନ ଭୟଙ୍କର ଯେତେ ।
ଅପାର ଆନନ୍ଦ ହେବ ଭକ୍ତଙ୍କର ତେତେ ।

ଏଠାରେ ଯେ ଉପହାସ୍ୟ ଯୀଶୁଙ୍କୁ କରନ୍ତି ।
ତାଙ୍କୁ ତୁଚ୍ଛ କରି ତାଙ୍କ ଆଜ୍ଞା ନ ମାନନ୍ତି ।

ମେଘର ଉପରେ ଏକା ତାଙ୍କୁ ପରାକ୍ରମେ ।
ଯେତେ ବେଳେ ଆସୁଥିବେ ଦେଖିବେ ଗଗଣେ ।

ତେତେବେଳେ କେତେ ଭୟ ସେହୁ ମନେ ପାନ୍ତି ।
ବିଚାରେ ମରିବା ଆଜ୍ଞା ନିଶ୍ଚୟ ବୁଝନ୍ତି ।

ସେତ ବିଚାରର କର୍ତ୍ତା କର୍ମୋଚିତ ଫଳ ।
ସବୁଙ୍କି ଦେବେ ନ୍ୟାୟରେ ହୋଇଣ ପ୍ରବଳ ।

ନ ଅଛି ଉପାୟ ତାଙ୍କ ହସ୍ତଂ ଏଡ଼ିବାରେ ।
ସବୁଙ୍କି ଯିବାକୁ ହେବ ତାହାଙ୍କ ସଭାରେ ।

ତେବେ ତାଙ୍କ ଦୂତଗଣେ ତୂରୀ ବଜାଇଲେ ।
କବରେ ପଡ଼ିତେ ଅବା ଜୀଉଂ ଜଳେ ସ୍ଥଳେ ।

ଯେଉଁଠାରେ ଯାହାର ଯେତେ ମୃତ୍ୟୁ ଦେହ ଥିବ ।
ସେହି ଦେହ ଧରି ସେହି ମନୁଷ୍ୟ ଉଠିବ ।

ସେହିକ୍ଷଣି ପ୍ରବେଶିବେ ପ୍ରଭୁଙ୍କ ସଭାରେ ।
ପାପୀ ଅବା ପୁଣ୍ୟବନ୍ତ ଯେ ଅଛି ଯେଉଁଠାରେ ।

ତୁମ୍ଭଙ୍କୁ ପଚାରୁଅଛି ତୁମ୍ଭେ ତାଙ୍କ ପାଖେ ।
ଛିଡା ହେବ ସଭା ମଧ୍ୟେ କି ଭରସା ରଖେ ।

କି ଉତ୍ତର ଦେବ ତୁମ୍ଭେ କି ଗତି ପାଇବ ।
କି ଆଶାରେ ସ୍ଥିର ଅଛ କଉପେ ତରିବ ।

ଗୁପ୍ତରେ ଅବା ପ୍ରକାଶେ ଯେ କର୍ମ କରିବ ।
ଧର୍ମ ବା ଅଧର୍ମ ଲେଖା ଦେବାକୁ ହୋଇବ ।

ଦୋଷାଦୋଷ ବ୍ୟକ୍ତ ହେବ ବିଚାରେ ତତକ୍ଷଣେ ।
ତାର ପ୍ରତିଫଳ ଭୋଗ ହେବ ସର୍ବକ୍ଷଣେ ।

ଏବେ ହେଂ ବୁଝିଣ ଚଳ ଛାଡ ମନ୍ଦ ଆଶା ।
ଖ୍ରୀଷ୍ଟଙ୍କ ନିକଟେ କର ତ୍ରାଣର ଭରସା ।

ତାଙ୍କ ଆଜ୍ଞା ମାନ୍ୟ କର କରିଣ ବିଶ୍ୱାସ ।
ଶାସ୍ତି ଲଜ୍ଜା ନ ପାଇବ ନ ରହିବ ତ୍ରାସ ।

---

## ନରକର ବିଷୟ ।

ପାପରେ ନରକେ ଯାଇ ଅନନ୍ତ ଯାତନା ପାଇ
ସେ ଦୁଃଖରେ ମରେ ସର୍ବକାଳ ।
ତହିଂରୁ ନିସ୍ତାର ନାହିଂ ବିବେଚନା କର ତହିଂ
ପାପ କର୍ମ ନରକର ମୂଳ ।

କରୁଅଛ ଏବେ ପାପ ପଛେ ହେବ ମନସ୍ତାପ
ବୁଝି ନାହିଂ ଯାତନା ଘଟିବ ।

କୁକର୍ମର ତହିଁ ମନ   ନ ଫେରାଏ ଯେବା ଜନ
ଈଶ୍ୱରଙ୍କ କୋପେ ସେ ପଡ଼ିବ ।

ନ ମାନଇ ଉପରୋଧ   ପ୍ରଚଣ୍ଡ ତାହାଙ୍କ କ୍ରୋଧ
ନରକ ଯାତନା ଘଟେ ଯହିଂ ।
ନରକ ଯାତନା ସ୍ଥାନ   ବହୁ ଯହିଂ ଅପମାନ
ଘୋର ଅନ୍ଧକାର ଅଛି ତହିଂ ।

ବୁଝ ତୁମ୍ଭେ ମନେ ମନେ   ତେମନ୍ତ ଦାରୁଣ ସ୍ଥାନେ
ସେ ଯାତନା କେମନ୍ତେ ଭୁଞ୍ଜିବ ।
ତୀକ୍ଷ୍ଣ ମୁଖ କୃମିଗଣ   କାମୁଡ଼ିବେ ଅନୁକ୍ଷଣ
ଦୁଃଖ ଧୂମ ସର୍ବଦା ଉଠିବ ।

ପ୍ରଚଣ୍ଡ ଜ୍ୱଳନ୍ତାନଳ   ତହିଂ ଗନ୍ଧକ ପ୍ରବଳ
ନ ନିଭଇ ନ ହୁଅଇ କ୍ଷୀଣ ।
କ୍ରନ୍ଦନ କଲ୍ଲୋଳ ଯହିଁ   ଦନ୍ତ କିଡ଼ ମିଡ଼ ତହିଁ
ଆହା ମର କି ଦାରୁଣ ସ୍ଥାନ ।

ବାରେକ ପଡ଼ିଲେ ଅର   ନ ବିଶ୍ରାମ ନ ନିସ୍ତାର
ନ ଆଶ୍ୱାସ ନ ବନ୍ଧୁ ତହିଂରେ ।
ନ ଅଛି ଭୋଜନ ପାନ   ନ ମର୍ଯ୍ୟାଦା ଅବା ଦାନ
କେବଳ ଯାତନା ଭୋଗ କରେ ।

ଏଥି କରେ ମହା ପାପ   ଘଟେ ଈଶ୍ୱରଙ୍କ ଶାପ
ତହିଂ ହୋଏ ନରକ ଯନ୍ତ୍ରଣା ।
ଯଥା କର୍ମ ତଥା ଫଳ   ଦୁରନ୍ତ ଜ୍ୱଳନ୍ତାନଳ
ସଦା ଦହେ ନ କରଇ ଘୃଣା ।

ମାୟାବୀ କଦର୍ଯ୍ୟାଚାରୀ   ଅବିଶ୍ୱାସୀ ମିଥ୍ୟାଚାରୀ
ପାରଦାରିକ ଦେବଦୂଷକ ।

ଏମାନେ ପାପର ଦଣ୍ଡେ ଜ୍ୱଳନ୍ତ ନରକ କୁଣ୍ଡେ
ପଡବେ ଅବର ଯେ ଘାତକ ।

ଯେବେ ତୁମ୍ଭେ ପାପୀ ହେବ ସେହି ନରକକୁ ଯିବ
ମନେ ମନେ ଦେଖ ହେ ବୁଝିଣ ।
ଏବେ ହେଁ ଅଛୁ ସମୟ ଯୀଶୁଙ୍କୁ କର ଆଶ୍ରୟ
ପାପ କର୍ମ ଦୁଷ୍କୃତ୍ୟ ଛାଡଣ ।

ମୋର ଉପଦେଶ ଧର ଯୀଶୁ ସାକ୍ଷାତ ଈଶ୍ୱର
ତହିଁରେ ନ ହୁଅ ଅବିଶ୍ୱାସୀ ।
ଯହିଁ ନାହିଁ କିଛି ଦୁଃଖ କେବଳ ଅନନ୍ତ ସୁଖ
ଈଶ୍ୱରଙ୍କ ହେବ ସହବାସୀ ।

---

## ସ୍ୱର୍ଗର ବିଷୟ ।

ସ୍ୱର୍ଗର ବିଧାନ ଶୁଣ ଅବଧାନ ସୁଚିତ୍ତେ ବିବେଚ ତହିଁ ।
ସର୍ବସ୍ଥାନ ପୁଣ୍ୟ ଯେ ପାନ୍ତି ସେ ଧନ୍ୟ ସ୍ୱର୍ଗିଗଣ ଥାନ୍ତି ଯହିଁ ।

ସ୍ୱର୍ଗ ଅଟଇ ତେଜୋମୟ ସୁପବିତ୍ର ସ୍ଥାନ ।
ଈଶ୍ୱରଙ୍କ ପୁତ୍ର ପ୍ରାୟେ ଭୁଞ୍ଜେ ପୁଣ୍ୟଜନ ।
କେବଳ ସୁଖର ଭୋଗ ସଦା ସେହିଠାରେ ।
ଦୁଃଖ ଲେଶ ନାହିଁ ବାଞ୍ଛା ଫଳଭୋଗ କରେ ।
ବାଦ ବିସମ୍ବାଦ ଯେତେ ଶୋକ ପୀଡା ପାପ ।
କଦାଚିତ ନାହିଁ ତହିଁ କିଛି ଦୁଃଖ ତାପ ।
ଅମଙ୍ଗଳ କିଛି ନାହିଁ ମଙ୍ଗଳର ଘର ।
ସେଠାବର ରାଜା ସଦା ସର୍ବଦା ଈଶ୍ୱର ।
ଧାର୍ମିକେ ତାହାଙ୍କ ପ୍ରଜା ଅହ୍ଲାଦ ମନେଣ ।
କରନ୍ତି ସବଙ୍କ ହିତ ଚେଷ୍ଟା ଦୂତଗଣ ।

ସ୍ୱର୍ଗ ପ୍ରବେଶର ନାମ ହେଲା ପରିତ୍ରାଣ ।
ଯୀଶୁଖ୍ରୀଷ୍ଟ ଦ୍ୱାର ପଶେ ପୁଣ୍ୟବନ୍ତଗଣ ।
କହୁଁ ପ୍ରିୟ ଭାଇମାନେ ତୁମ୍ଭଙ୍କୁ ଉଚିତ ।
ଏଥିରେ ବୁଝିଣ ଦେଖ ଯେ କର୍ମ ବହୁତ ।

ଖ୍ରୀଷ୍ଟଙ୍କ ଶରଣ ନିଅ ତେବେ ସ୍ୱର୍ଗେ ଯିବ ।
ନୋହିଲେ ଜ୍ୱଳନ୍ତାନଳେ ନରକେ ପଡ଼ିବ ।

ସେହିତ ସ୍ୱର୍ଗର ଦ୍ୱାର ଦ୍ୱାର ତାର ସେହି ।
କହିଁ କାଠି ତାଙ୍କ ହସ୍ତେ ପଥ ଆଉ ନାହିଁ ।

ତାଙ୍କ ଭକ୍ତଗଣ ପାଁଇ ଫିଟିଅଛି ଦ୍ୱାର ।
ତାଙ୍କ ଅଜ୍ଞା ବଶେ ଚଳ ତେବେ ହେବ ପାର ।

ତାଙ୍କ ଆରାଧନା କର କର ଧନ୍ୟବାଦ ।
ଧର୍ମ ପଥେ ସଦା ରହ ପୂରିବ ହେ ସାଦ ।

ତାହାଙ୍କ ବଳିରେ ତେବେ ଉଦ୍ଧାର ହୋଇବ ।
ପରମେଶ୍ୱରଙ୍କ ପାଖେ ବସତି ପାଇବ ।

ପରମ ଅହ୍ଲାଦେ ତହିଁ ଯୀଶୁଙ୍କ ସଙ୍ଗତେ ।
ରହିବ ସ୍ୱର୍ଗରେ ମଧ୍ୟେ ମନର ଉତ୍ସବେ ।

ଆଉ ତୁମ୍ଭେ ତାଙ୍କ ପାଖେ ଭିକ୍ଷା ମାଗ ଏହୁ ।
ଖ୍ରୀଷ୍ଟଙ୍କ ଗୌରବ ଗୁଣ ଯେହ୍ନେ ସଦା ଗାଉଁ ।

ଅନ୍ତକାଳେ ସେ ତୁମ୍ଭଙ୍କୁ ଯେହ୍ନେ କୋଳେ ନିଅନ୍ତି ।
ତୁମ୍ଭ ଶିରେ ଗୌରବେ ରାଜ ମୁକୁଟ ଦିଅନ୍ତି ।

ଧର୍ମ ଶାସ୍ତ୍ର ଅନୁସାରେ ଏହି ଉପଦେଶ ।
ଦେଲୁଁ ଏହା ବୁଝିଲେ ହୋ ଫଳିବ ବିଶେଷ ।

କହିଲୁଁ ଏତେକ ଚିନ୍ତା କର ତୁମ୍ଭ ହିତ ।
ଭାବି ବୁଝିଲେ ତୁମ୍ଭର ହେବ ମନୋନୀତ ।

ସବୁରି କରିବ ହିତ ଧର୍ମ ଶାସ୍ତ୍ରେ କହେ ।
ଲୋକଙ୍କ କରିଲେ ହିତ ଆପଣାର ହୋଏ ।
ସେ ହିତ ହୋ ଆପଣାର ଜାଣିବ ନିଶ୍ଚୟ ।
କେବେ ନ ପାସୋରି ଭଇ ଏ ଗାଣର ବିଷୟ ।
ଶୁଣନ୍ତି ଅନେକ ଲୋକେ ଧର୍ମ ଉପଦେଶ ।
କେହୁ ଧନ୍ୟ ବୁଝି ଗ୍ରାହ୍ୟ କରନ୍ତି ବିଶେଷ ।
ପ୍ରେମ ଭାବେ କହୁଁ ପୁଣି ବିନୟ ବଚନ ।
ହେଳାରେ ହରାଅ କିପାଁ ମୁକ୍ତି ଏତେ ଧନ ।
ଶେଷ ଦିନେ ତୁମ୍ଭ ସଙ୍ଗେ ଯେବେ ଦେଖା ହୋଏ ।
ତେବେ ଜାଣିବା ତୁମ୍ଭର କେମନ୍ତ ହୃଦୟେ ।
ଅହୁରି ବିନୟ ମୋର କରି ଯୋଡ କର ।
ଖ୍ରୀଷ୍ଟଙ୍କ ମରଣ ପ୍ରେମ ଧ୍ୟାଅ ନିରନ୍ତର ।
ଧର୍ମଶାସ୍ତ୍ର ସର୍ବଦାଇ ଜ୍ଞାନ ଶିକ୍ଷା ଦେଉ ।
ଈଶ୍ୱରଙ୍କ ସର୍ବରାଜ୍ୟ ବେଗଗାମୀ ହେଉ ।
ଅହେ ପ୍ରଭୁ ହିନ୍ଦୁଦେଶେ କର ଅଧିକାର ।
ସର୍ବ ଧାମେ ତୁମ୍ଭ ନାମେ ହେଉ ଜୟକାର ।
ତୁମ୍ଭେ ଧର୍ମିରାଜା ଧ୍ୱଂସ କରି ଦେବପୂଜା ।
ନ କରଇ ବ୍ୟଭିଚାର ଯେହ୍ନେ କେହୁ ପ୍ରଜା ।
ଧର୍ମି ଦୀପ୍ତି ଦେଇ ନାଶ ମନ ଅନ୍ଧକାର ।
ପାପର ଜଞ୍ଜିର କାଟି କର ହେ ଉଦ୍ଧାର ।
କର ସ୍ଥିର ଏହି ଦେଶେ ତୁମ୍ଭ ସିଂହାସନ ।
କରନ୍ତୁ ସମସ୍ତେ ପ୍ରେମାନନ୍ଦେ ତୁମ୍ଭ ଗାନ । ଇତି ।

# THE LIFE OF CHRIST.

## ଖ୍ରୀଷ୍ଟଚରିତ୍ରୋଦୟ ।

## ପ୍ରଥମ ଅଧ୍ୟାୟ ।

ନମଇ ଜଗତ ଈଶ୍ୱର । ସମସ୍ତ ଗୁଣର ଆଧାର ।୧।
ଉତ୍ପତ୍ତି ସ୍ଥିତ ସଂହାରଣ । ଯେ କର୍ତ୍ତା ଅନାଦି କାରଣ ।୨।
ପୃଥିବି ଗଗଣ ମଣ୍ଡଳ । ସୃଜିଲେ ଯାଙ୍କ ଆଜ୍ଞାବଳ ।୩।
ଗମ୍ଭୀର ଜଳରେ ଅନ୍ଧାର । ପୃଥିବି ଶୂନ୍ୟ ଅଣାକାର ।୪।
ପରମ ଆତ୍ମା ତେତେବେଳେ । ଜଳର ଉପରେ ଦୋଳିଲେ ।୫।
ପ୍ରଥମେ ପ୍ରଭୁଙ୍କ ଆଜ୍ଞାରେ । ଦୀପ୍ତି ପ୍ରକାଶିଲା ସଂସାରେ ।୬।
ଆଲୁଅ ଅନ୍ଧାରହିଁ ପୁଣି । ବିଭାଗେ ଦିବାରାତ୍ରି ଭଣି ।୭।
ପୃଥ୍ୱୀ ଚନ୍ଦ୍ର ସୂର୍ଯ୍ୟ ଆକାଶ । ସ୍ଥାବର ଜଙ୍ଗମ ବିଶେଷ ।୮।
ମତ୍ସ୍ୟ ମକ୍ଷିକା ପଶୁ ନାନା । କୀଟ ପତଙ୍ଗ ଅଗଣନା ।୯।
ମନୁଷ୍ୟ ପୁତ୍ତୁଳି ଆକାର । ଧୂଳିରୁ ସୃଜିଲେ ଈଶ୍ୱର ।୧୦।
ଆତ୍ମାରୁ ଜୀବନ ନିଶ୍ୱାସ । ତହିଁ କରାଇଲେ ପ୍ରବେଶ ।୧୧।
ଏଣୁକେ ଅମର ଜୀବନ । କଲେ ଯିହୁହା ଭଗବାନ ।୧୨।
ଜଗତ ସୃଜନର କାଳେ । ପାପ ପୁଣ୍ୟହିଁ ଜଣାଇଲେ ।୧୩।
ପୁଣ୍ୟ ତାହାଙ୍କ ଆଜ୍ଞା ପାଳି । ପାପ ତା ଭଙ୍ଗି ଅବା ହେଳି ।୧୪।
ଘୋର ନରକ ପାପ ଭୋଗ । ପୁଣ୍ୟେ ଅନନ୍ତ କାଳ ସ୍ୱର୍ଗ ।୧୫।
ଆଦମ ନାମେ ଆଦି ନର । ହବା ନାମରେ ନାରୀ ତାର ।୧୬।
ତାଙ୍କ ସନ୍ତତି ହେଲେ ଯେତେ । ପୂର୍ଣ୍ଣ ହୋଇଲେ ଏ ଜଗତେ ।୧୭।
ଏକ ଦମ୍ପତିରୁ ଜନ୍ମିଲେ । ତେଣୁ ସେ ଏକ ଜାତି ହେଲେ ।୧୮।
ଈଶ୍ୱର ଆଜ୍ଞା ଭଙ୍ଗକରି । ସେ ଦୁଇ ଜଣ ମନ୍ଦକାରୀ ।୧୯।
ଆବର ଯେତେ ତାଙ୍କ ସୁତେ । ଆଜ୍ଞା ଭଙ୍ଗିଲେ ନାନାମତେ ।୨୦।

ତାହାଙ୍କ ଉପୁଜିଲା ପାପ । ସମସ୍ତ ଜଗତ ସନ୍ତାପ ।୨୧।
ତେଣୁ ପାଇଲେ ଅଧୋଗତି । ହବା ଆଦମ ତା ସନ୍ତତି ।୨୨।
ତା ଦେଖି ଅନାଦି ଈଶ୍ୱର । ମନରେ କଲେ ସେ ବିଚାର ।୨୩।
ପାପ ଆଚରି ସର୍ବଜନ । ନରକେ ହୋଇଲେ ପତନ ।୨୪।
ଯହିଁରେ ଦୁଃଖ ଅଗଣନା । ଦାରୁଣ ନରକ ଯନ୍ତ୍ରଣା ।୨୫।
ଅନନ୍ତ କାଳର ପର୍ଯ୍ୟନ୍ତେ । ତାହା ସହିବେ ଏକେମନ୍ତେ ।୨୬।
ଏତେ ବିଚାରି ଦୟାମୟ । ସୃଜିଲେ ତ୍ରାଣର ଉପାୟ ।୨୭।
ବୋଲନ୍ତି ଶୁଣ ନରନାରି । ଆମ୍ଭର ଆଜ୍ଞା ଭଙ୍ଗ କରି ।୨୮।
ପାପ ଆଚରି ଦୁଷ୍ଟ ପଣୁ । ଘୋର ନରକେ ଗଲ ତେଣୁ ।୨୯।
ଘୋର ଯାତନା ଦୁଃଖଯୋଗ । ଅନନ୍ତ କାଳ ତାର ଭୋଗ ।୩୦।
ଯଦି ଏଥିରୁ ପରିତ୍ରାଣ । ପ୍ରାପ୍ତି ନିମନ୍ତେ ତୁମ୍ଭ ମନ ।୩୧।
ଦ୍ୱିତୀୟ ଆଜ୍ଞା ଯେ ଆମ୍ଭର । ତେବେ ତା ଦୃଢ଼ ମନେ ଧର ।୩୨।
ଯେ ପାପ କ୍ଷୟାର୍ଥେ ଉଚିତ । ଅଛଇ ପୂର୍ଣ୍ଣ ପ୍ରାୟଶ୍ଚିତ୍ତ ।୩୩।
ସେ ପ୍ରାୟଶ୍ଚିତ୍ତ ଶୁଦ୍ଧଚିତ୍ତେ । କର ଏକାନ୍ତେ ଦୃଢମତେ ।୩୪।
ଅସଂଖ୍ୟ ଭୂମି ନାନା ଧନ । ଯେବେ କରିବ ତୁମ୍ଭେ ଦାନ ।୩୫।
ପାପର ସମାନ ନୋହିବ । ବ୍ୟର୍ଥରେ ତାହା ଆଚରିବ ।୩୬।
ଈଶ୍ୱର ମହାଦ୍ରବ୍ୟ ତୁଲ୍ୟ । କାହିଁ ପାଇବ ମହାମୂଲ୍ୟ ।୩୭।
କେମନ୍ତେ ତାର ପ୍ରାୟଶ୍ଚିତ୍ତ । ହେବ କହିଲୁଁ ଏହା ସତ୍ୟ ।୩୮।
ଯହିଁରେ ପାଇବ ନିଷ୍କୃତି । କହିବା ଶୁଣ ଦେଇମତି ।୩୯।
ଯେ ପ୍ରଭୁ ଦୟାର ସାଗର । ହୋଇଲେ ନର ଅବତାର ।୪୦।
ଭବିଷ୍ୟଦ୍ବକ୍ତାର ବାକ୍ୟରେ । ଜନ୍ମିଲେ ସେହି ଅନୁସାରେ ।୪୧।
ସେମାନେ କହିଥିଲେ ପୂର୍ବେ । କନ୍ୟା ଉଦରେ ଜାତ ହେବେ ।୪୨।
ସେ ସର୍ବ ତାଙ୍କ ଶିଷ୍ୟଗଣ । ପୁସ୍ତକେ କଲେ ବିବରଣ ।୪୩।
ମାଥିଉ ମାର୍କ ଲୂକ ପୁଣ । ଯୋହନ ଆଦି ବାରଜଣ ।୪୪।
ମହାତ୍ମା ଖ୍ରୀଷ୍ଟ ସଙ୍ଗେ ଥାନ୍ତି । ଖ୍ରୀଷ୍ଟଙ୍କ ଶିଷ୍ୟ ସେ ଅଟନ୍ତି ।୪୫।

ତାମଧ୍ୟେ ଆଦ ଶୃର ଜଣ । ରଚିଲେ ମଙ୍ଗଳ ଅଖ୍ୟାନ । ୪୬ ।
ଅଦ୍ଭୁତ କର୍ମମାନ ଯେତେ । ଖ୍ରୀଷ୍ଟ କରିଲେ ଏଜଗତେ । ୪୭ ।
ଦେଖିଲେ ଖ୍ରୀଷ୍ଟ ସଙ୍ଗେ ଥାଇ । ପୁସ୍ତକେ ରଚିଲେ ତାକେଇ । ୪୮ ।
ଜନ୍ମ କର୍ମ ମୃତ୍ୟୁ ଉଥାନ । ଏଅଦ ତାଙ୍କ କର୍ମମାନ । ୪୯ ।
ପୁଣି ଗମନ ସ୍ୱର୍ଗପୁରୀ । ଲେଖିଲେ ବିସ୍ତାରିତ କରି । ୫୦ ।
ଈଶ୍ୱର ପୁତ୍ର ଅବନୀରେ । ଜନ୍ମିଲେ କନ୍ୟାର ଗର୍ଭରେ । ୫୧ ।
ନାମ ବହିଲେ ଯୀଶୁଖ୍ରୀଷ୍ଟ । ପାପି ନିମନ୍ତେ ତାଙ୍କ କଷ୍ଟ । ୫୨ ।
ନୟନେ ପାପିଙ୍କ ଜନ୍ତ୍ରଣା । ଦେଖି ପ୍ରକାଶିଲେ କରୁଣା । ୫୩ ।
ସର୍ବଙ୍କ ପାପ ଦେହେ ବହି । ନାନା ଯନ୍ତ୍ରଣା ମାନ ସହି । ୫୪ ।
ପାପିଙ୍କି କଲେ ସ୍ୱର୍ଗଭାଗୀ । ତାଙ୍କ ଯନ୍ତ୍ରଣା ଅପେଭୋଗି । ୫୫ ।
ତହିଁରେ ତେଜି କଲେବର । ରହିଲେ କବର ଭିତର । ୫୬ ।
ଏମନ୍ତ ନର ଦେହ ଧରି । ପାପିଙ୍କ ପ୍ରାୟଶ୍ଚିତ୍ତ କରି । ୫୭ ।
ପୁଣି ତିନଦିନ ଉତ୍ତାରୁ । ଉଠିଲେ କବର ଭିତରୁ । ୫୮ ।
ଦୃଢ଼ ବିଶ୍ୱାସ ତାଙ୍କଠାରେ । ଯେକରେ ନୂତନ ମନରେ । ୫୯ ।
ସମ୍ପୂର୍ଣ୍ଣ ପ୍ରାୟଶ୍ଚିତ୍ତ ସେହି । ନରଙ୍କ ଉଦ୍ଧାରଣ ତହିଁ । ୬୦ ।
ନୋହିଲେ ନୋହିବ ନିସ୍ତାର । ନାହିଁ ପ୍ରାୟଶ୍ଚିତ ଅବର । ୬୧ ।
ଯେବେ ନିସ୍ତାରେ ଅଛି ମନ । ବିଶ୍ୱାସ ଏଥି କର ଯତ୍ନ । ୬୨ ।
ଖ୍ରୀଷ୍ଟଙ୍କ ମଙ୍ଗଳ ଚରିତ୍ର । ଭାଷାରେ ହୋଇଲା ରଚିତ । ୬୩ ।
ଗ୍ରୀକାଦ ଭାଷାରେ ସମସ୍ତ । ଯେ ସବୁ ଥିଲା ନାନା ଗ୍ରନ୍ଥ । ୬୪ ।
ତହିଁରୁ ଇଂରାଜି ଭାଷାରେ । ତହିଁରୁ ଓଡିଶା ବାକ୍ୟରେ । ୬୫ ।
ଏମନ୍ତ ପାପିଙ୍କ ଉପାୟ । ନାମେ ତ୍ରାଣଚରିତ୍ରୋଦୟ । ୬୬ ।
ଏଣେ ସୁଜନେ ଦିଅ ମନ । ବୁଝିବ ତ୍ରାଣର ଅଖ୍ୟାନ । ୬୭ ।

---

## ଦ୍ୱିତୀୟ ଅଧ୍ୟାୟ ।

---

ଯୀଶୁ ଈଶ୍ୱରଙ୍କ କୁମର । ଅଟନ୍ତି ଜଗତେ ପ୍ରଚାର । ୧ ।
କେବଳ ଅଂଶେ ଦୁହିଙ୍କର । ନାହି ପ୍ରଭେଦ ନିରନ୍ତର । ୨ ।
ଅଟେ ଈଶ୍ୱରୀ ଶକ୍ତିଧର । କ୍ଷୁଦ୍ର କର୍ମକୁ ଅଙ୍ଗୀକାର । ୩ ।
ସାମାନ୍ୟ ନର ପ୍ରାୟେ ସେହି । ସଂସାରେ ଅବତାର ହୋଇ । ୪ ।
ମନୁଷ୍ୟ ଭାବ ଈଶ୍ୱରତା । ବହିଲେ ଜଗତର କର୍ତ୍ତା । ୫ ।
ତାହାଙ୍କ ଜନ୍ମର ବୃତାନ୍ତ । ବିସ୍ତାର ଗ୍ରନ୍ଥ ଲୂକକୃତ । ୬ ।
ନାମ ମଙ୍ଗଳ ସମାଚାର । ପ୍ରଥମ ପର୍ବ ଯେ ତାହାର । ୭ ।
ବିଶେଷେ ଲେଖା ଯା ଅଛଇ । ଶୁଣ ସମସ୍ତେ ମନ ଦେଇ । ୮ ।
ଯୁସଫ ନାମେ ଏକ ନର । ଦାଉଦବଂଶେ ଜନ୍ମ ତାର । ୯ ।
ଗାଲିଲୀ ଦେଶ ନାଜରେତ । ନଗରେ କନ୍ୟାର ସଂଗତ । ୧୦ ।
ବିବାହ ନିମନ୍ତେ ବାଗ୍ଦତ୍ତ । ମାରିଆ ନାମରେ ବିଖ୍ୟାତା । ୧୧ ।
ଏମନ୍ତେ ଷଷ୍ଠ ମାସଗତ । ତା ପାଖେ ଦୂତ ଉପସ୍ଥିତ । ୧୨ ।
ଈଶ୍ୱରଠାରୁ ସେ ପ୍ରେଷିତ । ଗାବ୍ରିଏଲ ନାମରେ ଖ୍ୟାତ । ୧୩ ।
କହେ ମାରିଆଙ୍କୁ ଏକାନ୍ତେ । ଶୁଣ ଈଶ୍ୱରାନୁଗୃହିତେ । ୧୪ ।
ହେଉ ସୁମଙ୍ଗଳ ତୁମ୍ଭର । ଯେ ପ୍ରଭୁ ଯିହୁଦା ଈଶ୍ୱର । ୧୫ ।
ସେହି ତୋ ସଙ୍ଗେ ଛନ୍ତିରହି । ନାରୀଙ୍କ ମଧ୍ୟେ ଧନ୍ୟା ତୁହି । ୧୬ ।
ସେ ତାକୁ ଦେଖି ତାର କଥା । ଶୁଣି ପାଇଲା ମନେ ବ୍ୟଥା । ୧୭ ।
ଚିନ୍ତଇ ହୋଇ ସେ କାତର । ଏକେଉଂ ଶୁଭ ସମାଚାର । ୧୮ ।
ସେ ଦୂତ କହେ ଗୋ ମାରିୟେ । ମନେ ନକର ତୁମ୍ଭେ ଭୟେ । ୧୯ ।
ହୋଇ ଈଶ୍ୱରାନୁଗୃହୀତୀ । ତୁମ୍ଭେ ହୋଇବ ଗର୍ଭବତୀ । ୨୦ ।
ଅପୂର୍ବ ପୁତ୍ର ପ୍ରସବିବ । ଯୀଶୁ ଖ୍ରୀଷ୍ଟ ନାମ ରଖିବ । ୨୧ ।

ହୋଇବେ ସେ ମହାତ୍ମା ଯୁତ । ଈଶ୍ୱର ପୁତ୍ର ହେବେ ଖ୍ୟାତ । ୨୨ ।
ଯେ ପ୍ରଭୁ ସିହୁହା ଈଶ୍ୱର । ପିତା ଅଟନ୍ତି ତାହାଙ୍କର । ୨୩ ।
ଦେବେ ଦାଉଦ ସିଂହାସନ । ଯାକୁବ ବଂଶ ଉପରେଣ । ୨୪ ।
ସଦାନୁଗ୍ରହ ତାହାଙ୍କର । ଶେଷ ନୋହିବ ରାଜତ୍ୱର । ୨୫ ।
ମାରୟା ଏମନ୍ତ ଶୁଣିଣ । ଦୂତକୁ କହଇ ବଚନ । ୨୬ ।
ଆମ୍ଭେତ ପୁରୁଷ ନ ଜାଣି । କେମନ୍ତେ ସଂମ୍ଭବେ ଏହାପୁଣି । ୨୭ ।
ତା ଶୁଣି କହଇ ସେ ଦୂତ । ଶୁଣଗୋ ତାହାର ବୃତ୍ତାନ୍ତ । ୨୮ ।
ଧର୍ମ ଆତ୍ମା ତୁମ୍ଭରେ ଆସି । ଅନନ୍ତ ପରାକ୍ରମ ରାଶି । ୨୯ ।
କରବେ ତୁମ୍ଭପରେ ଛାୟା । ଏହି ନିମନ୍ତେ ଗୋ ମାରଆ । ୩୦ ।
ଧର୍ମ ପଦାର୍ଥ ତୁମ୍ଭଗର୍ଭେ । ଈଶ୍ୱର ପୁତ୍ର ଜାତ ହେବେ । ୩୧ ।
ବେଥଲିହିମ ନଗରରେ । ଯୀଶୁ ଜନ୍ମିବେ ଅନନ୍ତରେ । ୩୨ ।
ଈଶ୍ୱର ଆଦେଶେ ଏକଥା । ପୂର୍ବକାଳେଭବିଷ୍ୟଦ୍ବକ୍ତା । ୩୩ ।
ସେମାନେ ଥିଲେ ଯାହା ଭସି । ଏବେ ଘଟିଲା ତାହା ଆସି । ୩୪ ।
ଯେ ହେତୁ ସେହି ସମୟରେ । ବେଥଲିହିମ ନଗରରେ । ୩୫ ।
ଯୁସଫ ମାରଆ ନ ଥିଲା । ସେଠାରେ ଯିବାକୁ ହୋଇଲା । ୩୬
ତାହାର ବିଶେଷ ବୃତ୍ତାନ୍ତ । ମଙ୍ଗଳ ସମାଚାର ଗ୍ରନ୍ଥ । ୩୭ ।
ତହିଂରେ ଲେଖା ଅଛି ଯାହା । ଏଥିରେ କହୁଂ ଅଛି ତାହା । ୩୮ ।
ସେହି ସମୟେ ସର୍ବଦେଶ । ଜନ ସଂଖ୍ୟ ପତ୍ର ଅଦେଶ । ୩୯ ।
ଦେଲା ଆଗଷ୍ଟ କାଇସର । ପ୍ରଥମ ତାଙ୍କ ଏବେଭାର । ୪୦ ।
ସେହି କାଲରେ ସର୍ବଜନରେ । ଆପଣା ଆପଣା ନଗରେ । ୪୧ ।
ଗଲେ ନାମ ଲେଖି ଦେବାରେ । ନିଜର କୁଳ ଅନୁସାରେ । ୪୨ ।
ଗାଲିଲୀ ନଗର ପ୍ରଦେଶି । ଯୁସଫ ହୋଇଲା ପ୍ରବାସି । ୪୩ ।
ଏଣୁ ଦାଉଦର ନଗରେ । ବେଥଲିହିମ ନାମ ଧରେ । ୪୪ ।
ଆପଣା ନାମ ଲେଖା ପାଇ । ସେଠାକୁ କେତେଦୂର ଯାଇ । ୪୫ ।
ବାଗଡ଼ା ଭାର୍ଯ୍ୟା ତା ସଙ୍ଗତି । ପୂର୍ଣ୍ଣ ସେ ନାରୀ ଗର୍ଭବତୀ । ୪୬ ।

ଯେଣୁ ଦାଉଦ ବଂଶଜାତ । ଥିଲା ପରଜନ ନୟୃତ । ୪୭ ।
ତହିଂ ସେମାନେ ଥାନ୍ତେ ପୁଣ । ସମୟ ହୋଇଲା ସମ୍ପୂର୍ଣ । ୪୮ ।
ଉଦର ବେଦନା ସହିତ । ପ୍ରସବ କାଲ ଉପସ୍ଥିତ । ୪୯ ।
ତହୁଂ ସେ ପୁତ୍ର ପ୍ରସବିଲା । ତାହାକୁ ବସ୍ତ୍ରେ ଗୁଡାଇଲା । ୫୦ ।
ଜାତ ଅପୂର୍ବ ପୁତ୍ର ତାର । ଥୋଇଲା ଡଙ୍ଗାର ଭିତର । ୫୧ ।
ଯେଣୁ ବାସ ସେମାନଙ୍କର । ନ ଥିଲା ସରାଇ ଗୃହର । ୫୨ ।
ସେହି ପ୍ରଦେଶର ପଦାରେ । ଥୋକେ ରଖୁଆଲ ସେଠାରେ । ୫୩
ଯେ ଯାହା ପଶୁ ପାଳ ମାନେ । ଜଗିଯେ ଥିଲେ ସାବଧାନେ । ୫୪ ।
ସେ ସ୍ଥାନେ ଈଶ୍ୱରଙ୍କ ଦୂତ । ଆସି ହୋଇଲା ଉପସ୍ଥିତ । ୫୫ ।
ସେମାନଙ୍କର ଚୌପାଶ । ଈଶ୍ୱର ତେଜରେ ପ୍ରକାଶ । ୫୬ ।
ଦେଖି ସେ ହେଲେ ଭୟଯୁତ । ତା ଦେଖି କହଇ ସେ ଦୂତ । ୫୭ ।
ମନରେ ଭୟ ନ କରଣ । ମଙ୍ଗଳସମାଚାର ଶୁଣ । ୫୮ ।
ଯେ ମହା ଆନନ୍ଦଦାୟକ । ଯହିଂ ତରିବେ ସର୍ବଲୋକ । ୫୯ ।
ଲୋକଙ୍କ ସୁମଙ୍ଗଳ ପୁଣ । ଯହିଂରୁ ହେବ ତାହା ଶୁଣ । ୬୦ ।
ଆଜ ଦାଉଦ ବଂଶେ ଦେଖ । ଜନ୍ମିଲେ ତ୍ରାଣକର୍ତ୍ତା ଏକ । ୬୧ ।
ସେ ପ୍ରଭୁ ଯୀଶୁ ଖ୍ରୀଷ୍ଟନାମ । ଶୁଣ ହେ ତାହାଙ୍କର ଚିହ୍ନ । ୬୨ ।
ବସ୍ତ୍ରରେ ଜଡିତ ଶରୀର । ଶୟନ ଡଙ୍ଗାର ଭିତର । ୬୩ ।
ସେହି ବାଳକ ତୁମ୍ଭେମାନେ । ଦେଖିବ ଶୁଣ ସାବଧାନେ । ୬୪ ।
ଏମନ୍ତ ସମୟେ ସେ ସ୍ଥାନେ । ମିଳିଲେ ସ୍ତବକାରମାନେ । ୬୫ ।
ସ୍ୱର୍ଗର ବାହିନୀ ପ୍ରକାଶ । ସେ ଦୂତ କଡରେ ପ୍ରବେଶ । ୬୬ ।
ହେଉ ଗୌରବ ଈଶ୍ୱରର । ସଦା ସୁଶାନ୍ତ ପୃଥିବୀର । ୬୭ ।
ମନୁଷ୍ୟ ପ୍ରତି ସୁମଙ୍ଗଳ । ଉଚ୍ଚେ କହନ୍ତି ସେ ସକଳ । ୬୮ ।
ଏହେ ମିଳିଲେ ଅକସ୍ମାତ । ତାହାଙ୍କୁ ଦେଖି ସେହି ଦୂତ । ୬୯ ।
ସ୍ୱର୍ଗକୁ ବେଗେ ଚଳିଗଲେ । ଏଥୁ ଅନନ୍ତେ ରଖୁଆଲେ । ୭୦ ।
କହନ୍ତି ଏକକୁ ଅରେକ । ଆସହୋ ଆମ୍ଭେ ସର୍ବଲୋକ । ୭୧ ।

ଜଣାଇଛନ୍ତି ପୂର୍ବେ ଯେବା । ଈଶ୍ୱର କୃତ କର୍ମ ଯେବା ।୭୨।
ବେଥଲିହିମ ନଗରକୁ । ଯାଇ ପ୍ରତ୍ୟକ୍ଷେ ତାହା ଦେଖୁଁ ।୭୩।
ଏମନ୍ତେ ପ୍ରବେଶି ସେଠାରେ । ଦେଖିଲେ ଉଗାର ଭିତରେ ।୭୪
ଅଙ୍ଗେ ବେଷ୍ଟିତ ବସ୍ତ୍ର ହୋଇ । ଏକ ବାଲକ ଅଛି ଶୋଇ । ୭୫।
ଯୁସଫଂ ମରିୟା ସେଠାରେ । ପୁଣି ଦେଖିଲେ ରହିଅଛନ୍ତି । ୭୬।
ପୂର୍ବେ ବାଳକର ବୃତାନ୍ତ । ସେ ଦୂତ କହିଲେ ଯେମନ୍ତ । ୭୭।
ତାହା ସେ ସମସ୍ତେ ଆନନ୍ଦେ । ପ୍ରକାଶ କଲେ ଲୋକ ବୃନ୍ଦେ ।୭୮।
ଶୁଣି ସେ ସମସ୍ତ ବୃତ୍ତାନ୍ତ । ସକଳେ ହୋଇଲେ ଚକିତ । ୭୯।
ମରିୟା ମନେ ମନେ ଗୁଣି । କି ଭବ ଏହାର ନ ଜାଣି । ୮୦।
ସମସ୍ତ ବୃତ୍ତାନ୍ତ ଯେମନ୍ତେ । ମନେ ରଖିଲା ଦୃଢ ମତେ । ୮୧।
ପୂର୍ବେ ଈଶ୍ୱର ଦୂତ ବାଣୀ । କର୍ଣ୍ଣରେ ଥିଲେ ଯାହା ଶୁଣି ।୮୨।
ତେମନ୍ତେ ଦେଖି ବେନତୋଳେ ଆଶ୍ଚର୍ଯ୍ୟ ହୋଇ ରହିଅଛନ୍ତି । ୮୩।
ଈଶ୍ୱର ଧନ୍ୟବାଦ ଶୁଣି । ପ୍ରଶଂସା ସ୍ତବ ମନେ ଗୁଣି । ୮୪।
ସମସ୍ତେ ଆନନ୍ଦିତ ମନେ । ବାହୁଡି ଗଲେ ଯେ ଯା ସ୍ଥାନେ ।୮୫

## ୩ ଅଧ୍ୟାୟ ।

ଶୁଣ ଯୀଶୁର ଏବେ ତତ୍ତ୍ୱ । ଭବିଷ୍ୟତ ବାକ୍ୟର ମହତ୍ତ୍ୱ ୧ ।
ଲୋକ ଦୃଷ୍ଟିରେ ପୁଣି ସାନ । ହେଉଛି ପ୍ରକାଶ ଏସନ । ୨ ।
ଯେଣୁ ଦୀନ ହୀନଙ୍କପର । ଗୁହାରେ ହେଲେ ଅବତାର । ୩ ।
ଜନ୍ମିବା ମାତ୍ରେ ଦେଖ ପୁଣି । ତାହାଙ୍କ ଜନ୍ମ କଥା ଶୁଣି । ୪ ।
ଦର୍ଶନ କମନ୍ତେ ଆଇଲେ । ପ୍ରଥମ ପଶୁ ରହିଅଛନ୍ତି । ୫ ।
ପୁଣି ତାହାର ଅନ୍ତେ ଦେଖ । ଥୋକାଏ ପୂର୍ବ ଦେଶଲୋକ । ୬।
ମାନ୍ୟସେ ଜ୍ୟୋତିଷ ପଣ୍ଡିତ । ନୂଆ ଅସମ୍ଭବ ନକ୍ଷତ୍ର । ୭ ।
ଗୋଟିଏ ଦେଖିଣ ଜାଣିଲେ । ନିଶ୍ଚୟେ ଖ୍ରୀଷ୍ଟ ଜନ୍ମ ହେଲେ । ୮ ।

ତାହାଙ୍କ ଦର୍ଶନର ଆଶେ । ଅସି ମିଳିଲେ ତାଙ୍କ ପାଶେ ।୯।
ଏଥୁ ଅନନ୍ତେ ସ୍ୱର୍ଗ ଦୂତେ । ଈଶ୍ୱର ସେବକ ସମସ୍ତେ ।୧୦।
ପରମ ଆନନ୍ଦିତ ହୋଇ । ଈଶ୍ୱର ଧନ୍ୟବାଦ ଗାଇ ।୧୧।
ମନୁଷ୍ୟ ଅସିର୍ବାଦ ବାଣୀ । କଲେଟସେ ଜୟ ଜୟ ଧ୍ୱନି ।୧୨।
ଯିହୁଦା ଦେଶେ ଯୀଶୁ ଜାତ । ଯିହୁଦୀ ଲୋକେ ନାମଖ୍ୟାତ ।୧୩।
ଯେହେତୁ ଯିହୁଦୀ ଲୋକଙ୍କ ବିଧି । ଈଶ୍ୱର ବ୍ୟବସ୍ଥା ପ୍ରସିଦ୍ଧ ।୧୪।
ତେମନ୍ତ ତାଙ୍କ ଆଠଦିନୁ । ସୁନ୍ନତକ୍ରିୟା କଲେ ତେଣୁ ।୧୫।
ଦୂତ ବରଗି ଭଗବାନ । ଆଦେଶ କଲେ ଯେଉଁନାମ ।୧୬।
ତାହା ହେଲା ନାମକରଣ । ଏଥୁ ଉତ୍ତାରୁ କଥା ଶୁଣ ।୧୭।
ଚାଳିଶ ଦିନର ଉତ୍ତାରେ । ଯିହୁଦୀମାନଙ୍କ ରୀତରେ ।୧୮।
ତାହାଙ୍କ ମାତା ତାଙ୍କୁ ଘେନ । ଈଶ୍ୱର ପୂଜା ଅର୍ଥେ ପୁଣି ।୧୯।
ପ୍ରବେଶ ଦେଉଳ ଭିତରେ । ଏମନ୍ତ ସମୟେ ସେଠାରେ ।୨୦।
ପ୍ରବେଶ ଏକ ବୃଦ୍ଧଜନ । ନାମ ତାହାର ଶିମିୟୋନ ।୨୧।
ଧାର୍ମିକ ସତ୍ୟବାଦୀ ସେହି । ତାକୁ ଈଶ୍ୱର ଥିଲେ କହି ।୨୨।
ଦେଖିବ ଦେହତ୍ୟାଗ ପୂର୍ବେ । ତ୍ରାଣକର୍ତ୍ତାକୁ ନିଶ୍ଚେ ତୁମ୍ଭେ ।୨୩।
ତେଣୁ ଯୀଶୁଙ୍କୁ କୋଳେ ନେଇ । ଈଶ୍ୱର ଉଦ୍ଦେଶେ କହଇ ।୨୪।
ଆପଣା ବାକ୍ୟାଅନୁସାର । ଏବେ ତୁମ୍ଭେ ଆହେ ଈଶ୍ୱର ।୨୫।
ମେଲାଣି କରନ୍ତୁ ସନ୍ତୋଷ । ସ୍ୱର୍ଗରେ ଘେନ ନିଜ ଦାସ ।୨୬।
ଯେଣୁ ଭିନ୍ନ ଦେଶ ଲୋକର । ଦୀପ୍ତିମନ୍ତ ହେ କରିବାର ।୨୭।
ଜ୍ୟୋତିର ନିମନ୍ତେ ତୁମ୍ଭର । ଇସ୍ରାଏଲ ଦେଶ ଲୋକର ।୨୮।
ଗୌରବ ହେବାର ନିମନ୍ତେ । ତୁମ୍ଭେ ସର୍ବଲୋକ ଅଗ୍ରତେ ।୨୯।
ପ୍ରସ୍ତୁତ କରନ୍ତୁ ଯେ ତ୍ରାଣ । ଦେଖିଛୁ ଆମ୍ଭର ନୟନ ।୩୦।
ଏମନ୍ତ ବୋଲି ଈଶ୍ୱରର । ସ୍ତବ ଆରମ୍ଭିଲା ଅପାର ।୩୧
ତହିଁର ଅନନ୍ତରେ ପୁଣ । ଯିହୁଦା ଦେଶର ରାଜନ ।।୩୨।
ହେରୋଦ ଉତ୍ପାତର ଭୟେ । ଯୀଶୁଙ୍କୁ ଘେନି ବାପମାୟେ ।୩୩।

ମିଶ୍ର ଦେଶକୁ ପଳାଇଲେ । ଏମନ୍ତେ ପୁଣି କେତେକାଳେ ।୩୪।
ହୁଅନ୍ତେ ହେରୋଦ ବିନାଶ । ବାହୁଡ଼ି ଆପଣାର ଦେଶ । ୩୫ ।
ଆସି ନାଜରେଥ ନଗର । ବାସ ସେ କଲେ ପୁନର୍ବାର । ୩୬ ।
ଏଥୁ ଅନନ୍ତରେ ଫେରୋଣ । ସେ ମିଶର ଦେଶୀୟ ରାଜନ । ୩୭ ।
ଦାସତ୍ୱଠାରୁ ପୁଣି ତାର । ଯିହୁଦୀମାନଙ୍କ ଉଦ୍ଧାର । ୩୮ ।
ହୋଇ ଥିଲା ତା ସ୍ମରଣାର୍ଥେ । ଯିହୁଦ ମାନଙ୍କର ମଧ୍ୟେ । ୩୯ ।
ନିସ୍ତାର ନାମରେ ପ୍ରସିଦ୍ଧେ । ସ୍ଥାପିଲେ ଏକ ପର୍ବ ବିଧି । ୪୦ ।
ଯୀଶୁ ସେ ଯାହାର ସ୍ଥଳରେ । ବୟସ ଦ୍ୱାଦଶ ବର୍ଷରେ । ୪୧ ।
ଯିରୂଶାଲମ ନଗରରେ । ଗଲେ ପିତାମାତା ସଂଗରେ ।୪୨।
ପର୍ବ ସମ୍ପୂର୍ଣ୍ଣ ହେବା ଅନ୍ତେ । ମାରିଅ ଯୁସଫ ସଙ୍ଗତେ । ୪୩ ।
ଆସନ୍ତେ ଆପଣା ଗୃହକୁ । ସଙ୍ଗେ ନ ଦେଖିଲେ ଯୀଶୁଙ୍କୁ।୪୪।
କେତେହେଁ ବାଟ ଥିଲେ ଯାଇ । ଫେରିଲେ ଶୋକାକୁଳ ହୋଇ ।୪।
ନଗରେ ସେ ଯିରୂଶାଲମେ । ଆସି ଖୋଜିଲେ ନାନା ସ୍ଥାନେ ।୪୬।
ବହୁତ କାଳରେ ଲେଉଟନ୍ତେ । ଭେଟିଲେ ତନଦନ ଅନ୍ତେ । ୪୭ ।
ଈଶ୍ୱର ଦେଉଳ ମଧ୍ୟରେ । ଧର୍ମୋପଦେଶଙ୍କ ସଭାରେ । ୪୮ ।
ଈଶ୍ୱର ପ୍ରସଙ୍ଗ ବିଚାର । ପୁଣି ତାଙ୍କ ତହିଁ ପଚାର । ୪୯ ।
ବୁଦ୍ଧି ବିବେକ ତହିଁ ଜ୍ଞାନ । ଇତ୍ୟାଦି ଦେଖି ସଭାଜନ । ୫୦ ।
ସମସ୍ତେ ବିସ୍ମୟ ମନରେ । ଯୁସଫ ମାରିୟା ସେଠାରେ ।୫୧।
ପ୍ରବେଶ ତାଙ୍କୁ ସଙ୍ଗେ ଘେନି । ସେଠାରୁ ବାହୁଡ଼ିଲେ ପୁଣି । ୫୨ ।
ଆସି ନାଜରେଥ ନଗରେ । ପ୍ରବେଶ ହୋଇଲେ ସତ୍ୱରେ ।୫୩।
ପୁଣି ଆପଣା ଇଚ୍ଛାରେ ସେ । ରହିଲେ ମାତାପିତା ବଶେ । ୫୪ ।
ପାଳକ ପିତାର ଯେ ଧର୍ମ । ବ୍ୟବସା ବଢ଼ାଇର କର୍ମ । ୫୫ ।
ସେ କର୍ମ କରି ସେହି ପୁଣି । ପୋଷିଲେ ପିଅର ଜନନୀ । ୫୬ ।
ଏମନ୍ତେ ପ୍ରଭୁ ଦିନୁଦିନୁ । ବୃଦ୍ଧି ପାଇଲେ ଦେହଜ୍ଞାନ । ୫୭ ।

ଈଶ୍ୱରର ପୁଣି ମନୁଷ୍ୟର । ହୋଇଲେ ପ୍ରୀୟ ପାତ୍ରବର । ୫୮ ।
ଅଠର ବରଷ ପର୍ଯ୍ୟନ୍ତେ । ସେ ନଗରେ ରହି ଏମନ୍ତେ । ୫୯ ।

---

## ୪ ଅଧ୍ୟାୟ ।

ପ୍ରଥମାବସ୍ଥା ଆଚରଣ । ଶୁଣ ତାହାଙ୍କ ନମ୍ରପଣ । ୧ ।
ସୁଶୀଲତାଦି ଗୁଣକେତେ । ଉତ୍କୃଷ୍ଟତା ବୁଝ ଏମନ୍ତେ । ୨ ।
ଆପଣା ନାମ ମର୍ଯ୍ୟାଦାର । ବଢ଼ିବା ଇଚ୍ଛା ନାହିଁ କାର । ୩ ।
ସମସ୍ତଙ୍କର ଅଛି ଇଚ୍ଛା । ସମ୍ପୂର୍ଣ୍ଣ ଅର୍ଥେ ସେହି ବାଞ୍ଛା । ୪ ।
ନାନା ପ୍ରକାର ଚତୁରତା । କପଟା ନ୍ୟାୟ ମିଥ୍ୟାକଥା । ୫ ।
ତାଡ଼ଣା ଆଦି ଦୁଷ୍ଟପଣ । କରଣ ଅକର୍ତ୍ତବ୍ୟ କର୍ମ । ୬ ।
ଯାର ବାସନା ନୋହେ ପୂର୍ଣ୍ଣ । ସେ ଖେଦକରେ ଅନୁକ୍ଷଣ । ୭ ।
କେତେ କରନ୍ତି ହାହାକାର । ମନରେ କାହିଁ ସୁଖ ତାର । ୮ ।
ଏକ ଆଶ୍ଚର୍ଯ୍ୟ ଦେଖ ଭାଇ । ଯୀଶୁ ସବୁଙ୍କ ପ୍ରଭୁ ହୋଇ । ୯ ।
ଯହିଁ ଯଶ ଅବା ପ୍ରଶଂସା । ତହିଁରେ ନାହିଁ କିଛି ଆଶା । ୧୦ ।
ଏନ୍ତେ ତ୍ରିଶ ବର୍ଷ ଯାଏ । ବଢ଼ାଇ ତନୟର ପ୍ରାଏ । ୧୧ ।
ହୋଇଣ ଲୋକରେ ପ୍ରଚ୍ଛର । ରହିଲେ ଯେହ୍ନେ କ୍ଷୁଦ୍ରନର । ୧୨ ।
ଆଉ ସେ ପ୍ରଥମାବସ୍ଥାରେ । ଥିଲେ କେତେ ବଡ଼ ପଣରେ । ୧୩ ।
ତହିଁଉତ୍ତରେ ବା କେମନ୍ତ । ହୋଇଲେ ହୀନ ଦଶାଗ୍ରସ୍ତ । ୧୪ ।
ବିଶେଷରୂପେ ଏହା ଯେବେ । ବିସ୍ତର କରି ପୁଣି ତେବେ । ୧୫ ।
ତାଙ୍କ ନମ୍ରତା ଗୁଣ ସବ । ଆଉ ଅଧିକ ପ୍ରକାଶିବ । ୧୬ ।
ଯେଣୁ ପାଦପିଠ ଧରଣୀ । ସ୍ୱର୍ଗ ତା ସିଂହାସନ ପୁଣି । ୧୭ ।
ଅଗଣ୍ୟ ପୃଥିବୀର ଲୋକେ । ଫଡ଼ିଙ୍ଗ ପ୍ରାଏ ଛନ୍ତିପାଖେ । ୧୮ ।
ଯେ ଯୀଶୁ ଅଟନ୍ତି ଏମନ୍ତ । ସେ ହୋଇ ନର ଦେହବନ୍ତ । ୧୯ ।
କଲେ ଯେ ପୃଥିବୀରେ ବାସ । ଏଥୁ ଅଧିକ ଆଉ କିସ । ୨୦ ।

ନମ୍ରତା ଅଚ୍ଛ ସେଭୁବନେ । ବଗୃର ଦେଖ ପ୍ରାଣିମାନେ । ୨୧ ।
ଏବେ ଜଗତ ମଧ୍ୟ ସେହି । ସର୍ବୋପଦେଶ କର୍ତ୍ତହୋଇ । ୨୨ ।
କରି ଯେମନ୍ତ ଆଚରଣ । ଦେଇ ଲୋକଙ୍କୁ ଶିକ୍ଷା ଗୁଣ । ୨୩ ।
କାଳଯାପଣ କଲେ ପ୍ରଭୁ । ସଂକ୍ଷେପି ଲେଖୁ ତାହା ସବୁ । ୨୪ ।

---

## ୫ ଅଧ୍ୟାୟ ।

ଯେକାଳରେ ଯୀଶୁ ଉବତ । ଉପଦେଶ ପଦେ ନିଯୁକ୍ତ । ୧ ।
କାପ୍ତାର ତୁଲ୍ୟ ସେ ସମୟେ । ଧର୍ମ ଅଗ୍ନ ପ୍ରକଟ ହୋୟେ । ୨ ।
ତାଙ୍କ ମସ୍ତକେ ଓହ୍ଲାଇଲେ । ପୁଣି ଆକାଶ ବାଣୀ ହେଲେ । ୩ ।
ଆମ୍ଭର ପ୍ରିୟ ପୁତ୍ର ଏହି । ଆମ୍ଭ ପରମ ତୋଷ ଯହିଂ । ୪ ।
ବିଶେଷରୂପେ ଏଥୁ ଅନ୍ତେ । ଲୋକଙ୍କୁ ଶିକ୍ଷା ଦେବା ଅର୍ଥେ । ୫ ।
ପ୍ରବର୍ତ୍ତ ହେଲେ ଯୀଶୁ ଶୁଣ । ସମ୍ପୂର୍ଣ୍ଣ ଅର୍ଥେ ପରିତ୍ରାଣ । ୬ ।
ହେବେ ସବୁ ଭବେ ନାଏକ । ଦୁଃଖୀତ ଦେଖି ପରଦୁଃଖ । ୭ ।
ଶୟତାନରେ ପରୀକ୍ଷିତ । ହୋଇଲେ ତାହାଙ୍କ ଉଚିତ । ୮ ।
ତାହାର ସଙ୍ଗତେ ସମର । କଲେ ପୁଣି ଏକ ପ୍ରକାର । ୯ ।
ସମ୍ପୂର୍ଣ୍ଣରୂପେ ହେଲେ ଜୟୀ । ପରାସ୍ତ ଶୟତାନ ଦେଇ । ୧୦ ।
ନାନା ପ୍ରକାରେ ଲୋଭମାନ । ତାଙ୍କୁଂ ଦେଖାଇ ଶୟତାନ । ୧୧ ।
ପରାସ୍ତ କରିବା ଉଦ୍ୟମ । କଲା ଅଶେଷ ବିଶେଷଣ । ୧୨ ।
ପଛେ ହେଲା ଅପେ ପରାସ୍ତ । ପୂର୍ଣ୍ଣ ନୋହିଲା ମନୋରଥ । ୧୩ ।
କଠୀଣ ପରୀକ୍ଷା ଏମନ୍ତେ । ଯୀଶୁର ସମ୍ପୂର୍ଣ୍ଣ ହୁଅନ୍ତେ । ୧୪ ।
ଆସି ସ୍ୱର୍ଗର ଦୂତଗଣ । ସେବିଲେ ତାହାଙ୍କ ଚରଣ । ୧୫ ।
ଯୀଶୁ ସ୍ୱଦେଶେ ଅନନ୍ତରେ । ବାହୁଡ ଅଇଲା ଉତ୍ତରେ । ୧୬ ।
ଈଶ୍ୱର ପ୍ରସିଦ୍ଧ ସେବକ । ନାମରେ ଯୋହନ୍ନ ଉବକ । ୧୭
ଅତ୍ୟନ୍ତ ଧାର୍ମିକ ସେ ଅଟେ । ସମସ୍ତ ଲୋକଙ୍କ ନିକଟେ । ୧୮

ଯୀଶୁଙ୍କ ପରିଚୟ ଦେଲା । ସମସ୍ତ ବୃତ୍ତାନ୍ତ କହିଲା । ୧୯ ।
ଶୁଣି ଏମନ୍ତ ସମାଚ୍ଚାର । ଅଦ୍ଭୁତ ଗୁଣ ତାହାଙ୍କର । ୨୦ ।
ତାହାଙ୍କ ଶିଷ୍ୟ ହେବାଅର୍ଥେ । ନିକଟେ ଅଇଲେ ବହୁତ । ୨୧ ।
ଏଣୁ ଏସ୍ଥାନେ କହି ଶୁଣ । ପ୍ରଥମ ଯେତ୍କା ଶିଷ୍ୟଗଣ । ୨୨ ।
ତାହାଙ୍କମଧ୍ୟେ ଆନ୍ଦ୍ରୁ ପୁଣି । ପିତର ଫିଲିପ ଯୋହନ । ୨୩ ।
ନିତାନାଏଲାଦି କେତେକ । ସଂଗତେ ଯେନି ଶିଷ୍ୟଲୋକ । ୨୪ ।
ଗାଲିଲିଦେଶର ମଧ୍ୟରେ । କାନା ନାମକ ନଗରରେ । ୨୫ ।
ଯେନି ବିବାହ ନିମନ୍ତ୍ରଣ । ସହିତରେ କଲେ ସେ ଗମନ । ୨୬ ।
ପ୍ରବେଶ ହୋଇ ସେହି ସ୍ଥାନେ । ଯେକାଳେ ବସିଲେ ଭୋଜନେ ୨୭ ।
ଆଶ୍ଚର୍ଯ୍ୟ ଗୁଣ ଆପଣାର । ପ୍ରକାଶ ଅର୍ଥେ ସେହିଠାରେ । ୨୮ ।
କଲେ ଆଶ୍ଚର୍ଯ୍ୟ ଏକ କର୍ମ । ତାହାର ଯେତ୍କା ବିବରଣ । ୨୯ ।
ଅଛି ମଙ୍ଗଳସମାଚ୍ଚାରରେ । ଯୋହନରଚିତ ଗ୍ରନ୍ଥରେ । ୩୦ ।
ଦ୍ବିତୀୟ ଅଧ୍ୟା ଅଦ୍ୟମତେ । ଏକାଦଶପଦ ପର୍ଯ୍ୟନ୍ତେ । ୩୧ ।
ତାହା କହିବା ଏବେ ଶୁଣ । ତୃତୀୟ ଦିବସରେ ପୁଣ । ୩୨ ।
ଗାଲିଲୀୟ କାନାନିନଗରେ । ବିବାହ ହେଲା ଯେକାଳରେ । ୩୩ ।
ଯୀଶୁଙ୍କ ମାତା ସେଠାବରେ । ଶିଷ୍ୟ ସହିତେ ଯୀଶୁ ଥିଲେ । ୩୪ ।
ଥିଲେ ବିବାହ ନିମନ୍ତ୍ରଣେ । ସମାତା ସଶିଷ୍ୟ ଆପଣେ । ୩୫ ।
ଏଣୁ ନ ଅଣ୍ଟି ଦ୍ରାକ୍ଷାରସ । ଯୀଶୁର ମାତା ହୋଇ ହ୍ରାସ । ୩୬ ।
ଯୀଶୁଙ୍କୁ ବଚନ କହଇ । ତାହାଙ୍କ ଦ୍ରାକ୍ଷାରସ ନାହିଁ । ୩୭ ।
ଯୀଶୁ କହିଲେ ତାଙ୍କୁ ପୁଣି । ହେ ନାରି ଶୁଣ ମୋରବାଣୀ । ୩୮ ।
ତୁମ୍ଭରେ କି କାର୍ଯ୍ୟ ଆମ୍ଭର । ଏବେ ସମୟ ନୋହେ ମୋର ୩୯ ।
ଦାସମାନଙ୍କୁ ତାଙ୍କ ମାତା । ବୋଲଇ ଶୁଣ ମୋର କଥା । ୪୦ ।
ତୁମ୍ଭଙ୍କୁ କହନ୍ତି ସେ ଯାହା । ତକ୍ଷଣେ କର ତୁମ୍ଭେ ତାହା । ୪୧ ।
ଯିହୁଦିମାନଙ୍କ ଆଚ୍ଚାର । ଶୁଚି କରିବା ଅନୁସାର । ୪୨ ।
ପଥର ନିର୍ମିତ ଯାହାଲା । ଛଅଗୋଟା ସେହିପରେ ଥିଲା । ୪୩ ।

ତାହାର ଏକେ ଏକେ ପୁଣି । ତାଙ୍କୁତେ ତିନମଣପାଣି । ୪୪ ।
ଯୀଶୁ ସେମାନଙ୍କୁ କହିଲେ । ବେଗେ ପୁରାଅ ଏହା ଜଳେ । ୪୫ ।
ସମ୍ପୂର୍ଣ୍ଣ କର ତାହା ଜଳେ । ଯୀଶୁର ବାକ୍ୟ ପୁରାଇଲେ । ୪୬ ।
ଏଥୁଉତ୍ତାରେ ପୁଣି ସେହି । କହନ୍ତି ସେମାନଙ୍କୁ ଗୃହିଂ । ୪୭ ।
ତାହାରୁ ଢାଳି ଏକେ ଏକେ । ସମର୍ପି ନେଇ କର୍ତ୍ତା ପାଖେ । ୪୮ ।
ତହୁଂ ସେ ନେଇ ଦେଲେ ବେଗେ । ନିମନ୍ତ୍ରଣ କର୍ତ୍ତାର ଆଗେ । ୪୯ ।
ସେ ଦ୍ରାକ୍ଷାରସ ହେବା ପାଣି । ଯେ ଦାସମାନେ ଥିଲେ ଆଣି । ୫୦ ।
ସେରସ ହୋଇଲା ଯେସନେ । ବିଶେଷେ ଜାଣିଲେ ସେମାନେ ୫୧
ଚକିତ ହୋଇ ପୁଣି ଦେଖି । ନିମନ୍ତ୍ରଣ କର୍ତ୍ତା ତା ଚାଖି । ୫୨ ।
ଡାକିଣ କହିଲେ ବରକୁ । ପ୍ରଥମରେ ପ୍ରତି ଲୋକଙ୍କୁ । ୫୩ ।
ଉତ୍ତମ ଦିଅ ଦ୍ରାକ୍ଷାରସ । ଅଧିକ ପାନ କଲେ ଶେଷ । ୫୪ ।
ଆଉ ଲୋକଙ୍କୁ ପୁଣି ମନ୍ଦ । ଏକଥା ଲାଗୁ ଅଛୁ ଧନ୍ଦ । ୫୫ ।
ଏବେହେଁ ପର୍ଯ୍ୟନ୍ତେ ଏକସ । ରଖିଲ ଭଲ ଦ୍ରାକ୍ଷାରସ । ୫୬ ।
ଗାଲିଲୀୟ କାନାନଗରେ । ଆଶ୍ଚର୍ଯ୍ୟ କ୍ରିୟାର ମଧ୍ୟରେ । ୫୭ ।
ପ୍ରଥମେ ଏହି କ୍ରିୟା କରି । ଆପଣା ଗୌରବ ବିସ୍ତାରି । ୫୮ ।
ଯୀଶୁଙ୍କ ଗୁଣ ଅକଳଣ । ଦେଖି ତାହାଙ୍କ ଶିଷ୍ୟଗଣ । ୫୯ ।
ଜାଣିଲେ ନିଶ୍ଚେଂ ଦୟାମୟ । ଅଟନ୍ତି ଈଶ୍ୱର ତନୟ । ୬୦ ।
ନିସ୍ତାର ପର୍ବ ଏଥୁଅନ୍ତେ । ପାଳଣ କରିବା ନିମନ୍ତେ । ୬୧ ।
ସେ ଯିରୂଶାଲମ ନଗରୀ । କାନାରୁ ଯୀଶୁ ଯାତ୍ରାକରି । ୬୨ ।
ତହିଂ ପ୍ରବେଶି ସେ ଦେଖିଲେ । ଈଶ୍ୱର ବକ୍ଷାତ ଦେଉଳେ । ୬୩ ।
କ୍ରୟ ବିକ୍ରୟରେ ସେ ସ୍ଥାନ । ଅଶୁଦ୍ଧ କରିଥିଲେ ଜନ । ୬୪ ।
ତକ୍ଷଣେ ତାଙ୍କୁ ନିବାରିଲେ । ଆପଣା ହସ୍ତେ ଦୂର କଲେ । ୬୫ ।
ସେହି ନଗରେ ଆପଣାର । ମୃତ୍ୟୁ ଉତ୍ଥାନ ପୁନର୍ବାର । ୬୬ ।
ହୋଇବ ଯାହା ତାହା ପୁଣି । କହିଲେ ଭବିଷ୍ୟତ ବାଣୀ । ୬୭ ।
ଏବନ୍ତୁ ଆଶ୍ଚର୍ଯ୍ୟ ବହୁତ । ଯେ ଯେ କର୍ମମାନ ଅଦ୍ଭୁତ । ୬୮ ।

କରନ୍ତେ କଲେ ଲୋକେ ଅତି । ନିଶ୍ଚଳା ଭକ୍ତି ତାଙ୍କ ପ୍ରତି । ୬୯ ।
ଏଥୁଉତ୍ତାରେ ଏକ ଦିନେ । ରାତ୍ରିରେ ବସିରେ ନିର୍ଜନେ । ୭୦ ।
ନିକଦେମସ ନାମ ଖ୍ୟାତ । ଯିହୁଦିମାନଙ୍କ ପ୍ରତତ । ୭୧ ।
ନିକଟେ ପ୍ରବେଶି ତାଙ୍କର । କରନ୍ତି ଶାସ୍ତ୍ରର ବିଚାର । ୭୨ ।
ନୋହିଲେ ସ୍ୱଭାବ ନୂତନ । ସ୍ୱର୍ଗ ନ ପାଏ କଦାଚନ । ୭୩ ।
ଏହି ବିଷୟ ବିବରଣ । କରଇ କଥୋପକଥନ । ୭୪ ।
ତାହାର ଯେତେ ବିବରଣ । ଯୋହନ ରଚିତ ଅଖ୍ୟାତ । ୭୫ ।
ନାମ ମଙ୍ଗଳସମାଚାର । ତୃତୀୟ ଅଧ୍ୟାୟେ ତାହାର ୭୬ ।
ଆଦ୍ୟର ଏକ ବିଂଶ ପଦ । ପର୍ଯ୍ୟନ୍ତେ ଶୁଣ ସୁସମ୍ବାଦ ୭୭ ।
ଫାରିଶିଗଣ ମଧ୍ୟଗତ । ନିକଦେମସ ନାମେ ଖ୍ୟାତ । ୭୮ ।
ଯିହୁଦିଙ୍କର ଅଧିପତି । ରାତ୍ରେ ଅଇଲା ଯୀଶୁ କତି । ୭୯ ।
ଯୀଶୁଙ୍କୁ କହଇ ବଚନ । ହେଗୁରୁ ମୋର ବାକ୍ୟ ଶୁଣ । ୮୦ ।
ଈଶ୍ୱର ନିକଟୁଁ ଆପଣେ । ଆସିଛ ତୁମ୍ଭେ ଗୁରୁ ଜଣେ । ୮୧ ।
ଏହା ନିଶ୍ଚୟେଁ ଅମ୍ଭେ ଜାଣୁ । ଆଶ୍ଚର୍ଯ୍ୟ କର୍ମ କର ଯେଣୁ । ୮୨ ।
ଅଦ୍ଭୁତ କର୍ମମାନ ଯାହା । ତୁମ୍ଭେ କରୁଛ ହେଲେ ତାହା । ୮୩ ।
ଈଶ୍ୱରି ଶକ୍ତି ନ ପାଇଲେ । ସେକର୍ମ କେ କରିବ ଭଲେ । ୮୪ ।
ଯୀଶୁ କହନ୍ତି ଶୁଣ ତଥ୍ୟ । ଅମ୍ଭେ କହୁଛୁଁ ସତ୍ୟ୨ । ୮୫ ।
ଯଦି ନ ହୋଏ ମନୁଷ୍ୟର । ନୂତନ ଜନ୍ମ ପୁନର୍ବାର । ୮୬ ।
ଈଶ୍ୱର ରାଜ୍ୟ ଦେଖିବାକୁ । ନପାରେ କହିଲୁଁ ତୁମ୍ଭକୁ । ୮୭ ।
ନିକଦେମସ ତାହା ଶୁଣି । ଯୀଶୁଙ୍କୁ ପଚାରଇ ପୁଣି । ୮୮ ।
ବୃଦ୍ଧାବସ୍ଥାରେ କିପ୍ରକାରେ । ଜନ୍ମ ଗ୍ରହଣ କରି ପାରେ । ୮୯ ।
କି ପୁଣି ଆଉଥରେ ସେହି । ପଶିବ ମାତୃ ଗର୍ଭେ ଯାଇ । ୯୦ ।
କେହ୍ନେ ପ୍ରବେଶିବ ଜନ୍ମିବ । ଏକଥା ବଡ ଅସମ୍ଭବ । ୯୧ ।
କୁହ ଏହାର କିବା ତଥ୍ୟ । ଯୀଶୁ କହନ୍ତି ଶୁଣ ସତ୍ୟ । ୯୨ ।
ଯେ ପ୍ରାଣି ଆତ୍ମାରୁ ପୁଣ । ନ କରଇ ଜନ୍ମ ଗ୍ରହଣ । ୯୩ ।

ସେ ପ୍ରାଣୀ ଈଶ୍ୱର ଭୁବନ । ଯାଇ ନ ପାରେ କଦାଚନ । ୯୪ ।
ଯେବେ ନୂତନ ମନ ପାଇ । ତାହାକୁ ପୁନର୍ଜନ୍ମ କହି । ୯୫ ।
ଯେ ପ୍ରାଣୀ ତାହାକୁ ପାଆନ୍ତି । ସେ ନିଶ୍ଚେ ସ୍ୱର୍ଗପୁରେ ଯାନ୍ତି । ୯୬ ।
ମାଉଂସଠାରୁ ଯାହା ଜାତ । ମାଉଂସ ଅଟେ ତା ନିଶ୍ଚିତ । ୯୭ ।
ଆତ୍ମାରୁ ଉତ୍ପତ୍ତି ଯେ ପୁଣି । ତାହାକୁ ଆତ୍ମା କରି ଜାଣି । ୯୮ ।
ତୁମ୍ଭମାନଙ୍କ ପୁନର୍ଜନ୍ମ । ହେବାର ଅଛି ପ୍ରୟୋଜନ । ୯୯ ।
ଆମ୍ଭେ ଏଯେଣୁ କଥା ତହି । କହିଲୁଁ ତୁମ୍ଭର ଅଗ୍ରତ । ୧୦୦ ।
ତହିଂରେ ଚମତ୍କାର ଜ୍ଞାନ । ନ କରି କର ଏଥି ଯତ୍ନ । ୧୦୧ ।
ଯେବଣ ସ୍ଥାନେ ତାର ମନ । ସେ ସ୍ଥାନେ ବହଇ ପବନ । ୧୦୨ ।
କେବଳ ଶବ୍ଦ ତାର ମାତ୍ର । ଶୁଣି ପାଉଛ ତୁମ୍ଭେ ସତ୍ୟ । ୧୦୩ ।
କେଉଁଣଠାରୁ ସେ ଆସଇ । ପୁଣି ସେ କେଉଂଠାକୁ ଯାଇ । ୧୦୪ ।
ତାହା ନ ଜାଣ ତୁମ୍ଭେ କିଛି । ଯେ ପୁଣି ଆତ୍ମାରୁ ଜନ୍ମିଛି । ୧୦୫ ।
ସେ ପ୍ରତି ଲୋକ ସେହି ପ୍ରାୟେ । ଶୁଣି ନିକଦେମସ କହେ । ୧୦୬ ।
ହେ ପ୍ରଭୁ ଏକେଉଂରୂପରେ । କହହେ ହୋଇବାକୁ ପାରେ । ୧୦୭
ଯୀଶୁ କହନ୍ତି ତୁମ୍ଭେ ପୁଣ । ଇସ୍ରାଏଲ ଗୁରୁ ହୋଇଣ । ୧୦୮ ।
ନ ଜାଣ କି ଏହି ବିଷୟ । ଶୁଣ ମୋ ବାକ୍ୟ ସତ୍ୟମୟ । ୧୦୯
ଆମ୍ଭେ ଯା ଜାଣୁ ତାହା କହୁଂ । ଦେଖିଛୁଁ ତା ପ୍ରମାଣ ଦେଉଂ । ୧୧୦
କି ପୁଣି ଆମ୍ଭର ବଚନ । ତୁମ୍ଭେମାନେ ଯଦି ନ ଘେନ । ୧୧୧
ଆମ୍ଭେ ତୁମ୍ଭମାନଙ୍କୁ ଏବା । ସଂସାର କଥା କହି ଯେବା । ୧୧୨
ତୁମ୍ଭମାନଙ୍କ ଯଦି ତହିଂ । କେବେହେଂ ପ୍ରତ୍ୟୟ ନୁହଇ । ୧୧୩
କହିଲେ ସ୍ୱର୍ଗ କଥା ତେବେ । କେହେନ ପ୍ରତ୍ୟୟ ଯିବ ତୁମ୍ଭେ । ୧୧୪
ପୁଣି ଯେ ସ୍ୱର୍ଗରୁ ଉହ୍ଲାଇ । ଏବେ ଯେ ସ୍ୱର୍ଗରେ ଅଟଇ । ୧୧୫ ।
ତାବିନୁ ଅନ୍ୟ ଜନ କେହି । ସ୍ୱର୍ଗ ଉପରେ ଚଢ଼ି ନାହିଁ । ୧୧୬ ।
ମୋଶା ସେ ସର୍ପକୁ ଯେସନେ । ଉଠାଇ ଥିଲେ ଘୋରବନେ । ୧୧୭
ମନୁଷ୍ୟ ପୁତ୍ରକୁ ତେମନ୍ତେ । ଉଠାଇବାକୁ ହେବ ତହେଁ । ୧୧୮ ।

ଡହିଂରେ ଯେ କରେ ବିଶ୍ୱାସ । ତାହାର ନହୋଯେ ବିନାଶ ।୧୧୯।
କେବେହେଁ ନରକେ ନ ଯିବ । ଅନନ୍ତ ପରମାୟୁ ହେବ ।୧୨୦।
ଏଥି ମଙ୍ଗଲସମାଚାର । କହିବା କର ତତ୍ତ୍ୱ ସାର ।୧୨୧।
ଈଶ୍ୱର ଜଗତର ପ୍ରତି । ଏମନ୍ତ ଦୟା କଲେ ଅତି ।୧୨୨।
ପାପର ହେତୁ ବଳିଦାନ । ଆପଣା ପୁତ୍ର କଲେ ଦାନ ।୧୨୩।
ତହିଂ ବିଶ୍ୱାସୀ ଯେତୁ ନର । ବିନାଶ ନ ହୋଯେ ତାହର ।୧୨୪।
ଅନନ୍ତ ପରମାୟୁ ପାଯେ । ଅକ୍ଷୟ ସ୍ୱର୍ଗପୁରେ ଥାଯେ ।୧୨୫।
ସଂସାର ନିବାସିମାନଙ୍କୁ । କେବେହେଁ ଦଣ୍ଡ କରିବାକୁ ।୧୨୬।
ଈଶ୍ୱର ଆପଣାର ସୁତ । ପଠାଇ ନାହାନ୍ତି ଜଗତ ।୧୨୭।
ଜଗତ ତ୍ରାଣ ତାଙ୍କ ଦେଇ । ଯେମନ୍ତ ପ୍ରକାରେ ହୁଅଇ ।୧୨୮।
ଏହି ନିମନ୍ତେ ତାଙ୍କଠାରେ । ସମ୍ପୂର୍ଣ୍ଣ ବିଶ୍ୱାସ ଯେ କରେ ।୧୨୯।
କେବେହେଁ ଦଣ୍ଡ ସେ ନ ପାଯେ । ପୁଣି ବିଶ୍ୱାସ ଯାର ନୋହେ ।୧୩୦
ସେ ଅତିଶୟ ଦଣ୍ଡ ଯୋଗ୍ୟ । ଅନନ୍ତ କାଳ ଦୁଃଖ ଭୋଗ୍ୟ ।୧୩୧
ଈଶ୍ୱର ଜାତ ଅଦ୍ୱିତୀୟ । ସାକ୍ଷାତ ଈଶ୍ୱର ତନୟ ।୧୩୨।
ଏଥି ବିଶ୍ୱାସ ଯାର ନାହିଂ । ତାର ମଙ୍ଗଳ ଆଉ ନାହିଂ ।୧୩୩।
ସେ ଦଣ୍ଡ କରିବା ନିମନ୍ତେ । ଦୀପ୍ତି ପଶିଛି ଏ ଜଗତେ ।୧୩୪।
ଦେଖ ମନୁଷ୍ୟ କର୍ମ ମନ୍ଦ । ହେବାରେ ସବେ ହେଲେ ଅନ୍ଧ ।୧୩୫
ଆଲୁଅ ତେଜି ଅତି ଦୂର । ଯତନେ ଲୋଡନ୍ତି ଅନ୍ଧାର ।୧୩୬।
ଯେ ଜନ ମନ୍ଦ କର୍ମ କରେ । ଆଲୁଅ ଘୃଣା ଲାଗେ ତାରେ ।୧୩୭
ନିନ୍ଦିତ ମୋର କର୍ମମାନ । ହୋଇବ ବୋଲି ସେହି ଜନ ।୧୩୮
ଯେ ଜନ ସତ୍ୟ କର୍ମ କରେ । ଉତ୍ତମ ପଥରେ ଆଚରେ ।୧୩୯।
ଈଶ୍ୱରେ କୃତ କର୍ମ ତାର । ହୋଇବା ନିମନ୍ତେ ପ୍ରଚାର ।୧୪୦
ଆସଇ ଆଲୁଅ ପାଖକୁ । ନିଶ୍ଚଯେ କହିଲୁ ତୁମ୍ଭକୁ ।୧୪୧।

---

୭ ଅଧ୍ୟାୟ ।

ଏଥିଉତ୍ତାରେ ପ୍ରଭୁ ଯୀଶୁ । ଗମନ କରି ସେହିଦେଶୁଁ । ୧ ।
ଆଇନୋନ ଦେଶେ ପ୍ରବେଶି । ମଙ୍ଗଳସମାଚାର ଘୋଷି । ୨ ।
ଗାଲିଲିଦେଶକୁହିଁ ପୁଣ । ଉଦ୍ଯୋଗ କରନ୍ତେ ସେ ପ୍ରୟାଣ । ୩ ।
ଭିନ୍ନ ଦେଶିର ପ୍ରତି ଘୃଣା । ନ ରଖି କରନ୍ତି କରୁଣା । ୪ ।
ନିରହଂକାର ଅମତ୍ସର । ଶୀଳତା ବଚନ ମଧୁର । ୫ ।
ଇତ୍ୟାଦି ନାନା ଗୁଣ ରାଶି । ବାଟ ମଧ୍ୟରେ ସେ ପ୍ରକାଶି । ୬ ।
ଯାଆନ୍ତେ ଏକଇ ବାରତା । ପଥେ ଘଟିଲା ତାହା ଯଥା । ୭ ।
ଶିଷ୍ୟମାନଙ୍କୁ ସଙ୍ଗେ ନେଇ । ସେ ଶମରୋଣ ଦେଶ ଦେଇ । ୮ ।
ଯାଆନ୍ତେ ସେ ଶୀକର ଗ୍ରାମ । ପ୍ରବେଶି ପାଇ ପଥ ଶ୍ରମ । ୯ ।
ତାହାଙ୍କଶିଷ୍ୟ ତାହାଜାଣି । ଗଲେ ଭୋଜନ ଦ୍ରବ୍ୟ ଆଣି । ୧୦ ।
ଏଥିଉତ୍ତାରେ ଯେଉଂଠାରେ । ଯାକୁବର କୂଅ ନାମରେ । ୧୧ ।
ପ୍ରସିଦ୍ଧ ଥିଲା ତହୁଁପାଣି । ଆଣିବା ଅର୍ଥେ ଶମୋରଣୀ । ୧୨ ।
ସ୍ତ୍ରୀ ଏକ ତହିଁ ପ୍ରବେଶନ୍ତେ । ତାକୁ ତୃଷାର୍ତ୍ତ କମନ୍ତେ । ୧୩ ।
ବୋଇଲେ ଦିଅ କିଛି ପାଣି । ଆଶ୍ଚର୍ଯ୍ୟ ହେଲ ସେ ତା ଶୁଣି । ୧୪ ।
ଯିହୁଦୀୟଲୋକ ସେ ହୋଇ । ଶମରୋଣୀକି ପାଣି ଯାଁଇ । ୧୫ ।
ପ୍ରାର୍ଥନା କଲେ ତାକୁ ଯେଣୁ । ଆଶ୍ଚର୍ଯ୍ୟ ଜ୍ଞାନ କଲା ତେଣୁ । ୧୬ ।
ଯିହୁଦୀ ଶମରୋଣୀ ଜାତି । ସର୍ବଦା ବିବାଦୀ ଅଟନ୍ତି । ୧୭ ।
ଅହିନକୁଳ ଭାବ ତାଙ୍କ । ଅଟନ୍ତି ଏକକୁ ଆରେକ । ୧୮ ।
ତେଣୁ ଆହାର ବ୍ୟବହାର । କାହାର ନାହିଂ ପରସ୍ପର । ୧୯ ।
ଏକ ଦେଶୀୟ ଲୋକ ଅତି । ଭିନ୍ନ ଦେଶୀୟ ଲୋକ ପ୍ରତି । ୨୦ ।
ହିଂସା କରନ୍ତି ତହିଂ ଦେଖ । କେ ଅଟେ ମନୁଷ୍ୟ ମାତ୍ରକ । ୨୧ ।
ଈଶ୍ୱର ଧର୍ମରୁ ପତିତ । ଏହା ପ୍ରମାଣ ଏସାକ୍ଷାତ । ୨୨ ।
ଏମନ୍ତ ଶତ୍ରୁଭାବ ଦୂର । କରିବା ନିମନ୍ତେ ଖ୍ରୀଷ୍ଟର । ୨୩ ।

ଅବତାର ହେବା ପ୍ରମାଣ । ଏ ଏକ ଅଟଇ କାରଣ । ୧୪ ।
ସେ ବେଳେ ଈଶ୍ୱର କେମନ୍ତ । କେ ତାଙ୍କ ଭଜିବାର ପଥ । ୧୫ ।
କି ତାଙ୍କ ଭଜନ ସାଧନ । ମିଳଇ କେହ୍ନେ ପରିତ୍ରାଣ । ୧୬ ।
ଏହି ବିଷୟେ ଯୀଶୁ ତହିଁ । ବହୁତ ଉପଦେଶ ଦାଇ । ୧୭ ।
ସେଦେଶ ବହୁତ ଲୋକର । କୁପଥ ଛାଡ଼ି ସେହି ନାରୀ । ୧୮ ।
ତାଙ୍କ ଧର୍ମର ଆଶ୍ରା ନେଲେ । ଯଥାର୍ଥ ପଥ ଆଦରିଲେ । ୧୯ ।
ସେହି ନଗରେ ତାଙ୍କୁ ଲୋକେ । ରଖିବାନିମନ୍ତେ ଅନେକେ । ୨୦ ।
କରନ୍ତେ ଅତିଶୟ ଯତ୍ନ । ତହିଁ ରହିଲେ ଦିନଦିନ । ୨୧ ।
ଏହି ନିମନ୍ତେ ଭାଇ ଦେଖ । ନାରୀମାନଙ୍କୁ ସର୍ବଲୋକେ । ୨୨ ।
ଅବଳା ବୋଲି ହୀନ ଜ୍ଞାନ । କରନ୍ତି ସେହି ସ୍ତ୍ରୀକୁ ପୁଣ । ୨୩ ।
ଯୀଶୁ ସେ ପ୍ରକାର ନଜାଣି । ପୁରୁଷ ତୁଲେ ତାଙ୍କୁ ଗଣି । ୨୪ ।
ଆଦର କରି ଜ୍ଞାନ ଦାନ । ଦେଲେ ତାହାକୁ ଭଗବାନ ୨୫ ।

---

## ୭ ଅଧ୍ୟାୟ ।

ସେଠାରୁ ଏଥୁ ଅନନ୍ତରେ । କଫର୍ନାହୂମ ନଗରେ । ୧ ।
ଯୀଶୁ କରନ୍ତେ ଆଗମନ । ତହିଁ ମହତ ଏକଜଣ । ୨ ।
ପ୍ରବେଶି ତାହାଙ୍କର ଆଗ । ପ୍ରାର୍ଥିଲା ପୁତ୍ରର ଆରୋଗ୍ୟ । ୩ ।
ଦେଖି ତାହାର ଘୋର ଭକ୍ତି । ପ୍ରକାଶି ନିଜ ମହା ଶକ୍ତି । ୪ ।
ପୁତ୍ରକୁ ନ ଦେଖି ତାହାର । ଆରୋଗ୍ୟକଲେ ସେହିଠାର । ୫ ।
ଏଯେ ତାହାଙ୍କ କୃତ କାର୍ଯ୍ୟ । ଦେଖ ହେ କେମନ୍ତ ଆଶ୍ଚର୍ଯ୍ୟ । ୬ ।
ତହିଂ ଆମ୍ଭମାନଙ୍କ ଚିତ୍ତ । ବିଶେଷେ ରଖିବା ଉଚିତ । ୭ ।
ଯେଣୁ ସେ ସେହି ଲୋକ ସୁତ । ନ ଦେଖି ଶୁଣି କଲେ ସୁସ୍ଥ । ୮ ।
ତାହାର ସର୍ବ ବିବରଣ । ଅଛଇ ଧର୍ମଶାସ୍ତ୍ରେ ଜାଣ । ୯ ।
ଯୋହନରଚିତ ଆଖ୍ୟାନେ । ମଙ୍ଗଳସମାଚାର ନାମେ । ୧୦ ।

ସେଠାରୁ ଏଥୁ ଅନନ୍ତରେ । ଗାଲିଲୀ କାନାନଗରରେ । ୧୧ ।
ପାଣିକି ଦ୍ରାକ୍ଷାରସ ପୂର୍ବେ । ଯୀଶୁ କରିଥିଲେ ଯେଠାବେ । ୧୨ ।
ପ୍ରବେଶ ହେଲେ ପୁଣି ତହିଂ । କଫର୍ନାହୂମରେ ଯାଇଂ । ୧୩ ।
ଜଣେ କୁଳୀଣ ଲୋକ ସୁତ । ଥିଲା ସେ ଅତ୍ୟନ୍ତ ପୀଡିତ । ୧୪ ।
ଯିହୁଦାଦେଶୁଂ ଯୀଶୁଖ୍ରୀଷ୍ଟ । ହୋଇଲେ ଗାଲିଲୀ ପ୍ରବିଷ୍ଟ । ୧୫ ।
ଶୁଣି ତାହାଙ୍କ ପାଖେ ଯାଇ । ବନୋଇ ତା ପିତା ବୋଲଇ । ୧୬ ।
ହେ ପ୍ରଭୁ ଶୁଣ ମୋର ପୁଅ । ମଲାର ପ୍ରାୟେ ପୀଡା ଗାଅ । ୧୭ ।
ପ୍ରବେଶି ମୋହୋର ମନ୍ଦିର । ଅରୋଗ୍ୟ ତୁମ୍ଭେ ତାକୁ କର । ୧୮ ।
ଯୀଶୁ ତହିଂ ତାକୁ ଏସନ । ବୋଇଲେ ତୁମ୍ଭେମାନେ ପୁଣ । ୧୯ ।
ଆଶ୍ଚର୍ଯ୍ୟ କ୍ରିୟା ନ ଦେଖିଲେ । ପ୍ରତ୍ୟୟ ନକରିବ ଭଲେ । ୨୦ ।
ଶୁଣି ସେ କୁଳୀଣ ମନୁଷ୍ୟ । କହଇ ବେଗେ ତୁମ୍ଭେ ଆସ । ୨୧ ।
ମଣିମା ମୋହାର ତନୟେ । ବଞ୍ଚାଅ ନମରିବା ଯାଏ । ୨୨ ।
ଶୁଣି ଯୀଶୁ କଲେ ଉତ୍ତର । ବାହୁଡ ଯାଅ ନିଜଘରେ । ୨୩ ।
ସମସ୍ତ ବ୍ୟାଧି ଦୂରେ ଯିବ । ତୁମ୍ଭର ତନୟ ବଞ୍ଚିବ । ୨୪ ।
ଏମନ୍ତ ଯୀଶୁର ବଚନେ । ସୁତ ପ୍ରତ୍ୟୟ କଲା ମନେ । ୨୫ ।
ବାହୁଡ ଯାନ୍ତୁଂ ପଥେ । ଭେଟିଲା ଦାସଙ୍କ ସଙ୍ଗତେ । ୨୬ ।
ସେମାନେ କଲେ ସମାଚାର । ବଞ୍ଚିଲେ ତୁମ୍ଭର କୁମର । ୨୭ ।
ତାହାଙ୍କୁ ପଚାରଇ ପୁଣି । ହେ ଦାସେ ଶୁଣ ମୋର ବାଣୀ । ୨୮ ।
ଆରୋଗ୍ୟ ଉଦ୍ୟମ ପୀଡାରୁ । ହେଲା କେମନ୍ତ ସମୟରୁ । ୨୯ ।
ସେମାନେ କହିଲେ କାଲିର । ସମୟ ଦ୍ୱିତୀୟ ପ୍ରହର । ୩୦ ।
ତହୁଂ ଅତାଇ ଦଣ୍ଡଠାରୁ । ଜ୍ୱରବ ଛାଡିଲା ଦେହରୁ । ୩୧ ।
ଏଥିରେ ମନେ ସେ କୁଳୀଣ । ଜାଣିଲା ନିଶ୍ଚେ ଯୀଶୁ ଗୁଣ । ୩୨ ।
ଯେବଣ ଦଣ୍ଡେ ମୋତେ ସେହି । ଶ୍ରୀମୁଖେ ଆଜ୍ଞା ଥିଲେ ଦେଇ । ୩୩ ।
ସେ ଦଣ୍ଡ ନୋହିଲାଟ ଆନ । ଜାଣିଲ ଯୀଶୁ ଭଗବାନ । ୩୪ ।
ଏକଥା ଅନ୍ୟଥା ନୁହଇ । ପୁଣି କହିଲା ଘରେ ଯାଇ । ୩୫ ।

ଶୁଣି ତା ଗୁଟଲ ଗୁହ୍ନଜନେ । ଦୃତ ପ୍ରଣ୍ୟ ଯୀଶୁ ସ୍ଥାନେ । ୩୬ ॥
ଯିହୁଦା ଦେଶୁଁ ଯୀଶୁ ଆସି । ଗାଲିଲୀ ଦେଶରେ ପ୍ରବେଶି । ୩୭ ॥
କଲେ ଆଶ୍ଚର୍ଯ୍ୟ କର୍ମ ଯାହା । ତାର ଦ୍ୱିତୀୟ କର୍ମ ଏହା । ୩୮ ॥
ଅବର ଦେଖ ଅନୁମାନେ । ଏମନ୍ତ ଜ୍ଞାନ ହୋଏ ମନେ । ୩୯ ॥
ଉପଦେଶକ ପଦଠାରୁ । ନିଯୁକ୍ତ ହୋଇଲେ ଦିନରୁ । ୪୦ ॥
ଏକର୍ମ କରିବା ପର୍ଯ୍ୟନ୍ତ । ହୋଇଲା ବର୍ଷେକ ଅନ୍ତଃ । ୪୧ ।

---

## ୮ ଅଧ୍ୟାୟ ।

ଦ୍ୱିତୀୟ ବରଷରେ ସେହି । ଯୀଶୁ ଗାଲିଲୀ ଦେଶ ଦେଇ । ୧ ॥
ଯେତେ ନଗର ଅବା ଦେଶ । ବୁଲିଣ ହୋଇଲେ ପ୍ରବେଶ । ୨ ॥
ସେଠାରେ ଭଜନାଆଳୟେ । ଯହିଁରେ ପରିତ୍ରାଣ ହୋଏ । ୩ ॥
ପ୍ରଚାର କରନ୍ତେ ସେ କଥା । ତହିଁ ଲୋକମାନେ ସର୍ବଥା । ୪ ।
ଶୁଣନ୍ତେ ଯତ୍ନେ ମନ ଦେଇ । ତାହାଙ୍କ ମୁଖକୁ ଅନାଇ । ୫ ॥
ଏଥିଉତ୍ତାରେ କିଛି ଦିନେ । ବାଲ୍ୟକାଳେ ଥିବା ସ୍ଥାନେ । ୬ ॥
ନାଜରେତ ନାମ ନଗରେ । ପ୍ରବେଶ ହୋଇଲା ଉତ୍ତାରେ । ୭ ॥
ତାହାଙ୍କ ମନୋହର ବାଣୀ । ଆଶ୍ଚର୍ଯ୍ୟ ହେଲେ ସର୍ବେ ଶୁଣି । ୮ ॥
ଅଲପ ଲୋକର ସନ୍ତାନ । ବୋଲିଣ କେହି ଜନ । ୯ ।
ଅଶ୍ରଦ୍ଧା କଲେ ତାଙ୍କଠାଏ । ସାମାନ୍ୟ ମନୁଷ୍ୟର ପ୍ରାଏ । ୧୦ ।
ବାଲକ କାଳରେ ଆଚାର । ଦେଖି ଯେଥିଲେ ବ୍ୟବହାର । ୧୧
ସୁମରି ସେହୁ କଥାମାନ । କଲେ ସେମାନେ ହେଲା ଜ୍ଞାନ । ୧୨ ॥
ଦେଖ ଦୁର୍ବୁଦ୍ଧି ତାହାଙ୍କର । ଦେଖାଯାଇ ଫଳ ଦାତାର । ୧୩ ।
ଫଳ ନୋହିଲା କିଛି ମାତ୍ର । ତଥାପି ଈଶ୍ୱରଙ୍କ ପୁତ୍ର । ୧୪ ।
ଏମନ୍ତ ବିପରୀତ ଜ୍ଞାନ । ଦେଖି ତାହାଙ୍କ ଦୁଃଖି ମନ । ୧୫ ।
ପ୍ରକାଶି ଦୟା ନିଜଗୁଣ । ତାହାଙ୍କୁ ଶିକ୍ଷା ଦେଲେ ପୁଣ । ୧୬ ।

କହନ୍ତି ତାଙ୍କୁ ତ୍ରାଣ କଥା । ତାଙ୍କ ଅନ୍ତରେ ଲାଗେ ବ୍ୟଥା ।୧୭।
ତେଣୁ ସେମାନେ କରି କ୍ରୋଧ । କରିବା ଅର୍ଥେ ତାଙ୍କୁ ବଧ ।୧୮।
ଯେଉଁ ପର୍ବତର ଉପର । ସ୍ଥାପିତ ଥିଲା ସେ ନଗର ।୧୯।
ତହିଂ ତାହାଙ୍କୁ ଧରିନେଇ । ମାରିବେ ସେଠାରୁ ପକାଇ ।୨୦।
ଏରେତ କରନ୍ତେ ବିଚାରଣା । ଜାଣିଲେ ତାହାଙ୍କ ମନ୍ତ୍ରଣା ।୨୧।
ସେମାନଙ୍କର ମଧ୍ୟ ଦେଇ । ଅନ୍ୟ ସ୍ଥାନକୁ ଗଲେ ସେହି ।୨୨।
କଫର ନାହୂମ ନଗରେ । ବାସ କଲେ ଯାଇ ସେଠାରେ ୨୩।
ଉତ୍ତମ ନାନାଦି ପ୍ରକାର । କର୍ମମାନ କରି ପ୍ରଚାର ।୨୪।
ଲୋକମାନଙ୍କୁ ଉପଦେଶ । ଦିଅନ୍ତେ ତାହାଙ୍କର ଯଶ ।୨୫।
ସେ ଦେଶେ ହେଲା ପରିପୂର୍ଣ୍ଣ । ଏହାର ବିଶେଷ ବର୍ଣ୍ଣନ ।୨୬।
ମଙ୍ଗଲ ସମାଚାର ଖ୍ୟାତ । ଧର୍ମଶାସ୍ତ୍ର ମାର୍କ ରଚିତ ।୨୭।
ସେମାନେ ଏଥୁ ଅନନ୍ତରେ । ଗଲେ କଫରନାହୂମରେ ।୨୮।
ବିଶ୍ରାମ ଦିନେ ସେହି ପୁଣ । ପ୍ରବେଶ ହୋଇ ସେହି କ୍ଷଣ ।୨୯।
ଈଶ୍ୱର ଭଜନାଳୟରେ । ତାହାଙ୍କୁ ଶିକ୍ଷା କରାଇଲେ ।୩୦।
ଉପଦେଶରେ ତାହାଙ୍କର । ସର୍ବେ ମଣିଲେ ଚମତ୍କାର ।୩୧।
ବିକ୍ରମୀ ଲୋକଙ୍କ ସମାନ । ଯେଣୁ କଲେ ଉପଦେଶନ ।୩୨।
ପଣ୍ଡିତମାନଙ୍କର ପରି । ସେ ଯୀଶୁ ଖ୍ରୀଷ୍ଟ ନ ଆଚରି ।୩୩।
ଅଶୁଚି ଆତ୍ମାଗ୍ରସ୍ତ ଲୋକ । ସେ ଶ୍ରୀଯାଘରେ ଥିଲା ଏକ ।୩୪।
ସେ ଉଚ୍ଚସ୍ୱରେ ବୋଲେ ଶୁଣ । ହେ ଯୀଶୁ ଖ୍ରୀଷ୍ଟ ନାଜରେଣ ।୩୫।
କହ ହେ ସଙ୍ଗତେ ତୁମ୍ଭର । କି କାର୍ଯ୍ୟ ଆମ୍ଭମାନଙ୍କର ।୩୬।
ଆମ୍ଭମାନଙ୍କ ନାଶ ଅର୍ଥେ । ତୁମ୍ଭେ କି ଆସି ଅଛ ଏଥେ ।୩୭।
ଯେ ତୁମ୍ଭେ ଜାଣୁଁ ତା ବିଶେଷ । ଈଶ୍ୱର ଧାର୍ମିକ ପୁରୁଷ ।୩୮।
ଏମନ୍ତ ତାର ବାକ୍ୟ ଶୁଣି । ଯୀଶୁ ବୋଇଲେ ହୁଅ ତୁନି ।୩୯।
ପୁଣି ତାହାକୁ ଧମକାଇ । ବୋଇଲେ ଦୂରେ ଛାଡ଼ି ନେଇ ୪୦।
ସେ ଅପବିତ୍ର ଆତ୍ମା ତହିଁ । ମୁଖ ବିଦାରି କ୍ରୋଧ ବହି ୪୧।

କହି କୁବାକ୍ୟ ଉଚସ୍ୱରେ । ତାହାଙ୍କୁ ଛାଡ଼ି ଗଲା ଦୂରେ ।୪୨।
ପୁଣି ସେମାନେ ସଚକିତ । ହୋଇ ଏହି କଥା ସମସ୍ତ ।୪୩।
ଏକକୁ ଅପରେକ କହଇ । ଏକଥା କେମନ୍ତ ଅଟଇ ।୪୪।
ନୂତନ ଶିକ୍ଷା କି ହୋ ଏହି । କର୍ତ୍ତାର ପ୍ରାୟେ ପୁଣି ସେହି ।୪୫।
ଅପବିତ୍ର ଆତ୍ମାମାନଙ୍କୁ । ଯେ ଆଜ୍ଞା କରନ୍ତି ଯାହାଙ୍କୁ ।୪୬।
ସେମାନେ ମାନନ୍ତି ତା ପୁଣି । ଏଥୁ ଉତ୍ତାରେ ସେହି କ୍ଷଣି ।୪୭।
ଗାଲିଲିଦେଶ ଗୃହ ପାଶେ । ସର୍ବତ୍ର ଅନ୍ୟଅନ୍ୟ ଦେଶେ ।୪୮।
ପୂରଲା ତାହାଙ୍କ ସୁଖ୍ୟାତ । ରଖିଲେ ତାଙ୍କଠାରେ ମତ ।୪୯।
ସେମାନେ ସର୍ବେତେତେବେଳେ ।ଯାକୁବ ଯୋହନର ଭୁଲେ ।୫୦।
ଶୀମୋନ ଆନ୍ଦ୍ରିୟ ଗୃହରେ । ଭଜନା ଲୟ ଛାଡ଼ି ଗଲେ ।୫୧।
ଶୀମୋନ ଶାଶୁ ଜ୍ୱରଦେହ । ରହିଛି ଶଯ୍ୟାଗତ ହୋଇ ।୫୨।
ଦେଖି ସେମାନେ ଯାଇ ବେଗେ ।ତାର ବାରତା ତାଙ୍କ ଆଗେ ।୫୩।
କହନ୍ତେ ସେ ଅଇଲେ ତହିଁ । ତୋଳନ୍ତେ ତାକୁ ହସ୍ତ ଦେଇ ୫୪
ତତ୍କ୍ଷଣେ ଜ୍ୱର ଛାଡ଼ି ଗଲା । ତାହାଙ୍କ ସେବା ସେହି କଲା ୫୫
ଏଥୁ ଅନନ୍ତେ ସୂର୍ଯ୍ୟ ଅସ୍ତ । ହୁଅନ୍ତେ ସନ୍ଧ୍ୟା ଉପସ୍ଥିତ ।୫୬।
ତାହାଙ୍କ ନିକଟେ ସମସ୍ତ । ଲୋକେ ଅନେକ ଭୂତ ଗ୍ରସ୍ତ। ୫୭
ପୀଡ଼ିତ ଲୋକଙ୍କୁ ଅବର । ଆଣିଲେ ଅଗ୍ରତେ ତାଙ୍କର ।୫୮।
ପୀଡ଼ିତ ପୁଣି ଭୂତ ଗ୍ରସ୍ତ । ଠୁଳ ହୋଇଣ ଏ ସମସ୍ତ ।୫୯।
ନଗର ଜନ ଦ୍ୱାରେ ରହି । ପୂରଲା ନଗରର ଦାଣ୍ଡ ।୬୦।
ଦୟାଳୁ ଗୁଣେ ପୂର୍ଣ୍ଣ ସେହି । ତାହାଙ୍କୁ ଦେଖି ଦୟାବହି ।୬୧।
ନାନାଦି ପୀଡ଼ାରେ ପୀଡ଼ିତ । ଅବର ଯେତେ ଭୂତ ଗ୍ରସ୍ତ ।୬୨।
ବହୁତେ ଅଇଲେ ଯେ ଲୋକେ ।ଆରୋଗ୍ୟ କଲେ ଏକେ ।୬୩।
ସମସ୍ତ ଭୂତଙ୍କୁ ଛଡ଼ାଇ । ନଦେଲେ ତାଙ୍କୁ କଥା କହି ।୬୪।
ଯେହେତୁ ସେହି ଭୂତ ଗଣ । ଜାଣିଲେ ତାଙ୍କୁ ନିଶ୍ଚୟେଣ। ୬୫।

ନିକଟେ ଲୋକମାନଙ୍କର । ଏଥୁ ଉତ୍ତରେ ତାହାଙ୍କର ।୬୬।
ଏହି ସମସ୍ତ କୃତ କର୍ମ । ଏଅବ ନାନା ଦୟା ଧର୍ମ ।୬୭।
ତାବନ୍ତୁ କରୁ କର୍ମ ଅଭ । କର ନାହାନ୍ତି କେବେ ଯେହୁ ।୬୮
ବବେଚି ଏବେ ଆମ୍ଭେମାନେ । ଏମନ୍ତ ବୁଝୁଅଛୁଁ ମନେ ।୬୯।
ଧର୍ମପୁସ୍ତକରେ ଲେଖନ । ଯେତେ ତାହାଙ୍କ ଉପାଖ୍ୟାନ ।୭୦
ତାଧର ଉଚିତ ବର୍ତ୍ତର । କରନ୍ତେ ଜଣା ଯାଏ ତାର ।୭୧
ସହଜ ଲୋକଙ୍କର ଅର୍ଥେ । ହୋଇ ମଙ୍ଗଳାକାଙ୍କ୍ଷୀ ଚିତ୍ତେ ୭୨
ସମସ୍ତଙ୍କର ଉପକାର । କ୍ରିୟାରେ ଥିଲେ ଯେ ପ୍ରକାର ୭୩
ଶେଷରେ ଏକାନ୍ତେ ସେ ଯାଇ । ଈଶ୍ୱର ଆରାଧନା ପାଇଁ ।୭୪।
ନିବିଷ୍ଟ ମନ ଥିଲେ ହୋଇ । ସର୍ବ ଲୋକଙ୍କୁ ଦୟା ବହି ।୭୫।
ଜନନୀ ପିଅରଙ୍କୁ ଏତ । ଜାତ କୁଟୁମ୍ବ ଅବ ସୁତ ।୭୬।
ସ୍ୱାର୍ଥ ସାଧନେ ଉଦାସୀନ । ହୋଇ ଥିଲେ ନୋହେ ଏସନ ୭୭
ସଂସାର ଲୋକଙ୍କର ପ୍ରତ । ଈଶ୍ୱରୀ କରୁଣା ଯେମତ ।୭୮।
ପୁଣି ଯେମନ୍ତ ହିତ ଇଚ୍ଛା । ତେମନ୍ତ ତାହାଙ୍କ ଆକାଙ୍କ୍ଷା ୭୯
ସେ ଦୀନ ଦୟାମୟ ପୁଣି । ଯେ ସବୁ ସାଧାରଣ ପ୍ରାଣୀ ।୮୦।
ଅବର ଯେତେ ଦୀନହୀନ । ଦରିଦ୍ର ବ୍ୟାଧି ଗ୍ରସ୍ତଜନ ।୮୧।
ବାଞ୍ଛିଲେ ତାହାଙ୍କ କୁଶଳ । ଅଶେଷ ପ୍ରକାର ମଙ୍ଗଳ ।୮୨।
ପରମେଶ୍ୱରଙ୍କର ପ୍ରତ । ସମ୍ପୂର୍ଣ୍ଣ ଶୁଦ୍ଧା ଭକ୍ତି ଅତ ।୮୩।
ପ୍ରକାଶ କର ଅତଶୟ । ଅବର ହୋଇ ଆଜ୍ଞା ବହି ।୮୪।
ପ୍ରାର୍ଥନା ତାହାଙ୍କ ସଙ୍ଗତେ । କଥା ବାରତା ଅନୁବ୍ରତେ ।୮୫।
ଏରୂପେ ନିରନ୍ତର ଥାଇ । କାଳ କ୍ଷେପଣ କଲେ ସେହି ।୮୬।

---

## ୯ ଅଧ୍ୟାୟ ।

ସେ ଯୀଶୁ ଏଥୁ ଅନନ୍ତରେ । ଭ୍ରମନ୍ତେ ସେହି ପ୍ରଦେଶରେ ।୧।
ମଙ୍ଗଳ ସମାଚାର ଘୋଷି । ଲୋକଙ୍କୁ ଶିକ୍ଷା ଦେଇ ଦୋଷି ।୨

ତହିଁ ପୀଡିତ ଯେତେ ଥିଲେ । ତାହାଙ୍କୁ ଆରୋଗ୍ୟ ସେ କଲେ । ୩ ।
ସେହି ଦେଶର ନିକଟସ୍ଥ । ଯେ ଲୋକେ ସୁରୀୟା ଦେଶସ୍ଥ । ୪ ।
ତହିଁ ସେମାନେ ତାଙ୍କ କୀର୍ତ୍ତି । ଶୁଣି ଆଇଲେ ଶୀଘ୍ର ଗତି । ୫ ।
ଭୂତ ଆବର ବାୟୁଗ୍ରସ୍ତ । ଇତ୍ୟାଦି ଯେ ରୋଗୀ ସମସ୍ତ । ୬ ।
ଜ୍ୱରୀ ଆବର ପକ୍ଷାଘାତୀ । ଆଣିଲେ ତାହାଙ୍କର କତି । ୭ ।
ସମସ୍ତ ଲୋକଙ୍କୁ ସେ ହେଲେ । ଦେଖି ଆରୋଗ୍ୟ କରି ଦେଲେ । ୮ ।
ଏମନ୍ତେ ଲୋକମାନଙ୍କର । ସମସ୍ତ ଦୁଃଖ କରି ଦୂର । ୯ ।
ଭ୍ରମିଲେ ନଗରେ ନଗରେ । ସେ ଯୀଶୁ ଏଥୁ ଅନନ୍ତରେ । ୧୦ ।
କଫର ନାହୂମ ନଗର । ବାହୁଡି ଆସି ପୁନର୍ବାର । ୧୧ ।
ନାନା ପ୍ରକାର କଲେ କାର୍ଯ୍ୟ । ଅଶେଷ ଅଶେଷ ଆଶ୍ଚର୍ଯ୍ୟ । ୧୨ ।
ତାମଧ୍ୟେ ଲେଖୁଁ ଆଦି ଅନ୍ତ । ଗୋଟିଏ କର୍ମର ବୃତ୍ତାନ୍ତ । ୧୩ ।
ତାହା ଦେଖନ୍ତେ ସୁନିଶ୍ଚୟେ । ଏହି ବିଷୟ ଜଣା ଯାଏ । ୧୪ ।
ଶରୀର ଦୁଃଖ ମାତ୍ର ଦୂର । କରିବା ଅର୍ଥେ ତାହାଙ୍କର । ୧୫ ।
କେବଳ ନ ଥିଲା ସମର୍ଥ । ପାପ ନାଶନେ ବଳବନ୍ତ । ୧୬ ।
ନରକ ଭୋଗାଦି ଜନକ । ଯେ ପାପ ଶୁଣି ମନ ଦୁଃଖ । ୧୭ ।
କରିବା ଅର୍ଥେ ତାଙ୍କୁ ନଷ୍ଟ । ସମର୍ଥ ଥିଲେ ପ୍ରଭୁ ଖ୍ରୀଷ୍ଟ । ୧୮ ।
ତାହାର ବିବରଣ ଯେତେ । ମାର୍କ ଲେଖିତ ଧର୍ମ ଶାସ୍ତ୍ରେ । ୧୯ ।
ମଙ୍ଗଳସମାଚାର ମଧ୍ୟେ । ବେନି ଅଧ୍ୟାୟ ଆଦ୍ୟ ପଦେ । ୨୦ ।
ଦ୍ୱାଦଶ ପଦଠାରୁ ଶେଷ । ଶୁଣ ତାହାର ସବିଶେଷ । ୨୧ ।
କେତେହେଁ ଦିନର ଉତ୍ତାରେ । କଫରନାହୂମ ନଗରେ । ୨୨ ।
ପୁଣି ଗମନ କଲେ ସେହି । ଗୃହରେ ଛନ୍ତି ପୁଣି ରହି । ୨୩ ।
ପ୍ରଚାର ହୋଇଲା ଏସନ । ତହିଁ ବହୁତ ଲୋକମାନେ । ୨୪ ।
ବେଗେ ଏକଠାବ ହୋଇଲେ । ରହିବା ସ୍ଥାନ ନ ପାଇଲେ । ୨୫ ।
ଘର ଦ୍ୱାରର ପାଖେ ରହି । ତାହାଙ୍କୁ କଥା ପୁଣି ସେହି । ୨୬ ।
କହନ୍ତେ ଲୋକେ ଶୀଘ୍ର ଗତି । ଏକଇ ରୋଗି ପକ୍ଷାଘାତୀ । ୨୭ ।

ଗୃହ ଜଗତରେ ତାଙ୍କୁ ବହି । ତାହାଙ୍କପାଖେ ଗଲେ ନେଇ ।୧୮
ଲୋକ ଗହଳେ ତାଙ୍କ ପାଖେ । ଅସି ନ ପାର ସେହି ଲୋକେ ।୧୯।
ଥିଲେ ସେ ଯୀଶୁ ଯେଉଂ ଅଳ । ଭାଙ୍ଗିଲେ ସେହି ଘର ଚାଳ ।୩୦।
ପକ୍ଷାଘାତ ରୋଗିକି ସେହି । ଯେଉ ଶଯ୍ୟାରେ ଥିଲେ ନେଇ ।୩୧
ଶଯ୍ୟା ସହିତେ ପକ୍ଷାଘାତି । ସେମାନେ ଓହ୍ଲାଇଲେ ତଥି ।୩୨।
ଜାଣି ସେମାନଙ୍କ ପ୍ରତ୍ୟୟ । ପକ୍ଷାଘାତ କି ଦୟା ମୟ ।୩୩।
ଯୀଶୁ କହିଲେ ଶୁଣ ବତ୍ସ । ତୋହୋର ପାପହେଲା ନାଶ ।୩୪।
ଈଶ୍ୱର ବିନୁ ଅନ୍ୟ ଜନ । ପାପ ମୋଚନେ କେ ଭାଜନ ।୩୫।
ଏମନ୍ତ ଈଶ୍ୱର ନନ୍ଦନ । କିଅାଁ କରଇ ଏହି ଜନ ।୩୬।
ଏମନ୍ତ ମନେ ମନେ ଭାଳି । କେତେ ପଣ୍ଡିତଗଣ ମିଳି ।୩୭।
ପ୍ରବେଶି ଥିଲେ ସେହି ସ୍ଥାନେ । ଯୀଶୁ ତା ଜାଣି ଅନ୍ତମନେ ।୩୮।
ତତ୍‌କ୍ଷଣେ କହିଲେ ତାହାଙ୍କୁ । କିପାଁ ତୁମ୍ଭେମାନେ ଏଥିକୁ ।୩୯।
ଏମନ୍ତ ଭାବୁଛ ମନର । ତୁମ୍ଭ ପକ୍ଷାଘାତ ଲୋକର ।୪୦।
ହୋଇଛି ପାପ ବିମୋଚନ । ଏକଥା କହି ଅବା ଆନ ।୪୧।
ଆପଣା ଶଯ୍ୟା ତୁମ୍ଭେ ନିଅ । କିଅବା ଏହି କଥା କୁହ ।୪୨।
ଏଦୁଇ ମଧ୍ୟେ କି ସହଜ । ଏକଥା କହ ତୁମ୍ଭେ ଆଜ ।୪୩।
ପୃଥିବୀ ଉପରେଇ ପୁଣ । ପାପ ମୋଚନ ଶକ୍ତି ଜାଣ ।୪୪।
ଅଛଇ ମନୁଷ୍ୟ ପୁତ୍ରର । ଏକଥା ତୁମ୍ଭମାନଙ୍କର ।୪୫।
ଜାଣିବା ଅର୍ଥେ ଏହା ଅମ୍ଭେ । କହିଲୁଁ ଉଠ ଏବେ ତୁମ୍ଭେ ।୪୬।
ଘେନଣ ଶଯ୍ୟା ଆପଣାର । ଗୃହକୁ ଯାଅ ହେ ସତ୍ୱର ।୪୭।
ଏମନ୍ତ ତାହାଙ୍କର ବାଣୀ । ସେ ପକ୍ଷାଘାତି କର୍ଣ୍ଣେ ଶୁଣି ୪୮।
ତତ୍‌କ୍ଷଣେ ଉଠି ଧାତ କାଳେ । ଶଯ୍ୟା ତୋଳିଲା ବେନକରେ ୪୯
ସେ ସର୍ବ ଲୋକଙ୍କ ଅଗ୍ରତେ । ଗୃହକୁ ଚଳିଲା ତ୍ୱରିତେ ।୫୦।
ଆଶ୍ଚର୍ଯ୍ୟ ଦେଖି ସର୍ବ ଲୋକ । ବୋଲନ୍ତି ଏକକୁ ଆରେକ ।୫୧।
ଏତେ ଆଶ୍ଚର୍ଯ୍ୟ କର୍ମ କାହିଁ । ଅମ୍ଭର ଦେଖିଲୁ ତ ନାହିଁ ।୫୨।

କେବେ ନ ଦେଖିଲୁଁ ଏମନ୍ତ । ବୋଲି ହୋଇଲେ ସଚକିତ ।୫୩
ଈଶ୍ୱର ସ୍ତବ ଧନ୍ୟବାଦ । କରି ହୋଇଲେ ଗଦ୨ ।୫୪।

## ୧୦ ଅଧ୍ୟାୟ ।

ଏଥୁ ଅନନ୍ତେ ଦେଇ ଚିତ୍ତ । ଶୁଣ ହେ ଅପୂର୍ବ ଚରିତ ।୧।
ନିସ୍ତାର ନାମେ ପର୍ବ ଏକ । ଅଟଇ ଯିହୁଦୀମାନଙ୍କ ।୨।
ହୋଇଲା ତାହାର ସମୟ । ଯିରୁଶାଲମେ ଦୟାମୟ ।୩।
ପ୍ରବେଶି ସେହିଠାରେ ପୁଣି । ସ୍ନାନ ନିମନ୍ତେ ପୁଷ୍କରିଣୀ ।୪।
ଯୀଶୁ ପ୍ରବେଶ ଯାଇ ହେଲେ । ସମୟ ନିରୂପିତ କାଳେ ।୫।
ସ୍ନାନ ସେ ସାରନ୍ତେ ତତ୍‌କ୍ଷଣେ । ଦେଖ ଈଶ୍ୱର ଇଚ୍ଛା ଗୁଣେ ।୬।
ରୋଗରୁ ମୁକ୍ତ ହେବା ଧାଁଇ । ମିଳିଲା ତାଙ୍କ ପାଖେ ଯାଇ ।୭।
ଆରୋଗ୍ୟ ହୋଇବା ନିମନ୍ତେ । ରୋଗିଏ ବହୁତେ ବହୁତେ ।୮।
ସ୍ନାନର ବେଳେ ଅନୁସରି । ଘାଟକୁ ଥାଆନ୍ତି ଅବୋରି ।୯।
ପୋଖରୀ ବାଟେ ପଡି ଥାନ୍ତି । ଆସିବା ସମୟ ଗଣନ୍ତି ।୧୦।
ତାହାଙ୍କ ମଧ୍ୟେ ଏକ ରୋଗୀ । ଅଠ୍‌ତ୍ରିଶ ବର୍ଷ ରୋଗଭୋଗୀ ।୧୧।
ତାହାକୁ ଦେଖି ସେତେବେଳେ । ସେ ପ୍ରଭୁ ଯୀଶୁ ଆଜ୍ଞା କଲେ ।୧୨।
ତୁମ୍ଭେ କି ଆରୋଗ୍ୟ ନିମନ୍ତେ । ପ୍ରାର୍ଥନା କର ମୋ ଅଗ୍ରତେ ।୧୩।
ଶୁଣି କହଇ ରୋଗୀ ଜନ । ମହିମା ଶୁଣ ମୋ ବଚନ ।୧୪।
ପାଣି ହଲଇ ଯେତେବେଳେ । ପୋଖରୀ ଭିତରେ ସେକାଳେ ।୧୫
ଆମ୍ଭକୁ ଓହ୍ଲାଏ ତ୍ୱରିତ । ଏମନ୍ତ କେହି ନାହିଁ ମିତ ।୧୬।
ଆପେହେଁ ଆମ୍ଭେ ଯାଉଁ ୨ । ଆଗେ ଓହ୍ଲାଏ କେହି ଆଉ ।୧୭।
ଯୀଶୁ କହିଲେ ଉଠ ଚାଲ । ଆପଣା ଶଯ୍ୟା ଏବେ ତୋଳ ।୧୮।
ଏହା କହିବା ମାତ୍ରେ ସେହି । ତତ୍‌କ୍ଷଣେ ଉଠି ସୁସ୍ଥ ହୋଇ ।୧୯।
ଶଯ୍ୟା ଉଠାଇ ଆପଣାର । ଗୃହକୁ ଚଳି ଗଲା ତାର ।୨୦।

ଏହି ପ୍ରକାରେ ନାନା ରୋଗ । ସେ ଯୀଶୁ କରନ୍ତେ ଆରୋଗ୍ୟ ।୨୧।
କରନ୍ତେ ଜଗତର ହିତ । ହୋଇଲା ହିତେ ବିପରୀତ ।୨୨।
ପୂର୍ବର ମତାବଲମ୍ବୀଣ । ଯେହେତୁ ଯିହୁଦୀୟ ଗଣ ।୨୩।
ସେମାନେ ଦେଖି ତାହାଙ୍କର । ମହତ୍ୱ ପୁଣି ସମାଦର ।୨୪।
ଲୋକେ ଗୁରୁର ସମକକ୍ଷ । ମାନ୍ୟତା ଦେଖିଣ ପ୍ରତ୍ୟକ୍ଷ ।୨୫।
ବିବାଦ କରି ହିଂସା ବହି । ତାହାଙ୍କୁ ବିନାଶିବା ପାଇଁ ।୨୬।
ସମସ୍ତେ ହୋଇ ଏକ ମେଳି । ମନ୍ତ୍ରଣା କଲେ ସର୍ବେ ଭଲି ।୨୭।
ପାଇ ତାହାର ସମାଚାର । ଯୀଶୁ ସେଠାରୁ ଗଲେ ଦୂର ।୨୮।
ତେବେହେଁ ତାଙ୍କପାଖେ ଲୋକେ । ମିଳିଲେ ଅନେକେ ୨ ।୨୯।
ଯୀଶୁ ତାହାଙ୍କୁ ଶିକ୍ଷା ଦେଲେ । ବ୍ୟାଧି ଗ୍ରସ୍ତଙ୍କୁ ଭଲ କଲେ ।୩୦।
ସେଠାରୁ ଏଥୁ ଅନନ୍ତରେ । ଚଢ଼ିଣ ପର୍ବତ ଉପରେ ।୩୧।
ପ୍ରାର୍ଥନା କରି ୨ ତହିଁ । ରାତ୍ରି କ୍ଷେପଣ କଲେ ରହି ।୩୨।
ପ୍ରଭାତେ ଈଶ୍ୱର କୁମର । ଯେବା ମଙ୍ଗଳ ସମାଚାର ।୩୩।
ତାହାର ପ୍ରକାଶ ନିମନ୍ତେ । ଯାଉଣ ଥିଲେ ଯେ ପଛନ୍ତେ ।୩୪
ସେ ଲୋକମାନଙ୍କ ମଧ୍ୟରୁ । ବିଚାରି ଆପଣା ମନରୁ ।୩୫।
ଦ୍ୱାଦଶ ଲୋକଙ୍କୁ ଆଦରି । ନେଲେ ସେ ମନୋମୀତ କରି ।୩୬
ଏଥୁ ଉତ୍ତାରେ ସର୍ବେ ମିଶି । ସେହି ପର୍ବତ ପରେ ବସି ।୩୭।
ସେ ବାର ଜଣଙ୍କ ଅଗ୍ରତେ । ଅବର ଲୋକେ ଥିଲେ ଯେତେ ୩୮
ନାନାବିଧ ବିଶେଷ ବିଶେଷ । ପ୍ରଚାର କଲେ ଉପଦେଶ ।୩୯।
ଏହେତୁ ସେ କଥାର ନାମ । ପର୍ବତ ପ୍ରଚାର ଆଖ୍ୟାନ ।୪୦।
ଶ୍ରୋତ୍ରିୟ ବର୍ଗ ତାହା ଶୁଣି । ଆଶ୍ଚର୍ଯ୍ୟ ଜ୍ଞାନ କଲେ ପୁଣି ।୪୧।
ଯେଣୁ ପଣ୍ଡିତଙ୍କର ମତ । ଉପଦେଶ ସେ ନ ଦିଅନ୍ତ ।୪୨।
କର୍ତ୍ତାର ପ୍ରାୟେ ଶିକ୍ଷାମାନ । ଦିଅନ୍ତ ଈଶ୍ୱର ନନ୍ଦନ ।୪୩।
ତାଙ୍କ ସେ ଉପଦେଶ କଥା । ଥୋକାଏ ଏଥି ଲେଖୁଁ ଯଥା ୪୪
ଧନ୍ୟ ଯେ ଶୂନ୍ୟ ଅଭିମାନ । ଯେଣୁ ତାଙ୍କ ସ୍ୱର୍ଗରାଜନ ।୪୫।

ଧନ୍ୟ ଯେ ପାପେ କରେ ଖେଦ । ଯେଣୁ ତାକୁ ହେବ ପ୍ରବୋଧ ।୪୬
ଧନ୍ୟ ଯେ ସରଳ ଆଚାରୀ । ସେ ହେବେ ପୃଥ୍ୱୀ ଅଧିକାରୀ ୪୭
ଧର୍ମ ନିମନ୍ତେ ନିତ୍ୟ ନିତ୍ୟ । ଯେ ଜନ କ୍ଷୁଧିତ ତୃଷିତ ।୪୮।
ଧନ୍ୟ ସେ ହୋଇବ ଅଶେଷ । ସମ୍ପୂର୍ଣ୍ଣ ତୃପ୍ତିରେ ସନ୍ତୋଷ ।୪୯।
ଧନ୍ୟ ଯାହାର ଦୟା ଚିତ୍ତ । ତାହାକୁ ହେବ ଦୟା ପ୍ରାପ୍ତ ।୫୦।
ଧନ୍ୟ ଯାହାର ସାଧୁ ମନ । ପାଇବ ସେ ପ୍ରଭୁ ଦର୍ଶନ ।୫୧।
ଧନ୍ୟ ମିଳଣକାରୀ ଜଣ । ସେ ହେବ ଈଶ୍ୱର ସନ୍ତାନ ।୫୨।
ଧନ୍ୟ ଧର୍ମାର୍ଥ ନିଗ୍ରହୀତ । ସେ ସ୍ୱର୍ଗ ପାଇବ ନିଶ୍ଚିତ ।୫୩।
ତୁମ୍ଭମାନଙ୍କୁ ଲୋକେ ବଲେ । ନିନ୍ଦା କରିବେ ଯେଉଂକାଲେ ।୫୪
ନିଗ୍ରହ ଅବା ଅପବାଦ । ମିଥ୍ୟାରେ କରନ୍ତୁ ବିବିଧ ।୫୫।
ଏମନ୍ତ ଆମ୍ଭର କାରଣ । କରନ୍ତୁ ନାନାଦି ତାଡଣ ।୫୬।
ସେହି ସମୟେ ଆନନ୍ଦିତ । ହୋଇବ ମହା ହୃଷ୍ଟ ଚିତ୍ତ ।୫୭।
ସ୍ୱର୍ଗରେ ଯେଣୁ ବଡ ଫଳ । ଧନ୍ୟ ହୋଇବ ସଦାକାଲ ।୫୮।
ଯେଉଂ ଆଶ୍ଚର୍ଯ୍ୟମାନ ଭଲେ ।। ତୁମ୍ଭମାନଙ୍କ ପୂର୍ବେ ଥିଲେ ।୫୯।
ସେମାନଙ୍କୁହି ସେହିମାନେ । ନିଗ୍ରହ କରିଲେ ଏସନେ ।୬୦।
ନିଶ୍ଚୟେ କହୁ ଅଛୁଁ ଶୁଣ । ତୁମ୍ଭେ ପୃଥିବୀର ଲବଣ ।୬୧।
ଲବଣ ଅଣାସ୍ୱାଦୁ ଯେବେ । ହୁଅଇ କହ ତୁମ୍ଭେ ତେବେ ।୬୨।
ତାହାର ଲବଣତ୍ୱ ଭାବ । କେବଣ ଠାବରୁ ହୋଇବ ।୬୩।
ସେ କାଲୁ କରିବା ବାହାର । ପୁଣି ମନୁଷ୍ୟମାନଙ୍କର ।୬୪।
ଚରଣ ତଳରେ ପକାଇ । ଦେବା ବିନୁ ଆଉ ତାହାଇ ।୬୫।
ଆବର କୌଣସି କାର୍ଯ୍ୟର । ବହିତ ନୁହଇ ତାହାର ।୬୬।
ତୁମ୍ଭେମାନେହିଁ ଜଗତର । ଦୀପ୍ତି ପର୍ବତର ଉପର ।୬୭।
ସ୍ଥାପିତ ନଗର ଜାଣିବ । କେବେହେଁ ଲୁଚି ନ ପାରିବ ।୬୮।
ବଇଠା ଜାଳି ତାହା କେହି । କେବେହେଁ ଢାଙ୍କି ନ ରଖଇ ।୬୯।
ଦୀପରଖୁଆର ଉପରି । ଦୀପ ରଖଇ ଯତ୍ନ କରି ।୭ ।

ସମସ୍ତ ଗୃହସ୍ଥଙ୍କୁ ତହିଁ । ସେଘରେ ଆଲୁଅ ଦିଶଇ ।୭୧।
ମନୁଷ୍ୟମାନଙ୍କ ଅଗ୍ରତ । ତୁମ୍ଭମାନଙ୍କର ଏମନ୍ତ ।୭୨।
ଦୀପ୍ତ ପ୍ରକାଶ ହେଉ ଯେହ୍ନେ । ତୁମ୍ଭମାନଙ୍କର ସେମାନେ ।୭୩।
ସୁକ୍ରିୟା ଦେଖନ୍ତୁ ଆବର । ସେମାନେ ତୁମ୍ଭମାନଙ୍କର ।୭୪।
ସ୍ୱର୍ଗୀୟ ପିତାଙ୍କର ସ୍ତୁତ । ଭକ୍ତି କରନ୍ତୁ ନିତନିତ ।୭୫।
ଏମନ୍ତ ବଚନ ଅପାର । ହେଲା ଶ୍ରୀମୁଖରୁ ବାହାର ।୭୬।

## ୧୧ ଅଧ୍ୟୟ ।

ଏଥୁ ଅନନ୍ତେ ସେହି କାଳେ । ପର୍ବତୁଂ ଓହ୍ଲାଇଲା ବେଳେ ।୧।
ଜଣେକ କୁଷ୍ଠ ବ୍ୟାଧି ଯୁକ୍ତ । ହେବାକୁ ସେ ରୋଗରୁଂ ମୁକ୍ତ ।୨।
ଦେଖା କରନ୍ତେ ତାଙ୍କ ତୁଳେ । ଆରୋଗ୍ୟ ସେ ତାହାକୁ କଲେ ।୩।
କଫରନାହୂମ ନଗରେ । ପ୍ରବେଶ ଏଥୁ ଅନନ୍ତରେ ।୪।
ଶତେକ ସୈନ୍ୟ ସେନାପତି । ଜଣେକ ରୁମୀ ତାଙ୍କ କତି ।୫।
ପ୍ରାର୍ଥନା କଲା ଆପଣାର । ଆରୋଗ୍ୟ ନିମନ୍ତେ ଭୃତ୍ୟର ।୬।
ତହିଁରେ ଦୟା କରି ତାକୁ । ଆରୋଗ୍ୟ କଲେ ତା ଭୃତ୍ୟକୁ ।୭।
ଶିଷ୍ୟଙ୍କୁଂ ଘେନି ସଙ୍ଗତରେ । ସେଠାରୁ ନୟୀନ ନଗର ।୮।
ଦ୍ୱାରରେ ପ୍ରବେଶ ମାତ୍ରକେ । ତହିଁ ଦେଖିଲେ କେତେ ଲୋକେ ।୯।
ମଡା ବହିବା ଦ୍ୱାର ଦେଇ । ନିଅନ୍ତେ ଏକ ମଡା ବହି ।୧୦।
ଏକଇ ପୁତ୍ର ସେ ମାତାର । ବିଧବା ଜନନୀ ତାହାର ।୧୧।
ଯାଆନ୍ତେ ହୋଇ ଖେଦମନ । ଉଚ୍ଚରେ କରଇ ରୋଦନ ।୧୨।
ତାଦେଖି ପ୍ରଭୁ ଯୀଶୁଖ୍ରୀଷ୍ଟ । ହୋଇଲେ କରୁଣା ଆବିଷ୍ଟ ।୧୩।
ବୋଇଲେ କୋମଳ ବଚନ । ହେ ନାରୀ ନ କର ରୋଦନ ।୧୪।
ଏମନ୍ତେ ଯାଇ ତା ନିକଟ । ଛୁଇଁଲେ ସେ ମଡାର ଖଟ ।୧୫।
ବହିବା ଲୋକମାନେ ତହିଁ । ଗଲେ ଥମକି ଛିଡା ହୋଇଂ ।୧୬।

ସେ ମୃତ ମନୁଷ୍ୟକୁ ପୁଣି । ଯୀଶୁ କହନ୍ତି ମୃଦୁ ବାଣୀ । ୧୭ ।
ହେ ବଳସ ଅମ୍ଭେ ତୋତେ କହୁ । ବହନ ଉଠ ଏବେ ଗୁହ । ୧୮ ।
ଯୀଶୁ କହନ୍ତେ ଏହ ବାଣୀ । ସଜୀବ ଦେହେ ସେହ କ୍ଷଣି । ୧୯ ।
ଉଠିଲା ସେହ ଯୁବା ଲୋକ । ପୂର୍ବର ପ୍ରାୟେ କହେ ବାକ୍ୟ । ୨୦ ।
ଯୀଶୁ ତାହାକୁ ଏ ଅନନ୍ତେ । ତାହାର ଜନନୀ ଅଗ୍ରତେ । ୨୧ ।
କଲେ ତାହାକୁ ସମର୍ପଣ । ଆଶ୍ଚର୍ଯ୍ୟ ଦେଖି ତାଙ୍କ ଗୁଣ । ୨୨ ।
ଯେ ଲୋକମାନେ ନିକଟସ୍ଥ । ସମସ୍ତେ ହୋଇ ସଂକୁଚିତ । ୨୩ ।
ଗୁଣାନୁବାଦ ଈଶ୍ୱରର । କରନ୍ତେ କହନ୍ତି ଅପାର । ୨୪ ।
ଆପଣା ଲୋକଙ୍କୁ ଈଶ୍ୱର । କରୁଣ ଅଛନ୍ତି ମନର । ୨୫ ।
ଏଥୁ ଅନନ୍ତେ ଏହ କଥା । କ୍ରମଶେ କ୍ରମଶେ ସର୍ବଥା । ୨୬ ।
କଉସ୍ଥ ଯିହୁଦ ଦେଶରେ । ପ୍ରଚୁର ହେଲା ସର୍ବଠାରେ । ୨୭ ।

## ୧୬ ଅଧ୍ୟାୟ ।

ସେ ଯୀଶୁ ଏଥୁ ଅନନ୍ତରେ । ଲୋକଙ୍କୁ ସମସ୍ତ ଦିନରେ । ୧ ।
ଶିକ୍ଷା ଦେଇଣ ଶିଷ୍ୟଗଣ । ଚଳିଲେ ସଙ୍ଗତେ ନେଇଣ । ୨ ।
ଗାଲିଲି ଦେଶର ମଧ୍ୟସ୍ଥେ । ଚିଲିକା ପାର ହେବା ଅର୍ଥେ । ୩ ।
ବହନ ଚଢିଲେ ନାବରେ । ଯାଉ ଯାଉଣ କେତେ ଦୂରେ । ୪ ।
ପ୍ରଚଣ୍ଡ ବାୟୁ ଅକସ୍ମାତ । ଅସି ହୋଇଲା ଉପସ୍ଥିତ । ୫ ।
ତରଙ୍ଗେ ଦାରୁଣ ଲହଡି । ତାହାର ମଧ୍ୟେ ନାବ ପଡ଼ି । ୬ ।
ତରଙ୍ଗ ବୁଡଲାର ପ୍ରାୟ । ଦେଖି ପାଇଲେ ସର୍ବେ ଭୟ । ୭ ।
ସେହ ନାବର ପଛେ ଯାଇ । ମୁରୁଲା ପରେ ମୁଣ୍ଡ ଦେଇ । ୮ ।
ସେ ପ୍ରଭୁ ନିଦ୍ରାଗତ ହୋଇ । ଯେବଣ ସ୍ଥାନେ ଥିଲେ ଶୋଇ । ୯ ।
ଭୟ ପାଇଣ ଶିଷ୍ୟମାନେ । ପ୍ରବେଶ ହେଲେ ସେହସ୍ଥାନେ । ୧୦ ।
ନିଦ୍ରା ଭଙ୍ଗାଇ ତାହାଙ୍କର । ବୋଲନ୍ତି ପ୍ରଭୁ ରକ୍ଷା କର । ୧୧ ।

ନାଶ ଯେ ହେଉଁ ଆମ୍ଭେମାନେ । କିଛି ନ ଭାବୁଛ କେସନେ । ୧୨ ।
ଶିଷ୍ୟଙ୍କ ବଚନ ଏମନ୍ତ । ଶୁଣି ଉଠିଲେ ଭଗବନ୍ତ । ୧୩ ।
ସମୁଦ୍ର ଆବର ପବନ । ଦେନିଙ୍କି କରନ୍ତେ ତର୍ଜନ । ୧୪ ।
ଭୟରେ ପବନ ସାଗର । ତତ୍‌କ୍ଷଣେ ହୋଇଲେ ସୁସ୍ଥିର । ୧୫ ।
ଏମନ୍ତ ଦେଖି ନାବ ଲୋକ । ବିସ୍ମୟେ ଏକକୁ ଆରେକ । ୧୬ ।
ତର୍କତେ ବୋଲନ୍ତି ଏକସ । ଏକେଉଁ ପ୍ରକାର ମନୁଷ୍ୟ । ୧୭ ।
ସମୁଦ୍ର ପବନ ଆବର । ଆଜ୍ଞା ମାନୁଛନ୍ତି ଏହାର । ୧୮ ।
ଏମନ୍ତ କହନ୍ତି ମନୁଷ୍ୟେ । ସେ ନାବ କ୍ରମଶେ । ୧୯ ।
ଗଦର୍ଣ୍ଣ ଦେଶେ ଉପସ୍ଥିତ । କୂଳରେ ପ୍ରବେଶିବା ମାତ୍ର । ୨୦ ।
ଜଣେକ ଭୂତଗ୍ରସ୍ତ ଥିଲା । ତାହାଙ୍କ ସଙ୍ଗେ ଦେଖା କଲା । ୨୧ ।
ସେ ବଳବନ୍ତ ଭୟାନକ । ଦେଖି ଡରନ୍ତି ତାକୁ ଲୋକ । ୨୨ ।
ଯୀଶୁ ଆରୋଗ୍ୟ ତାକୁ କଲେ । ସେଠାରୁ ଆସିବାର ବେଳେ । ୨୩ ।
ମାଥିଉ ନାମେ ଖ୍ୟାତ ଏକ । ଅଟଇ ସେ କରଗ୍ରାହକ । ୨୪ ।
ଯୀଶୁଙ୍କୁ ଆପଣା ଗୃହରେ । ସେ ନେଲା ଅତଥି ବେଭାରେ । ୨୫ ।
ତହିଁରେ କ୍ଷୁଦ୍ର ଲୋକ ଭୁଲେ । ଭୋଜନେ ଯହୁଁ ସେ ବସିଲେ । ୨୬ ।
ତା ଦେଖି ପଣ୍ଡିତ ସକଳେ । ଗୁଣରେ ଦୋଷ ଆରୋପିଲେ । ୨୭ ।
ସେ ଦୋଷ ଯୀଶୁ ଦୋଷ ଜ୍ଞାନ । ନକରି ପୁଣି ଦୀନ ହୀନ । ୨୮ ।
ପାପି ଲୋକଙ୍କ ବନ୍ଧୁପଣେ । ମଣିଲେ ଆପଣାକୁ ଆପଣେ । ୨୯ ।
ଏଥୁ ଅନନ୍ତରେ ଭୋଜନ । ସେ ସ୍ଥାନେ ହୋଇଲା ଝୁସଣି । ୩୦ ।
ଜଣେକ ନାମେ ଯାୟିରସ । ତାର ହୁଅନ୍ତେ କନ୍ୟା ନାଶ । ୩୧ ।
ବିନୟ ଭକ୍ତି କରି ତାଙ୍କୁ । ଆଣିଲା ଆପଣା ଗୃହକୁ । ୩୨ ।
ସେ ଦୟାମୟ ଦୟା ବହି । ସେ ମୃତ କନ୍ୟାକୁ ବଞ୍ଚାଇ । ୩୩ ।
ତାହାର ପିତା ମାତା ଆଗେ । ସମର୍ପି ଦେଲେ ସେହିକ୍ଷଣେ । ୩୪ ।
ସେସେହିଠାବେଯେତେବେଳେ । ଗମନ କଲେ ସେହିକାଳେ । ୩୫ ।
ନରେଖ ଏକନାରୀ ଆସି । ରାଜଦାଣ୍ଡରେ ଛିଡ଼େପଣି । ୩୬ ।

ନୁଗାର ଦଶୀ ତାହାଙ୍କର । ଭକ୍ତିରେଛୁଁଇଲସେନାଖି । ୩୭ ।
ବହୁତ ଦିନୁ ରୋଗେ ଥିଲା । ତତ୍କ୍ଷଣେ ସର୍ବ ରୋଗ ଗଲା । ୩୮
ତାହାକୁ କରି ଆଶୀର୍ବାଦ । ପୁରାଇ ତାର ମନ ସାଧ । ୩୯ ।
ତହୁଁ ମେଲାଣି କଲେ ପୁଣ । ଏହି କର୍ମର ବିବରଣ । ୪୦ ।
ମଙ୍ଗଳ ସମାଚାର ଖ୍ୟାତ । ଯେ ଗ୍ରନ୍ଥ ଲୂକର ରଚିତ । ୪୧ ।
ତାର ଅଷ୍ଟମ ଅଧ୍ୟାୟରୁ । ଚତ୍ୱାରିଂଶ ପଦଠାରୁ । ୪୨ ।
ଅଠଚାଳିଶ ପଦେ ଶେଷ । ଅଛଇ ସମସ୍ତ ବିଶେଷ । ୪୩ ।
ପୁଣିହିଁ କିଛି ଦିନ ଅନ୍ତେ । ଦୁଇ ଅନ୍ଧକୁ ସେ ଏମନ୍ତେ । ୪୪ ।
ଚକ୍ଷୁ ଦେଇ ପୁଣି ଜଣେକ । ସୁସ୍ଥିଲେ ଭୂତ ଗ୍ରସ୍ତଲୋକ । ୪୫ ।
ବାହୁଡି ଏଥୁ ଅନନ୍ତରେ । ଯାଇ ନାଜରେତ ନଗରେ । ୪୬ ।
ଆଶ୍ଚର୍ଯ୍ୟ ବହୁତ ପ୍ରକାର । ଦେଖାନ୍ତେ କର୍ମ ପୁନର୍ବାର । ୪୭
ତଥାପି ସେମାନେହେଁ ଥିଲେ । ଗ୍ରାହ୍ୟହି ତାହାଙ୍କୁ ନ କଲେ । ୪୮
ସେ ଯୀଶୁ ଦେଖି ତାହାଙ୍କର ! ନିଶ୍ଚୟେ ଅବିଶ୍ୱାସ ଘୋର । ୪୯ ।
ତେଣୁ ଦୁଃଖିତ ମନ ହୋଇ । ଛାଡି ତାହାଙ୍କୁ ଗଲେ ସେହି । ୫୦

---

## ୧୩ ଅଧ୍ୟାୟ ।

ଉପଦେଶକାରି ପଦର । ଯୀଶୁଙ୍କ ନିଯୁକ୍ତ ହେବାର । ୧ ।
ତେଜିବା ଯାଏ ସେଲୋକଙ୍କୁ । ଦ୍ୱିବର୍ଷ ସମ୍ପୂର୍ଣ୍ଣ ଏଥକୁ । ୨ ।
ଲେଖଇ ଏଥର ଅନନ୍ତେ । ମଙ୍ଗଳ ସମାଚାର ଗ୍ରନ୍ଥେ । ୩ ।
ତୃତୀୟ ବର୍ଷ ପ୍ରଥମରେ । ଯିହୁଦୀୟ ସର୍ବ ନଗରେ । ୪ ।
ଯୀଶୁ ମଙ୍ଗଳସମାଚାର । କହିବା ନିମନ୍ତେ ପ୍ରଚାର । ୫ ।
ପେଷିଲେ ଆପ୍ତ ଶିଷ୍ୟଗଣ । ତହିଁ ସଚେଷ୍ଟିତ ହୋଇଣ । ୬ ।
ତାଙ୍କ ବାଞ୍ଛିତ କର୍ମ ଯାହା । ଯତ୍ନେ ସେ ପୂର୍ଣ୍ଣ କଲେତାହା । ୭ ।
ବାହୁଡି ଆଇଲା ଉତ୍ତରେ । ଅତ୍ୟନ୍ତ ନିର୍ଜନ ସ୍ଥାନରେ । ୮ ।

ଯୀଶୁ ତାହାଙ୍କୁ ଗଲେ ନେଇ । ସେ ଉପଦେଶ ଦେବାପାଇଁ । ୯ ।
ତେବେହେଁ ତହିଁ ତାଙ୍କ ଗଲେ । ବହୁତ ଲୋକେ ରୁଣ୍ଡହେଲେ । ୧୦
ନାନା ଆଶ୍ଚର୍ଯ୍ୟ ଉପଦେଶ । ଯୀଶୁ କହନ୍ତେ ତାଙ୍କ ପାଶ । ୧୧ ।
ସେ ତାହା ଶୁଣନ୍ତେ ୨ । ସେ ସ୍ଥାନେ ଥାଆନ୍ତେ ୨ । ୧୨ ।
ଗତ ହୁଅନ୍ତେ ବହୁ କାଳ । ସକଳ ପଥର ସମ୍ବଳ । ୧୩ ।
ତହିଁରେ ଯୀଶୁଖ୍ରୀଷ୍ଟ ପୁଣ । ରକ୍ଷା ନିମନ୍ତେ ତାଙ୍କ ପ୍ରାଣ । ୧୪ ।
ଗୋଟିଏ କର୍ମ ସେ ଅଦ୍ଭୁତ । ସେଠାରେ କଲେ ପ୍ରକାଶିତ । ୧୫ ।
ସେ ଅତି ଆଶ୍ଚର୍ଯ୍ୟ କର୍ମର । ସମସ୍ତ ବିବରଣ ସାର । ୧୬ ।
ମଙ୍ଗଳ ସମାଚାର ଖ୍ୟାତ । ସେ ଗ୍ରନ୍ଥ ମାତଉ ରଚିତ । ୧୭ ।
ଚଉଦ ଅଧ୍ୟାୟର ତେତେ । ପଦୁଁ ଏକୋଇଶପର୍ଯ୍ୟନ୍ତେ । ୧୮ ।
ଶୁଣ ଯା ଲେଖା ଅଛି ତହିଁ । ସେ ଯୀଶୁ ବାହାରକୁ ଯାଇଁ । ୧୯ ।
ବହୁତ ଲୋକ ଦେଖି ତଥି । ଦୟାଳୁ ହୋଇ ତାଙ୍କ ପ୍ରତି । ୨୦ ।
ଯେତେ ପୀଡିତ ତହିଁ ଥିଲେ । ଆରୋଗ୍ୟ ସେମାନଙ୍କୁ କଲେ । ୨୧ ।
ଏଥୁ ଅନନ୍ତେ ଗଲା ବେଳ । ପ୍ରବେଶ ହେଲା ସନ୍ଧ୍ୟାକାଳ । ୨୨ ।
ଯୀଶୁ ନିକଟେ ଶିଷ୍ୟଗଣ । ବୋଇଲେ ପ୍ରବେଶ ହୋଇଣ । ୨୩
ଏତ ଅଟଇ ବନସ୍ଥାନ । ଆବର ଅସ୍ତ ହେଲା ଦିନ । ୨୪ ।
ଲୋକଙ୍କୁ ମେଲାଣି ଦେଉନ୍ତୁ । ସେମାନେ ନଗରେ ଯାଆନ୍ତୁ । ୨୫ ।
ଯେ ଯାର ଭୋଜନର ଦ୍ରବ୍ୟ । କିଣନ୍ତେ ଯାଇ ତାହା ସର୍ବ । ୨୬ ।
ଉତ୍ତର ଦେଲେ ଯୀଶୁ ତହିଁ । ତାଙ୍କ ଯିବାର କାର୍ଯ୍ୟ ନାହିଁ । ୨୭ ।
ଭୋଜନ ଦ୍ରବ୍ୟ ଦିଅ ତାଙ୍କୁ । କିମ୍ପା ସେ ଯିବେ ନଗରକୁ । ୨୮ ।
ଶିଷ୍ୟେ କହିଲେ ଯୋଡ଼ି କର । ଏଠାରେ ଆମ୍ଭମାନଙ୍କର । ୨୯ ।
ସଙ୍ଗତେ ଅଛି ପ୍ରଭୁ ରୁଟି । କେବଳ ମାତ୍ର ପାଞ୍ଚ ଗୋଟି । ୩୦ ।
ଆବର ଅଛି ମତ୍ସ୍ୟ ବେନି । ଯୀଶୁ ବୋଇଲେ ଆସ ଘେନି । ୩୧
ସେ ପାଞ୍ଚ ରୁଟି ଦୁଇ ମତ୍ସ୍ୟ । ନେଇଣ ଦେଲେ ତାଙ୍କ ପାସ । ୩୨
ସେ ପ୍ରଭୁ ଏଥୁ ଅନନ୍ତରେ । ଲୋକଙ୍କୁ ଘାସର ଉପରେ । ୩୩ ।

ବସିବା ଅର୍ଥେ ଆଜ୍ଞା ଦେଲେ । ସେ ପାଞ୍ଚରୁଟି ହସ୍ତେ ନେଲେ ।୩୪
ଆବର ଦୁଇ ମତ୍ସ୍ୟ ନେଇ । ସ୍ୱର୍ଗର ଦିଗକୁ ଅନାଇ ।୩୫।
ବାଞ୍ଛିଣ ଈଶ୍ୱର ସମ୍ପଦ । ଆନନ୍ଦେ କଲ ଆଶୀର୍ବାଦ ।୩୬।
ରୁଟିକି ଖଣ୍ଡ ୨ କଲେ । ଶିଷ୍ୟମାନଙ୍କ ହସ୍ତେ ଦେଲେ ।୩୭
ସେ ଶିଷ୍ୟ ଗଣେ ତାହା ନେଇ । ଲୋକଙ୍କୁ ପରଶିଲେ ଯାଇ ।୩୮।
ଭୁଞ୍ଜିତା ଏକକୁ ଆରେକ । ତୃପ୍ତ ହୋଇଲେ ସର୍ବଲୋକ ।୩୯।
ତାହାର ଅବଶେଷ ଗୁଣ୍ଡି । ଥିଲା ଯେ ଗୃହଦବଗେ ପଡ଼ି ।୪୦।
ସାଉଁଟି କରନ୍ତେ ଏକତା । ତାହା ହୋଇଲା ବାରବୈତା ।୪୧
ସ୍ତ୍ରୀଗଣ ଯୁବତି ବାଳକ । ତହିଁ ଭୁଞ୍ଜିଲେ ଯେତେ ଲୋକ ।୪୨
ସଂଖ୍ୟାରେ ଅଟନ୍ତି ସେମାନେ । ପାଞ୍ଚ ସହସ୍ରେକ ଏସନେ ।୪୩।

## ୧୪ ଅଧ୍ୟାୟ ।

ଏଥୁ ଅନନ୍ତେ ଲୋକେ ସର୍ବେ । ତାହାଙ୍କୁ ରାଜା ଯେ କରିବେ ।୧।
ଏହା ସେ ଜାଣି ଶିଷ୍ୟଙ୍କର । ଆବର ଜ୍ଞାତ କୁଟୁମ୍ବର ।୨।
ଐହିକ ଐଶ୍ୱର୍ଯ୍ୟାଭିଳାଷ । ଦେଖି ସେମାନଙ୍କ ଅଶେଷ ।୩।
ତାହାଙ୍କୁ ତିରସ୍କାର କଲେ । ଶିଷ୍ୟମାନଙ୍କୁ ଆଜ୍ଞା ଦେଲେ ।୪।
ତିଳିକା ସେପାରେ ବହନେ । ଗମନ କର ତୁମ୍ଭେମାନେ ।୫।
ଏମନ୍ତ ଆଜ୍ଞା ତାଙ୍କୁ ଦେଇ । ଆପଣେ ସେହି ଠାବେ ରହି ।୬।
ବହୁତ ରଜନୀ ପର୍ଯ୍ୟନ୍ତେ । ପ୍ରାର୍ଥନା କଲେ ସେ ଏକାନ୍ତେ । ।
ପ୍ରଭାତେ ଏଥୁ ଅନନ୍ତରେ । ସେ ଶିଷ୍ୟ ତିଳିକା ମଧ୍ୟରେ ।୮।
ପବନ ଉଠି ଅତିଶୟେ । ସଙ୍କଟେ ଜୀବନ ସଂଶୟେ ।୯।
ଯାଇ ନପାରି ତାହା ଏଡ଼ି । ଘୋର ବିପଦେ ଥିଲେ ପଡ଼ି ।୧୦।
ଏଥି ମଧ୍ୟରେ ଦୟାମୟ । ନ ହେଉଁ ସୂର୍ଯ୍ୟର ଉଦୟ ।୧୧।
ହେଉଣ ଥିଲା ଯେ ଲହଡ଼ି । ତାହା ଉପରେ ଯୀଶୁ ଚଢ଼ି ।୧୨।

ତାଙ୍କ ନିକଟେ ଜଳ ପରେ । ଗମନ କରନ୍ତେ ପାଦରେ । ୧୩ ।
ସେମାନେ ତାହାଙ୍କୁ ଦୂରତେ । ଚିହ୍ନି ନପାରି ଅକସ୍ମାତେ । ୧୪ ।
ବୋଇଲେ ଆଶ୍ଚର୍ଯ୍ୟ ଏକାସ । ପାଣିର ଉପରେ ମନୁଷ୍ୟ । ୧୫ ।
ଚଲଇ ଦାଣ୍ଡେ ଯିବା ପ୍ରାୟେ । ଦେଖ ମାଡୁଛି ମହା ଭୟେ । ୧୬ ।
ପୁଣିହିଁ କିଛି ଦୂରେ ଦେଖି । ଭୟେ କରନ୍ତେ ଡକାଡକି । ୧୭ ।
ଯୀଶୁ ବୋଲନ୍ତି ହୁଅ ସ୍ଥିର । କିଛିହିଁ ଭୟ ହେ ନ କର । ୧୮ ।
ଅଛୁଁ ଆମ୍ଭେ ଦେଖ ଏହି । ସୁସ୍ଥିର କଲେ ଏହା କହି । ୧୯ ।
ଶୁଣି ସେମାନେ ହେଲେ ହୃଷ୍ଟ । ନାବେ ଚଢନ୍ତେ ପ୍ରଭୁ ଖ୍ରୀଷ୍ଟ । ୨୦ ।
ପବନ ହୋଇଲା ନିଶ୍ଚଳ । ସ୍ଥଗିତ ହୋଇଲା ଉଲ୍ଲୋଳ । ୨୧ ।
ପୁଣି ସେ ନାବ ଅଳ୍ପକ୍ଷଣେ । ତାହାଙ୍କ ନିରୂପିତ ସ୍ଥାନେ । ୨୨ ।
ଯାଇଣ ହୋଇଲା ପ୍ରବେଶ । ସମସ୍ତେ ହୋଇଲେ ହରଷ । ୨୩ ।
ଯେ ସର୍ବଲୋକଙ୍କୁ ସେ ହେଲେ । ଭୋଜନ କରାଇଣ ଥିଲେ । ୨୪ ।
ଏଥୁ ଅନନ୍ତେ ନାବ ବାହି । ତାହାଙ୍କ ପଛେ ପଛେ ଯାଇ । ୨୫ ।
ନାବରେ ସେ ସମସ୍ତ ଲୋକେ । ପ୍ରବେଶ ହେଲେ ଯୀଶୁ ପାଖେ । ୨୬
ତାହାଙ୍କୁ ଦେଖି ନିକଟରେ । ସେ ଯୀଶୁ ଅତ୍ୟନ୍ତ ଦୟାରେ । ୨୭
ଅକ୍ଷୟ ପରମାର୍ଥନିଧି । ଦେବାକୁ କରୁଣା ବାରିଧି । ୨୮ ।
ହୋଇଯେ ଛନ୍ତି ଅବତାର । ଗୋଟିଏ ସେହି ବିଷୟର । ୨୯ ।
ତାହାଙ୍କୁ ଉପଦେଶ ଦେଇ । ତହୁଁ ଉତ୍ତରେ ପୁଣି ସେହି । ୩୦ ।
ସ୍ଥିତ ଯିହୁଦୀଙ୍କର ଦେଶ । ଅନ୍ୟନ୍ଦ ହୋଇଲେ ପ୍ରବେଶ । ୩୧
ତହିଁ ଦୁଃଖିଣୀ ଏକ ନାରୀ । ଥିଲା ପୀଡିତା ତା କୁମାରୀ । ୩୨ ।
ଯୀଶୁ ଆରୋଗ୍ୟ ତାକୁ କଲେ । ସେଠାରୁ ଆସିବାର ବେଳେ । ୩୩
ବାଟରେ ଘୁଙ୍ଗା ଏକଜଣ । ପୁଣି ବଧିର ତାର କର୍ଣ୍ଣ । ୩୪ ।
ବାକ୍ୟ ଶ୍ରବଣ ଦେଇ ତାରେ । ସେ ଯୀଶୁ ଏଥିର ଉତ୍ତରେ । ୩୫ ।
ଏକ ପର୍ବତ ପରେ ଯାଇ । ବସିଲେ ଲୋକେ ପୁଣି ତହିଁ । ୩୬
ବହୁତେ ବହୁତେ ମିଳିଲେ । ଆବର ଯେତେ ରୋଗୀ ଥିଲେ । ୩୭

କଣା କୁବୁଜା ଅବଶାଙ୍ଗ । ଖୋଟା ପକ୍ଷାଘାତି କ୍ଷତାଙ୍ଗ । ୩୮ ।
ଇତ୍ୟାଦି ନାନା ବ୍ୟାଧି ଗ୍ରସ୍ତ । ଥିଲେ ଯେତେ ଲୋକେ ସମସ୍ତ । ୩୯ ।
ତାହାଙ୍କୁ ନେଇ ଏକେ ଏକେ । ରଖିଲେ ଖ୍ରୀଷ୍ଟଙ୍କର ପାଖେ ୪୦ ।
ପ୍ରଭୁ ଲୋକଙ୍କୁ ସେ ଆପଣେ । ଆରୋଗ୍ୟ କଲେ ଜଣେ ୨ । ୪୧ ।
ଅନ୍ଧକୁ ଦେଲେ ଚକ୍ଷୁଦାନ । ମୂକମାନେ ପାଇଲେ ବଚନ । ୪୨ ।
ଖୋଟାଙ୍କୁ ଦିଅନ୍ତେ ଚରଣ । ସ୍ୱଚ୍ଛନ୍ଦେ କଲେ ସେ ପ୍ରୟାଣ । ୪୩ ।
କ୍ଷତାଙ୍ଗ ଯେଉଂମାନେ ଥିଲେ । ତାହାଙ୍କୁ ସୁସ୍ଥାଙ୍ଗ କଲେ । ୪୪ ।
ଯେ ଅବା ପକ୍ଷାଘାତିମାନେ । ଆରୋଗ୍ୟ ଗଲେ ଯେଯା ସ୍ଥାନେ ୪୫
ଆବର ଥିଲେ ଯେତେ ରୋଗୀ । କଲେ ସେମାନଙ୍କୁ ଅରୋଗୀ । ୪୬ ।
ଇତ୍ୟାଦି ଦେଖି ତାହାଙ୍କର ଆଶ୍ଚର୍ଯ୍ୟ କର୍ମମାନ ଘୋର । ୪୭ ।
ହୋଇ ଲୋକମାନେ ଆନନ୍ଦ । କଲେ ଈଶ୍ୱର ଧନ୍ୟବାଦ । ୪୮ ।
ସେ ଯୀଶୁ ଏଥୁ ଅନନ୍ତରେ । ଦ୍ୱିସପ୍ତ ସାତଟା ରୁଟିରେ । ୪୯ ।
ସ୍ତ୍ରୀଉ ବାଳକ ନାରୀଗଣ । ଚାରି ସହସ୍ର ଯୁବା ପୁଣ । ୫୦ ।
ଏସଂଖ୍ୟା ପ୍ରମାଣେ ଲୋକଙ୍କୁ । ଭୋଜନ ଦେଲେ ଏକ ଏକୁଁ । ୫୧ ।

## ୧୫ ଅଧ୍ୟାୟ ।

ସେ ଯୀଶୁଖ୍ରୀଷ୍ଟ ଏକ ଦିନ । ପିତର ଯାକୁବ ଯୋହନ । ୧ ।
ଏତିନ ପ୍ରିୟ ଶିଷ୍ୟ ଘେନି । ଏକ ପର୍ବତେ ପ୍ରବେଶିଲେ । ୨ ।
ସେସ୍ଥାନେ ତାହାଙ୍କର କତି । ପ୍ରକାଶ କଲେ ଭିନ୍ନ ମୂର୍ତ୍ତି । ୩ ।
ଆପଣା ମୂର୍ତ୍ତିକର ଅନ୍ତଃ । ହେଲେ ସେ ଅନ୍ୟ ମୂର୍ତ୍ତି ମନ୍ତ । ୪ ।
ଏସନ୍ତ ପ୍ରକାଶିଲେ ମୂର୍ତ୍ତି । ଯେହ୍ନେ ମଧ୍ୟାହ୍ନ ସୂର୍ଯ୍ୟ ଦୀପ୍ତି । ୫ ।
ମୋଶା ଆବର ଏଲୀୟାହ । ଯେପୂର୍ବେ ସ୍ଥିତ ଥିଲେ ଦେହ । ୬ ।
ଦୁହିଙ୍କ ପରଲୋକ ଗତ । ତହିଁ କ ବର୍ଷ କେତେ ଶତ । ୭ ।
ଭବିଷ୍ୟଦ୍ବକ୍ତା ସେହି ଦୁଇ । ତତ୍କ୍ଷଣେ ମୂର୍ତ୍ତି ମନ୍ତ ହୋଇ । ୮ ।

ପ୍ରବେଶି ତାଙ୍କ ନିକଟରେ । ଯିରୂଶାଲମ ନଗରରେ ।୯।
ହେବ ଯେ ତାହାଙ୍କ ମରଣ । ତାହାର ସର୍ବ ବିବରଣ ।୧୦।
ଯୀଶୁ ସଙ୍ଗତେ ସେହିଜନ । କରଣ କଥୋପକଥନ ।୧୧।
ପର୍ବତୁଁ ଓହ୍ଲାଇଲେ ବେଳେ । ଏକ ବାଲକ ସେହି କାଳେ ।୧୨।
ବହୁତ ଦିନୁ ଭୂତ ଗ୍ରସ୍ତ । ହୋଇଣ ଥିଲା ମହା ବ୍ୟସ୍ତ ।୧୩।
ତା ଠାରୁଁ ଭୂତକୁ ଛଡାଇ । ଆରୋଗ୍ୟ କଲେ ତାକୁ ତହିଁ ।୧୪
ଯେ ସମସ୍ତ ଲୋକେ ଆଦର । ମତାନୁଯାଇ ତାହାଙ୍କର ।୧୫।
ତେଜଣ ଅହଙ୍କାର ଗୋଳ । ଦୟାଳୁ ପୁଣି ନମ୍ରଶୀଳ ।୧୬।
ହେବାର ବଡଇ ଅବଶ୍ୟ । ଇତ୍ୟାଦି ନାନା ଉପଦେଶ ।୧୭।
ଯେ ଅଦ୍ଭୁତ ଅପୂର୍ବ ଅପୂର୍ବ । ତାହାଙ୍କୁ ଶିକ୍ଷା ଦେଲେ ସର୍ବ ।୧୮।
ପ୍ରକଟ ଉପରେ ଯୀଶୁର । ଉପଦେଶକ ହୋଇବାର ।୧୯।
ହେଲା ସେ ସମୟକୁ ଶେଷ । ସମ୍ପୂର୍ଣ୍ଣ ତିନିଗୋଟି ବରଷ ।୨୦।
ଦେଖ ହେ ପ୍ରଭୁ ଖ୍ରୀଷ୍ଟଙ୍କର । ବହୁତ ଆଶ୍ଚର୍ଯ୍ୟ କ୍ରିୟାର ।୨୧।
ପଢୁଛ ଶୁଣ କଥାମାନ । ଏମନ୍ତେ କଲେ ଯେତେ କର୍ମ ।୨୨।
ଏହାର ମଧ୍ୟରେ ବିଅର୍ଥେ । ଅଥବା ନିଜ ଗୌରବାର୍ଥେ ।୨୩।
କେବେହେଁ ନ କଲେ କର୍ମ କିଛି । କେବଳ ଲୋକ ହିତ ଇଚ୍ଛି ।୨୪।
ଲୋକଙ୍କ ହିତ ଅର୍ଥେ ନାନା । ସାଧିଲେ ଅସାଧ୍ୟ ସାଧନା ।୨୫
ଯେ ସବୁ କ୍ରିୟା କଲେ ଖ୍ରୀଷ୍ଟ । ଏମନ୍ତ ମହତ୍ତ୍ୱ ବିଶିଷ୍ଟ ।୨୬।
ଯେଲୋକ ପ୍ରସିଦ୍ଧ ଅତ୍ୟନ୍ତ । ଅଟଇ ଯେବା ଖ୍ୟାତିମନ୍ତ ।୨୭।
ଯଦି ତା ଆଶ୍ଚର୍ଯ୍ୟ କର୍ମକୁ । ନଥାଏ୍ ଉପମା ଦେବାକୁ ।୨୮
ତେବେହେଁ ତାହାଙ୍କ ପାଖରେ । ଅତ୍ୟନ୍ତ ସାମାନ୍ୟଉପରେ ।୨୯।
ହୁଅଇ ତାହାର ଗଣଣା । ଚକ୍ଷୁ ପାଇଲେ ଯେଣୁ କଣା ।୩୦।
ଛୋଡା ପାଇଲେ ଯେଣୁ ଗତି । ବଧିର ଶୁଣିବାର ଶକ୍ତି ।୩୧।
ଯେମାନେ ଥିଲେ କଟି ଭଙ୍ଗ । ଅବର ଯେ ଥିଲେ ଅପାଙ୍ଗ ।୩୨।
ଆରୋଗ୍ୟ ତାଙ୍କୁ କରି ଉଲେ । କୁଡ଼ିକୁ ଭଲ ଦେହୀ କଲେ ।୩୩।

ବାୟାଙ୍କୁ ଦେଲେ ସେହ୍ଜ୍ଞାନ । ମଲାଲୋକଙ୍କୁ ଜୀବଦାନ ।୩୪।
ଯେମାନେ ଥିଲେ ଭୂତଗ୍ରସ୍ତ । ତାହାଙ୍କ ଛଡାଇଲେ ଭୂତ ।୩୫।
ପକ୍ଷାଘାତଙ୍କି ଭଲକର । ଅରୋଗୀ କଲେ ଯେତେ ଜ୍ୱରୀ ।୩୬।
ଇତ୍ୟାଦ କେତେ୨ ବ୍ୟାଧି । ଅରୋଗ୍ୟ କଲେ ଦୟାନଧି ।୩୭।
ଘୋର ପବନେ ଉଠେ ଜଲ । ଲହରୀ ସମୁଦ୍ର କଲ୍ଲୋଲ ।୩୮।
ତାହାଙ୍କ ଅଜ୍ଞା ଘେନଶିର । ଜଲ ପବନ ହେଲେ ସ୍ଥିର ।୩୯।
ଅଳ୍ପଦ୍ରବ୍ୟରେ ସେ ଅନେକ । ସହସ୍ର ସହସ୍ରେକ ଲୋକ ।୪୦।
ସନ୍ତୋଷ କର ଭୋଜନରେ । ଗମନ କଲେ ଜଲପରେ ।୪୧।
ଅଧିକ କ ଦେବା ଉପମା । ଦେଖ ହେ ତାହାଙ୍କ ମହମା ।୪୨।
ମୃତ୍ୟୁଶରୀରେ ଦେଲେ ଜୀବ । କ ଅଉ ପଟାନ୍ତର ହେବ ।୪୩।
ଧର୍ମପୁସ୍ତକରେ ଲଖନ । ତାହାଙ୍କ ଯେତେ କର୍ମମାନ ।୪୪।
ସେ ଯୀଶୁ ତା ବନୁ ଅନ୍ତର । ବହୁତ କର୍ମ ଥିଲେ କର ।୪୫।
ଉଲ୍ଲେଖ ମାତ୍ର ସ୍ଥାନେ୨ । ତାହାର ଗ୍ରନ୍ଥ କର୍ତ୍ତାମାନେ ।୪୬।
କର ଅଛନ୍ତ ଯେଣୁ ସେହ । ଧର୍ମପୁସ୍ତକରେ ଲେଖଇ ।୪୭।
କେବଣ୨ ସ୍ଥାନରେ । ଲେଖନ୍ତ ଏମନ୍ତ ପ୍ରକାରେ ।୪୮।
ସେ ଯୀଶୁ ଅଶେଷ ପ୍ରକାର । ଅସାଧ୍ୟ ସମସ୍ତ ବ୍ୟାଧିର ।୪୯।
ଲୋକମାନଙ୍କୁ କଲେ ମୁକ୍ତ । ହୋଇ ଅଶେଷ ଦୟାଯୁକ୍ତ ।୫୦।
ଆବର କେବଣ ସ୍ଥାନରେ । ଲେଖିଛ ଏମନ୍ତ ପ୍ରକାରେ ।୫୧।
ତାହାଙ୍କ ଅଶେଷ ସୁଖ୍ୟାତ । ସୁରୟାଦେଶେ ହେଲା ବ୍ୟାପ୍ତି ।୫୨
ସେମାନେ ନାନାଦ ରୋଗରେ । ଆବର ନାନା ଯନ୍ତ୍ରଣାରେ ।୫୩।
ମୃଗୀ ଆବର ପକ୍ଷାଘାତ । ଜ୍ୱର ପଙ୍ଗୁତା ଭୂତଗ୍ରସ୍ତ ।୫୪।
ଇତ୍ୟାଦ ଯନ୍ତ୍ରଣା ଛଡତ । ହୋଇଣ ଥିଲେ ଯେ ପୀଡତ ।୫୫
ଅଣନ୍ତେ ତାଙ୍କ ନକଟକୁ । ଆରୋଗ୍ୟ କଲେ ସେ ତାହାଙ୍କୁ ।୫୬
ଆବର କେଉଂ୨ ସ୍ଥାନେ । ଲେଖିଲେ ଗ୍ରନ୍ଥ କର୍ତ୍ତାମାନେ ।୫୭।
ତାଙ୍କୁ ଛୁଇବା ଅର୍ଥେ ଲୋକେ । ଉଦ୍ୟମ କଲେ ସେ ଅନେକେ ।୫୮

ଯେଣୁ ଅତୁଲ୍ୟ ପରାକ୍ରମ । ତହିଁର ହୋଇଣ ନିର୍ଗମ ।୫୯।
ସମସ୍ତ ଲୋକଙ୍କୁ ଅଶେଷେ । ଆରୋଗ୍ୟ କଲେ ଅଣାୟାସେ ।୬୦
କେବଳ ଠାବେ ଗ୍ରନ୍ଥକାର । ଏସନେ ଲେଖନ୍ତି ଅବର ।୬୧।
ସେହି ଦେଶର ଲୋକମାନେ । ଯାଇ ସକଳ ସ୍ଥାନେ ।୬୨।
ଶଯ୍ୟା ପରେଣ ସେ ସ୍ଥାନକୁ । ବହିଲେ ପୀଡ଼ିତ ଲୋକଙ୍କୁ ।୬୩।
ଅବର ଗ୍ରାମରେ ନଗରେ । ପୁଣି ସେ ଅବା ଦେଶରେ ।୬୪
ଥୋଇଲେ ସେମାନେ ବାଟରେ । ପୁଣି ପ୍ରାର୍ଥନା ତାହାଙ୍କର ।୬୫।
ଯୀଶୁର ବସ୍ତ୍ରର ଅଞ୍ଚଳ । ଛୁଇଁବେ ତାହାଙ୍କୁ କେବଳ ।୬୬
ଛୁଇଁଲେ ପୁଣି ଯେତେ ୨ । ଆରୋଗ୍ୟ ହୋଇଲେ ସମସ୍ତେ ।୬୭
ପୁଣିହିଁ ଯେଉଂ ସମୟରେ । ଯିହୁଦୀଙ୍କ ପର୍ବ ଯାତ୍ରାରେ ।୬୮।
ଯିରୂଶାଲମେ ସେହି ଆସି । ଦେଉଳ ମଧ୍ୟରେ ପ୍ରବେଶି ।୬୯।
ଶିକ୍ଷା ଦେଉଥିଲେ ଲୋକଙ୍କୁ । ସେହି ସମୟେ ଆସି ତାଙ୍କୁ ।୭୦।
ହିଂସାରେ ପ୍ରଧାନ ଯାଜକ । ଧରି ଆଣିବା ଅର୍ଥେ ଲୋକ ।୭୧।
ବରଗି ଦେଲା ତାଙ୍କ ସ୍ଥାନେ । ତାହାଙ୍କୁ ନ ଧରି ସେମାନେ ।୭୨।
ତାହାଙ୍କ ଅପୂର୍ବ ବକ୍ତୃତା । ସଦ୍ଭାବ ମନୋହର କଥା ।୭୩।
ଶୁଣିଣ ଗଲେ ସେ ବାହୁଡ଼ି । ଆଶ୍ଚର୍ଯ୍ୟ ଜ୍ଞାନେ ତାଙ୍କୁ ଛାଡ଼ି ।୭୪।
ଦେଖିଣ ଫେରି ଯିବା ଲୋକ । ପୁଛଇ ପ୍ରଧାନ ଯାଜକ ।୭୫।
କିପାଁ ନ ଆଣି ତାକୁ ଛାଡ଼ି । ତୁମ୍ଭେରେ ଅଇଲ ବାହୁଡ଼ି ।୭୬
ଉତ୍ତର ଦେଲେ ସେହି ଲୋକେ । ଶୁଣହେ ପ୍ରଧାନ ଯାଜକେ ।୭୭।
ଏହି ଯେ ଲୋକର ସମାନ । ନୋହିବେ କେହି ପୃଥ୍ୱୀଜନ ।୭୮
କେବେହେଁ ନର ଏହା ପ୍ରାୟେ । କହି ନ ପାରିବେ କଥାୟେ ।୭୯।

---

## ୧୭ ଅଧ୍ୟାୟ ।

ଏଥୁ ଅନନ୍ତେ ପୁଣି ତହିଁ । ସେ ଶମିରୋଣ ଦେଶ ଦେଇ ।୧।
ଯିରୂଶାଲମ ନଗରରେ । ଯାଉଁ ବାଟେ ମଧ୍ୟରେ ।୨।

ମିଳିଲେ କୁଢ଼ି ଦଶ ଜଣ । ତାଙ୍କୁ ଆରୋଗ୍ୟ କଲେ ପୁଣ । ୩ ।
ପୁଣିହିଁ ଲୋକେ ତାଙ୍କ ପାଖ । ଆଣିଲେ ଥୋକାଏ ବାଳକ । ୪ ।
ଧରସେ ବାଳକଙ୍କୁ କୋଳେ । ସେ ପ୍ରଭୁ ଆଶୀର୍ବାଦ କଲେ । ୫ ।
ପାପି ଲୋକମାନଙ୍କ ପ୍ରତି । ହୃଦୟେ ଦୟା ବହି ଅତି । ୬ ।
ଦିଅନ୍ତେ ତାଙ୍କୁ ଜ୍ଞାନ ଦାନ । ଏଣୁ ପଣ୍ଡିତ ଲୋକମାନ । ୭ ।
ଯୀଶୁଙ୍କୁ ଅତି ଦୋଷୀ କଲେ । ଯୀଶୁ ତାମନେ ବିଚାରିଲେ । ୮ ।
ଅବିଚାରରେ ମୋତେ ଆସି । ପଣ୍ଡିତେ କରୁଛନ୍ତି ଦୋଷୀ । ୯ ।
ଏହା ଦେଖାଇବା ନିମନ୍ତେ । କହିଲେ ଆଶ୍ଚର୍ଯ୍ୟ ଦୃଷ୍ଟାନ୍ତେ । ୧୦ ।
ତାହାର ବିବରଣ ଯେତେ । ଲୂକ ରଚିତ ଧର୍ମ ଗ୍ରନ୍ଥେ । ୧୧ ।
ଅଛି ମଙ୍ଗଳସମାଚାରରେ । ପଞ୍ଚଦଶ ଅଧ୍ୟାୟଠାରେ । ୧୨ ।
ଯୀଶୁ ବୋଇଲେ ତୁମ୍ଭେ ଶୁଣ । ମୋବାକ୍ୟ ହେ ପଣ୍ଡିତ ଗଣ । ୧୩ ।
ଜଣେକର ଦ୍ୱି ପୁତ୍ର ଥିଲା । କନିଷ୍ଠ ପିତାକୁ ବୋଇଲା । ୧୪ ।
ହେ ତାତ ଶୁଣ ମୋବଚନ । ମୋଭାଗେ ପଡ଼ିବ ଯେ ଧନ । ୧୫ ।
ସେ ଧନ ଏବେ ମୋତେ ଦେବ । ତା ଶୁଣି ପିତା ଆତ୍ମ ଦ୍ରବ୍ୟ । ୧୬ ।
ସମସ୍ତ ବେନି ଭାଗ କଲା । ଦୁଇ ପୁତ୍ରଙ୍କୁ ବାଣ୍ଟିଦେଲା । ୧୭ ।
କିଛି ଦିନରେ ସାନ ପୁତ୍ର । ଆପଣା ଧନକୁ ଏକତ୍ର । ୧୮ ।
ଘେନି ସେ ଗଲା ଦୂରଦେଶେ । ସମସ୍ତ ଅତି ଧନ ଶେଷେ । ୧୯ ।
ନାଶିଲା ତା ଅପବ୍ୟୟରେ । ସମସ୍ତ ସରିଲା ଉତ୍ତାରେ । ୨୦ ।
ସେହି ଦେଶରେ ମହା ଘୋର । ଦୁର୍ଭିକ୍ଷ ହୋଇଲା ଅପାର । ୨୧ ।
ତହିଁରେ ଆହାର ନ ପାଇ । ସେହି ଦେଶରେ ପୁଣି ସେହି । ୨୨ ।
ଗୃହସ୍ଥ ଘରେ ତତ୍କ୍ଷଣେ । ରହିଲା ଯାଇ ଭୃତ୍ୟପଣେ । ୨୩ ।
ଶୂକର ରକ୍ଷାର୍ଥେ ତାହାକୁ । ଗୃହସ୍ଥ ପେଶିଲା ବିଲକୁ । ୨୪ ।
ସେ ଯାଇ ପ୍ରବେଶି ବିଲରେ । ଶୂକର ଖାଦ୍ୟ ଛୁବଡାରେ । ୨୫ ।
ଉଦର ଭରିବା ନିମନ୍ତେ । ବହୁତ ଚେଷ୍ଟା କଲା ଯେତେ । ୨୬
କେହି ନ ଦେଲେ ତାକୁ ଯହିଂ । ଜ୍ଞାନ ସେ ପାଇ କହେ ତହିଁ । ୨୭ ।

ଅମ୍ଭ ପିତାର କେତେ । ମୂଲୟାମାନେ ଛନ୍ତି ଯେତେ । ୨୮ ।
ବହୁତ ଅଛି ତାହାଙ୍କର । ନାନାଦି ଦ୍ରବ୍ୟ ଭୋଜନର । ୨୯ ।
ମୋତେ କି ନ ମିଳିବ କିଛି । ମୁ କିପାଁ ଭୋକେ ମରୁ ଅଛି । ୩୦ ।
ମୁ ଏବେ ପିତା ପାଖେ ଯାଇ । ବିନୟ ତାହାଙ୍କୁ କହଇଁ । ୩୧ ।
ହେ ତାତ ମୁ ତୁମ୍ଭ ଅଗ୍ରତେ । ଆବର ସ୍ୱର୍ଗ ବିପକ୍ଷତେ । ୩୨ ।
ଯେ ପାପ ଅର୍ଜି ଅଛଁ ଗୁରୁ । ସେହି ହେତୁରୁ ଏହିଠାରୁ । ୩୩ ।
ତୁମ୍ଭ ପୁତ୍ରର ନାମ ଯୋଗ୍ୟ । ନୁହଇଂ ମୁହିଁ ମନ୍ଦ ଭାଗ୍ୟ । ୩୪ ।
ତେଣୁ ହୋଇ ମୋତେ ସଦୟେ । ତୁମ୍ଭର ମୁଲୟାର ପ୍ରାୟେ । ୩୫ ।
କରଣ ମୋତେ ଏବେ ରଖ । ଯେଣୁ ମୁ ଅତ୍ୟନ୍ତ ନିରେଖ । ୩୬ ।
ଏମନ୍ତ ମନେ ବିଚାରିଲା । ପିତାର ନିକଟେ ମିଳିଲା । ୩୭ ।
ଦୂରହୁଁ ପିତା ତାକୁ ଚାହିଁ । ବେଗେ ଧାଁଇଲା ଦୟା ବହିଂ । ୩୮ ।
ବେଗେ ମିଳିଲା ଯାଇ ପାଖେ । ଚୁମ୍ବନ ଦେଲା ତାର ମୁଖେ । ୩୯ ।
ସେ ପୁତ୍ର ପୁଣି ତେତେବେଳେ । ପଡଣ ପିତା ପାଦ ତଳେ । ୪୦ ।
ପୂର୍ବ ପାଞ୍ଚିଲା କଥା ତାର । କହିଲା ଯୋଡି ଦେନିକର । ୪୧ ।
ଦାସମାନଙ୍କୁ ଡାକି ପିତା । ବୋଇଲା ଶୁଣ ମୋର କଥା । ୪୨ ।
ଉତ୍ତମ ବସ୍ତ୍ର ଆଣି ଆଗେ । ଏହାକୁ ପିନ୍ଧାଅରେ ବେଗେ । ୪୩ ।
ଗୋଡରେ ପାଣ୍ଡୋଇ ପିନ୍ଧାଅ । ମୁଦ୍ରିକା ଅଙ୍ଗୁଳିରେ ଦିଅ । ୪୪ ।
ମୋଟ ବାଛୁର ଆଣି ମାର । ହରଷେ ଅମ୍ଭମାନଙ୍କର । ୪୫ ।
କରିବା ନିମନ୍ତେ ଭୋଜନ । ଯେ ହେତୁ ଆମ୍ଭର ନନ୍ଦନ । ୪୬ ।
ମଲାର ପ୍ରାୟେ ହଜି ଥିଲା । ବଞ୍ଚିଲା ପ୍ରାୟେ ସେ ମିଳିଲା । ୪୭ ।
ଏମନ୍ତ ବୋଲଣ ସମସ୍ତେ । ଅନନ୍ଦ କଲେ ଯେ ଯା ମତେ । ୪୮

---

## ୧୭ ଅଧ୍ୟାୟ ।

ଏଥୁ ଅନନ୍ତରେ ପବିତ୍ର । ଅପୂର୍ବ ଯୀଶୁଙ୍କ ଚରିତ୍ର । ୧ ।
ଲାଜାର ନାମେ ଜଣେ ନର । ମାରୟା ମାର୍ଥାର ସୋଦର । ୨ ।

କବରେ ଚିଦନ ପର୍ଯ୍ୟନ୍ତେ । ଥିଲା ସେ ପ୍ରାଣ ତ୍ୟାଗ ଅନ୍ତେ ।୩।
ତା ମୃତ୍ୟୁ ଦେଖି ଯୀଶୁ ପୁଣି । ଜୀବନ ଦାନ ଦେଲେ ଆଣି ।୪।
ତା ଦେଖି ଲୋକେ ତାଙ୍କ ପ୍ରତି । କରଣ ଶ୍ରଦ୍ଧାଭକ୍ତି ଅତି ।୫।
ଗୁରୁଙ୍କ ପ୍ରାଦ୍ୟୁ ମାନବାରେ । ପ୍ରଧାନ ଯାଜକ ହିଂସାରେ ।୬।
କରନ୍ତେ ନାନାଦ ପ୍ରକାର । ତାହାଙ୍କୁ ମାରିବା ବିଚାର ।୭।
ଯୀଶୁ ତାହାଙ୍କର ବିତର୍କ । ଦେଖିଣ ହୋଇଲେ ସତର୍କ ।୮।
ଦିବସେ ଯିରୂଶାଲମରେ । ସ୍ଥାପିତ ଦେଉଳ ମଧ୍ୟରେ ।୯।
ପ୍ରବେଶି ପ୍ରତିଦିନ ସେହି । ଲୋକମାନଙ୍କୁ ଶିକ୍ଷା ଦେଇ ।୧୦।
ରାତ୍ରିରେ ନଗରର ପ୍ରାନ୍ତେ । ଜିତ ବୃକ୍ଷ ନାମ ପର୍ବତେ ।୧୧।
ରହିଲେ ଈଶ୍ୱର କୁମର । ପ୍ରଭାତ ହେଲେ ପୁନର୍ବାର ।୧୨।
ସେହି ଦେଉଳକୁ ଆସନ୍ତି । ନଗର ଲୋକେ ତହିଁ ଯାନ୍ତି ।୧୩।
ଦିଅନ୍ତି ତାଙ୍କୁ ଶିକ୍ଷାମାନ । ଏମନ୍ତେ ଗଲା ତିନି ଦିନ ।୧୪।
ଚତୁର୍ଥ ଦିନେ ଗୁରୁବାରେ । ଶିଷ୍ୟମାନଙ୍କର ସଙ୍ଗରେ ।୧୫।
ନିସ୍ତାର ପର୍ବର ଭୋଜନେ । ବସିଣ ଆନନ୍ଦିତ ମନେ ।୧୬।
ପ୍ରୀତି ଏକକୁ ଆରେକର । କରିବା ନମ୍ରତା ଆଦର ।୧୭।
ଉଚିତ କର୍ମିଙ୍କ ପର୍ଯ୍ୟନ୍ତେ । ହୃଦୟଙ୍ଗମତା ଯେମନ୍ତେ ।୧୮।
ହୁଅଇ ଶିଷ୍ୟମାନଙ୍କର । ଏଅର୍ଥେ ଉଠିଲେ ସତ୍ୱର ।୧୯।
ବସ୍ତ୍ରରେ ଅଣ୍ଟାବାନ୍ଧି ଠାଣି । ଗୋଟିଏ ପାତ୍ରେ ନେଇ ଅଣି ।୨୦।
ଶିଷ୍ୟଙ୍କ ପାଦ ଧୋଇ ଦେଲେ । ଆପଣା ବସ୍ତ୍ରରେ ପୋଛିଲେ ।୨୧।
ଏଥୁ ଅନନ୍ତେ ପ୍ରେମ ବହି । କଟାକ୍ଷେ ସବୁ ଅଡେ ଗ୍ରହିଁ ।୨୨।
ସେଉଠୀ ଦ୍ରାକ୍ଷାରସ ନେଇ । ସମସ୍ତେ ବାଣ୍ଟିକରି ଦେଇ ।୨୩।
ବୋଇଲେ ପାପ ପ୍ରାୟଶ୍ଚିତ୍ତ । ଦୃଷ୍ଟାନ୍ତ କରି ଧ୍ୟାୟ ଚିତ୍ତ ।୨୪।
ମୋ ଦେହ ଭଙ୍ଗ ରକ୍ତପାତ । ଦୁହିଙ୍କ ସଦା ସ୍ମରଣାର୍ଥ ।୨୫।
ବେଳକୁ ବେଳ ଏହିସନ । ପ୍ରକାଶ କର ମୋ ମରଣ ।୨୬।
ପ୍ରଭୁର ଭୋଜ ଏହା ଖ୍ୟାତ । ଅର୍ପେଁ କଲେ ସେ ନିରୂପିତ ।୨୭।

## ୧୮ ଅଧ୍ୟାୟ ।

ଭୋଜନ ସମ୍ପୂର୍ଣ୍ଣ ଉତ୍ତରେ । ସେ ଯୀଶୁ ରଜନୀ କାଳରେ ।୧।
ଶିଷ୍ୟମାନଙ୍କୁ ସଙ୍ଗେ ନେଇ । ଜିତ ବୃକ୍ଷ ପର୍ବତେ ଯାଇ ।୨।
ପରମେଶ୍ୱର ଆରାଧନା । କରିବା ନିମନ୍ତେ ପ୍ରାର୍ଥନା ।୩।
ପୂର୍ବାଭ୍ୟାସର ଅନୁସାରେ । ଯାଆନ୍ତେ ଯେବନ ଭିତରେ ।୪।
ପଶିଲେ ତାଭିତରେ ଯାଇ । ଯେବଣ ସମୟରେ ସେହି ।୫।
ସଂସାର ଲୋକ ପାପ ମାନ । କରିବା ନିମନ୍ତେ ମୋଚନ ।୬।
ଅଶେଷ ପାପ ଲୋକଙ୍କର । ଆପଣା ଦେହେ ଭୋଗ କରି ।୭।
ବଳିର ରୂପେ ଆପଣାକୁ । ହେବ ଉତ୍ସର୍ଗ କରିବାକୁ ।୮।
ଏମନ୍ତ ରୂପେ ପ୍ରାୟଶ୍ଚିତ୍ତ । ତାର ସମୟ ଉପସ୍ଥିତ ।୯।
ହୋଇଲା ଏବେ ବର୍ତ୍ତମାନ । ଏହା ବିଶ୍ୱର ମନେ ମନ ।୧୦।
ଅତ୍ୟନ୍ତ ପ୍ରାଣ ତାହାଙ୍କର । ଭୟରେ ହୋଇଲା କାତର ।୧୧।
ତହୁଁ ସେ ଯାହା କଲେ ପୁଣ । ତାର ସମସ୍ତ ବିବରଣ ।୧୨।
ଲିଖିତ ମାତଉ ଗ୍ରନ୍ଥରେ । ଯାହା ମଙ୍ଗଳ ସମାଚାରେ ।୧୩।
ଛବିଶ ଅଧ୍ୟାୟ ଛବିଶ । ପଦରୁ ପୈଂଚଳିଶେ ଶେଷ ।୧୪।
ସେ ଯୀଶୁ ଖ୍ରୀଷ୍ଟ ଚଳିତବେଳେ । ଅଇଲେ ସେମାନଙ୍କ ତୁଲେ ।୧୫
ଗେତସେମନ ନାମେ ଖ୍ୟାତ । ଗୋଟିଏ ସ୍ଥାନକୁ ତୁରିତ ।୧୬
କହିଲେ ଶିଷ୍ୟଙ୍କୁ ଅନାଇ । ଆମ୍ଭେ ହେ ଯେ ପର୍ଯ୍ୟନ୍ତେ ଯାଇ ।୧୭
ପ୍ରାର୍ଥନା ନକରିଁ ସେ ସ୍ଥାନେ । ସେହି ପର୍ଯ୍ୟନ୍ତେ ତୁମ୍ଭେମାନେ ।୧୮
ବସିଣ ଥାଅ ଏହିଠାରେ । ଏମନ୍ତ ବୋଲି ସେ ସଙ୍ଗରେ ।୧୯।
ଜେବଦିର ଦୁଇ ପୁତ୍ରଙ୍କୁ । ଅବର ଘେନି ପିତରଙ୍କୁ ।୨୦।
ଅତ୍ୟନ୍ତ କାତର ହୃଦୟେ । ଭରି ହୋଇଲେ ଅତିଶୟେ ।୨୧।
ସେ ଯୀଶୁ ଖ୍ରୀଷ୍ଟ ଚଳିତବେଳେ । ପୁଣି ସେମାନଙ୍କୁ କହିଲେ ।୨୨।
ମୋ ମନେ ଦୁଃଖ ଅତିଶୟେ । ହେଉଛି ମୃତ୍ୟୁକାଳପ୍ରାୟେ ।୨୩।

ତେଣୁ ଅମ୍ଭଙ୍କ ତୁମ୍ଭେ ପୁଣ | ସଙ୍ଗତେ ଥାଇ ଅନୁକ୍ଷଣ । ୨୪।
ଜାଗିଣ ଥାଅ ଏହି ଠାରେ | ଏମନ୍ତ ବୋଲି କେତେ ଦୂରେ ।୨୫
ମୁଖ ମାଡଣ ପଡି ସେହି | ପୁଣିହିଂ କିଛି ଦୂରେ ଯାଇ । ୨୬।
କହିଲେ ପ୍ରାର୍ଥନା କରଣ | ଅହେ ଅମ୍ଭର ପିତା ଶୁଣ । ୨୭।
ଯେବେ ହୋଇବାକୁ ପାରଇ | ପିଅଲା ଅମ୍ଭଠାରୁ ଏହି । ୨୮।
ଯାଉ ଇଚ୍ଛା ନୋହେ ଅମ୍ଭର | ଏଥି ଇଚ୍ଛା ହେଉ ତୁମ୍ଭର । ୨୯।
ବାହୁଡ ଏଥୁ ଅନନ୍ତରେ | ପ୍ରବେଶି ଶିଷ୍ୟଙ୍କ ପାଖରେ । ୩୦।
ଶୟନେ ଦେଖି ସେମାନଙ୍କୁ | ଯୀଶୁ ବୋଇଲେ ପିତରକୁ । ୩୧।
ଅମ୍ଭକୁ ଦଣ୍ଡେ ତୁମ୍ଭେମାନେ | ଜାଗି କି ନ ପାରିଲ ଦିନେ । ୩୨
ନ ପଡିବାରେ ପରୀକ୍ଷାରେ | ଜାଗି ଥାଅ ଅତି ଯତ୍ନରେ । ୩୩।
ପ୍ରାର୍ଥନା କର ହେ ଆମ୍ଭର | ନିତାନ୍ତ ଉତ୍ସୁକ ଅନ୍ତର । ୩୪।
ହେଉଛି ଅତ୍ୟନ୍ତ ବିକଳ | ଅବର ଶରୀର ଦୁର୍ବଳ । ୩୫।
ତହୁଁସେ ପୁନର୍ବାର ଗଲେ | ପ୍ରାର୍ଥନା କରଣ କହିଲେ । ୩୬।
ହେ ପ୍ରଭୁ ଜନକ ଅମ୍ଭର | ବିନା ଏ ତାହା ପୀଇବାର । ୩୭।
ପିଅଲା ଅମ୍ଭଠାରୁ ଯେବେ | ଯିବାକୁ ନ ପାରଇ ତେବେ । ୩୮।
ହେ ପ୍ରଭୁ ତୁମ୍ଭ ଇଚ୍ଛା ହେଉ | ଏମନ୍ତ ବୋଲି ଅସି ତହୁଁ । ୩୯।
ବାହୁଡି ଅସି ପୁନର୍ବାର | ତାଙ୍କୁ ଦେଖିଲେ ଶୟନର । ୪୦।
ଯେଣୁ ସେମାନଙ୍କର ଆକ୍ଷୀ | ନିଦ୍ରା ଭୁଲୁ ୨ ହେଉଛି । ୪୧।
ପୁଣିହିଁ ସେମାନଙ୍କୁ ଛାଡ | ଗଲେ ସେ ସ୍ଥାନକୁ ବାହୁଡ । ୪୨।
ସେ କଥା ପୁନର୍ବାର କହି | ପୁଣି ପ୍ରାର୍ଥନା କଲେ ସେହି । ୪୩।
ତହୁଂ ବାହୁଡ ତେତେବେଳେ | ଶିଷ୍ୟଙ୍କ ନିକଟେ କହିଲେ । ୪୪।
ଏବେ ଶୟନ ତୁମ୍ଭେ କର | ସମୟ ହେଲା ବିଶ୍ରାମର । ୪୫।
ଦେଖ ସେଦଣ୍ଡ ଘୋର ଅତି | ହୋଇଛି ତାହାଙ୍କର କତି । ୪୬।
ମନୁଷ୍ୟ ପୁତ୍ର ପାପିଙ୍କର | ହେଉ ଅଛନ୍ତି ସେ ହସ୍ତର । ୪୭।

## ୧୯ ଅଧ୍ୟାୟ ।

ଏମନ୍ତ ସମୟେ ତାଙ୍କର । ଶିଷ୍ୟେ ଯେ ଥିଲେ ଜଣବାର ।୧।
ସେବାର ଜଣର ମଧ୍ୟରେ । ଶିଷ୍ୟେକ ଯିହୁଦା ନାମରେ ।୨।
ହୋଇଣ ବିଶ୍ୱାସ ଘାତକ । ସେ ଯିହୁଦା ଘୋର ପାତକ ।୩।
ଯୀଶୁଙ୍କୁ ପଣ୍ଡିତଙ୍କ ହସ୍ତେ । ଧରାଇ ଦେବାର ନିମନ୍ତେ ।୪।
ତିରିଶ ଟଙ୍କା ଲାଞ୍ଚ ଖାଇ । ପୂର୍ବହୁଁ ଅଙ୍ଗୀକାରି ସେହି ।୫।
ସୈନ୍ୟ ସାମନ୍ତ ସଙ୍ଗେ ନେଲା । ସେ ବଗିଚାରେ ପ୍ରବେଶିଲା ।୬।
ଯୀଶୁଙ୍କୁ ବେନି କରେ ଧରି । ବାନ୍ଧିଲା ଅତି ଦୃଢ଼ କରି ।୭।
ପ୍ରଥମେ କାଇଫା ନାମରେ । ପ୍ରଧାନ ଯାଜକ ଗୃହରେ ।୮।
ନେଇ ଯାଆନ୍ତେ ବହୁଲୋକ । ସେଠାରୁ ପ୍ରଧାନ ଯାଜକ ।୯।
ପିଲାତ ନାମେ ନୃପବର । ଦେବବର୍ଣ୍ଣି ରୂମିଲୋକଙ୍କର ।୧୦।
ଯୀଶୁଖ୍ରୀଷ୍ଟଙ୍କୁ ତାର ତହିଁ । ତହୁଁ ସଙ୍ଗେ ଦେଲା ପଠାଇ ।୧୧।
ପିଲାତ ପେଶିଲା ତାହାଙ୍କୁ । ହେରୋଦ ରାଜା ନିକଟକୁ ।୧୨।
ହେରୋଦ ତାଙ୍କୁ ପୁନର୍ବାରେ । ପେଶିଲା ପିଲାତ ପାଖରେ ।୧୩।
ନାନାଦି ସ୍ଥାନରୁ ଏମନ୍ତେ । ନାନାଦି ସ୍ଥାନେ ପଠିଆନ୍ତେ ।୧୪।
ପାଇଲେ ଅପମାନ ନାନା । ଭୋଗିଲେ ବହୁତ ଯନ୍ତ୍ରଣା ।୧୫।
ନିଶ୍ଚେ ନିର୍ଦ୍ଦୋଷୀ ଜାଣି ତାଙ୍କୁ । ପିଲାତ ରକ୍ଷା କରିବାକୁ ।୧୬।
ବହୁତ ପ୍ରକାର ଉଦ୍ୟମ । କଲା ସେ ରାଜା ପାଇ ଶ୍ରମ ।୧୭।
ତହିଁରେ ଅନେକ । ଯିହୁଦିମାନଙ୍କ ଯାଜକ ।୧୮।
ନିବୃତ୍ତି କେବଣ ପ୍ରକାରେ । କେବେହେଁ ନୋହିଲେ ହିଂସାରେ ।୧୯।
ଯେଣୁ ଦୁରୁ ତିନି ବର୍ଷରୁ । ତାହାଙ୍କୁ ହିଂସା ବହି ଗୁରୁ ।୨୦।
ତାହାଙ୍କ ବଧର ନିମନ୍ତେ । ସର୍ବଦା ଚେଷ୍ଟା ସେ କରନ୍ତେ ।୨୧।
କରି ତାହାଙ୍କ ଉତ୍ପାତ । କରିବେ ବୋଲି ତାଙ୍କୁ ଘାତ ।୨୨।
ଦୃଢ଼ ପ୍ରତିଜ୍ଞା ଥିଲେ କରି । ଅନେକ ଯତ୍ନେ ତାଙ୍କୁ ଧରି ।୨୩।

ତାହାଙ୍କ ସାଧ୍ୟ ଯେ ପର୍ଯ୍ୟନ୍ତ । ତହିଁ ରେ କଲେ ହସ୍ତ ଗତ । ୨୪
ତେଣୁ ସେ ପିଲାତ ଯତ୍ନରେ । ତାହାଙ୍କୁ କୌଣସି ପ୍ରକାରେ । ୨୫
ନପାରନ୍ତେ ବଞ୍ଚାଇବାକୁ । କ୍ରୁଶ ନାମରେ ଯନ୍ତ୍ରେ ତାଙ୍କୁ ୨୬।
ବାନ୍ଧଣ କରିବାକୁ ବଧ । ଏହି ଯେ ଯିହୁଦୀଙ୍କ ସଧ । ୨୭।
ସେହି ଅନ୍ୟାୟ ପ୍ରାର୍ଥନାରେ । ସମ୍ମତ କଲା ସେ ଶେଷରେ । ୨୮
ପିଲାତ ସମ୍ମତ ହୋଇଲେ । ସମସ୍ତ ଲୋକ ତେତେବେଳେ ।୨୯
ଯେ ରୀତ ବଧ କରିବାର । ଥିଲା ଯେ ରୂମି ଲୋକଙ୍କର । ୩୦।
ସେ ରୀତ ଅନୁସାରେ ସେହିଁ । ଯୀଶୁଙ୍କ କାନ୍ଧେ କ୍ରୁଶ ଦେଇ । ୩୧।
କୋରଡ଼ା ମାରନ୍ତେ ପଛନ୍ତେ । ଏମନ୍ତେ କିଛି ଦୂର ଯାନ୍ତେ । ୩୨।
ସେ ଯୀଶୁ ମାଡ ଯନ୍ତ୍ରଣାରେ । ଅତ୍ୟନ୍ତ ଦୁର୍ବଲ ଦେହରେ । ୩୩।
ସାମର୍ଥ କ୍ରୁଶ ବହିବାକୁ । ନ ଦେଖି ସେମାନେ ତାହାଙ୍କୁ ୩୪
ବଳେ ବାଟୋଇ ଜଣେ ଧରି । ସେ କ୍ରୁଶ କାନ୍ଧରେ ତାହାରି । ୩୫
ଯୀଶୁ କାନ୍ଧରୁ ନେଇ ଦେଲେ । ପୁଣି ସଧିରେ ଚଲାଇଲେ । ୩୬।

## ୨୦ ଅଧ୍ୟାୟ ।

ଏଥୁ ଅନନ୍ତରେ ସେମାନେ । କ୍ରମଶେ ପ୍ରାଣ ଦଣ୍ଡ ସ୍ଥାନେ । ୧।
ଯୀଶୁଙ୍କୁ ଘେନି ପ୍ରବେଶିଲେ । ସେ କ୍ରୁଶ ଯନ୍ତ୍ର ଥୋଇ ତଳେ । ୨।
ଯୀଶୁଙ୍କୁ ତାଉପରେ ନେଇ । ତହିଁରେ ଶୟନ କରାଇ । ୩।
ମେଲାଇ ତାଙ୍କ ହସ୍ତ ଗୋଡ । ସେ କ୍ରୁଶ ସଙ୍ଗେ ବଡୀ । ୪।
ବନ୍ଧିଲେ ଲୁହା କଣ୍ଟାଖରେ । ହସ୍ତ ଗୋଡର ପାପୁଲିରେ । ୫।
ଏଥୁ ଉତ୍ତରେ ଖୋଳି ଗାତ । ଭୂମିରେ ସେହି କ୍ରୁଶ ଯନ୍ତ୍ର । ୬।
ପୋତିଲେ ଅତି ଉଚ୍ଚ କରି । ଘୋର ଶତ୍ରୁତା ମନେ ଧରି । ୭।
ସେ ଯୀଶୁ ଏମନ୍ତ ପ୍ରକାରେ । ସେ କ୍ରୁଶ ଯନ୍ତ୍ରର ଉପରେ । ୮।
ମନୁଷ୍ୟମାନଙ୍କ କେବଳ । ଘୋର ପାପର ପ୍ରତିଫଳ । ୯।

ତାର ସ୍ୱରୂପ ଅଗଣଣା । ବଧରେ ଅସହ୍ୟ ଯନ୍ତ୍ରଣା ।୧୦।
ଭୋଗିଲେ ତା ସବୁ ଏମନ୍ତେ । ପାଞ୍ଚ କ ଛଘଣ୍ଟା ପର୍ଯ୍ୟନ୍ତେ ।୧୧।
ସେ ଯେ ଈଶ୍ୱର ଅବତାର । ଦେଖହେ ପ୍ରମାଣ ଏହାର ।୧୨।
ଭୂମି କମ୍ପାଦି ଲକ୍ଷଣରେ । ଆକାଶ ପୃଥ୍ୱୀ ସେକାଳରେ ।୧୩।
ଦୁହେଁଇ ପ୍ରମାଣ ଦେବାକୁ । ଲାଗିଲେ ସେମାନେ ଏଥକୁ ।୧୪।
ସେ ଦିନୁ ଯିହୁଦି ଜାତିରେ । ଆବର ଅନ୍ୟମାନଙ୍କରେ ।୧୫।
ନାହିଁ ଆଚରଣ ଆବର । ପୁଣି ସମସ୍ତ ସଂସାରର ।୧୬।
ଲୋକଙ୍କ ନିମନ୍ତେ ସ୍ୱର୍ଗର । ମୁକ୍ତ ହୋଇଣ ଅଛି ଦ୍ୱାର ।୧୭।
ଏହା ଜାଣି ଯିରୂଶାଲମେ । ଈଶ୍ୱର ଭଜନ ଆଶ୍ରମେ ।୧୮।
ଦେଉଳ ମଧ୍ୟ ଆବରଣ । ଯେ ବସ୍ତ୍ର ତାହା ତତକ୍ଷଣ ।୧୯।
ଉପର୍ ତଳ ଯାଏଁ ଥିଲା । ଦ୍ୱିଖଣ୍ଡ ହୋଇ ଚିରି ଗଲା ।୨୦।
ଖ୍ରୀଷ୍ଟ କର୍ତ୍ତାର ଏପ୍ରକାରେ । ଦୁଃଖ ଭୋଗର ବିଷୟରେ ।୨୧।
ସାତ ଆଠଶ ବର୍ଷ ପୂର୍ବେ । ଯାହା ଭବିଷ୍ୟଦ୍‌ବକ୍ତା ସର୍ବେ ୨୨
ଭବିଷ୍ୟ ବାଣୀ କହିଥିଲେ । ପ୍ରତକ୍ଷେ ଘଟାନ୍ତେ ତା ଭଲେ ।୨୩
ଜଗତ ଲୋକ ପରିତ୍ରାଣ । କର୍ମ ସମ୍ପୂର୍ଣ୍ଣରୂପେ ପୁଣି ।୨୪।
ହୋଇଛି ଏହା ଜାଣି ଭଲେ । ସେ ଯୀଶୁ ଡାକିଣ କହିଲେ ୨୫
ସମ୍ପୂର୍ଣ୍ଣ ହୋଇ ଅଛି ଜାଣ । ତହିଁ ଉତ୍ତାରେ ଯୀଶୁ ପୁଣ ।୨୬।
ମସ୍ତକ ନୁଆଇଁ ସତ୍ୱର । ତେଜିଲେ ନିଜ କଲେ ବର ।୨୭।
ଏବେ ଦେଖ ଭାଇ ସୁଜନେ । ଯାହାଙ୍କୁ ସ୍ୱର୍ଗ ଦୂତମାନେ ।୨୮।
ଭୂମିରେ ପଡ଼ି ଅନୁକ୍ଷଣେ । ନମନ୍ତି ତାହାଙ୍କ ଚରଣେ ।୨୯।
ଯାହାଙ୍କ ଅଗ୍ରତରେ ପୁଣି । ପୃଥ୍ୱୀରେ ଯେତେ ଜନ୍ତୁ ପ୍ରାଣୀ ।୩୦
ହୋନ୍ତି ତାହାଙ୍କୁ ନମ୍ର ଭାବ । ଛୁଡା ହୋଇବାକୁ ହୋଇବ ।୩୧।
ସେ ପ୍ରଭୁ ଯୀଶୁ ଏସନେକ । ନିଷ୍ପାପ ଶରୀରେ ଅନେକ ।୩୨।
ଯାତନା ଭୋଗିଣ ଏମନ୍ତେ । ପାପି ଲୋକଙ୍କର ନିମନ୍ତେ ।୩୩।
କଲେ ସେ ପ୍ରାଣ ସମର୍ପଣ । ପାପିଙ୍କ ଉଦ୍ଧାର କାରଣ ।୩୪।

## ୨୧ ଅଧ୍ୟାୟ ।

ଯୀଶୁଙ୍କ ଏଥି ଅନନ୍ତରେ । ଶିଷ୍ୟମାନଙ୍କର ମଧ୍ୟରେ ।୧।
ବେନ ବଣ୍ଠାସୀ ଶିଷ୍ୟ ଆସି । ପ୍ରାଣଦଣ୍ଡ ସ୍ଥାନେ ପ୍ରବେଶି ୨।
ଯୀଶୁଙ୍କ ମୃତ ଦେହ ସେହି । ସେ କ୍ରୁଶକାଠରୁ ଓହ୍ଲାଇ ।୩।
କବର ଦେଲେ ସେ ଆଣି । ତହିଁର ପଛେ ଶିଷ୍ୟଗଣ । ୪।
ମିଳିଣ କରି ଚତୁରତା । ସାବରେ ହୋଇ ସେ ଏକତା ।୫।
କବର ଭିତରୁ ଉଠାଇ । ସେ ମୃତ ଦେହ ନେଇ ଯାଇ ।୬।
ପୁନରୁତ୍ଥାନ ତାହାଙ୍କର । ହୋଇଛି ଏମନ୍ତ ପ୍ରକାର ।୭।
ଲୋକଙ୍କ ନିକଟେ ସକଳେ । ସର୍ବତ୍ର ଘୋଷଣା ସେ କଲେ ।୮।
ତେଣୁ ସେ କବରର କତ । ଯିହୁଦୀମାନଙ୍କ ନୃପତ ।୯।
କବର ଜଗିବାର ଅର୍ଥେ । ସୈନ୍ୟ ରଖିଲେ ଗୃହପାଶେ ।୧୦।
ତହିଁ ଥାଉଁ ୨ ସେମାନେ । ସେ ଯୀଶୁ ଖ୍ରୀଷ୍ଟ ତନଦନେ ।୧୧।
ଆପଣାର ବାକ୍ୟ ପ୍ରମାଣେ । ମୃତ୍ୟୁକୁ ଜୟ କରି ତେଣୁ ।୧୨।
ଆପଣାର ଦେହେ ଆପଣ । କଲେ ସେହି ପୁନରୁତ୍ଥାନ ।୧୩।
ବୁଝି ଦେଖ ଭାଇ ସଜନେ । ତାହାଙ୍କ ମରଣ ନୋହିଲେ ।୧୪।
ତେବେ ହେଁ ଆମ୍ଭମାନଙ୍କର । ପ୍ରାୟଶ୍ଚିତ୍ତ ନାନା ପାପର ।୧୫।
ନୁହନ୍ତା ଆଉ ଦେଖ ପୁଣ । ପୁନରୁତ୍ଥାନର କାରଣ ।୧୬।
ପୁନରୁତ୍ଥାନ ତାହାଙ୍କର । ଯଦି ନ ହୁଅନ୍ତା ଅବର ।୧୭।
ତେବେ ଯେ ତାହାଙ୍କର କୃତ । ଆମ୍ଭ ପାପର ପ୍ରାୟଶ୍ଚିତ୍ତ ।୧୮।
ପରମେଶ୍ୱରଙ୍କ ଅଗ୍ରତେ । ଗ୍ରାହ୍ୟ ସେ ହୋଇ ଅଛି ସତେ ୧୯
ତାହା ନିଶ୍ଚୟ ଆମ୍ଭେମାନେ । କହିହେ ଜାଣନ୍ତୁ କେସନେ ।୨୦।
ଆବର ଦେଖ ତାହାଙ୍କର । କବର ମଧ୍ୟରେ ଦେହର ।୨୧।
କ୍ଷୟ ନୋହିବ ପୂର୍ବକାଳେ । ଭବିଷ୍ୟବକ୍ତାୟେ ବୋଇଲେ ।୨୨।
ପୁଣିହି ଅମ୍ଭେ ଈଶ୍ୱରଙ୍କ । ଅଟନ୍ତି ଯେ ଅଭିଷିକ୍ତ ଲୋକ ।୨୩।

ଏହି ଯେ ଯୀଶୁଙ୍କ ବଚନ । କରିବା ନିମନ୍ତେ ପ୍ରମାଣ । ୨୪ ।
ପୁନରୁତ୍ଥାନ ନିରନ୍ତର । ଅପେକ୍ଷା କରଇ ତାଙ୍କର । ୨୫ ।
ପୁଣି ବିଶେଷେ କିଛି ଦିନ । ଶରଣାଗତ ଲୋକମାନ । ୨୬ ।
ଦୁଃଖ ଭୋଗ କରି ଶେଷରେ । ଶରୀର ଛାଡିଲା ଉତ୍ତାରେ । ୨୭ ।
ମୃତ ଦେହରେ ଶେଷ ଦିନେ । ଉତ୍ଥାନ ହୁଅନ୍ତେ ସେମାନେ । ୨୮ ।
ପରମେଶ୍ୱର ସହି ବାସେ । ସ୍ୱର୍ଗ ଭୁଞ୍ଜିବେ ଅଣାୟାସେ । ୨୯ ।
ସେମାନଙ୍କର ଦୃଢ ଏହି । ପ୍ରତ୍ୟାଶା ସତ୍ୟ ଯେ ଅଟଇ । ୩୦ ।
ପ୍ରମାଣ ନିମନ୍ତେ ଏହାର । ପୁନରୁତ୍ଥାନ ତାହାଙ୍କର । ୩୧ ।
ସେ ପୁନରୁତ୍ଥାନର ଅନ୍ତେ । ଚାଳିଶ ଦିବସ ପର୍ଯ୍ୟନ୍ତେ । ୩୨ ।
ଶିଷ୍ୟମାନଙ୍କୁ ପୁନଃ ପୁନଃ । ଦେଲେ ପ୍ରତ୍ୟକ୍ଷରେ ଦର୍ଶନ । ୩୩ ।
ଜଣେକ ମନୁଷ୍ୟ ଅଗ୍ରତ । ନୁହଇ ତା କେବଳ ମାତ୍ର । ୩୪ ।
ଅନୁମାରେ ପାଞ୍ଚଶତ । ଲୋକମାନଙ୍କ ମଧ୍ୟଗତ । ୩୫ ।
ଏକା ବେଳକେ ଦରଶନ । ଦେଲେ ସେ ଈଶ୍ୱର ନନ୍ଦନ । ୩୬ ।
ଅନ୍ୟର ବେଳେ ପୁନର୍ବାର । ସଙ୍ଗତେ ସେହି ମାନଙ୍କର । ୩୭ ।
ସେ ବନ୍ଧୁ କୁଟୁମ୍ବର ମତ । କରିଣ କଥା ବାର୍ତ୍ତା ପ୍ରୀତ । ୩୮ ।
ଏକଠାବରେ ସର୍ବଜନ । କଲେ ଭୋଜନ ପୁଣି ପାନ । ୩୯ ।
ପ୍ରତିଦିନ ଏହିପ୍ରକାରେ । ଚାଳିଶ ଦିନର ଉତ୍ତରେ । ୪୦ ।
ସେଯୀଶୁଖ୍ରୀଷ୍ଟ ଜିତ ବୃକ୍ଷ । ପର୍ବତ ମଧ୍ୟରେ ପ୍ରତ୍ୟକ୍ଷ । ୪୧ ।
ଶିଷ୍ୟମାନଙ୍କୁ ଦରଶନ । ଦେଇ ଆଶୀର୍ବାଦ ବଚନ । ୪୨ ।
ଆରୋହି ମେଘର ଉପରେ । ସ୍ୱର୍ଗକୁ ଗଲେ ସେ ସତ୍ୱରେ । ୪୩ ।
ଯୀଶୁ ଯାଅନ୍ତେ ସ୍ୱର୍ଗ ପୁର । ଯେତେକ ଶିଷ୍ୟ ତାହାଙ୍କର । ୪୪ ।
ସମସ୍ତେ ଏକ ଦୃଷ୍ଟି ହୋଇ । ରହିଲେ ସ୍ୱର୍ଗକୁ ଅନାଇ । ୪୫ ।
ତତ୍କ୍ଷଣେ ଦୁଇ ଲୋକ ଦୂତ । ସ୍ୱର୍ଗରୁ ହୋଇ ଉପସ୍ଥିତ । ୪୬ ।
କହିଲେ ମଧୁର ବଚନେ । ଅହେ ଗାଲିଲୀଲୋକମାନେ । ୪୭ ।
କି ଅର୍ଥେ ସ୍ୱର୍ଗକୁ ଅନାଇ । ଭୂମ୍ୟେ ରହିଛ ଛିଡା ହୋଇ । ୪୮ ।

ଏହି ଯେ ଯୀଶୁ ତୁମ୍ଭ ପାଖୁଁ । ନିଆ ଯାଇଛନ୍ତି ସ୍ୱର୍ଗକୁ ।୪୯।
ସ୍ୱର୍ଗେ ଗମନ ତାହାଙ୍କର । ତୁମ୍ଭେ ଦେଖିଲ ଯେପ୍ରକାର ।୫୦
ପୁଣି ସେହିରୂପେ ଏଠାକୁ । ତାଙ୍କୁ ଦେଖିବ ଆସିବାକୁ ।୫୧।
ଏମନ୍ତ ଶୁଣିଲେ ସେମାନେ । ବାହୁଡ଼ି ଗଲେ ଯେ ଯା ସ୍ଥାନେ ।୫୨

## ୨ ଅଧ୍ୟାୟ ।

ପ୍ରଭୁର ଯେମନ୍ତ ବଚନ । ଏଥୁ ଅନନ୍ତେ କିଛି ଦିନ ।୧।
ତୁମ୍ଭମାନଙ୍କର ଉପରେ । ଧର୍ମାତ୍ମା ଆବେଶ ଉତ୍ତାରେ ।୨।
ସେ ହେତୁ ତୁମ୍ଭମାନଙ୍କର । ହୋଇବ ପରାକ୍ରମ ଘୋର ।୩।
ତେଣୁ ଯିହୁଦା ଶମରୋଣ । ଯିରୂଶାଲମ ଦେଶେ ପୁଣ ।୪।
ପୃଥିବୀ ସୀମା ଯେତେ ଦୂର । ତହିଁ ତୁମ୍ଭେମାନେ ଆମ୍ଭର ।୫।
ସାକ୍ଷୀ ହୋଇବ ଏପ୍ରତିଜ୍ଞା । ଯୀଶୁ ଯେ କରି ଥିଲେ ଆଜ୍ଞା ।୬
ତାର ଅପେକ୍ଷା ହିତମନେ । କରି ରହି ଥିଲେ ସେମାନେ ।୭
ତାହା ସମ୍ପୂର୍ଣ୍ଣ କିଛି କାଳେ । ହେଲା ନିସ୍ତାର ପର୍ବବେଳେ ।୮।
ଏକ ସମୟେ ଶିଷ୍ୟମାନେ । ଏକତ୍ର ହୋଇ ଏକ ସ୍ଥାନେ ।୯।
ଈଶ୍ୱରେ ହୋଇ ଏକମନା । କରୁଣ ଥିଲେ ସେ ପ୍ରାର୍ଥନା ।୧୦
ଏହି ସମୟେ ଧର୍ମାତ୍ମାକୁ । ପ୍ରଦାନ ହେଲେ ସେମାନଙ୍କୁ ।୧୧।
ତାହାଙ୍କଠାରୁ ଅଭିଷିକ୍ତ । ତାହାଙ୍କ ଶିକ୍ଷାରେ ଶିକ୍ଷିତ ।୧୨।
ସେଠାରୁ ଯାଇଣ ସେମାନେ । ଭ୍ରମଣ କରି ସର୍ବ ସ୍ଥାନେ ।୧୩।
ଖ୍ରୀଷ୍ଟର ମରଣରୁ ପୁଣ । ପ୍ରାପ୍ତ ଯେ ହୋଏ ପରିତ୍ରାଣ ।୧୪
ଏହି ମଙ୍ଗଳ ସମାଚାର । ଘୋଷଣା କଲେ ସବୁଠାର ।୧୫।
ଅନେକ ଦେଖି ସେମାନଙ୍କ । ପରିତ୍ରାଣର ବିଷୟକ ।୧୬।
ସେହି ଉପଦେଶ ସକଳ । କେବେହେଁ ନୋହିଲା ବିଫଳ ।୧୭
ତା ଶୁଣି ହଜାରି । ମନ ଫେରିବାରୁ ଲୋକର ।୧୮।
କୁବାଟ ଛାଡ଼ି ସତ୍ୟ ଧର୍ମ । ଆଶ୍ରା ସେ କଲେ ପାଇମର୍ମ ।୧୯।

ଆଉ କି କହିବା ଅଧିକ । ଲୋକେ ଯେମନ୍ତ ଭୟାନକ ।୧୦।
ଅନ୍ଧକାର ଛାଡ଼ି ସୂର୍ଯ୍ୟତେଜ । ନିକଟେ କରନ୍ତି ବିରାଜ ।୧୧।
ମିଥ୍ୟା ଧର୍ମଟି ସେହି ମତ । ଆଶ୍ରୟ ଛାଡ଼ି ଶୀଘ୍ର ଅତ ।୧୨।
ସମସ୍ତେ ସେ ଯୀଶୁଖ୍ରୀଷ୍ଟର । ଆଶ୍ରୟ ନେଲେ ସେ ଧର୍ମର ।୧୩।

---

## ୩୧ ଅଧ୍ୟାୟ ।

ଧର୍ମପୁସ୍ତକରେ ଲେଖନ । ଅଛି ଯା ଶୁଣ ଦେଇ ମନ ।୧।
ଯୀଶୁ ଏ ଜଗତକୁ ପୁଣ । ଆସିବେ ଏ କଥା ପ୍ରମାଣ ।୨।
ନ ଆସିବେ ସେ ପରିତ୍ରାଣେ । ଶୁଣ ଆସିବେ ଯେ କାରଣ ।୩।
ଈଶ୍ୱରଙ୍କୁ ଯେ ନ ମାନଇ । ତାଙ୍କ ବଚନ ନ ଘେନଇ ।୪।
ଧର୍ମପୁସ୍ତକେ ଯା ଲେଖନ । ତାହା ନ ମାନେ ଯେଉଁ ଜନ ।୫।
ପ୍ରଚଣ୍ଡ ନରକେ ତାହାଙ୍କୁ । ଅନନ୍ତ କାଳ ଦଣ୍ଡିବାକୁ ।୬।
ସ୍ୱର୍ଗରୁ ହଜାର୨ । ଦୂତଙ୍କୁ ଘେନି ସଙ୍ଗତର ।୭।
ଯୀଶୁ ବିଚାର କର୍ତ୍ତା ଭବେ । ଏହି ଜଗତକୁ ଆସିବେ ।୮।
ତହୁଁ ସମସ୍ତ ପୃଥିବୀର । ସବୁ ଦେଶୀୟ ନାରୀନର ।୯।
ସମସ୍ତେ ସିଂହାସନ ତଳେ । ଛିଡ଼ା ହୁଅନ୍ତେ ଏକାବେଳେ ।୧୦
ଯେମନ୍ତେ ପଶୁ ରଖୁଆଳ । ମେଣ୍ଢା ପଲରୁ ଛେଳି ପଲ ।୧୧।
ବାଛି ରଖଇ ଭିନ୍ନ । ସେ ବିଚାର କର୍ତ୍ତା ତେସନେ ।୧୨।
ମଧ୍ୟରୁ ପାପି ଲୋକଙ୍କର । ବାଛିଣ ପୁଣ୍ୟବନ୍ତ ନର ।୧୩।
ତାହାଙ୍କୁ କହିବେ ତତ୍କ୍ଷଣେ । ଅହେଁ ଆଶୀଷ ପାତ୍ରମାନେ ।୧୪।
ସୃଷ୍ଟିହେଲାରୁ ଜଗତର । ଯେ ରାଜ୍ୟ ନିମନ୍ତେ ତୁମ୍ଭର ।୧୫।
ନିର୍ମାଣ ହୋଇ ଅଛି ଯେହେ । ସେ ରାଜ୍ୟ ଘେନ ତୁମ୍ଭେମାନେ ।୧୬
ପାପି ଲୋକଙ୍କୁ ସମ୍ବୋଧନ । କରି କହିଲେ ଭଗବାନ ।୧୭।
ହେ ଶାପଗ୍ରସ୍ତମାନେ ଶୁଣ । ଯେଉଁ ଅନନ୍ତାନଳ ପୁଣ ।୧୮।
ନିର୍ମିତ ଶୟତାନ ଅର୍ଥେ । ଆବର ତା ଦୂତ ନିମନ୍ତେ ।୧୯।

ଅଛୁ ଏଠାରୁ ତୁମ୍ଭେମାନେ । ଗମନ କର ସେହି ସ୍ଥାନେ । ୨୦ ।
ଏବେ ଅମୃତ କଥାସାର । ସେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର । ୨୧ ।
ଅବତାର ହେବାକାରଣ । ପୁଣି ଚରିତ୍ର ବିବରଣ । ୨୨ ।
ସଂକ୍ଷେପେ ଲେଖା ଗଲା କିଛି । ବିସ୍ତାର ଅନ୍ୟ ଗ୍ରନ୍ଥେ ଅଛି । ୨୩ ।
ଏବେହେ ଭାଇମାନେ ଶୁଣ । ଏହି ଯେ ସଂକ୍ଷେପେ ଲେଖନ । ୨୪
ଖ୍ରୀଷ୍ଟ ଚରିତ୍ର ବିବରଣ । ଏହାର ସଙ୍ଗତେ ପୁରାଣ । ୨୫ ।
ଇତ୍ୟାଦି ନାନା ଶାସ୍ତ୍ର ମତେ । ଅଛଇ ଅବତାର ଯେତେ । ୨୬ ।
ଚରିତ୍ର ବିବରଣ ତାର । ସମାନ ଏକତ୍ର ବିଚାର । ୨୭ ।
ଦେଖ ଈଶ୍ୱରଙ୍କର ପ୍ରାୟେ । କାହାର ଆଚରଣ ହୋୟେ । ୨୮
ପ୍ରଭୁ ଯୀଶୁଙ୍କ ଆଚରଣ । ସବୁ ଈଶ୍ୱର ମତ ଜାଣ । ୨୯ ।
ପୁରାଣ ଆଦି ନାନା ଶାସ୍ତ୍ରେ । ଲେଖିତ ଅବତାର ଯେତେ । ୩୦
ତାଙ୍କ ଆଚରଣ ଯେତେକ । ଅଶୁଚି ଅନ୍ୟାୟ ଅନେକ । ୩୧ ।
ଦେଖହେ ସମସ୍ତ ପବିତ୍ର । ଯୀଶୁ କ୍ରିୟାରେ ନ୍ୟାୟ ମାତ୍ର । ୩୨
ଦୟା ପ୍ରକାଶ ପାଉ ଅଛି । ଅନ୍ୟାୟ ମାତ୍ର ନାହିଁ କିଛି । ୩୩
ସେହି ଅବତାର ସମସ୍ତ । କରି ଅଛନ୍ତି ହିଂସା ମାତ୍ର । ୩୪ ।
ସବୁ ଲୋକଙ୍କର ବିଶେଷ । କରିଣ ଛନ୍ତି ପ୍ରାଣ ନାଶ । ୩୫ ।
ଲୋକମାନଙ୍କ ପୁତ୍ରମତ । ସେ ଯୀଶୁ ରକ୍ଷା କରିଛନ୍ତି । ୩୬ ।
ଅଜ୍ଞାନକୁ ସେ ଦିବ୍ୟ ଜ୍ଞାନ । ଦୁର୍ବଳ ଲୋକେ ବଳଦାନ । ୩୭ ।
ସାନ୍ତ୍ୱନା କଲେ ତାପିତକୁ । ଆରୋଗ୍ୟକଲେ ବ୍ୟାଧିତକୁ । ୩୮
ସମସ୍ତ ଲୋକଙ୍କର ହେତୁ । ବାନ୍ଧିଲେ ସେହି ତ୍ରାଣ ସେତୁ । ୩୯
ଏଣୁ ସେ ସତ୍ୟ ଅବତାର । ଏକଥା ଘେନ ବାନ୍ଧି ଶୀର । ୪୦ ।

ଇତି ଜ୍ଞାଣଚନ୍ଦ୍ରୋଦୟ । ୫ ।

No. 5.

# THE DIVINE ALPHABET.

## *THIRTY-FOUR STANZAS.*

## ଦିବ୍ୟ ବର୍ଣମାଳା ।

ମଧୁପ ଚଉଢଶାବୃତ୍ତେ ଗାଇବ ।

କୃପାସାଗର ତ୍ରିଲୋକେଶ୍ୱର । କୃପା କର ହେ ମୋର ଉପର ।
କୁମତ ଘୁଞ୍ଚାଅ ସୁମତକ ଦୟ । କଣ୍ଠ ଗାଇବ ଗୁଣ ତୁମ୍ଭର ।

ହେ ସତ୍ୟ ଧର୍ମ । ୧ ।

ଖଣ୍ଡ ନୋହେ ଅନନ୍ତ ଅମର । ଖ ଉପରେ ଅଛ ଦୂରେ ଘର ।
ଖଣ୍ଡନ୍ତି ସେ ପୁରେ ନିଷ୍ପାପୀ ପ୍ରଭୁଙ୍କୁ । ଖେଦ କ୍ରନ୍ଦନ ନାହିଁ କାହାର ।

ହେ ସତ୍ୟ ଧର୍ମ । ୨ ।

ଗୁଣେ ଗୁଣମୟ ଜ୍ଞାନ ଦାତା । ଗୁପ୍ତ ପ୍ରକାଶ ଦେଖିବା କର୍ତ୍ତା ।
ଗଜ ମୂର୍ଖକୁ ପଣ୍ଡିତ କରି ପାର । ଗୁଣ ପାଇଲେ ଲୋକ ମୂର୍ଖତା ।

ହେ ସତ୍ୟ ଧର୍ମ । ୩ ।

ଘନେଘନ ବିଜୁଳି ଯେମନ୍ତ । ଘୋର ଅନ୍ଧକାରେ ଦୀପ୍ତିମନ୍ତ ।
ଘନ ନୟନ ସମସ୍ତ ଦେଖି ପାରେ । ଘୋର ତମିସ୍ରରେ ଯେ ଯେମନ୍ତ ।

ହେ ସତ୍ୟ ଧର୍ମ । ୪ ।

ଉଦେସ୍ଥିତ ଅସ୍ତ କରୁଅଛ । ଉଆଯିବ ନକ୍ତି ଧର ଅଛ ।
ଉଚିତ ଅଣଉଚିତ ତଉଲଣ । ଉପକାର ଦଣ୍ଡ ଦେଉଅଛ ।
ହେ ସତ୍ୟ ଧର୍ମ । ୫ ।

ଚହିଂ ନ ଚହିଂଙ୍କ ପ୍ରାୟେ ହୋଇ । ଚକ୍ଷୁ ତୁମ୍ଭର ସବୁ ଦେଖଇ ।
ଚକ୍ର ଘୁରଲ ପ୍ରାୟେ ଚକ୍ଷୁ ତୁମ୍ଭର । ଚହେଂ ସ୍ୱର୍ଗମର୍ତ୍ତ୍ୟ ପାତାଳର ।
ହେ ସତ୍ୟ ଧର୍ମ । ୬ ।

ଛଉଭୁଜ ଚତୁର୍ଭୁଜ ନୋହେ । ଛଉଛନେଣ ଦୁଇ ଭୁଜ ଶୋହେ ।
ଛର ଦୃଷ୍ଟ ନର ପାପିଙ୍କ ଉପରେ । ଛନ୍ଦ ପ୍ରାୟେକ ଉହାଡ ଥାୟେ ।
ହେ ସତ୍ୟ ଧର୍ମ । ୭ ।

ଜଗନ୍ନାଥ ଜଗତର ନାଥ । ଜୀବ ଅଜୀବ ତୁମ୍ଭର କୃତ ।
ଜଗତେ ଯେତେକ ନରନାରୀ ଜନ୍ମ । ଜଗତ୍କର୍ତ୍ତା ପ୍ରତିମୂର୍ତ୍ତି ମତ ।
ହେ ସତ୍ୟ ଧର୍ମ । ୮ ।

ଝର ପ୍ରାୟେ ପ୍ରେମମୟ ବାକ୍ୟ । ଝାସି ଯେ ପିୟେ ଏମନ୍ତ ଲୋକ ।
ଝଲି ହୋୟେ ମନ ଆତ୍ମ ଦେହ ଆଦ । ଝଟିତ ସେ ପାପୁଂ ହୋୟେ ମୁକ୍ତ ।
ହେ ସତ୍ୟ ଧର୍ମ । ୯ ।

ନିଷ୍ଟେଂ ନରଙ୍କୁ ହୋୟେ ଉଦ୍ଧାର । ନିଷ୍ଟେ ଲଭଇ ସ୍ୱର୍ଗାଧିକାର ।
ନିର୍ଲେପ ନିରଞ୍ଜନ ବ୍ରହ୍ମ ଖ୍ରୀଷ୍ଟରେ । ନିରନ୍ତରେ ବୋଲେ ପିତା ମୋର ।
ହେ ସତ୍ୟ ଧର୍ମ । ୧୦ ।

ଟେହ ଟେହ ହାସ୍ୟ ମୁଖ ଦେଖି । ଟେକ ମନକୁ ରଖିବ ଟାକ ।
ଟଲ ନୋହେ ଅଟଳ ଆଜ୍ଞା ତୁମ୍ଭର । ଟେକ ମନ ମଧ୍ୟେ ଥିବ ରଖି ।
ହେ ସତ୍ୟ ଧର୍ମ । ୧୧ ।

ଠଣଅଭୟ ପାଦରେ ଠଣା । ଠକ ଠାପୁଅମାନଙ୍କୁ ବଣା ।
ଠକପାପିଷ୍ଠ ଦୁର୍ଜନ ଦୁରାଚାର । ଠୀକେ ଭରସା ତୁମ୍ଭ ଚରଣ ।
ହେ ସତ୍ୟ ଧର୍ମ । ୧୨ ।

ଡର ଡର ହୁଅ ପାପି ନର । ଡାକୁଛନ୍ତି ଜୀବତ ଈଶ୍ୱର ।
ଡାକଜୀବନ ଦାୟକ ସୁବାରତା । ଡେର କର୍ଣ୍ଣ ସର୍ବନାଶୀ ନର ।
ହେ ପାପକାଣ୍ଡ । ୧୩ ।

ଢଲଢଲ ପ୍ରେମର ସାଗର । ଢଲଢଲ ପ୍ରେମମୟ ପୁର ।
ଢାଳେ ଦେଶ ସ୍ୱର୍ଗ ସୁଖ ଯୀଶୁ ଖ୍ରୀଷ୍ଟ । ଢେଉ ପାପ ଭୋଗ ଅଙ୍ଗୀକାର ।
ହେ ପାପକାଣ୍ଡ । ୧୪ ।

ଅଣାକାର ବ୍ରହ୍ମର କୁମର । ଅବତରଣେ ଆସି ମର୍ତ୍ତ୍ୟ ପୁର ।
ଅଣ ଉପ୍ରୋଧି ଯିହୁଦା ଦେଶେ ଜନ୍ମ । ଅଣାଦରକୁ କଲେ ଆଦର ।
ହେ ପାପକାଣ୍ଡ । ୧୫ ।

ତାଙ୍କ ମୃତ୍ୟୁରୂପ ପ୍ରାୟଶ୍ଚିତ୍ତ । ତେଣୁ ସେହି ସତ୍ୟ ପୁରୋହିତ ।
ତାଙ୍କ ପିତା ଈଶ୍ୱରଙ୍କୁ ନିଜ ଦେହ । ତୃଣବଳି ପାପି ପାଇଁ ଦତ୍ତ ।
ହେ ପାପକାଣ୍ଡ । ୧୬ ।

ଥିରମନରେ କର ବିଚାର । ଥୁଳବ୍ରହ୍ମ ଯୀଶୁ ଅବତାର ।
ଥୁଣ୍ଟା ଘୁଙ୍ଗା ଅନ୍ଧ ନୁଲା ବଧିରକୁ । ଥିର ଆଜ୍ଞା ମାତ୍ରେ ସୁସ୍ଥ ତାର ।
ହେ ପାପକାଣ୍ଡ । ୧୭ ।

ଦୟାମୟ ଦୟା ପ୍ରକାଶିଲେ । ଦୟା କରି ମୃତ ଜୀଆଇଲେ ।
ଦୟା କରି ନବ ସହସ୍ର ଲୋକଙ୍କୁ । ଅଳ୍ପ ରୋଟିରେ କ୍ଷୁଧା ହରିଲେ ।
ହେ ପାପକାଣ୍ଡ । ୧୮ ।

ଧୂର୍ତ୍ତ ଭୂତଗ୍ରସ୍ତ ସୁସ୍ଥ କେତେ । ଧୂର୍ତ୍ତଜନ୍ମ ଅନ୍ଧ ଦେଖେ ନେତ୍ରେ ।
ଧନ୍ୟ ଧନ୍ୟ ଖ୍ରୀଷ୍ଟ ଗୁଣଶ୍ରେଷ୍ଠ ପ୍ରଭୁ । ଧନ୍ୟ ବୋଲ ତାଙ୍କୁ ଏ ଜଗତେ ।

ହେ ପାପକାଣ୍ଡ । ୧୯ ।

ନିଶୀ ପାହିଁ ସୂର୍ଯ୍ୟ ଉଦେ ଯେମନ୍ତେ । ନିଜଗୁଣେ ଯୀଶୁ ବ୍ରହ୍ମ ତେମନ୍ତେ ।
ନିଶୀ ପାପ ଅନ୍ଧକାର ନାଶ କଲେ । ନିଜ ପ୍ରେମ ଦୀପ୍ତିଆଗୁ ଦାନେ ।

ହେ ପାପକାଣ୍ଡ । ୨୦ ।

ପ୍ରେମ କି କହିବା ଖ୍ରୀଷ୍ଟଙ୍କର । ପ୍ରେମ ତୁଲଣା ନାହିଂ କାହାର ।
ପ୍ରେମ ମିଷ୍ଟକ ମଧୁର ବାକ୍ୟ ଶିକ୍ଷା । ପ୍ରେମେ ଘୋଷଣା ଗ୍ରାମ ନଗର ।

ହେ ପାପକାଣ୍ଡ । ୨୧ ।

ଫୁଲ୍ଲ ଫୁଙ୍କିୟା ମନୁଷ୍ୟ ଷ୍ଠର । ଫେର ଗ୍ରହଣ କଲେ ସତ୍ୱର ।
ଫାଙ୍କଗୀର କପଟ ପାପ ତ୍ୟାଗିଣ । ଫେର ଅଗ୍ରକୁ କଲେ ଉଦ୍ଧାର ।

ହେ ପାପକାଣ୍ଡ । ୨୨ ।

ବୃଦ୍ଧ ବାଲକ ତରୁଣ ଯୁବା । ବଡ ସ୍ନେହେ ଖ୍ରୀଷ୍ଟ ପ୍ରେମ ଲୋଭା ।
ବଡଅଛବାଣ ଅନନ୍ତ ଜୀବନ । ବଡ ଈଶ୍ୱରଙ୍କୁ କଲେ ପୂଜା ।

ହେ ପାପକାଣ୍ଡ । ୨୩ ।

ଭାରାକ୍ରାନ୍ତ ପାପି ଦୀନହୀନ । ଭୟ ନ କର ଆସ ଏ କ୍ଷଣ ।
ଭବାବ୍ଧି ତରଣେ ଖ୍ରୀଷ୍ଟର ଚରଣେ । ଆସ ଶରଣ ପଶ ତତ୍କ୍ଷଣେ ।

ହେ ପାପକାଣ୍ଡ । ୨୪ ।

ମହା ମହିମାମୟ ସେ ପ୍ରଭୁ । ମହାଶ୍ଚର୍ଯ୍ୟ କର୍ମ ତାଙ୍କ ସବୁ ।
ମୃତ୍ୟୁଜୟ କରି ପୁଣ ଦେହ ଧରି । ମଞ୍ଚ ତେଜି ବଜେ ସ୍ୱର୍ଗ ପୁର ।

ହେ ପାପକାଣ୍ଡ । ୨୫ ।

ଯାଇ ଜ୍ୟୋତି ସିଂହାସନେ ବସି । ଯଶ ଧ୍ୱନି କଲେ ସ୍ୱର୍ଗବାସୀ ।
ଯୁବରାଜ ଅଭିଷେକ ତ୍ରାଣକର୍ତ୍ତା । ଯଥାର୍ଥ ପିତାଙ୍କ ମନ ତୋଷେ ।

ହେ ପାପକାଣ୍ଡ । ୨୬ ।

ରକ୍ଷା କର ଏ ପାପି ଜଗତ । ରକ୍ତ ଦାନେ ହୁଅ ଶାନ୍ତ ଚିତ୍ତ ।
ରାଜା ପ୍ରଜା ଧନୀ କଙ୍ଗାଳାଦି ଯେତେ । ରୂପଜୀବାଣ ଶ୍ରୀହସ୍ତ କୃତ ।

ହେ ପାପକାଣ୍ଡ । ୨୭ ।

ଲୟ କର ସର୍ବ ନାଶନର । ଲଭି ପାଇବ ଅମର ପୁର ।
ଲୀଳା ଖେଳା ହାସ୍ୟ ପରିହାସ୍ୟ ତେଜ । ଲଜ୍ଜା ପାପ ସବୁ ଦୂର କର ।

ହେ ପାପକାଣ୍ଡ । ୨୮ ।

ବଡ ଭୟାନକ କଥା ଶୁଣ । ବଡଭୟ ହେବ ଶେଷ ଦିନ ।
ବଡବଲବନ୍ତ ପରାକ୍ରାନ୍ତ ଖ୍ରୀଷ୍ଟ । ବ୍ୟଗ୍ର ମେଘରଥେ ଆରୋହଣ ।

ହେ ପାପକାଣ୍ଡ । ୨୯ ।

ଶ୍ରେଷ୍ଠ ଦୂତଗଣ ଶୃଙ୍ଗପାଖେ । ଶ୍ରେଷ୍ଠ ତୁରୀ ବାଦ୍ୟର ଚମକେ ।
ଶ୍ରୀମୁଖ ଖ୍ରୀଷ୍ଟର ମହା ତେଜସ୍କର । ଶ୍ରେଷ୍ଠ ସ୍ୱର୍ଗସଭା ଜୟ ଡାକେ ।

ହେ ପାପକାଣ୍ଡ । ୩୦ ।

ଷଡଙ୍ଗ ସମେତ ମୃତ ଯେତେ । ଷୋଳଅଣା ଉଠେ ରୂପବନ୍ତେ ।
ଷଟକର୍ମ କଲେ କିଅବା ନ କଲେ । ଷୋଳଅଣା ପ୍ରତିଫଳ ପ୍ରାପ୍ତେ ।

ହେ ପାପକାଣ୍ଡ । ୩୧ ।

ସତ୍ୟ ସେବାକାରୀ ଦକ୍ଷିଣରେ । ସର୍ବ ପାପିଷ୍ଠ ବାମ ଭାଗରେ ।
ସତ୍ୟ ଧର୍ମରେ ଯଥାର୍ଥ ପ୍ରତିଫଳ । ସଦା ରଖିବେ ସ୍ୱର୍ଗ ନରକେ ।

ହେ ପାପକାଣ୍ଡ । ୩୨ ।

ହାଲଲୁୟା ସ୍ତବ ସ୍ତୁତି ତାର । ହର୍ଷେ କୀର୍ତ୍ତନ ତା ନାମ କର ।
ହରଷ ସେ ଦେବେ ଶୋକ ନିବାରିବେ । ହୃଦପଦ୍ମେ ଭାବ ନିରନ୍ତର ।

ହେ ପାପକାରୀ । ୩୩ ।

କ୍ଷମେ ସଫଳ ଗାଇବ କହେ । କ୍ଷମା ମାଗ ଖ୍ରୀଷ୍ଟ ପଦ୍ମ ପାଏ ।
କ୍ଷମା ଦାନୀ ପ୍ରଭୁ ପାପ କ୍ଷମା ଦେଇ । ଅନ୍ତେ ସ୍ୱର୍ଗରେ ନେଇ ରଖିବେ ।

ହେ ପାପକାରୀ । ୩୪ ।

## SIXTEEN STANZAS.

ବରାଡ଼ି ରାଗରେ ଗାଇବ ।

ଅନନ୍ତ ପିତା ସ୍ୱୟଂ ପରଂ ବ୍ରହ୍ମ । ଅନାପନନ୍ଦ ଅଣାକାର ବ୍ରହ୍ମ ।
ଅମୋଘବାକ୍ୟ ଦୀପ୍ତି ଦେବାପାଇଁ । ଅମର ସ୍ୱର୍ଗୁଁ ଅଇଲେ ଓହ୍ଲାଇ ।
ଅପୂର୍ବ ମୂରତି ଅବିନାଶି ବ୍ରହ୍ମ ମଧ୍ୟେ ଉତ୍ପତ୍ତି । ୧ ।

ଆକାର ନର କଳେବର ଧରି । ଆଶ୍ଚର୍ଯ୍ୟ ପ୍ରେମ ସେ ପ୍ରକାଶ କରି ।
ଆଶାରହିତ ମନୁଷ୍ୟ ବଦଳେ । ଆପଣା ଦେହ ଆତ୍ମଦାନ କଲେ ।
ଆଉ ପାପ ଦଣ୍ଡ । ଆମ୍ଭ ନିମନ୍ତେ ଦେହ ଖଣ୍ଡ ଖଣ୍ଡ । ୨ ।

ଇଚ୍ଛାରେ ଧଇଲେ ଦାସ ଆକାର । ଇଚ୍ଛାରେ କଲେ ନିଷ୍ପାପି ଅଙ୍ଗର ।
ଇନ୍ଦ୍ରି ବର୍ଜିତ ଜିତେନ୍ଦ୍ରିୟ ସେହି । ଇଚ୍ଛାରେ ଦୁଃଖ ଦରିଦ୍ରତା ସହି ।
ଇତର ଲୋକରେ । ଇଚ୍ଛାରେ ମଲେ ଅଡ଼ କାଠ ପରେ । ୩ ।

ଈଶ୍ୱର ଯୀଶୁଖ୍ରୀଷ୍ଟ ନାମ ତାଁର । ଈଶ୍ୱର ପୁତ୍ର ବିଖ୍ୟାତ ସଂସାର ।
ଈଶ୍ୱରାଜ୍ଞା ବୋଲି ମୃତ ଜୀୟାଇ । ଈଶ୍ୱରୀୟ ଗୁଣ ବଳ ଦେଖାଇ ।
ଈର୍ଷା ଲୋକ କେତେ । ଈଦୃଶ କର୍ମ ଦେଖି କଲେ ପ୍ରତ୍ୟେ । ୪

ଉତ୍ତର ପୂର୍ବ ପଶ୍ଚିମ ଦକ୍ଷିଣ । ଉତ୍ତମ ଲୋକ କରଇ ଶ୍ରବଣ ।

ଊପରସ୍ଥ ପିତା କ୍ରୋଧକୁ ଜାଣି । ଊଦ୍ଧାର କଥା ଖ୍ରୀଷ୍ଟ ମୁଖ ମାନି ।
ଊତ୍କଣ୍ଠିତ ହୋଇ । ଊପାୟ ନ ଦେଖି ଶରଣ ନେଇ । ୫ ।

ଊର୍ଦ୍ଧ ଦୃଷ୍ଟି କର ସକଳନର । ଊର୍ଦ୍ଧ ଗଛେ ଟଙ୍ଗା ଖ୍ରୀଷ୍ଟ ଶରୀର ।
ଊର୍ଦ୍ଧଶ୍ୱାସ କରି ପ୍ରାଣ ଛାଡ଼ିଣ । ଊର୍ଦ୍ଧେ ମଧ୍ୟସ୍ଥ ହୋଇ ଅରୋହଣ ।
ଊର୍ଦ୍ଧେ ନେବା ପାଇଁ । ଊର୍ଦ୍ଧ ବାହୁରେ ଡାକୁଛନ୍ତି ସେହି । ୬ ।

ଋକସାମ ଯଜୁ ଅଥର୍ବ ଅଦି । ଋଷିବଚନ ଆଉ ବା ଇତ୍ୟାଦି ।
ଋହାଇ ମନ କ ପାଇଁ ଭୁଲାଅ । ଋଷିବେଦ ବାକ୍ୟେ ମୂର୍ଖ ଭଣ୍ଡାଅ ।
ଋଷି ବାକ୍ୟ ଛାଡ଼ି । ଋହାଇ ମନ ଖ୍ରୀଷ୍ଟ ପାଦେ ପଡ଼ି । ୭ ।

ୠପ ପ୍ରତିମା ଦେବା ଦେବୀ ଛାଡ଼ି । ୠପ ମନୁଷ୍ୟ ଚରଣେ ନ ପଡ଼ି ।
ୠପ ଯୀଶୁଖ୍ରୀଷ୍ଟ ଚରଣ ତଳେ । ୠପମନ ସଦା ରଖ କଷ୍ଟକାଳେ ।
ୠପ ଅକ୍ଷୟରେ । ୠପତେଜସ୍କର ପାଅ ସ୍ୱର୍ଗରେ ।

ଌ ବ୍ଧକ ଗୀତ ଶୁଣି ମୃଗ ମରେ । ଌଣରେ ଯୋକମରଇ ସହରେ ।
ଌଠଇ ଯୁଦ୍ଧ ସ୍ଥାନେ ଌଠିପ୍ରାୟ । ଌ ବ୍ଧକ ବପ୍ର ବୈଷ୍ଣବର ପରା ।
ଌଠଇ ହିନ୍ଦୁକୁ । ଌ ବ୍ଧକ ହିନ୍ଦୁ ନ ଚିହ୍ନଇ ତାକୁ । ୯ ।

ୡହବୁ ହାତ ପାପେ ଖେଦ କର । ୡହରେ ସେଞ୍ଚ ଖ୍ରୀଷ୍ଟର ପଯ୍ୟର ।
ୡହ ଯେସନେ ପଡ଼ଇ ନେଈର । ୡହଇ ପ୍ରାପ୍ୟେ ସମସ୍ତ ଗାତ୍ରର ।
ୡହ ସଙ୍ଗତରେ । ୡହ ପାପ ରଖ ଖ୍ରୀଷ୍ଟ ପଯ୍ୟରେ । ୧୦ ।

ଏତେବେଳେ ମନ ଫେରାଅ ନର । ଏଧ୍ୱଂଶ ନଗରେ ଆଶା ନ କର ।
ଏକା ଆସିଅଛ ଏକାକୀ ଯିବ । ଏବେ ଯାହା କର ତାହା ଭୁଞ୍ଜିବ ।
ଏହି କଥା ସତ୍ୟ । ଏହି ଫଳେ ସ୍ୱର୍ଗ ନରକ ପ୍ରାପ୍ତ । ୧୧ ।

ଐଶ୍ୱର୍ଯ୍ୟ ଏଠାରେ ଯେତେକ ଅଛି । ଐକ୍ୟ କରି ଦେଖ ନୁହଇ କଛି ।
ଐଶ୍ୱର୍ଯ୍ୟ ଦୁଇ ପ୍ରକାର ହୁଅଇ । ଐଶ୍ୱର୍ଯ୍ୟ ସ୍ୱର୍ଗେ ଚିରକାଳ ସ୍ଥାଇ ।
ଐଶ୍ୱର୍ଯ୍ୟକୁ ଭାବ । ଐଶ୍ୱର୍ଯ୍ୟ ସ୍ୱର୍ଗରେ ଅନନ୍ତ ଲାଭ । ୧୨ ।

ଓଜର ନ କର ଉଚିତ ଧର । ଓହଟ ପାପ ଠେଉରେ ନ ମର ।
ଓହାଡ ବାଡ ପାପ ଅନ୍ଧକାର । ଓଲଟାଇ ମନ କରହେ ସ୍ଥିର ।
ଓଜସ ଅକାର । ଓଡଶାର ପ୍ରାଣି କର ହେ ସାର । ୧୩ ।

ଔଷଧ ଖ୍ରୀଷ୍ଟ ରକ୍ତ ମାଂସ ଖାଅ । ଔଷଧ ଖାଇ ଅଗ୍ନିକୁ ବଞ୍ଚାଅ ।
ଔଷଧ କର୍ଣ୍ଣେ ତାଙ୍କ ପ୍ରେମ ନାମ । ଔଷଧ ପାନେ ହୁଅ ପୁନର୍ଜନ୍ମ ।
ଔଷଧଟୀ ଏହି । ଔଷଧ ଆଉ ତ୍ରିଭୁବନେ ନାହିଂ । ୧୪ ।

ଅଙ୍ଗରେ ପାପିଙ୍କ ପାପ ଅର୍ପଣ । ଅଙ୍ଗୀକାର କରି ତେଜିଲେ ପ୍ରାଣ ।
ଅଂଶୁରେ ଧ୍ୱଂଶ କରି ପାପଭାର । ଅଂଶରେ ଧରି ସେହି କଲେବର ।
ଅଘ ନାଶିବାରେ ଅଂଶୁ ଅଷ୍ଟଦଶଚନ୍ଦ୍ର ଭୂମି ପରେ । ୧୫ ।

ଆଃକି ଭୁଲାଇ ଅଛୁ ଏସଂସାର । ଆହା କେମନ୍ତେ ହୋଇବ ଉଦ୍ଧାର
ଆଃ କି ଯନ୍ତ୍ରଣା ସେ ନରକ ସ୍ଥାନ । ଆହାହା ଦୁଃଖ ଅନନ୍ତ କ୍ରନ୍ଦନ ।
ଆହେ ନରଗଣ । ଆଶ୍ରୟ କର ଖ୍ରୀଷ୍ଟର ଚରଣ । ୧୬ ।

ଇତି

No. 6.

# THE REFUGE ASCERTAINED.

BY PITAMBARA SINGHA.

## ଆଶ୍ରୟ ନିର୍ଣ୍ଣୟଃ ।

ଶୁଣ ଚଞ୍ଚଳ ମନ ତୁ ହେତୁ କର ।
ନିଶ୍ଚୟ କରିବ ତୋତେ ସତ୍ୟ ଆଚାର ରେ ।
ସତ୍ୟ ସେ ଏକ ନିତ୍ୟପଣ ଈଶ୍ୱର ।
ତା ବିନୁ ସବୁ ଶୟତାନ ଆଗର ରେ । ୧ ।

ସତ୍ୟର ଉପୁଜଇ ଧର୍ମ ଦୟାରେ ।
ପାଳଣ ହୋୟେ ତା ବସତ କ୍ଷମାରେ ହେ ।
ଅଗମ୍ୟ ଶକ୍ତି ଈଶ୍ୱରଙ୍କ ଏମନ୍ତ ।
ଅସୀମ ଗୁଣରେ ମହିମା ଅନନ୍ତ ହେ । ୨ ।

ଯଥାର୍ଥି ଜ୍ଞାନେ ଧର୍ମେ ଯାହାର ମନ ।
ଏ ସର୍ବ ବିଷୟେ ନିପୁଣ ସେ ଜନ ହେ ।
ଅଜ୍ଞାନୀ ଅଧାର୍ମିକ ଆତ୍ମୀୟ ମତେ ।
ସାଧଇ ଆପଣା ପ୍ରୟୋଜନ ଯେତେ ହେ । ୩ ।

ରାଗୀ ଓ ଅହଂକାରୀ ଲୋଭୀ ଏ ତିନ ।
ମିଳିଣ ନିନ୍ଦୀ ଗୁଣ ସେ ଘେନ ହେ ।
ଧଇଲେ ଦେବ ବିପ୍ର ଗୁରୁ ଶରୀର ।
ଭଣ୍ଡିବା ଅର୍ଥେ କର ମନ୍ତ୍ରଣା ସାର ହେ । ୪ ।

ଥୋକାଏ ତନ୍ତ୍ର ମନ୍ତ୍ର ବହୁ ପ୍ରକାର ।
ବ୍ୟାଖ୍ୟା କରନ୍ତି ଦେଇଣ ଅଲଙ୍କାର ହେ ।
ପ୍ରକାଶି ଭଣ୍ଡଜ୍ଞାନ ନାନାଦ ମତେ ।
ପାପକୁ ଘୃଣା ନ କର କଦାଚିତେ ହେ । ୫ ।

ଏ କରେ ନିଷ୍ଠା କେବେହେଂ ନ ରଖନ୍ତି ।
ଯେ କାଳେ ଯାହାର ପ୍ରତାପ ଦେଖନ୍ତି ହେ ।
ସେ କାଳେ ସେହି ଦେବତାକୁ ପୂଜନ୍ତି ।
ନାନାଦ ଚେଷ୍ଟାରେ ନରକେ ମଜନ୍ତି ହେ । ୬ ।

ଯାହାର ଅନ୍ତରେ ଅଟଇ ଲୋଭ ।
ପରର ସେ କଅବା ହିତ କରିବ । ହେ ।
ମିଥ୍ୟା ସେ ପରିଚୟ ଏହି ସଂସାରେ ।
ଗୁରୁ ଶିଷ୍ୟ ବୋଲି ବୋଲନ୍ତି ଯାହାରେ ହେ । ୭ ।

ଯେବେ ଜାଣିଲ ଏ ସବୁ କିଛି ନୋହେ ।
ସତ୍ୟାଶ୍ରା ବିନୁ ସକଳ ମିଥ୍ୟା ମତେ ହେ ।
ତେବେତ ପାପ ଅଙ୍ଗୀକାର ଦେବାକୁ ।
ଅବଶ୍ୟ ଦେଖ ଭାଇ ହୋଏ ମୃତ୍ୟୁକୁ ହେ । ୮ ।

ତ୍ରାଣର କର୍ତ୍ତା ଏବେ ଏ ଜଗତର ।
ଉଦୟ ହେଲେ ଯୀଶୁଖ୍ରୀଷ୍ଟ ଈଶ୍ୱର ହେ ।
ଶରଳ କରି ମନ ବେଗେ ଫେରାଅ ।
ଗୁରୁଙ୍କ ପ୍ରବଞ୍ଚନା ଛାଡ଼ିଣ ଦିଅ ହେ । ୯ ।

ଏମନ୍ତ ସତ୍ୟଧର୍ମେ ଯାହାର ଚେଷ୍ଟା ।
ତ୍ୟାଜ୍ୟ ହୁଅଇ ତାର ଦେବର ନିଷ୍ଠା ହେ ।
ଜାତି କୁଳ ତାହାର ଲଜ୍ଜାର ମୁଖେ ।
ଜଳି ଲଗାଇ ଚଳେ ମନର ସୁଖେ ହେ । ୧୦ ।

ଈଶ୍ୱର ନିୟମ ଏହା ସର୍ବ କାଳ ।
ପ୍ରମାଣ ପ୍ରତ୍ୟକ୍ଷ ପରମ ଦୟାଳ ହେ ।
ସର୍ବେ ହୁଅନ୍ତୁ ଶୁଚି ସତ୍ୟ ଅଗ୍ରରେ ।
ସର୍ବକାଳେ ଅଶୁଚି ଅସତ୍ୟାଗ୍ରରେ ହେ । ୧୧ ।

ପାପ ନିୟନେ ଥିମ୍ଭେ ସେ ଈଶ୍ୱରଙ୍କୁ ।
ଚିହ୍ନି ନ ପାର ମ୍ଳେଚ୍ଛ ବୋଲୁଁ କାହାକୁ ହେ ।
ଈଶ୍ୱର ଇଚ୍ଛା ସେ କଥା ବଡ ଗୁରୁ ।
ଆପଣା ମନ ବଳେ ଯା ବୁଝି ପାରୁଂ ହେ । ୧୨ ।

ଅନନ୍ତ ସୃଷ୍ଟି ଈଶ୍ୱରଙ୍କ ମହିମା ।
ଦୋଷ ନାଶନ ଆଦ ଗୁଣ ଅସୀମା ହେ ।
ପୂର୍ବ ବିଧାନ ବୁଝି ଏ ଅନୁଭବେ ।
ମନୁଷ୍ୟଙ୍କ ପ୍ରାୟେ ଯୀଶୁ ପ୍ରଭୁ ହେବେ ହେ । ୧୩ ।

ସେ ମନୁଷ୍ୟଙ୍କ ପିତୃ ପୁରୁଷ ଯେତେ ।
ଅଗ୍ରରେ ଶୁଚି ଭୋଜନ ରଚି ମତେ ହେ ।
ପ୍ରୀତି ବ୍ୟବହାର ଶୁଦ୍ଧ ସତ୍ୟ ବାକ୍ୟ ।
ଦୃଷ୍ଟାନ୍ତେ ପ୍ରମାଣ ସମସ୍ତ ପ୍ରତକ୍ଷ୍ୟ ହେ । ୧୪ ।

ପାପରେ ପୂର୍ଣ୍ଣ କ୍ଷିତି ଅତି କାତର ।
ସମୟ ହେଲେ ଭବିଷ୍ୟତ ବାକ୍ୟର ହେ ।
ସେହି ପାପର ପ୍ରତିକାର ନିମନ୍ତେ ।
ଅବତରିଲେ ଯୀଶୁଖ୍ରୀଷ୍ଟ ଜଗତେ ହେ । ୧୫ ।

ସେ ପାପ ପ୍ରାୟଶ୍ଚିତ୍ତ କରିବା ପାଇଁ ।
ଯିହୁଦା ଦେଶରେ ଅବତୀର୍ଣ୍ଣ ହୋଇ ହେ ।
ନେଲେ ପାପି ପାପ ନିଷ୍ପାପ ଶରୀରେ ।
ବସାଇଲେ ପାପିଙ୍କି ସେ ସ୍ୱର୍ଗ ପୁରେ ହେ । ୧୬ ।

ମଙ୍ଗଲ ସମାଗ୍ଢ଼ର ତାହାଙ୍କ ବାକ୍ୟ ।
ପାପିଙ୍କ ତ୍ରାଣେ ଅନୁଗ୍ରହ ଅନେକ ହେ ।
ତାଙ୍କ ମରଣ କଥା ଅନ୍ତରେ ରଖ ।
ପାପ ଯନ୍ତ୍ରଣା ଭୋଗ ହେଲେ ଉପେଖ ହେ । ୧୭ ।

ଈଶ୍ୱର ଆଜ୍ଞା ଏଥି ସଂଶୟ ନାହିଂ ।
ଅନର୍ଥ ମୂଳ ନାଶ ସୁଖ ଅଟଇ ହେ ।
ଈଶ୍ୱର ବଶ୍ୟ ଭୂତ ସୁଖରେ ନାଶ ।
ମନ ସୁଖେ ସାଧୁ ସଙ୍ଗ ସ୍ୱର୍ଗ ବାସ ହେ । ୧୮ ।

ଅମୃତ ପାନେ ଦେହ ବିପୁତ ହେବ ।
ଧର୍ମାଗ୍ରର ମନ ସ୍ୱତନ୍ତ୍ର ନୋହିବ ହେ ।
ପାପରେ ଘୃଣା କର ସେ ଯିବ ଦୂର ।
ଯୀଶୁ ଧର୍ମାଗ୍ଢ଼ରେ ବଲମ୍ବ ନ କର ହେ । ୧୯ ।

ଘୃଣା ଭୟ ଦୁହିଙ୍କି ପ୍ରହର କର ।
ଜଗାଇ ମନ ଦେହେ ରଖିବ ଭର ହେ ।
ପ୍ରାର୍ଥନା କରିବ ଈଶ୍ୱରଙ୍କ ସ୍ଥାନେ ।
ସର୍ବଦା କର୍ମରେ ଦେହ ବାକ୍ୟ ମନେ ହେ । ୨୦ ।

ସତ୍ୟ ସ୍ୱରୂପ ସେ ଈଶ୍ୱର ତନୟ ।
ମନୁଷ୍ୟ ଦେହରେ ଦେଲେ ପରିଚୟ ହେ ।
ତେତିଶ ବର୍ଷ ଏହି ପୃଥ୍ୱୀରେ ଥିଲେ ।
ଈଶ୍ୱରୀ ଶକ୍ତି ବହୁ ପ୍ରକାଶ କଲେ ହେ । ୨୧ ।

ଜଗତେ ଯେତେ ପାପ ମିଥ୍ୟାଚରଣେ ।
ତାଙ୍କୁ କର୍ଷିଲା ପ୍ରାୟଶ୍ଚିତ୍ତ କରଣେ ହେ ।
ଥିଲା ବ୍ୟବସ୍ଥା ମତେ ଯେତେ ବିଧାନ ।
ଶତ୍ରୁହସ୍ତେ ଭୋଗିଲେ ଯନ୍ତ୍ରଣା ମାନ ହେ ୨୨ ।

ଈଶ୍ୱର କ୍ରୋଧ ଥିଲା ପଦ୍ବତାକାରେ ।
ଝାମ୍ପିଲା ସେ ଯନ୍ତ୍ରଣା ତାଙ୍କ ପ୍ରାଣରେ   ହେ ।
ପାଷାଣ ବଦାର ଭୂକମ୍ପ ସୂର୍ଯ୍ୟାସ୍ତ ।
ତେବେହେଂ ଈଶ୍ୱର ସଙ୍ଗେ ପ୍ରେମ ଗ୍ରସ୍ତ ହେ । ୧୩ ।

ମୃତ୍ୟୁ ଜୟ କଲ ଅକ୍ଷୟ ଶରୀର ।
ବଗ୍ଭର କର୍ତ୍ତା ସେ ସ୍ୱର୍ଗ ପୃଥିବୀର   ହେ ।
ଏହା ବଶ୍ୱାସ କର ଦୃଢ ମନରେ ।
ଦର୍ଶନ ଦେଲେ ପୁଣି ବିଦନ ପରେ ହେ । ୧୪ ।

ଚିହ୍ନ ଦେଖିଣ ଶିଷ୍ୟଗଣ ଚିହ୍ନିଲେ ।
ପ୍ରେମେ ଚ୍ଛଲିଶ ଦନ ଏକତ୍ରେ ଥିଲେ   ହେ ।
ବହୁ ଆଶ୍ଚର୍ଯ୍ୟ କାର୍ଯ୍ୟ ଈଶ୍ୱର ସାଧ୍ୟ ।
ବଶ୍ୱାସେ ପାଇଲେ ସେ ସମୁଦ୍ର ମଧ୍ୟ ହେ । ୧୫ ।

ଜୀବ ନସ୍ତାର ଅର୍ଥେ ତାଙ୍କ କରୁଣା ।
ସଂଖ୍ୟା କରନ୍ତେ ଭଇ ନୋହେ ଗଣଣା ହେ ।
ଆପଣା ସତ୍ୟ ଦେଇ ପରେ ଉଦ୍ଧାର ।
କହ ହେ କାହିଁ କେ ଦେଖିଛୁ କାହାର   ହେ । ୧୬ ।

ଆଜ କାଲରେ ନରେ ଦନ ହରନ୍ତ ।
ଦୟାଲୁ ପ୍ରଭୁ ଠମକ ଦେଉଛନ୍ତ   ହେ ।
ଯାଚନ୍ତ ସ୍ୱର୍ଗ ପୁର ଅହେ ପଣ୍ଡିତ ।
ଏମନ୍ତ ଧନେ କେବେ ନୁହ ବଞ୍ଚିତ   ହେ । ୧୭ ।

ପାପିଙ୍କ ତ୍ରାତାଟୀ ଆଉ କେହି ନାହିଂ ।
ଧର୍ମ ପୁସ୍ତକ ଆଉ ଅଠନ୍ତ ସେହି   ହେ ।
ଦୋଷ ଆବର ଗୁଣ ପ୍ରକାଶିବାରେ ।
ଧର୍ମ ପୁସ୍ତକ ଦେଲେ ମନୁଷ୍ୟ ଠାରେ ହେ । ୧୮ ।

ଦୋଷରେ ପୂର୍ଣ ଯେ ସେ ନୁହଇ ଶାସ୍ତ୍ର ।
ଯାହା ଶୁଣିଲେ ଜ୍ଞାନ ବାକ୍ୟର ସତ୍ୟ ହେ ।
ହୁଅଇ ପୁଣି ପରୋପକାରେ ମନ ।
ସେ ଧର୍ମ ଶାସ୍ତ୍ର ତ୍ରାଣୋପାୟ ସୁମାନ୍ୟ ହେ । ୨୯ ।

ଦୟା ସ୍ୱଭାବ ଏ କ୍ରିୟା ଅନୁଯାୟୀ ।
କଥା କେବଳ ନୋହେ ଯୋଗ୍ୟତା ଗ୍ରହ ହେ ।
ଆନନ୍ଦ କ୍ଷମା ଶକ୍ତି ସତ୍ୟତା ଫଳ ।
ଈଶ୍ୱରଙ୍କ ଦାନ ଏ ଅତି ନିର୍ମଳ ହେ । ୩୦ ।

ଏଥିରେ ତୁଷ୍ଟ ହେଲେ ସର୍ବଦା କାଳ ।
ହେବ ତୁମ୍ଭର ନଷ୍ଟେ ଆତ୍ମା ନିର୍ମଳ ହେ ।
ତୁଟିବ ମୃତ୍ୟୁଭୟ ସତ୍ୟ ବାକ୍ୟରେ ।
ଈଶ୍ୱର ଦୟା ହେବ ଖ୍ରୀଷ୍ଟ ଆତ୍ମରେ ହେ । ୩୧ ।

। ସମାପ୍ତଃ ।

No. 7.

# MENTAL REFLECTIONS.

## ମନର ଚେତନା ।

ଶୁଣ ଭାଇ ମୁହିଂ ବୋଲି    ମୋର ମନ ଭାଳନା
ଲୋକେ କହେ କାଲ କଲି    ତହିଁ ନାହି ଭାବନା
ନାନା ମତ ଭୁଲି ଭ୍ରାନ୍ତ    ଦେଖି ପାଇଲୁଁ ଚେତନା
କାହିଁ ଖଣ୍ଡା ଯିବ ଶ୍ରାନ୍ତ    ଭବ ଭୋଗି ବେଦନା । ୧ ।

ଏବେ ବଡ ଭାବୁ ଅଛୁଁ    ନ ଜାଣି କି କରିବ
ବଡ ଚିନ୍ତା କରି ପଡ଼ିଛୁ    ଭ୍ରାନ୍ତି ପାଇ ଭୁଲିବ
ଭବମଧ୍ୟେ ଭୁବୁ ଭୁବୁ    କି ପ୍ରକାରେ ତରିବ
ଯିବ ମୁହି କାହାଠାକୁ    ଅଣ୍ଡା କାହିଁ ଧରିବ । ୨ ।

ଗୁରୁ ସେବା କେତେ କଲି    ତହିଁ କିଛି ନୋହିଲା
କେତେ ତୀର୍ଥ ବ୍ରତ ଗଲି    ତହିଁ ପାପ ବଢ଼ିଲା
ତୀର୍ଥ ଯାତ୍ରା ପରିଶ୍ରମ    ଏ କି ଲୋକେ ବୋଲେ ନା ।
ସବୁ ମାତ୍ର ମନ ଭ୍ରମ    କେବଳ ବିଡମ୍ବନା । ୩ ।

ଦେବ ସେବା ତନ୍ତ୍ର ମନ୍ତ୍ର    ମୁହିଂ ଅନେକ ଦେଖିଲି
ପାପେ ନୁହଇ ସ୍ୱତନ୍ତ୍ର    ସବୁ ଭ୍ରାନ୍ତ ବୁଝିଲି
ବ୍ରାହ୍ମଣ ବୈଷ୍ଣବ ଆଦି    ତାଙ୍କ ମର୍ମ ଜାଣିଲି
ବେଦ ପୁରାଣ ନାନାଦି    ସବୁ ବ୍ୟର୍ଥ ମଣିଲି । ୪ ।

ଜାତ କୁଳ ନିରୂପଣ  ମୋତେ ସେ କି କରିବ
ବୁଝି ଏ ମିଥ୍ୟା ସ୍ଥାପନ  ମୋର କିଛି ନୋହିବ
କର୍ମ ଜ୍ଞାନୀ ଭକ୍ତିହୀନ  ଏହା ଧରି ପାରିବେ
ପାପେ ଖେଦ ଯୁକ୍ତ ଜନ  ଏଥିରେ ନ ମଜ୍ଜିବେ । ୫ ।

ଭାଇ ବନ୍ଧୁ ଜାତି ଜାତି  ତାଙ୍କ ମତ ଧରିଲୁଂ
ସେହି ମାତ୍ର ଭୁଲ ଭ୍ରାନ୍ତ  କିଛି ନାହିଂ ପାଇଲୁଂ
ନିଜ ମନେ ବୁଝି ଭଲ  ଯାହା ତାହା ମାନିବ
ଅଗ୍ରୁଗଲେ ପରକାଳେ  ଜାତି ସେଠା ହେବ କି । ୬ ।

କାହିଁ ଅଗ୍ରୁ ଗତି ହେବ  ଏହି ଚିନ୍ତା କରୁଥାଇ
ମନ ସ୍ଥିର ନ ରହିବ  ଖାଲି ଭୁଲ ଭ୍ରାନ୍ତ ଖାଇ
ଦେଖି ନାହିଂ ତ୍ରାଣକର୍ତ୍ତା  ସବୁଠାରେ ଖୋଜିଲୁଂ
ମାତ୍ର ଜ୍ଞାନ ପ୍ରାଣ ହର୍ତ୍ତା  ଏହା ଭଲ ବୁଝିଲୁଂ । ୭ ।

ବଡସାନ ମୃତ୍ୟୁ କାଳେ  ସବୁ ଯାନ୍ତ୍ର ଏକାସନ
ସତ୍ୟ ଧର୍ମ ଯେ ପାଳିଲେ  ସେହି ଯିବେ ସ୍ୱର୍ଗ ସ୍ଥାନ
ମୋର କଥା ସତ୍ୟ ଧର୍ମ  ଡୁବି ଗଲୁଂ ପାପରେ
କହିବାରେ ମିଥ୍ୟା କର୍ମ  ଜ୍ୱଳିଗଲି ତାପରେ । ୮ ।

ପ୍ରାଣ ବିଯୋଗ ପର୍ଯ୍ୟନ୍ତ  ଭୁଲ ଥିଲେ ଏଠାରେ
ଯନ୍ତ୍ରଣା ଘୋର ଅନନ୍ତ  ହେବ ମୋର ସେଠାରେ
ଏଣୁ କାହିଁ ହେବ ରକ୍ଷା  ଧରି କାର ଶରଣେ
ସତ୍ୟ ଚେଷ୍ଟା ଏ ପ୍ରତ୍ୟକ୍ଷ  ଶାନ୍ତ ହୋଇ ମରଣେ । ୯ ।

ଯୀଶୁ ଖ୍ରୀଷ୍ଟ ନାମ ଶୁଣି  ମଙ୍ଗଳ ସୁସମାଚାର
ତାଙ୍କୁ ତ୍ରାତା ମୁହିଁ ଗଣି  ଆନ ଆଶା ନାହିଁ ମୋର
ସେହିଁ ଦେଲେ ତନୁପ୍ରାଣ  ପାପିଷ୍ଠର କାରଣ
ତାଙ୍କ ଛଡ଼ା ନାହିଁ ଆନ  ସବୁ ମାତ୍ର ଭଣ୍ଡନ । ୧୦ ।

ତାହାଙ୍କ ସୁସମାଶ୍ବରେ　　ପ୍ରାଣାଶ୍ବାସ ପାଉଛୁ
ଆନ କାହିଁ ଏ ସଂସାରେ　　ଯହିଁ ସାର ହେଉଛୁ
ତାଙ୍କ ଦୁଃଖ ପ୍ରେମ ତତ୍ତ୍ୱ　　ମୋର ମନେ ଲାଗୁଛୁ
ତହିଁ କେତେ ବପଶ୍ଚାତ　　ଭେଗି ସ୍ଥିର ହେଉଛୁ । ୧୧ ।

ଛାଡିଲେ ସେ ସ୍ୱର୍ଗ ସୁଖ　　ପାପିଙ୍କର କାରଣେ
ସହିଲେ ଅଗଣ୍ୟ ଦୁଃଖ　　କରିବାରେ ତାରଣେ
ପାଳିବାରେ ସତ୍ୟ ଧର୍ମ　　ଥିଲେ ମର୍ତ୍ତ୍ୟ ଭୁବନେ
ବୁଝି ଏହି ସବୁ ମର୍ମ　　ଯୀଶୁ ଖ୍ରୀଷ୍ଟ ମରଣେ । ୧୨ ।

ପାପିଙ୍କ ଜାମିନ ସେହି　　ସବୁ ଋଣ ଶୁଧିଲେ
ଆପେ ବଳିଦାନ ହୋଇ　　ପ୍ରାୟଶ୍ଚିତ୍ତ ସାଧିଲେ
ଯୀଶୁ ମହା ଦୟାବନ୍ତ　　ମୋର ଶାସ୍ତି ଭୋଗିଲେ
ଦେଇ ମୋତେ ସୁଖାନନ୍ତ　　ମଲେ ମୋର ବଦଲେ । ୧୩ ।

ସତ୍ୟ ସେହି ପ୍ରେମ ସିନ୍ଧୁ　　ମନ ହେ କର ଭଜନ
ଦୀନ ହୀନସ୍ତାର ବନ୍ଧୁ　　ଧର ତାଙ୍କ ଶରଣ
ନ ଦେଖି ଆନ ଉପାୟ　　ଏହି କରି ସ୍ଥିର ଜ୍ଞାନ
ଦିଅ ପ୍ରଭୁ ହେ ଆଶ୍ରୟ　　ମୋର ଆଶା ନାହି ଆନ । ୧୪ ।

ଜାତ ଜ୍ଞାତ ସର୍ବ ଛାଡ　　ଏ କି କ୍ଷତି ମାନବ
ମନେ ଯେବେ ପ୍ରେମ ବଢି　　ତେବେ ତୃପ୍ତ ରହିବ
ଧନ ମାନ ସବୁ ଗଲେ　　ଯୀଶୁ ପାଦ ଧରିବ
ତହିଁ ମନବାଞ୍ଛା ହେଲେ　　ତୃପ୍ତ ହୋଇ ମରିବ । ୧୫ ।

ଯାହା ହେଉ ଇହ କାର୍ଯ୍ୟ　　ତହିଁରେ କି ଭାବନା
ପିତା ମାତା ଶିଶୁ ଭାର୍ଯ୍ୟା　　ଗଲେ କ୍ଷତି ହେବ ନା
ପୁଣି ମୁହିଁ ଘୃଣା କରି　　କାହାକୁ ନ ଛାଡିବା
ଆସ ସବୁ ପ୍ରେମି ହୋଇ　　କପାଁ ମେଲ ନୋହିବା । ୧୬ ।

ପିତା ସଂଗେ ଯେହ୍ନେ ମିଳେ    ଛାଡ଼ ଦେବ ଭଜନା
ମିଥ୍ୟାରେ ଗରଳ ଗିଳେ    ଏ କି ଅବିବେଚନା
ଅଳ୍ପ ଦିନ ସୁଖ ଭୁଞ୍ଜି    ଘୋର ନରକେ ନ ଯାଅ
ଯୀଶୁ ନାମେ ହେବ ଧନ୍ୟ    ଭୟ ଦଣ୍ଡରୁ ପଳାଅ । ୧୭ ।

ଯୀଶୁଙ୍କ ଶରଣ ନେଇ    ପ୍ରେମେ ସବୁ ମିଳିବା
ପରିତ୍ରାଣ ଆଶା ପାଇ    ସଂଗେ ସ୍ୱର୍ଗେ ଚଳିବା
ପିତାଙ୍କ ସ୍ଥାନେ ଯିବାକୁ    ନିତ୍ୟ ଇଚ୍ଛା କରିବା
ମୃତ୍ୟୁ ଅଇଲେ ନେବାକୁ    ପ୍ରେମାନନ୍ଦେ ରହିବା । ୧୮ ।

ସବୁ ଦେବ ଦେବୀ ତ୍ୟାଗ    ମାତ୍ର ମିଥ୍ୟା ଜାଣିଲେ
ପିତା ଈଶ୍ୱରଙ୍କୁ ଭଜ    ତାଙ୍କୁ ସତ୍ୟ ମଣିଲେ
କର ହେ ଯୀଶୁର ସ୍ତୁତି    ଭଣ କୀର୍ତ୍ତି ଗାୟନ
ହେବେ ତେବେ ପରଂଗତ    ଦୁଃଖରୁ ଉଦ୍ଧାରଣ । ୧୯ ।

ଗାଅ ଯୀଶୁ ପ୍ରିୟ ନାମ    କେବେ ଶ୍ରାନ୍ତ ନୋହିଲେ
ତୁଷ୍ଟ ହେବ ମନସ୍କାମ    ମିଥ୍ୟା ଚିନ୍ତା ଛାଡ଼ିଲେ
ମନ ହେ ଯୀଶୁଙ୍କ ନାମେ    ହୁଅ ସଦା ସଚେତନ
ବୁଡି ଥାଉ ତାଙ୍କ ପ୍ରେମେ    ଜଳେ ଯେହ୍ନେ ରହେ ମୀନ । ୨୦

ଧର୍ମପୁସ୍ତକର ଦୀପ୍ତି    ହେଲେ ମନର ପ୍ରକାଶ
ହୋଇବ ପରମ ତୃପ୍ତି    ଭୁଲ ଭ୍ରାନ୍ତି ଯିବ ନାଶ
ମିଥ୍ୟା ସବୁ ଏବେ ଛାଡ଼    ଧର ମନେ ସତ୍ୟ ଜ୍ଞାନ
ଭରସା ହୋଇବ ଦୃଢ    ଧର୍ମ ଗ୍ରନ୍ଥେ କଲେ ଧ୍ୟାନ । ୨୧

ବେଦାଦି ଶାସ୍ତ୍ର ଯେତେକ    ମାତ୍ର ବିପ୍ର ଅଧିକାର
ମନା କରନ୍ତି ବିବେକ    କଲେ ତାହା ଛାଡ଼ିବାର
ବିଚାରିଲେ ମିଥ୍ୟା ସତ୍ୟ    ଜଣା ଯିବ ଗୁଣରେ
ବିଚାରିଲେ ମିଥ୍ୟା ତେଜ୍ୟ    ହେବ ସେହି କ୍ଷଣରେ । ୨୨ ।

ବେଦ ବଗୃର ଯେ କରେ    ତାଙ୍କୁ ଜାଣ ପାତକ
ବପ୍ର ଏମନ୍ତ ବଗୃରେ    ତାଙ୍କୁ ବୋଲେ ନାରକ
କର୍ମ ମର୍ମ ବୋଧ ହେଲେ    ସେମାନଙ୍କ ହେବ କ
ରଜ୍ଜୁ ଭ୍ରମ ଖଣ୍ଡ ହେଲେ,    ତହିଁ ଅଉ ଡର କ । ୧୩ ।

ବେଦେ ନାହି ମୋର କାର୍ଯ୍ୟ    ମାଏ ଉକ୍ତ ଋଷିଗଣ
ଜଣା ଗଲା ତା ତାତ୍ପର୍ଯ୍ୟ    କଲି ବଗୃର ସନ୍ଧାନ
କାହିଁ ହେବ ମୋ ତାରଣ    ସବୁ ତତ୍ତ୍ୱ ସାର ଯେ
ବେଦୋକ୍ତ ହେବ ବାରଣ    ସତ୍ୟ ଚେଷ୍ଟା କଲେ ଯେ । ୧୪ ।

ବେଦ ଶାସ୍ତ୍ର ସବୁ ଭନ୍ନ    ଏହ ମୁହ ଶୁଣିଲୁଂ
ତହିଁ କଚ୍ଛ ନ ନଷ୍ପନ୍ନ    ତାହା ମନେ ବୁଝିଲୁଂ
ବେଦ ଧର୍ମ ଶାସ୍ତ୍ର ମର୍ମ    ବଗୃର ମୁ ଜାଣିଲୁଂ
ସବୁ ମାଏ ଭଣ୍ଡ କର୍ମ    ଏଣୁ ତାହା ଛାଡ଼ିଲୁଂ । ୧୫ ।

ଶ୍ରାଦ୍ଧ ପୂଜନାଦ ଯେତେ    ସମସ୍ତ ପ୍ରବଞ୍ଚନା
ଲୋକ ଭୁଲ ଯାଏ କେତେ    ନେତ୍ରେ କପାଁ ଦେଖ ନା
ଅନ୍ଧକାର ଘୋରେ ଘୁମି    ଲୋକେ ଅବବେଚନା
ନାନା ମତ ଭୁଲେ ଭ୍ରମି    ପାଇଲେ ଅଚେତନା । ୧୬ ।

ଏବେ ଉଦେ ହେଲା ଦନ    ଚେତ ଧର ଜାଗି ଥାଅ
ଛାଡ଼ ହେ ମିଥ୍ୟା କଳ୍ପନ    ଦୀପ୍ତି ମାର୍ଗେ ଚାଲ ଯାଅ
ଭାବ ଦେଖ କ କର୍ତ୍ତବ୍ୟ    ଛାଡ଼ ବ୍ୟର୍ଥ ମନନ
ସତ୍ୟ ପଥ ଯେ ଗନ୍ତବ୍ୟ    ତ୍ୟାଗ ବକ୍ର ଗମନ । ୧୭ ।

ତନୁପ୍ରାଣ ସର୍ବନାଶେ    କହେତୁ ପକାଇବ
ନାମ ଯୀଶୁର ପ୍ରକାଶେ    ତହିଁ ତ୍ରାଣ ପାଇବ
ସ୍ୱର୍ଗ ତେଜ ସୁଖ ମୁକ୍ତି    ହେବ ଖ୍ରୀଷ୍ଟ ଶରଣେ
ସତ୍ୟ ଦୟା ପ୍ରେମ ଶାନ୍ତି    ତାଙ୍କ ମହା ମରଣେ । ୧୮ ।

ଭାଇ ହେ ଶୁଣ ମୋ ବଚନ କପଟ ଭୁଲି ମରବ
ପ୍ରାଣ ଦାତା ନାହିଁ ଅନ କପଟ ତାଙ୍କୁ ଛାଡବ
କେବଳ ଖ୍ରୀଷ୍ଟ ମରଣ ପ୍ରାଣ ତର ବୁଝିବ
ଧର ହେ ତାଙ୍କ ଚରଣ ତାଙ୍କ ପ୍ରେମେ ମଜିବ । ୨୯ ।

ଯେ ସେ ହେଉ ପ୍ରଭୁ ଯୀଶୁ ମୋତେ ନ ପାସୋରବେ
ଦୀନ ହୀନ ଅନାଥ ବନ୍ଧୁ ସଦା ମୋତେ ରଖିବେ
ପ୍ରଭୁ ତୁମ୍ଭ ପ୍ରେମ ଗୁଣେ ତାର ଏହି ପାପି ଜଣ
ପଶିଲେ ତୁମ୍ଭ ଶରଣେ ଶାନ୍ତ ଥିବା ଅନୁକ୍ଷଣ । ୩୦ ।

ଧନ୍ୟ ଧନ୍ୟ ପ୍ରଭୁ ତୁମ୍ଭେ ସ୍ୱର୍ଗ ମର୍ତ୍ତ୍ୟ ଭୁବନେ
ଗୀତ ଗାଇ କହୁ ଅମ୍ଭେ ଭକ୍ତି କର ଚରଣେ
ମୁ ଯେହେତେ ପ୍ରସ୍ତୁତ ହୋଇ ଆଶା ଧର ମରଣେ
ତୁମ୍ଭ ତୁଷ୍ଟି ଚିହ୍ନ ପାଇ ମଲେ ଯିବା ଜୀବନେ । ୩୧ ।

ମନର ଚେତନା ସମ୍ପୂର୍ଣ୍ଣ ।

---

No. 8.

# PENITENT'S PRAYER.

## ଦେଖଯୁକ୍ତ ଲୋକର ପ୍ରାର୍ଥନା ।

ନମଃ ଖ୍ରୀଷ୍ଟର ଚରଣ  ଯାଙ୍କ ନାହିଁ ତୁଳଣା
ସଦାଶ୍ରା ତାଙ୍କ ମରଣ  ଆନ ସବୁ ଭୁଲଣା
ଭବ ମଧ୍ୟେ ପଡ ଅଛୁଁ  କର ନାନା ଭାବନା
ଅହେ ପ୍ରଭୁ ଡାକୁ ଅଛୁଁ  ନତ୍ୟ କରୁ ପ୍ରାର୍ଥନା । ୧ ।

କୃପା କର ଯୀଶୁ ମୋତେ  ବାରେ ବାରେ ଡାକଲୁଁ
ଅତି ଖେଦଯୁକ୍ତ ଚିତ୍ତେ  ପାପାନଳେ ଜ୍ୱଳିଲୁଁ
ଶୁଣି ତୁମ୍ଭ ନାମ ଗୁଣ  ମୁହିଁ ଆଶା ପାଇଲି
ନ ଛୁଡ ଅନାଥ ଜନ  ତବ ପାଦେ ଧଇଲି ୨ ।

ମୁହିଂ ଅଛୁଁ କାରାଗାରେ  ପାପେ ହୋଇ ବନ୍ଧୁଆନ
ପ୍ରଭୁ ତୁମ୍ଭେ ଉପକାରୀ  ମୁକ୍ତ କର ମୋର ପ୍ରାଣ
ହଜା ମେଷ ତୁଲ୍ୟ ଭ୍ରମି  ନାନା ମତେ ଭୁଲି ଯାଇ
ଅହେ ପ୍ରଭୁ ପାଳ ସ୍ୱାମୀ  ରକ୍ଷା ମାଗେ ତୁମ୍ଭଠାଇଁ । ୩ ।

ମୁଣ୍ଡର ବାଳ ସମାନ  ଯାର ନାହିଁ ଗଣନା
ମୋର ପାପ ତା ପ୍ରମାଣ  ନାହିଁ ତାର ବର୍ଣ୍ଣନା
ପାପୀ ପତିତ ଅଧମ  ମହା ଦୁଷ୍ଟ ଦୁରାଚାର
କେତଂଠାରେ ମୋର ସମ  ନାହିଁ ଦେଖି ନର ଛାର । ୪ ।

ମୋର ମନ ନାନା ରୂପେ    ଘୋର ଦୋଷେ ଜଳିଲା
ମୋର ଆତ୍ମା ତୁମ୍ଭ କୋପେ    ନିଭରସା ରହିଲା । ।
ଯେବେ ହେବ ମୋର ତାରଣ    ତୁମ୍ଭ ପ୍ରେମେ ତରିବ
ଯେବେ ହେବ ମୋର ମରଣ    ତୁମ୍ଭ ପାଦେ ମରିବ । ୫ ।

ମୋର ଯେ ଅଶୁଚି ମନ    ପ୍ରଭୁ କର ପରିଷ୍କାର
ଆହେ ଯୀଶୁ ଏହିକ୍ଷଣ    କର ମୋର ପ୍ରତିକାର
ଧରମାତ୍ମା ମୋର ମନେ    ଯେବେ ସଦା କରେ ବାସ
ତେବେ ମୁହିଂ ଅନୁକ୍ଷଣେ    ପ୍ରେମେ ହେବ ତୁମ୍ଭ ଦାସ । ୬ ।

ପ୍ରଭୁ ତୁମ୍ଭ ସଦାଶ୍ରୟ    ସ୍ଥିର ମୁହିଂ ଧରିବ
ବିନା ତୁମ୍ଭ ପଦଛାୟା    ପାପ ତାପେ ଜଳିବ
ମୋ ଚିତ୍ତେ ପ୍ରେମ ବଢାଅ    ଦୂର କର ମନ ତ୍ରାସ
ପାପ ସମସ୍ତ ଘୁଞ୍ଚାଅ    ମନେ ବଢାଅ ବିଶ୍ୱାସ । ୭ ।

ତୁମ୍ଭ ବାକ୍ୟ ମୋର ଦୀପ୍ତି    ଖଣ୍ଡ ଦେଇ ଘୋର କ୍ଳେଶ
ସ୍ୱର୍ଣ୍ଣଠାରୁ ମୂଲ୍ୟ ଅତି    ସେହି ସତ୍ୟ ଉପଦେଶ
ମଧୁଠାରୁ ବଡ ମିଷ୍ଟ    ସେହି ବାଣୀ ମିଷ୍ଟତା
ସବୁ ବସ୍ତୁ ଯେ ଉତ୍କୃଷ୍ଟ    ତହୁଁ ସେ ଉତ୍କୃଷ୍ଟତା । ୮ ।

ଯେତେ କାଳେ ଅନ୍ଧକାର    ଗତାୟାତ ହୋଇବ
ତୁମ୍ଭ ବାକ୍ୟ ଦୀପ୍ତି କରେ    ମୋର ଭୟ ଘୁଞ୍ଚିବ
ଧର୍ମ ଶାସ୍ତ୍ର ବିଧି ମଧ୍ୟେ    ନିଗୂଢ ଆଶ୍ଚର୍ଯ୍ୟ ଜ୍ଞାନ
ମୋର ଅକ୍ଷି ଗଲା ବୁଜି    ନାହି ଗମ୍ୟ ତାର ଗୁଣ । ୯

ଫିଟାଅ ମୋ ଜ୍ଞାନ ଅକ୍ଷି    ଯେହେତୁ ମୁହିଁ ଦୃଷ୍ଟି ପାଇ
ତହୁଁ ଧର୍ମ ଶାସ୍ତ୍ର ଶିକ୍ଷି    ପଥ କାହିଁ ଭୁଲି ଯାଇ
ଶୁଣି ତୁମ୍ଭ ପ୍ରିୟ ବାଣୀ    ଶାନ୍ତ ପାଇଲା ମୋ ମନ
ତହିଂରୁ ଅମୃତ ପାଣୀ    ପାନ କରୁଂ ଅନୁକ୍ଷଣ । ୧୦ ।

ସତ୍ୟ ଆଜ୍ଞା ପାଳିବାରେ    ମୁଁ ଯେମନ୍ତ କରି ପଣ
ଅହର୍ନିଶି ସଦାଗ୍ରହେ    ହୃଷ୍ଟ ହେବ ମୋର ମନ
ସାଧ ଥର ଦଗ୍ଧ ହେଲେ    ରୂପା ଯେହ୍ନେ ଜଳିବାର
ତେହ୍ନେ ଧର୍ମବାକ୍ୟ ପାଳେ    ହେବ ମୋର ପରିଷ୍କାର । ୧୧ ।

ତୁମ୍ଭ ମଙ୍ଗଳ ବଚନ    ସର୍ବ ଦେଶେ ପ୍ରଚାର
ଭବେ ଯେହ୍ନେ ପାପେ ପୂର୍ଣ୍ଣ    ହେଉ ଧର୍ମ ବିସ୍ତାର
ମୁଁ ଅତି ଭାବିତ ହେଲି    ଦେଖି ପାପି ନର ଗଣ
ତହୁଁ କେତେ ଭୁଲି ଗଲେ    ରଖିନାହୁଁ ସଚେତନ । ୧୨ ।

ଧର୍ମ ଗ୍ରନ୍ଥ ଯାହା ବୋଲେ    ନ କରେ ଆଲୋଚନ
ପଡିବେ ନରକାନଳେ    ଏହା କରେ ହେୟଜ୍ଞାନ
ଧ୍ୱଂସି ନଗରେ ବସତି    ଇହ ସୁଖେ ଭାସିଯାଏ
ହେବ କାହିଁରେ ସୁଗତି    କେହିନାହି ଭାବୁ ଥାଏ । ୧୩ ।

କାର ମନ ନାହିଁ ତହି    ଚେଷ୍ଟା କରି ସର୍ବହିତ
ତେବେ ଶତ୍ରୁ କେତେ ଉଠି    କରେ ମୋର ବିପରୀତ
ପ୍ରଭୁ ତାଙ୍କୁ କୃପା କରି    ଘୁଞ୍ଚାଅ କୁ ଅଭିଳାଷ
ତହୁଁ ମନେ ପ୍ରେମ ଭରି    ସର୍ବେ ହେବେ ତୁମ୍ଭ ଦାସ । ୧୪ ।

ଯୀଶୁ ହେ ଶୀଘ୍ର ଫେରାଅ    ପାପିଙ୍କ ମନ ଅବୋଧ
ସୁମେଷ ପଲ ବଢାଅ    କ୍ଷମା କର ଅପରାଧ
ନଷ୍ଟ କର ଦେବ ପୂଜା    ସବୁ ମିଥ୍ୟା ସ୍ଥାପନ
ତୁମ୍ଭେ ସର୍ବମୟ ରାଜା    ଧ୍ୱଂସ କର ଶତ୍ରୁଗଣ । ୧୫ ।

ଶୁଣାଅ ହେ ସର୍ବ ଦେଶେ    ମଙ୍ଗଳ ସୁସମାଚାର
ସର୍ବଭାଷାରେ ପ୍ରକାଶେ    ଖଣ୍ଡା ଯିବ ଅନ୍ଧକାର
ଧରମାତ୍ମା ଢାଳିଦିଅ    ନରଗଣ ମନରେ
ଯେସନ୍ତ ସ୍ୱର୍ଗ ଆଲୁଅ    ସଦାଜ୍ୱଳେ ସଂସାରେ । ୧୬ ।

ଦୁଷ୍ଟଙ୍କର ବାଞ୍ଛା ଯେତେ ସବୁ ହେଲେ ସମ୍ପୂର୍ଣ୍ଣ
ତହିଂ ନାହିଂ ପରଂଗତ ହେବ ତାଙ୍କ ମରଣ
ଧନାଦ ନ ଯିବ ସଙ୍ଗେ ସବୁ ଏଥି ଛାଡବ।
ତାଙ୍କ ହେବ ବଡ ଭଙ୍ଗେ ସବୁ ଆଶା ଉଡବ । ୧୭ ।

ଯାଉ ସବୁ ମିଥ୍ୟା ଆଶା ତହିଂ ନାହି ଭୁଲ ଆର
ଯୀଶୁ ଚରଣେ ଭରସା ଆନ ଇଚ୍ଛା ନାହି ମୋର
ତୃପ୍ତ କର ପ୍ରଭୁ ତୁମ୍ଭେ ମୋର ଦୁଃଖି ଅତ୍ମାକୁ ।
ନ ଛାଡ ଅନାଥ କେବେ କୋଳେ ରଖ ଏହାକୁ । ୧୮ ।

ଯାର ହେତୁ ଭବ ନଦୀ ପ୍ରଭୁ ତୁମ୍ଭେ କର୍ଣଧାର
ରିପୁଗଣ ଅଛ୍ଛ ବାଦୀ କର ମୋର ଉପକାର
କଲୁଷ ସାଗରେ ପଡ ଭସ୍ମ ସ୍ରୋତେ ଭସି ଯାଇ
କ୍ଷଣେକ୍ଷଣେ ବୁଡ ମର ତଳ କାହିଁ ନ ଦେଖଇ । ୧୯ ।

ତେଉ ଉଠେ ଅତ ବଡ ଝଡ ବହେ ଘନ ଘନ ।
ପ୍ରଭୁ ମୋତେ କର ପାର ଧର ରଖ ଭିତ ଜନ
ତୁମ୍ଭେ ତେଉ ଝଡ କର୍ତ୍ତା ସବୁ ତୁମ୍ଭ ବଶୀଭୁତ
ଭସ୍ମ ନାସ ଦୁଃଖ ହର୍ତ୍ତା ତୁମ୍ଭ କରୁଣା ଅଭୁତ । ୨୦ ।

ତୁମ୍ଭେ ଆଦ ତୁମ୍ଭେ ଅନ୍ତ ଭୂତ ଭବ୍ୟ ବର୍ତ୍ତମାନ
ପ୍ରେମ ଦୟା ସତ୍ୟ ଶାନ୍ତ ସର୍ବ ଗୁଣେ ଗୁଣବାନ
ପ୍ରଭୁ ଯୀଶୁ ତୁମ୍ଭ ତୁଲ୍ୟ କ୍ଷମା ଶାନ୍ତ ଅଛ୍ଛ କାର
ତୁମ୍ଭ ରକ୍ତ ବହୁମୂଲ୍ୟ ତାହା ମୁହି କର ସାର । ୨୧ ।

ଯୀଶୁ ତୁମ୍ଭେ ମହା ଦୁଃଖ ଭୋଗ କଲ ତାରଣେ
ଦଣ୍ଡ ସହିଲ ଅନେକ ପାପିଙ୍କର କାରଣେ
କ୍ରୁଶପରେ ବାନ୍ଧ ମଲ । ମହା କଷ୍ଟ ମରଣେ
ଅହେ ଯୀଶୁ କୃପା କର ରଖ ମୋତେ ଶରଣେ । ୨୨ ।

ତୁମ୍ଭେ ସତ୍ୟ ଜାମିନଦାର  ସବୁ ଋଣ ଶୋଧିଲ
କ୍ରୋଧ ଖଣ୍ଡନେ ଅପାର  ନିଜ ପ୍ରାଣ ଢାଳିଲ
ପ୍ରଭୁ ମୋତେ କର ତ୍ରାଣ  ଶେଷେ ମୋର ଆତ୍ମା ନିଅ
ନ ଛାଡ ଅନାଥ ଜଣ  ତୁମ୍ଭପାଦେ ସ୍ଥାନ ଦିଅ । ୧୩ ।

ଯେତେ ଦିନ ମୋ ନିଶ୍ୱାସ  କର ମୋତେ ସଚେତନ
ନିତ୍ୟ ବଢାଅ ବିଶ୍ୱାସ  ଦିଅ ପ୍ରେମାନନ୍ଦ ମନ
ଯେ କାଳେ ମୋର ମରଣ  ଦୂର କର ମନ ଭୟ
ହେଉ ଯୀଶୁ ସୁପ୍ରସନ୍ନ  କର ମୋର ମୃତ୍ୟୁଞ୍ଜୟ । ୧୪ ।

ମୋର ଆତ୍ମା ସ୍ୱର୍ଗସ୍ଥାନେ  ରଖ ଆହେ କୃପାବାନ
ତେବେ ମୁହିଁ ପତ୍ରଂଗାନେ  ସଦା ଗାଇବା ପରିତ୍ରାଣ
ସ୍ୱର୍ଗପ୍ରିୟ ଲୋକ ସଙ୍ଗେ  ହେବ ଅତି ତେଜସ୍କର
ସଙ୍ଗେ ସଙ୍ଗେ ମହା ରଙ୍ଗେ  କରେ ଜୟ ଜୟ କାର । ୧୫ ।

ସମ୍ପୂର୍ଣ୍ଣ

---

No. 9.

# SEARCH FOR SALVATION.

ତ୍ରାଣତତ୍ତ୍ୱ ।

ଅଙ୍ଗ ବଙ୍ଗ କଳିଙ୍ଗ ସୌରାଷ୍ଟ୍ର ନାନା ଦେଶ
ଦ୍ରବିଡ ଦ୍ରାବିଡ ସିନ୍ଧୁ ଆନ୍ଧ୍ରାଦ ଅଶେଷ ।
କର୍ଣାଟ ବୈରାଟ କୁନ୍ତ ଅବନ୍ତ ପ୍ରଭୃତ
ଆଉ ଆଉ ଦେଶେ ଯେତେ କରନ୍ତ ବସତ । ୧ ।

ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଭଦ୍ର ଜନ
ଯବନ ସୁହ୍ମଣ ଭଲ୍ଲ କରାତ କରଣ ।
ସବର ପୁଲିନ୍ଦ ମ୍ଳେଚ୍ଛ ପାରଶୀ ଏ ସର୍ବ
ଅନ୍ୟ ଅନ୍ୟ ଦେଶେ ଯେତେ ନାନା ଜାତ ଥିବ । ୨ ।

ସତ୍ୟ ଈଶ୍ୱରଙ୍କ ଆଜ୍ଞା କରଇ ଲଙ୍ଘନ
ପାପ ରାଶି ବଶୀଭୂତ ହେଲେ ସର୍ବଜନ ।
ପାପଠାରୁ ମୁକ୍ତ ଯେ ପାଇବ ପରତ୍ରାଣ
ଦେଶାଚାର ବ୍ୟବହାର କରେ ସତ୍ୟ ଜ୍ଞାନ । ୩ ।

ଜପ ଯଜ୍ଞ ହୋମ ଦାନ କରେ ଅନୁଷ୍ଠାନ
ଅନାହାର ଦେବ ପୂଜା ପ୍ରତିମା ବିଧାନ ।
ଯବନ ଯେମନ୍ତ ରୀତ କରଇ ତେମତ
ରୋଜା କ୍ଷୟୃତା ତସବୀ ଜପେ ଅବିରତ । ୪ ।

ଅଉ ଭିନ୍ନ ଭିନ୍ନ ଜାତି ଜାତି ଅନୁସାରେ
କର୍ମ ଧର୍ମ ଜ୍ଞାନ ମର୍ମ ନାନା ବୁଝିବାରେ ।
ଗୁରୁ ଦଣ୍ଡ ଗୁରୁ ଅପରାଧରେ ଯେମନ୍ତ
ଗୁରୁ ପାପ ହେତୁ ହୋଇ ନିଷ୍କୃତି ତେମନ୍ତ । ୫ ।

ପାପ ଅନୁରୂପ ଯଦି ନୋହିବ ନିଷ୍କୃତି
ବିଫଳ ସମସ୍ତ କର୍ମ ପାପଚୟ ଘଟି ।
ଯଥାର୍ଥ ଭାବାର୍ଥ ନ ବୁଝଇ ସର୍ବଜନ
ଅନର୍ଥିକୁ ସ୍ୱାର୍ଥ ବୁଝି କରି ପର୍ଯ୍ୟଟନ । ୬ ।

ଏହି ରୂପେ ମୋହ କୂପେ ନିମଗ୍ନ ପଡ଼ଇ
ଉଠି ନ ପାରଇ ପଥ ଜୀବନ ହରାଇ ।
ପାପଚୟ ଉପଚୟ ନରର ଦେଖିଲେ
ନର ରୂପ ଅବତାର ଭୁବନେ ଅଇଲେ । ୭ ।

ଯୀଶୁ ନାମ ଧରି କରି କୃପା ଦୟାମୟ
ଓହ୍ଲାଇଲେ ସ୍ୱର୍ଗଠାରୁ ଈଶ୍ୱର ତନୟ ।
ନିସ୍ତାରଣେ ଅବତାରେ ଯେତେ ପାପି ଗଣ
ନିଜ ଦେଶେ ଅତି କ୍ଲେଶେ କରଇ ଭ୍ରମଣ । ୮ ।

ମାନ ଅପମାନ ବୁଦ୍ଧି ସମାନ କରଇ ।
ଅଶେଷ ବିଶେଷ ଉପଦେଶ ପ୍ରଚାରଇ ।
ନାନା ଗ୍ଲାନି ମାନହାନି ସ୍ୱୀକାର କରଣ ।
ଅବଶେଷି ଦୁର୍ଜନ ଦୌରାତ୍ମ୍ୟ ସେହି ପୁଣ । ୯ ।

ତେବେ ପ୍ରଭୁ ମନ ମଧ୍ୟେ କଲେ ଯେ ଭାବନ ।
ସବୁ ପାତକର ପାପ କାହିଁ ବିମୋଚନ ।
ମରଣାନ୍ତ ପ୍ରାୟଶ୍ଚିତ୍ତ ନିଶ୍ଚୟ ଉଚିତ ।
ଜଗତର ଲୋକ ପାପ ହୁଅଇ ସଞ୍ଚିତ । ୧୦ ।

ଦୟାମୟ ଦୟା ପ୍ରକାଶିଲେ ନରଗଣେ ।
ମହାପ୍ରାୟଶ୍ଚିତ୍ତ କଲେ ଆପଣ ମରଣେ ।
ସମସ୍ତଙ୍କ ଉଦ୍ଦେଶାର୍ଥେ ଛାଡ କଲେବର ।
କରୁଣା ସାଗର ଯୀଶୁ ସର୍ବ ଗୁଣାକର । ୧୧ ।

ଏମନ୍ତ ଦୟାଲୁ ପ୍ରଭୁ ନ ଦେଖି ନ ଶୁଣି ।
ନିଜ ପ୍ରାଣ ସମର୍ପିଲେ ଶତ୍ରୁର ତାରଣି ।
ଅସ ପାପୀ ଯୀଶୁ ପ୍ରେମ ସାଗରେ ବୁଡାଉଂ ।
ତହିଁ ସୁଖ ଭୋଗି ଯୀଶୁଖ୍ରୀଷ୍ଟ ଗୁଣ ଗାଉଂ । ୧୨ ।

ସାଣଚତ୍ତ୍ୱ ସମ୍ପୂର୍ଣ୍ଣ ।

No. 10.

## ASPIRATION TO JESUS.

### ଯୀଶୁଖ୍ରୀଷ୍ଟରେ ନିବେଦନ ।

ଧନ୍ୟ ଧନ୍ୟ ହେ ପ୍ରଭୁ ମୋର । ଧନ୍ୟ ମହିମା ଯେ ତୁମ୍ଭର । ୧
ପାପିମାନଙ୍କୁ ଦୟା କରି । ପୃଥିବୀରେ ନର ଦେହ ଧରି । ୨
ମହା ନରକୁ ଯେ ନରଙ୍କୁ । ଅନନ୍ତ ଜୀବନ ଦେବାକୁ । ୩
ଅମର ସ୍ୱର୍ଗ ଯେ ଭୁବନ । ତେଜିଛ ପ୍ରଭୁ ଭଗବାନ । ୪
ଯହିଂ ସ୍ୱର୍ଗର ଦୂତଗଣେ । ସେବନ୍ତି ଯାହାଙ୍କ ଚରଣେ । ୫
ଏମନ୍ତ ମହିମା ଯାହାର । ସେ ପ୍ରଭୁ ନର କଲେବର । ୬
ଦାଉଦ ରାଜାର ନଗରେ । ମାରିୟା ନାରୀଙ୍କ ଗର୍ଭରେ । ୭
ଧର୍ମୀଗୁରୁ ସେ ଜାତ ହୋଇ । ସ୍ୱୟଂ ଈଶ୍ୱର ଗୁଣ ବହି । ୮
ଧନ୍ୟ ଯୀଶୁ ଗୁଣ ବ୍ୟବସ୍ଥା । କହିତେ କେହୁ ସାମରଥା । ୯
ମୁହିଂ ଅଧମ ଦୀନହୀନ । ପାପିଷ୍ଠ ଦୁରାଚାର ଜନ । ୧୦
ତୁମ୍ଭ ଚରଣେ ଚିତ୍ତ ଖେଦ । ହେ ପ୍ରଭୁ କରୁଣା ବାରିଧି । ୧୧
କରୁଣା କଟାକ୍ଷରେ ଚାହିଁ । ଭକ୍ତି ଭାବରେ ମୋତେ ଥୁଅ । ୧୨
ଧନ୍ୟ ଯେ ଯୀଶୁ ଅବତାର । ନରଙ୍କ ନିସ୍ତାରଣ ଦ୍ୱାର । ୧୩
ତୁମ୍ଭର ମହିମା ଏମନ୍ତ । କେ କହି ପାରିବ ତଦନ୍ତ । ୧୪
ଆଶ୍ଚର୍ଯ୍ୟ କର୍ମ ଅଛି ଯେତେ । କହିବ ମୋର ବଳ କେତେ । ୧୫
କେତେକେତେ ଅନ୍ଧମାନଙ୍କୁ । ଦେଇଛ ଦୃଷ୍ଟି ଦେଖିବାକୁ । ୧୬

ପୁଣି ଏମନ୍ତ କୃପା କଲ । ନୁଲାମାନଙ୍କୁ ହସ୍ତ ଦେଲ । ୧୭
ପଙ୍ଗୁପ୍ରାଦ ପ୍ରାପ୍ତ ହୋଇଲେ । ମୃତ୍ୟୁପ୍ରେ ଜୀବନ ପାଇଲେ । ୧୮
ଲାଯାର ବୋଲି ଏକ ଜଣ । ଗୃହଦ୍ୱନର ମୃତ୍ୟୁ ପୁଣ । ୧୯
ଏମନ୍ତ ପ୍ରଭୁ କୃପା କଲେ । ତାହାକୁ ଜୀବଦାନ ଦେଲେ । ୨୦
ହେ ଖ୍ରୀଷ୍ଟ ଈଶ୍ୱରର ପୁତ୍ର । ମୁ ମୃତ ପାପିଷ୍ଠ ପତିତ । ୨୧
ମୁହିଂ ପାପରେ ମୃତ୍ୟୁ ହୋଇଂ । କବର ମଧ୍ୟରେ ଅଛୁଇଂ । ୨୨
ହେ ଯୀଶୁ ସଜୀବ କରଣେ । ସାମର୍ଥ ଅଛୁ ଯେ ଆପଣେ । ୨୩
ଉଠିବା ସକ୍ଷ ନାହିଂ ମୋର । ହେ ପ୍ରଭୁ ମୋରେ ଦୟା କର । ୨୪
ଏ ଭବ କୂପେ ମୁହିଂ ପଡ଼ି । ନିଜ ନିସ୍ତାର ପଥ ହୁଡ଼ି । ୨୫
ତୁମ୍ଭ ବସ୍ତୁନ୍ୟ ବାହୁ ତୋଳି । ମୋତେ ସେ ନୟୁ ଯେଉଦ୍ଧର । ୨୬
ତୁମ୍ଭ ବିନା କେ ଅଛି ମୋର । କେ ମୋତେ କରିବ ଉଦ୍ଧାର । ୨୭
ଏ ପାପ ଭାର ଯେ ମୋହୋର । ଦେଇଁଛି ତୁମ୍ଭର ଉପର । ୨୮
ହେ ପ୍ରଭୁ ଗୁରୁ ପୁରୋହିତ । ମୋହୋର ଅଛି ଏନ୍ୟୃତ । ୨୯
ତୁମ୍ଭେ ଯେ ଜଗତ କାରଣେ । ପରାଣ ଦେଇଛ ଆପଣେ । ୩୦
କ୍ରୁଶ ଉପରେ ଠଙ୍ଗା ହୋଇଂ । ଚୋରର ତୁଲ୍ୟ ଶାସ୍ତି ପାଇଁ । ୩୧
କଣ୍ଟାର ମୁକୁଟ ବାନ୍ଧିଲେ । ପାର୍ଶ୍ୱ ଦେଶେ ଶୂଳ ମାଇଲେ । ୩୨
ହସ୍ତ ଗୋଡରେ କଣ୍ଟା ବିନ୍ଧି । ଧିକ୍କାର କରି ବହୁ ନିନ୍ଦି । ୩୩
ତୃଷା ବ୍ୟଥା ନିନ୍ଦା ସହିଣ । ମୁଣ୍ଡ ଝାଙ୍କିଣ ଦେଲ ପ୍ରାଣ । ୩୪
ହେ ପ୍ରଭୁ ଜଗତର କର୍ତ୍ତା । ସହିଛ ପାତକର ବ୍ୟଥା । ୩୫
ଏମନ୍ତ ଛନ୍ତି କେବା ଜନ । ପର ନିମନ୍ତେ ଦନ୍ୟେ ପ୍ରାଣ । ୩୬
ହେ ଯୀଶୁ ମୋର ପ୍ରାଣନାଥ । ଅନାଥ ନାଥ ଜନହିତ । ୩୭
କି ଦେଇଂ ତୁମ୍ଭକୁ ସୁଝିବି । ଏ ପ୍ରେମ କାହୁଁ ମୁ ପାଇବି । ୩୮
ଏମନ୍ତ କୃପା ମୋରେ ଆସୁ । ହେ ପ୍ରଭୁ ଈଶ୍ୱରର ଶିଶୁ । ୩୯
ମୋହୋର କର୍ମ ଧର୍ମ ନାହିଂ । ନରକ ଯୋଗ୍ୟ ମୁ ଅଟଇଂ । ୪୦
ମୋହୋର ମନେ ଏ ଭରସା । ପୂର୍ଣ୍ଣ କର ମୋ ପ୍ରଭୁଆଶା । ୪୧
ତୁମ୍ଭର ପ୍ରେମ ଅନୁସରି । ବଞ୍ଚିବି ଦିବସ ଶର୍ବରୀ । ୪୨

ମୋ ଅଙ୍ଗେ ଗଳିତ ଏ ହେଉ । ବେନି ନୟନୁ ନୀର ବହୁ । ୪୩
ତୁମ୍ଭର କଥା କର୍ଣ୍ଣେ ଶୁଣି । ଅମୃତ ପ୍ରାଏ ତାହା ମଣି । ୪୪
ସଦା ସର୍ବଦା ହାହା କାର । ଏଥସୁ ମୋହୋର ମୁଖର । ୪୫
ତୁମ୍ଭର ଗୁଣ କର୍ମ ଯେତେ । ସ୍ମରଣ ହେଉ ମୋର ନିତ୍ୟେ । ୪୬
ଯେତେ ଦିନ ଏଠାରେ ରହି । ତୁମ୍ଭ ଭବର ଭିନ୍ନ ନୋହି । ୪୭
ତୁମ୍ଭ ପ୍ରେମରେ ନିତ୍ୟେ ବୁଡ । ଆନ ପ୍ରେମକୁ ମୁ ନ ଲୋଡ଼ । ୪୮
ମୋହୋର ଏଣେ ନାହିଁ ଇଚ୍ଛା । ସର୍ବ ସମ୍ପଦ ତୁମ୍ଭ ବାଞ୍ଛା । ୪୯
ହେ ଯୀଶୁ ମୃତ୍ୟୁ ଜୟେ କରି । ସ୍ୱର୍ଗକୁ ଗମନ ଯେ କରି । ୫୦
ଯହିଁ ସ୍ୱର୍ଗର ଦୂତ ଗଣେ । ସେବନ୍ତି ଈଶ୍ୱର ଚରଣେ । ୫୧
ଦୟାଳୁ ଧାର୍ମିକ ଯେ ସ୍ଥାନେ । ବସନ୍ତି ପୁଣ୍ୟ ଆତ୍ମାମାନେ । ୫୨
ଜନ୍ମ ମୃତ୍ୟୁହିଁ ଯହିଁ ନାହିଁ । ରୋଗ ଶୋକଇ ନ ବାଧଇ । ୫୩
ଏମନ୍ତ ଅଚିନ୍ତ୍ୟ ପୁରେ । ଯୀଶୁ ଈଶ୍ୱର ଦକ୍ଷିଣରେ । ୫୪
ମହା ଜ୍ୟୋତିମୟ ଆସନ । ବିଜୟେ କରିଛ ଆପଣ । ୫୫
ନିଜ ଶିଷ୍ୟଗଣର ପ୍ରତି । ଦୃଷ୍ଟି ଦେଇଛ ନିତିନିତି । ୫୬
ଯେମନ୍ତ କୁକୁଟୀ ଯେମାନେ । ତେଣାରେ ଢାଙ୍କେ ଛୁଆ ଯେହ୍ନେ ୫୭
ତେମନ୍ତ ନିଜ ଶିଷ୍ୟମାନେ । ଦେଖିଛ ପ୍ରଭୁ ବଦ୍ୟମାନେ । ୫୮
ହେ ପ୍ରଭୁ ଏହି ନିବେଦନ । କରୁଛି ତୁମ୍ଭର ଚରଣ । ୫୯
ହେ ଯୀଶୁ ଜ୍ଞାନ ଚକ୍ଷୁ ଦିଅ । ପାପ କଲୁଷ ମୋର ଧୁଅ । ୬୦
ମୋର ଦୃଷ୍ଟିରେ ସ୍ୱର୍ଗ ଦିଶୁ । ଏମନ୍ତ କୃପା କର ଯୀଶୁ । ୬୧
ଏ ପ୍ରେମ ଆସୁ ମୋର ମନେ । ଅନ୍ୟରେ ନାହିଁ ପ୍ରୟୋଜନେ । ୬୨
ଏହି ଭବରେ ବୁଡ ନିତ । ରହିବ ତୁମ୍ଭର ସଙ୍ଗତ । ୬୩
ସଂସାର କର୍ମ ମୋର ପ୍ରତି । ମୃତ୍ୟୁ ହେଉ ଯେ ଶୀଘ୍ରଗତି । ୬୪
ଏହି ଅଶିଷ୍ୟ ମୋତେ ଦିଅ । ନିଜ ସେବକ କରି ଥୁଅ । ୬୫
କେବଳ ମନେ ଧ୍ୟାନ କରି । ଭକ୍ତି ଭବରେ ଅନୁସରି । ୬୬
ସଦା ସର୍ବଦା ତୁମ୍ଭ ପ୍ରତି । ମୋ ମନ ହେଉ ସ୍ଥିର ମତି । ୬୭
ଦଣ୍ଡେ ନିମିଷେ କ୍ଷଣେ ଅବା । ନ ଛାଡୁଂ ତୁମ୍ଭର ଯେ ସେବା । ୬୮

ଅନ୍ତର ଏକ ନିବେଦନ । କରୁଛୁ ତୁମ୍ଭର ଚରଣ । ୬୯
ମୃତ୍ୟୁ ଯେ କାଳରେ ଆସିବେ । ସେକାଳେ ଭୟ ନ ରହିବେ । ୭୦
ଏମନ୍ତ ଅଙ୍କା ମୋରେ ହେଉ । ରୋଗ ଶୋକହିଁ ଯେ ନ ଥାଉ ୭୧
ତୁମ୍ଭର ପ୍ରେମ ଦେଖିବେଳେ । ଘୋର କରିବ ମୋ ମନରେ । ୭୨
ଯେମନ୍ତ ସୂର୍ଯ୍ୟ ଉଦେହେଲେ । ତମିର ନ ରହଇ ଭଲେ । ୭୩
ଏସବୁ ଛାଡ ପଳାଇବେ । ଅଭୟ ଚରଣେ ପଶିବେ । ୭୪
ମୋତେ ଏମନ୍ତ ଦେଲେ ବର । ଅଧିକ ଇଚ୍ଛା ନାହିଁ ମୋର ୭୫
ହେ ଖ୍ରୀଷ୍ଟ ଯୀଶୁ ଭଗବାନ । ତୁମ୍ଭର ଚରଣେ ଶରଣ । ୭୬

ଇତି ।

No. 11.

# NAMES AND TITLES

OF OUR

# LORD JESUS CHRIST.

## ପ୍ରଭୁ ଯୀଶୁଖ୍ରୀଷ୍ଟର ନାମ ମାଳା ।

ଅଦ୍ୱିତୀୟନତ୍ୟ ଅନନ୍ତକାଳରପିତା ଅଠାରଦୁଆର ।
ଅମାନୁୟେଲ ଅଧିକାରୀ ଅମର ପୁଣି ଅମରଈଶ୍ୱର । ୧ ।

ଅଦ୍ୱିତୀୟରାଜାଧିରାଜ ଅରୁଣ ଅତିସହିଷ୍ଣୁ ଅଦୃଶ୍ୟ ।
ଅନାଦିପୁରୁଷ ଅଭିଷେକୀ ଅଗ୍ରଗାମୀ ଅବ୍ରହାମବଂଶ । ୨ ।

ଅମରବୃକ୍ଷ ଅନନ୍ତ ଅମୃତକୂଅ ଆତ୍ମା ଆତ୍ମାଦେବର୍ତ୍ତା ।
ଅତ୍ୟନ୍ତ ଆଦମ ଆଶ୍ରୟ ଆଶ୍ଚର୍ଯ୍ୟ ଆମେନ ଆତ୍ମାରକ୍ଷାକର୍ତ୍ତା । ୩ ।

ଆମ୍ଭେଅଛୁଁ ଇସ୍ରାୟେଲବଳ ଇସ୍ରାୟେଲକର୍ତ୍ତା ତା ସାନ୍ତ୍ୱନା ।
ଇସ୍ରାୟେଲ ଧର୍ମସ୍ୱରୂପ ଈଶ୍ୱରଦତ୍ତ ଈଶ୍ୱରମହିମା । ୪ ।

ଈଶ୍ୱରଙ୍କରପ୍ରତିମୂର୍ତ୍ତି ଈଶ୍ୱରଧର୍ମସ୍ୱରୂପ ଈଶ୍ୱର ।
ଈଶ୍ୱରତେଜ ଈଶ୍ୱରବାକ୍ୟ ଈଶ୍ୱରାଜ୍ଞା ଈଶ୍ୱରକୁମର । ୫ ।

ଉଜ୍ଜ୍ୱଳପ୍ରଭାତନକ୍ଷତ୍ର ଉତ୍କ୍ରୋଶପକ୍ଷୀ ଉପକାରୀ ପୁଣି ।
ଉପଦେଶକ ଉତ୍ତମସାକ୍ଷ୍ୟଦାତା କୋଣରପଥର ଭଣି   ୬

ଔ

କଣ୍ଟ କୃପାଳୁ କାଲିଆଜିସଦାକାଳ କ କର୍ତ୍ତା କାକର ।
କଠାଳି ସେ ଖ୍ୟାତମନ୍ତ୍ରୀ ଖଡ୍ଗ ଖ୍ରୀଷ୍ଟ ଜୀବନଆହାର । ୭ ।

ଜ୍ୟୋତି ଜୀବନ ଢାଲ ତ୍ରାଣରଶୃଙ୍ଗ ତୀକ୍ଷ୍ଣଖଡ୍ଗ ତ୍ରାଣକର୍ତ୍ତା ।
ଦୂତ ଦାଉଦ ଦାଉଦମୂଳଫଳ ଦୟାଳୁ ଦ୍ରାକ୍ଷାରଲତା । ୮ ।

ଦ୍ୱିତୀୟମନୁଷ୍ୟ ଧର୍ମଅଧିକର୍ତ୍ତା ଧର୍ମସିଦ୍ଧକର୍ତ୍ତା ଧନ ।
ଧର୍ମରଶାଖା ଧର୍ମରସୂର୍ଯ୍ୟ ଧ୍ୱଜା ଧର୍ମସ୍ୱରୂପନାମ । ୯ ।

ନରହିଂସକ ନିସ୍ତାରପର୍ବବୋଦା ପୁଣି ସେ ନାଜୀର ବଂଶ ।
ନିୟମକର୍ତ୍ତା ନ୍ୟାୟପତିହେ ନିଯୁକ୍ତ ନୀତିର ନିବାସ । ୧୦ ।

ନାଜରୀୟ ପିତୃମହିମାରତେଜ ପାଳକ ପ୍ରଥମଜାତ ।
ପୁନରୁତ୍ଥାନରଆଦିଜାତଫଳ ପିତ୍ତଳସାପ ପ୍ରେରିତ । ୧୧ ।

ପାପୀମାନଙ୍କରବନ୍ଧୁ ପ୍ରିୟତମ ପିତୃଦତ୍ତ ପରିତ୍ରାଣ ।
ପକ୍ଷବାଦୀ ପିତୃଅଦ୍ୱିତୀୟଜାତ ପିତା ପାଳକ ପତ୍ତନ । ୧୨ ।

ପବିତ୍ରକର୍ତ୍ତା ପବିତ୍ରତା ପବିତ୍ରାଳୟ ପ୍ରଧାନଯାଜକ ।
ପ୍ରଭୁ ପ୍ରାୟଶ୍ଚିତ୍ତ ପତି ପେଲା ପଥ ପାହାଡ ପଥଦର୍ଶକ । ୧୩ ।

ପୁନରୁତ୍ଥାନକାରୀ ପରିଷ୍କାରକ ପବିତ୍ରଶିଶୁ ବାପକ ।
ବଳବାନ୍ ଈଶ୍ୱର ବଳି ବାଟ ବର ସେ ବୈଦ୍ୟ ବ୍ୟବସ୍ଥାପକ । ୧୪ ।

ବନ୍ଧରକର୍ତ୍ତା ବିଶ୍ୱସ୍ତସାକ୍ଷୀ ପୁଣି ବିବାହବସ୍ତ୍ର ଭର୍ଜନ ।
ଭୂତଭବିଷ୍ୟବର୍ତ୍ତମାନ ଭରସା ଭାବବକ୍ତା ମହାଜନ । ୧୫ ।

ମହାମହିମସିହୁଙ୍କା ମନୋନୀତ ମଶିହ ମେଷପାଳକ ।
ମନୁଷ୍ୟରପୁତ୍ର ମନୋଜ୍ଞପଥର ମନୁଷ୍ୟ ମେଲ୍କିସେଦକ । ୧୬ ।

ମଣ୍ଡଳୀଶିର ମୁକ୍ତିମୂଲ୍ୟ ମନ୍ଦିର ମଧ୍ୟସ୍ଥ ମୁକୁଟ ମାଂସ ।
ଯୀଶୁ ସେ ଯିହୁହା ଯାକୁବ ଯିହୁଦା ଯୁବରାଜ ଯୁବାମେଷ । ୧୭ ।

ଯିହୁଦାବଂଶର ସିଂହ ଯା ରାଜାଧିରାଜ ରାଜା ଲଗା ଶିଲ ।
ଶିଶୁ ଶାନ୍ତିରାଜା ଶମଚରଣୀ ଆଉ ଶାରୋଣଗୁଲାବଫୁଲ । ୧୮ ।

ସୃଷ୍ଟିଆଦିକର୍ତ୍ତା ସୁନା ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ୍ ଈଶ୍ୱର ।
ସଚ୍ଚିଦାନନ୍ଦ ସର୍ବଦେଶିମାନଙ୍କଇଷ୍ଟ ସେବକ ସୁନ୍ଦର । ୧୯ ।

ସର୍ବାଧିକାରୀ ସଲ୍ମାନ ସତ୍ୟତା ସର୍ବଉପରସ୍ଥ ସାକ୍ଷ୍ୟ ।
ସୁବର୍ଣବେଦୀ ସାନ୍ତ୍ୱନା ସାର ଆଉ ସମାପ୍ତ ଅଟନ୍ତି ସେ ଋ । ୨୦

ଇତି ।

# THE GREATNESS OF GOD.

## ଈଶ୍ୱରଙ୍କ ମହିମା ।

କେହି ନାହିଁ ପ୍ରଭୁଙ୍କ ସମାନ
କେ ପାରଇ ତାଙ୍କ ସ୍ତବ ଗାନ
ତାଙ୍କ ତତ୍ତ୍ୱ ନାହିଁ ବୋଧ ଗମ୍ୟ
ସେ ସମସ୍ତଙ୍କର ମୂଳ ଓ ହେତୁ
ତେଜ ମହିମାରେ ସୁଶୋଭିତ
ତାଙ୍କ ପରିଚ୍ଛଦ ଜ୍ୟୋତିମୟ ।
ତାଙ୍କ ସିଂହାସନ ଯେଉଁଠାରେ
ତଥି କାର ନୋହିଲା ଦର୍ଶନ
ତାର ଗ୍ରହାଦି ଅଟେ ଉପରେ
ତାଙ୍କ ଗୌରବ ପ୍ରକାଶମାନ । ୧ ।

ହେଈଶ୍ୱର ପ୍ରଚଣ୍ଡ ତୋଫାନେ
ଅକାଶ ନୁଆଇଁ ଅଗମନେ
ତୁମ୍ଭ କଲେଣ କ ଉଗ୍ରଙ୍କର
ପବନ ପକ୍ଷରେ ଉଡ ଯାଅ
ଅବା ମେଘ ରଥେ ବସି ଥାଅ
ଇଚ୍ଛାରେ ଗର୍ଜ୍ଜିଇ ଘୋର ଡର ।
ହେ ସ୍ରଜନ ତୁମ୍ଭ ସର୍ବ ଦୂତ
ଘେରନ୍ତ ତେଜସ୍ୱ ସିଂହାସନେ
ଅଗ୍ନି ଶିଖା ତୁଲ୍ୟ ବେଗ ଯୁକ୍ତ
ସେବା କରନ୍ତ ସ୍ୱଚ୍ଛନ୍ଦ ମନେ । ୨ ।

ହେଉଦ୍‌ବୋଲି ତୁମ୍ଭ ଆଜ୍ଞା ବଲେ
ଜଗତାଦି ସର୍ବ ଉପୁଜିଲେ
ବସ୍ତୁ ମାତ୍ର ନ ଥିଲା ବଶେଷ
ଗମ୍ଭୀରରେ ଘୋର ଅନ୍ଧକାର
ଜଲସ୍ଥଲ ଅସ୍ଥିର ଅକାର
ତୁମ୍ଭ ମହା ବାକ୍ୟରେ ପ୍ରକାଶ ।
ଏଣେ ତେଣେ ଜଲ ଛିନ୍ନ ଭିନ୍ନ
ଭୂଧରାଦି ସୁନ୍ଦର ଦଶଇ
ଜୀବଜନ୍ତୁ ସବୁ ହେଲେ ଜନ୍ମ
ନର ନାରୀ ଦୁହିଙ୍କ ସୃଜଇ । ୩ ।

ତୁମ୍ଭ ବଲେ ଭୂଗୋଲ ଗମନ
ବରସାଦି ଋତୁ ନିରୂପଣ
ସୂର୍ଯ୍ୟ ଚନ୍ଦ୍ର ତାରା ଉଦେ ଅସ୍ତେ
ଦିନ ଅନ୍ତ ହେଲେ ଆସେ ରାତ୍ରେ
ବନ ଜନ୍ତୁ ସବୁ ବୁଲେ କ୍ଷେତ୍ରେ

କାକର ସିଞ୍ଚଇ ଫୁଲ ଘାସେ ।
ପ୍ରଭାତେ ଉଠଇ ନର ନାରୀ
ଦିନ ଥାଉ ଥାଉ କରି ଶ୍ରମ
ସଞ୍ଜବେଳେ ଘରେ ଆସେ ଫେରି
ସୁନିଦ୍ରାରେ କରଇ ବିଶ୍ରାମ । ୪ ।

କିଏ ମହିତ ପ୍ରସାରି ସିନ୍ଧୁ
ପରିପୂର୍ଣ୍ଣ ବଡ ସାନ ଜନ୍ତୁ
ହେ ଈଶ୍ୱର ତୁମ୍ଭ ଜ୍ଞାନ ଅସୀମ
ବହୁବିଧ ତୁମ୍ଭ ହସ୍ତ କାର୍ଯ୍ୟ
ତୁମ୍ଭ ଗୁଣ ଗୌରବ ଆଶ୍ଚର୍ଯ୍ୟ
ହେ ଯିହୁହା ଧନ୍ୟ ତୁମ୍ଭ ନାମ ।
ଜଳେ ସ୍ଥଳେ ଆକାଶର ତଳେ
ଅଛି ଯେତେ ସ୍ଥାନେ ସ୍ଥାନେ ଥାଏ
ଭକ୍ଷ୍ୟ ପାଣି ଲାଗେ ସବୁ ବେଳେ
ଅଶା କରି ତୁମ୍ଭ ଅଡେ ଚାହେଁ । ୫ ।

ତୁମ୍ଭେ ଅଟ ସୃଷ୍ଟି ସ୍ଥିତି କର୍ତ୍ତା
କ୍ଲେଶ ପୀଡା ପାପର ସଂହର୍ତ୍ତା
ତୁମ୍ଭ ପ୍ରେମ କରୁଣା ଅପାର
ନରଗଣ ପ୍ରତି ଦୟା କଲେ
ନିଜ କୋଳସ୍ଥିତ ପୁତ୍ର ଦେଲେ
ନରକରୁ କରଣ ଉଦ୍ଧାର ।
ପିତା ପୁତ୍ର ପ୍ରତି ଯେତେ ସ୍ନେହ
ତେସନେ ଈଶ୍ୱର ଦୟାମୟ
ନିଜ ଭକ୍ତି ଠାରେ ସଦା ଚାହିଁ
ଦିଅନ୍ତି ଅନନ୍ତ ସଦାଶ୍ରୟ । ୬ ।

ଅଛେ ତାଙ୍କ ସୃଷ୍ଟ କର୍ମ ସର୍ବ
କର ତାଙ୍କ ନାମ ସ୍ତୁତ ସ୍ତବ
ଧର ନାନା ବିଧି ମିଷ୍ଟ ନାଦ
କ୍ଷିତ ତଳେ ଜୀବ ଜନ୍ତୁ ନାନା
ସୂର୍ଯ୍ୟ ଚନ୍ଦ୍ର ତାରା ଯେ ଅଗଣା
କର ଯଥାଶକ୍ତି ଧନ୍ୟବାଦ ।
ଧର୍ମଦୂତ ସାଧୁଗଣ ଯେତେ
ଜୀବନ ନିଶ୍ୱାସ ଯେ ଯାହାର
ପୃଥ୍ୱୀରେ କି ସ୍ୱର୍ଗେ ଥାନ୍ତୁ ତେତେ
ବୋଲ ଧନ୍ୟ ଧନ୍ୟ ସର୍ବେଶ୍ୱର । ୭ ।

## MISCELLANEOUS PIECES.

### ଚୌଦିଶା

କୃପା କର ମହା ପ୍ରଭୁ ମୋତେ ଦୀନହୀନ ।
ଖେଦ କରଇ ମହା ପାପ ହେତୁ ଦିନ ଦିନ ।
ଗର୍ବୀ ହୋଇ ନାନାରୂପେ ମୋର ଅଛି ଦୋଷ ।
ଘୁଞ୍ଚାଅ ମୋ ଅପରାଧ କର ହେ ସନ୍ତୋଷ ।
ଙ୍‍ଗୁଅ ଉଠଇ ମୋର ଅଶ୍ରୁ ତୁମ୍ଭ ପାଦେ ।
ଚାହ ଥାଏଁ ଡାକ ପ୍ରଭୁ ବାନ୍ଧ ପ୍ରେମ ଡୋରେ ।
ଛାଡ ଯିବା ପଛେ ପ୍ରଭୁ ତୁମ୍ଭ ଶ୍ରୀଚରଣ ।
ଜଗାଅ ନିତ ମୋ ମନ ଦିଅ ସଚେତନ ।
ଝିମି ଝିମି ମୋର ମନ ମିଥ୍ୟା ଅଭିଳାଷେ ।

ଯୀଶୁ ସଦା ରଖ ମୋତେ ତୁମ୍ଭ ପାଦ ପାଶେ ।
ଠଲଠଲ ମୁହି ଯେହ୍ନେ ନୌକା ଢେଉ ମଧ୍ୟେ ।
ଠେକ ନ ପାରଇ ପ୍ରେମ ଜଳେ ମୋ ଜାହାଜ ।
ଡକା ଶୁଣିଲେ ହେ ପ୍ରଭୁ ଧର କେରୁଆଲେ ।
ଢେଉ ଉଠିଲେ କଲ୍ଲୋଲ ରଖ ତ୍ରାଣ ଖାଲେ ।
ଅଣାବଣା ପାପ କେତେ ଧରେ ମୋର ମନ ।
ଛଡ ଦଅ ଅହେ ପ୍ରଭୁ ଯେତେ ରିପୁଗଣ ।
ଥୟ କର ଶାନ୍ତଦାତା ମୋର ମନ ଭୟ ।
ଦାରୁଣ ନରକୁ ରକ୍ଷା କର ଦୟାମୟ ।
ଧର ମୋତେ ଭସି ଗଲି ଦୁଃଖର ତରଙ୍ଗେ ।
ନିତ୍ୟ ମୋର ଭୀତ ପ୍ରାଣ ରଖ ତୁମ୍ଭ ସଙ୍ଗେ ।
ପାପ ସ୍ରୋତେ ମହା ବ୍ୟସ୍ତ ଅହେ କର୍ଣ୍ଣଧାର ।
ଫେରାଅ ମୋ ଦୁଷ୍ଟ ଗତି କର ସଦାଚାର ।
ବିନା ତୁମ୍ଭ ମହା ଦୟା ନୋହିବ ମୋ ତ୍ରାଣ ।
ଭୁଷି ଯାଇ ଘୋର ପାପେ ହଜି ଯିବ ପ୍ରାଣ ।
ମରଣ କାଳରେ ହେଲେ ମୋର ଦେହ କ୍ଲେଶ ।
ଯିବାକୁ କୁଶଳେ ଦିଅ ଅହେ ଯୁବା ମେଷ ।
ରୋଧନ ତେବେ ଖଣ୍ଡାଅ ରହି ମୋର ସାଥେ ।
ଲୋତକ ପୋଛି ପକାଅ ନିଜ ନମ୍ର ହାତେ ।
ବନ୍ଧନ ଫିଟାଇ ଗଲେ ଦିଅ ମୁକ୍ତି ଦାନ ।
ଶେଷେ ଯେହ୍ନେ ସ୍ୱର୍ଗେ ମୁହିଂ ପାଇବ ସୁସ୍ଥାନ ।
ଷୋଳ ଅଣା କରି ଏବେ ପୂରାଅ ମୋ ମନ ।
ସତ୍ୱର ଅସ ହେ ଯୀଶୁ କରନ୍ତୁ ଦର୍ଶନ ।
ହରିଣ ଯେମନ୍ତ ଧକଧକ ଜଳ ପାଇଁ ।
କ୍ଷଣେ କ୍ଷଣେ ତୁମ୍ଭ ଲାଗି ତେହ୍ନେ ମୁଁ ଧକାଇ ।

## ତତ୍ତ୍ୱସାର ।

ଅଟନ୍ତି ଚରାଚର କର୍ତ୍ତା । ସୃଷ୍ଟି ପାଳଣାଦି ସଂହର୍ତ୍ତା । ୧ ।
ନିତ୍ୟାନନ୍ଦ ନିରଞ୍ଜନ । ବିଭୁ ବନ୍ଧର ନିକେତନ । ୨ ।
ବିକାର କାମ କ୍ରୋଧହୀନ । ନିର୍ବିଶେଷଞ୍ଚ ସନାତନ । ୩ ।
ଅନାଦି ପୂର୍ଣ୍ଣ ପରାତ୍ପର । ଅନ୍ତର ଆତ୍ମ ଅଗୋଚର । ୪ ।
ବିଧାତା ସର୍ବ ଶକ୍ତିମାନ । ସର୍ବତ୍ର ବ୍ୟାପନ୍ତି ସମାନ । ୫ ।
ଅଶୋକ ଅଭୟ ଅବ୍ୟୟ । ଅନନ୍ତ ଏକ ନିରାମୟ । ୬ ।
ପରମବ୍ରହ୍ମ ସ୍ୱ ପ୍ରକାଶ । ନିଶ୍ଚଳ ନିଷ୍କଳ ଅବିନାଶ । ୭ ।
ବିଶୁଦ୍ଧ ସତ୍ୟ ଜ୍ୟୋତିମାନ । ଅସୀମ ଦୟା କ୍ଷମାବାନ । ୮ ।
ସର୍ବଜ୍ଞ ସକଳାନ୍ତର୍ଯ୍ୟାମି । ସର୍ବାଶ୍ରା ଜଗତର ସ୍ୱାମୀ । ୯ ।
ଭବିଷ୍ୟ ଭୂତ ବର୍ତ୍ତମାନ । ଅଦ୍ୱିତୀୟ ପ୍ରଭୁ ଭଗବାନ । ୧୦ ।
ଅପାର ମହିମା ମହତ । ଅତୁଲ୍ୟ ସର୍ବଜନ ହିତ । ୧୧ ।
ନାହି କେହି ତାଙ୍କ ସମାନ । ଅଶେଷ ଗୁଣର ଆଧାନ । ୧୨ ।
ଯିହୁହା ଖ୍ୟାତ ଏସଂସାରେ । ତାହାଙ୍କ ଧାମ ସ୍ୱର୍ଗ ପୁରେ । ୧୩ ।
ତପନ ଚନ୍ଦ୍ରମା ପବନ । ଯାହାଙ୍କ ନିୟମେ ଭ୍ରମଣ । ୧୪ ।
ଦିବା ନିଶି ଜ୍ୟୋତି ନକ୍ଷତ୍ର । ସ୍ଥାପିତ ହେଲେ ଆଜ୍ଞା ମାତ୍ର । ୧୫ ।
ଅଦ୍ଭୁତ ଜଳବିନ୍ଦୁ ପରି । ଉପରେ ଶିଳ୍ପ କାର୍ଯ୍ୟ କରି । ୧୬ ।
ପଶୁ କୀଟ ପକ୍ଷ୍ୟାଦି ନାନା । ଯାଙ୍କ ରଚନା ଅଗଣନା । ୧୭ ।
ସମସ୍ତ ସ୍ଥାବର ଜଙ୍ଗମ । ଯଥା ସ୍ଥିତ ଯେହ୍ନେ ନିୟମ । ୧୮ ।
ଦୁଗ୍ଧ ରସ ରକତ ସ୍ଥାନେ । ପାନର ହେତୁ ଦେଇ ସ୍ତନେ । ୧୯ ।
ଆହାର ଉଦରେ ବିଧାତା । ଅନାଦି ଜୀବନର ଦାତା । ୨୦ ।
ସଂସାର ଜନ୍ମସ୍ଥିତି ଭଙ୍ଗ । ଯାଙ୍କ ନିୟମରେ ପ୍ରସଙ୍ଗ । ୨୧ ।
ସଚ୍ଚିଦାନନ୍ଦ ସର୍ବେଶ୍ୱର । ଭାବ ମନରେ ନିରନ୍ତର । ୨୨ ।
ନାନାଦି ଗୁଣେ ଗୁଣବନ୍ତ । ଆତ୍ମସ୍ୱରୂପ ଦେହବନ୍ତ । ୨୩ ।
କୃପା ଦୟାରେ ପରିପୂର୍ଣ୍ଣ । ଯୀଶୁ ନାମରେ ଅବତୀର୍ଣ୍ଣ । ୨୪ ।
ଅଗମ୍ୟ ତେଜୋମୟ ସ୍ଥାନ । ସଦା ସ୍ୱର୍ଗେ ବିରାଜମାନ । ୨୫ ।

ଆକାର ପୁଣି ନିରାକାର । ତ୍ରିବିଧ ବ୍ରହ୍ମ ଏକେଶ୍ୱର । ୨୬ ।
ସକଳ ଆଶୀର୍ବାଦ ଦାତା । ପିତା କୁମାର ଧର୍ମାତ୍ମା । ୨୭ ।
ଯିହୁଦା ଦେଶରେ ପ୍ରକାଶ । ହଜାର ଅଠଶ ବରଷ । ୨୮ ।
ଅମୂଲ୍ୟ ବଚନ ଯୀଶୁର । ଅସୀମ ସିନ୍ଧୁ ସୁଧାମୀର । ୨୯ ।
ଅପୂର୍ବ ମହିମା ଅପାର । କେ କହି ପାରିବ ତାଙ୍କର । ୩୦ ।
ପାତକି ଜନ ତରିବାର । ବହିଲେ ମାନବ ଶରୀର ! ୩୧ ।
ସର୍ବ ଉତ୍ତମ ମହାଜନ । ଜଗତେ ଦେଲେ ସେ ଦର୍ଶନ । ୩୨ ।
କୁମାରୀର ଉଦରେ ଜାତ । ଯୀଶୁ ଖ୍ରୀଷ୍ଟ ଅନାଥ ନାଥ ! ୩୩ ।
ଦୁଃଖିତ ଜଣ ଦାସାକାର । ଧରିଲେ ବ୍ରହ୍ମାଣ୍ଡ ଈଶ୍ୱର । ୩୪ ।
ଆପେ ହୋଇଲେ ଶୋକାନ୍ୱିତ । ଅନେକ କଲେ ହୃଷ୍ଟଚିତ୍ତ । ୩୫ ।
ନିଜ ଈଶ୍ୱରତ୍ୱ ଆଦେଶ । ଘେନି କହିଲେ ଉପଦେଶ । ୩୬ ।
ଅନନ୍ତ ସତ୍ୟ ଦିବ୍ୟ ଜ୍ଞାନ । ପ୍ରକାଶିଲେ ସେ ସ୍ଥାନେ ସ୍ଥାନ । ୩୭ ।
ପାପିଙ୍କ ହେତୁ ଜାମିନଦାର । ଆପେ ଭୋଗିଲେ ନିନ୍ଦା ମାର । ୩୮
ଈଶ୍ୱର ତୁଷ୍ଟି ବଳିଦାନ । କଲେଣ ସେହି ନିଜ ପ୍ରାଣ । ୩୯ ।
କବର ସ୍ଥାନେ ପୋତା ଗଲେ । ତିନି ଦିନାନ୍ତରେ ଉଠିଲେ । ୪୦ ।
ଚାଳିଶ ଦିନର ପର୍ଯ୍ୟନ୍ତ । ପ୍ରକାଶ ହେଲେ ଦେହବନ୍ତ । ୪୧ ।
ଶିଷ୍ୟ ସମସ୍ତଙ୍କ ସାକ୍ଷାତେ । ସେ ଗଲେ ଅନ୍ତରୀକ୍ଷ ବାଟେ ।୪୨।
ନିଜର ଲୋକେ ସ୍ୱର୍ଗସ୍ଥାନେ । କରନ୍ତୁ ସଦା ନିବେଦନେ । ୪୩ ।
ଗୌରବ ଘେନିଣ ଅପାର । ଆସି ଜଗତକୁ ବହୁର । ୪୪ ।
ବସିବେ ନିଜ ସିଂହାସନେ । ସେ ଭୟଙ୍କର ଶେଷ ଦିନେ । ୪୫ ।
ନରକେ ପାପିଙ୍କି ଦଣ୍ଡିବେ । ସାଧୁଙ୍କୁ ନେବେ ସ୍ୱର୍ଗ ଠାବେ । ୪୬ ।
ପୃଥ୍ୱୀ ଆକାଶ ନାଶ ଯିବ । ତା ସ୍ଥାନମାତ୍ର ଲୋପ ହେବ । ୪୭ ।
ସମ୍ପୂର୍ଣ୍ଣ ପରିତ୍ରାଣ ହେଲେ । ମଧ୍ୟସ୍ଥ କାର୍ଯ୍ୟହି ସାରିଲେ । ୪୮ ।
ପୁତ୍ର ହିଁ ଅଧୀନ ହୋଇବେ । ଈଶ୍ୱର ସର୍ବେ ସର୍ବ ହେବେ । ୪୯ ।
ସମସ୍ତ ଜ୍ଞାନ ତତ୍ତ୍ୱ ସାର । ଜାଣ ଏ ବାକ୍ୟ ସାରତ୍ସାର । ୫୦ ।

---

## ଧର୍ମବ୍ୟବସ୍ଥା ।

ପରମେଶ୍ୱରଙ୍କର ବିନୁ । ଅନ ଦେବ ଦେବୀ ନ ମଣୁ । ୧ ।
ପ୍ରତିମା ମୂରତି ନ ଗଢୁ । ତାହାର ଭଜନା ନ କରୁ । ୨ ।
ଈଶ୍ୱରଙ୍କର ମହା ନାମ । ମିଥ୍ୟା ନ ଘେନ କେଉଁ କର୍ମ । ୩ ।
ବିଶ୍ରାମ ଯେଉଁ ଧର୍ମ ଦିନ । ପାଳଣ କର ସାବଧାନ । ୪ ।
ପିତା ମାତା ଯେ ଦୁହିଙ୍କର । ସର୍ବଦା କର ସମାଦର । ୫ ।
ନର ପ୍ରାଣକୁ ଅକାରଣ । ବଧ ନ କର କଦାଶ୍ଚନ । ୬ ।
କେବେ ନ କର ପରଦାର । ପାଳ ଆପଣା ଗୃହାଚାର । ୭ ।
କୌଣସି ରୂପେ ପର ଧନ । ଛଳରେ ନ କର ହରଣ । ୮ ।
କୁହ ସର୍ବଦା ସତ୍ୟ ବାକ୍ୟ । ନ ଦିଅ କେବେ ମିଥ୍ୟା ସାକ୍ଷ୍ୟ । ୯ ।
ପରର ସ୍ତ୍ରୀ ଘର ଦ୍ୱାର । ଲୋଭ ନ କରିବ ବିଚାର । ୧୦ ।
ଏ ଆଜ୍ଞା ଲଙ୍ଘନର ଶାପ । ଅନନ୍ତ ନରକେ ସନ୍ତାପ । ୧୧ ।

## ଭଗବତାବ ଲେଖନ ।

ପର ରମଣୀ ଯେହୁ ହରି । ପରକୁ ହିଂସା ଯେହୁ କରି । ୧ ।
ଯୁଅ ଖେଳନ୍ତି ଭୋଳହୋଇ । ଚୋରି କରନ୍ତି ଲୋଭ ବହି । ୨ ।
ଏକ ଆରକୁ ହିଂସା ବହି । ନରକେ ପଡୁଛନ୍ତି ଯାଇ । ୩ ।
ନର ପ୍ରାଣକୁ ଯେହୁ ମାରି । ଯେ ଦୟା ଧର୍ମ ନ ବିଚାରି । ୪ ।
ଦେହକୁ ବୋଲଇ ମୋ ହୋର । ପାପକୁ ନାହି ଯାର ଡର । ୫ ।
ଅଜ୍ଞାନ ମୋହେ ହୋଇ ହତ । ନରକେ ଥାନ୍ତି ଅନୁବ୍ରତ । ୬ ।

## ନାନାବିଧ ଭୂଲନ ।

ଶୁଣ ହେ ଜଗତସ୍ଥ ଜନ । ଏହି ବଚନେ ଦେଇ ମନ । ୧ ।
ଜଗତେ ଛନ୍ତି ଯେତେଲୋକ । ପାପେ ଆଚରନ୍ତି ଅନେକ । ୨ ।

ପାପର ପ୍ରତିଫଳ ଏହି । ଅନ୍ତେ ନରକ ଭୋଗ ପାଇ ।୩।
ନରକୁ ଉଦ୍ଧାର ନିମନ୍ତ । ପୃଥ୍ୱୀରେ ନାହିଁ ପ୍ରାୟଶ୍ଚିତ୍ତ ।୪।
କି ଗୁରୁ କିବା ଦେବଗଣ । କରନ୍ତି ଅପେ ଦୁଷ୍ଟ ପଣ ।୫।
ଅଶ୍ରୟ କେଉଁଠାରେ ନାହି । ପାପିଙ୍କ ପରିତ୍ରାଣ ପାଇ ।୬।
କେହି ବୋଲନ୍ତି ଏବଚନ । କେବଳ ଗୋବିନ୍ଦ ଚରଣ ।୭।
ଆମୃତ ତ୍ରାଣ କର୍ତ୍ତା ସେହି । ଏଥି ସଂଶୟ କିଛି ନାହିଁ ।୮।
କେହି କହନ୍ତି ହିତ ଚିତ୍ତ । ମୁହି ଭଜୁଛି ଜଗନ୍ନାଥ ।୯।
ତାଙ୍କ ଦର୍ଶନେ ପରିତ୍ରାଣ । ନିଶ୍ଚୟ ହେବ ଏହା ଜାଣ ।୧୦।
ଆନ ବୋଲନ୍ତି କେତେ ଜଣ । କରନ୍ତି ନାମର ଭଜନ ।୧୧।
ପୁଣ୍ୟ କର୍ମରେ ଆନ ଲୋକ । ଭରସା ରଖନ୍ତି ଅନେକ ।୧୨।
ନାନାଦି ଜପ ହୋମ ଦାନ । ଆଶା କରନ୍ତି ପରିତ୍ରାଣ ।୧୩।
ଆନ କରନ୍ତେ ଗୁରୁ ସେବା । ବୋଲଇ ଏଥିରେ ତରିବା ।୧୪।
କିଅବା ବଣେ ତପ କରେ । କହନ୍ତେ ପାପ ପରିହରେ ।୧୫।
ଶ୍ରାଦ୍ଧାଦି କ୍ରିୟା ତୀର୍ଥ ସ୍ନାନ । କରନ୍ତି ଆନ କେତେ ଜନ ।୧୬।
ସର୍ବେ କହନ୍ତି ମୋର ମତ । ନିଶ୍ଚୟ ପାଇ ପରଂଗତ ।୧୭।
ଏହି ପ୍ରକାରେ ସର୍ବ ଲୋକ । କରନ୍ତି ଭରସା ଅନେକ ।୧୮।
ଭୁଲନ୍ତି ଏଣେ ତେଣେ ଯାଇ । ଯେସନେ ବାଟ ନ ଦିଶଇ ।୧୯।
ମାତ୍ର ଏ ଭରସା ସମସ୍ତ । ପର ଲୋକରେ ହେବ ବ୍ୟର୍ଥ ।୨୦।
ଏଥି ଇତର ନାହି ତୁଷ୍ଟି । କେବଳ ତ୍ରାଣ ମାଗୁଁ ଖ୍ରୀଷ୍ଟି ।୨୧।
ଉଦର ହେତୁ ଏ ସଂସାରେ । ସ୍ଥାପିତ ନାନାଦି ପ୍ରକାରେ ।୨୨।
ପରମ ତତ୍ତ୍ୱକୁ ହଜାଇ । ଅଶେଷ ଭୁଲନେ ଭ୍ରମଇ ।୨୩।
ମନର ମାତ୍ର ଅନୁମାନ । ରଚନ କଲେ ଋଷିଗଣ ।୨୪।

## ସତ୍ୟଉପାୟ ।

କହ କେମନ୍ତେ ହେବପାର । ଭବ ସଂସାର ପାରାବାର । ୧ ।
ହେଲେ ଯୀଶୁ ପ୍ରେମ ତରଣି । ସେ କର୍ଣ୍ଣଧାର ହେଲେ ପୁଣି । ୨ ।
ତେବେତ ଭବୁଁ ହେବ ପାର । ନୋହିଲେ ନାହିଁ ପାରାପାର । ୩ ।
ଯେ ଭୟାନକ ମାୟାତମ । ଅଶ ପବନ ତାବ ଷମ । ୪ ।
ପ୍ରବୃତ୍ତି ଗର୍ଜନ ତରଙ୍ଗେ । ବେଳ କୁବେଳ ଉଠେ ରଙ୍ଗେ । ୫ ।
ନାନାଦ ଅଭିମାନ ଧାରା । ବହଇ ଖରତର ତୋରା । ୬ ।
କାମ କ୍ରୋଧ ଲୋଭାଦ ପାପ । ଦେଖି କରଇ ଅନୁତାପ । ୭ ।
ଶୁଣ ହେ ବଚନ ମୋହୋର । ଯେବେ କଲୁଷୁଁ ହେବ ପାର । ୮ ।
ଖ୍ରୀଷ୍ଟର ପ୍ରେମ ଗୁଣ ଲୀଲା । ନିଜ କଣ୍ଠରେ କର ମାଳା । ୯ ।
ଏହି ନିଶିରେ ଧ୍ୟାନେ ଜାଣ । ହେବ ଅନନ୍ତ ପଦ ତ୍ରାଣ । ୧୦ ।

## ମହା ପ୍ରାୟଶ୍ଚିତ୍ତ ।

ସେ ପ୍ରଭୁ ଯୀଶୁ ଭଗବାନ । ମନୁଷ୍ୟ ରୂପେ ଅବତୀର୍ଣ୍ଣ । ୧ ।
ମର୍ତ୍ତ୍ୟ ଭୁବନରେ ପ୍ରକାଶ । ହଜାର ଆଠ ଶ ବରସ । ୨ ।
ନାନାଦ ଦିବ୍ୟ ଶିକ୍ଷା ଦେଲେ । ସେ ସ୍ୱର୍ଗ ଦାଣ୍ଡ ଫିଟାଇଲେ । ୩ ।
ପାପିଙ୍କ ବଦଳି ହୋଇଲେ । ଅମୂଲ୍ୟ ପ୍ରାୟଶ୍ଚିତ କଲେ । ୪ ।
ଦେବର ଆଗେ ବଳି ଦାନ । ଯେସନେ କରନ୍ତି ପ୍ରଦାନ । ୫ ।
ତେସନେ ଜଗତ କାରଣ । ଯୀଶୁ ଢାଳିଲେ ନିଜ ପ୍ରାଣ । ୬ ।
ତାହାଙ୍କ ଚରଣେ ଯେ ପଡ଼ । ଅନ ସମସ୍ତ ଆଶା ଛାଡ଼ । ୭ ।
ତାହାକୁ ବୋଧାକୁ ବଟର । ହୋଇବ ଜୀବନାଧିକାରୀ । ୮

## ସତ୍ପରା ମର୍ଶ

ତୁମ୍ଭେ କାହାର କେ ତୁମ୍ଭର । ବୋଲନ୍ତୁ ଭୁଲଣ ସଂସାର ।୧।
ପ୍ରପଞ୍ଚ ଜଗତେ ଜନମ । ନିଦ୍ରାବଶେ ଯେହ୍ନେ ସ୍ୱପନ ।୨।
ଯେସନେ ରଜ୍ଜୁ ପଡି ଥାଏ । ଭ୍ରମେଣ ଦଶେ ଅହି ପ୍ରାଏ ।୩।
ଅନେକ ପକ୍ଷୀ ଏକ ବୃକ୍ଷେ । ନିଶାକାଳେ ବସନ୍ତି ସୁଖେ ।୪।
ପ୍ରଭାତେ ତେଜି ସେ ବୃକ୍ଷକୁ । ଉଡି ଯାନ୍ତି ଦଶ ଦିଗକୁ ।୫।
ସେହି ରୂପେ ଜାଣିବ ସର୍ବ । ପିତା ମାତା ବନ୍ଧୁ ବାନ୍ଧବ ।୬।
ସମୟ ହେଲେ ପଳାଇବେ । ନିବାରି କେହି ନ ପାରିବେ ।୭।
ମଳୟ କୁସୁମ ଚନ୍ଦନ । ବେଶ ବସନ ଆଭରଣ ।୮।
ଯୁବତି ପ୍ରାଣପ୍ରିୟ ଜନ । ଧନ ଯୌବନ ଜ୍ଞାନ ମାନ ।୯।
ଅଭିମାନାଦି କେଣେ ଯିବ । ନିଶ୍ଚୟେଁ ମୃତ୍ୟୁ ଧରିନେବ ।୧୦।
ତେଣୁ ହେ ଶୁଣ ପ୍ରିୟ ଭ୍ରାତ । ଯେ ପରାମର୍ଶ ତୁମ୍ଭ ହିତ ।୧୧।
ଖଣ୍ଡାଅ ମନର ବିଷାଦ । ଆଶ୍ରୟ କର ଯୀଶୁ ପାଦ ।୧୨।
ତହିଁରେ ହେବ ମୃତ୍ୟୁ ଜୟ । ଅନନ୍ତ ଜୀବନ ବିଜୟ ।୧୩।
ଏ ପରୀକ୍ଷା ସଂସାରେ ଆଉ । ନୋହିବ ଜନ୍ମ ପୁନର୍ବାର ।୧୪।
ଥରେହେଁ ଗଲେ ସ୍ୱର୍ଗ ଆଳ । ରହିବ ତହିଁ ଚିରକାଳ ।୧୫।
ସଙ୍ଗୀ ହୋଇବେ ସ୍ୱର୍ଗୀ ଜନ । ଈଶ୍ୱର ତେଜେ ତେଜମାନ ।୧୬।
ସର୍ବଦା ପ୍ରଭୁର ଦର୍ଶନେ । ଗାଇବ ଗୌରବ ଗାୟନେ ।୧୭।

---

## ସନ୍ଦେହର ଭରସା ।

୧ ଅହେ ପାପୀ ମନ ବୋଲ କି ହେତୁ ବିଲମ୍ବନ
ଶୁଣ ସବୁ ମିଥ୍ୟା କାର୍ଯ୍ୟ ବ୍ୟର୍ଥ ବଡମନ
ସମ୍ବାଦ ପାଇଲି ମୁହିଁ କେମନ୍ତେ ଜଗତ ନାଥ
ନର ଅବତାର ହୋଇ କଲେ ପାପ ଉତ୍ପାତ ।

୨ ପୂର୍ବକାଳେ ମୋର ପ୍ରାଣ ଥିଲା ଘୋର ଅନ୍ଧକାର
ଭୁଲ ଭ୍ରାନ୍ତ ନାନା କଲୁଂ ଯେହ୍ନେ ସବୁ ପାପୀ ନର
ପାପର ସାଗରେ ଡୁବ ମୋର ପ୍ରାଣ ମଲା ପ୍ରାୟ
ଏଠା ସେଠା ଡାକ ଛାଡ଼ ନାହି ଦେଖିଲି ଉପାୟ ।

୩ ବ୍ରହ୍ମ ବିଷ୍ଣୁ ଶୀବ ସବୁ ଅସାଧ୍ୟ ମୋ ପରିତ୍ରାଣ
ଅବା ଦେବ ଅବା ଦେବୀ ଅବା ଗୁରୁ ପୁଣ୍ୟବାନ
ଅବା ଯଜ୍ଞ ଯପ ତପ ତନ୍ତ୍ର ମନ୍ତ୍ର ଦାନ ସ୍ନାନ
ଉଦ୍ଧାର କରେ ନ ପାରି ମୋର ବନ୍ଦିଗତ ପ୍ରାଣ ।

୪ ଏ ସମସ୍ତ ନିରର୍ଥକ ମାତ୍ର ମିଥ୍ୟା ଭୁଲନ
କେବଳ ଆଶ୍ରୟ କରି ଯୀଶୁ ଖ୍ରୀଷ୍ଟ ମରଣ
ସ୍ୱର୍ଗ ପୃଥିବୀ ପାତାଳ ସବୁ ତାହାଙ୍କ ନିର୍ମାଣ
ସେହି ସଦା ରକ୍ଷା କରେ ସମସ୍ତର ଜୀବନ ।

୫ ମୋର ପୁଣ୍ୟ ମୋର ପାପ ମୋର ଆଶା କରି ତ୍ୟାଗ
ମୋର ମାନ ମୋର ନାମ ମୋର ଇଚ୍ଛା ମୋର ରାଗ
ସମସ୍ତ ପକାଇ ଦେଇ ଯୀଶୁ ଖ୍ରୀଷ୍ଟ ଚରଣେ
କରି ମୋର ଦୃଢ଼ ଆଶା ତାଙ୍କ ପ୍ରେମ ମରଣେ ।

୬ ଶୁଣ ହେ ପାପିଷ୍ଠ ସବୁ ମଙ୍ଗଳ ସୁସମାଚାର
ଏହି ଧର୍ମ ଏହି ପଥ ଏହି ପ୍ରଭୁ କର ସାର
ସବୁ ମିଥ୍ୟା ମାୟା ଛାଡ଼ ବେଗେ କର ହେ ବିଶ୍ୱାସ
ଜୀବନ ମରଣ ହେଉ ହେବ ତୁମ୍ଭ ପରାୟଣ ।

## ସତ୍‌ଗୁରୁ ।

ଏକ ଗୁରୁ ବ୍ରହ୍ମ ଯେବେ ଶାସ୍ତ୍ରର ପ୍ରମାଣ ।
ମନୁଷ୍ୟଙ୍କୁ ଗୁରୁ କର କଉପରେ ଜାଣ ।
ଏକମତରେ ଜନ୍ମ ପାଏ ସର୍ବ ନରଗଣ ।
ଗୁରୁ ସମ୍ବୋଧନ କର ନୋହେ କଦାଚନ ।
ଏ ଜଗତେ ଦେଖ ଭାଇ ବହୁ ବହୁଜନ ।
ଗୁରୁରୂପେ ଖ୍ୟାତଛନ୍ତି ଯେନବାରେ ଧନ ।
କେବଳ ଗୁରୁଙ୍କୁ ଜାଣି ଯେଉଂ ମହାଜନ ।
ଧର୍ମଅଗ୍ନ ଦେଇ କରେ ମନର ଶୋଧନ ।
ଶିଷ୍ୟଙ୍କର ପାପ ଦଣ୍ଡ ଧରେ କଲେବରେ ।
ଯୀଶୁ ଛଡା ସତ୍ୟ ଗୁରୁ ନାହିଁ ଏ ସଂସାରେ ।

---

## ନୀତ ଶିକ୍ଷାଦ ।

ସୁନୀତ ଅଙ୍କୁର ଯେବେ ହୃଦଯେ ନୁହଇ ।
କୁନୀତର ବୀଜ ସେହି ସ୍ଥାନେ ଉପୁଜଇ ।
ଅବଶେଷେ ବନ ବୃକ୍ଷ ହେବାରେ ପ୍ରବଳ ।
ହୃଦୟର ସାର ଭୂମି କରଇ ବଫଳ ।

---

## ବାଲ୍ୟ କାଳେ ବଦ୍ୟା ଅଭ୍ୟାସ ।

ବାଲ ବାଲ୍ୟ ସମଯେ ଶିକ୍ଷା କଲେ ଶିକ୍ଷା ପାଏ
ଯେସନ ନବୀନ ଲତା ଗଣ ।
ପ୍ରଥମରେ ଯେ ପ୍ରକାର ପ୍ରସ୍ତୁତ କରଇ ତାର ।
ସେହି ଧାର ଥାଏ ସର୍ବ କ୍ଷଣ ।

## ସତ୍ୟାନୃତ ।

ସର୍ବ କର୍ମ ଅନୁଷ୍ଠାନେ ସତ୍ୟର ପାଳଣ ।
ଜାଣ ସୁଜନର ଏହି ଯଶର କାରଣ ।
ଦୋଷ କଲେ ମିଥ୍ୟା ବଲେ କଲେ ଅଚ୍ଛାଦନ ।
ଦ୍ୱିଗୁଣ ପ୍ରମାଦ ହୋଇ ଉଠଇ ବିଷମ ।
ମିଥ୍ୟାରେ ଆସକ୍ତ ହୋଇ ଯେ ଅଧମ ଦାସ ।
ଅନନ୍ତ ନରକାନଳେ ତାର ସର୍ବନାଶ ।

---

## ଅହଙ୍କାର ।

ପରନିନ୍ଦା କରେ ଯେଣୁ ଅହଂକାରୀ ଜନ ।
ଅପମାନ ହେୟଜ୍ଞାନ ତାର ପ୍ରତିଦାନ ।
ନିଜ ଆତ୍ମକୁ ବିଗୃହି ହୁଅ ନମ୍ର ଚିତ୍ତ ।
ଅହଂକାର ମନୁଷ୍ୟର ସଦା ଅନୁଚିତ ।

---

## ସୁସ୍ଥିରତା ।

ଉତ୍ଥିତ କୋପର ଭରେ କୌଣସି ଜନ ଅନ୍ତରେ
ସନ୍ତାପ ନ ଦିଅ କଦାଚିତ ।
ନିଃସ୍ୱାର୍ଥେ ହୋଇ ସଦୟ ସଭୟେ ଦେଇ ଅଭୟ
କ୍ଷମା କର ସେହି ସେ ଉଚିତ ।

---

## ଜ୍ଞାନଲାଭ ।

ବିବିଧ ଶାସ୍ତ୍ରେ ବିଦ୍ୟାଲଙ୍କାର ।
ନାନାବିଧ ଭାଷାରେ ହୋଇଲେ ତତ୍ପର ।

ସଦ୍ଧର୍ମ ନୋହିଲେ ହୃଦୟ ଭୂଷଣ ।
ପଣ୍ଡିତ କହନ୍ତି ଶିଷ୍ୟର ଦୂଷଣ ।
ତତ୍ତ୍ୱଜ୍ଞାନ ପାଇଲେ ଉଦ୍ଧତ ଗମନ ।
ଜାଣିବ ବିଦ୍ୟାର ପରମ ରତନ ।

---

ଯଥା ଭାଗବତରେ ଲେଖା ।

ସେ ସର୍ବ ଶାସ୍ତ୍ରେ ସୁପଣ୍ଡିତ ।
ଜାଣଇ ସର୍ବ ଧର୍ମ ତତ୍ତ୍ୱ ।
ଯେବେ ସେ ଏତେ ଗୁଣ ଯେନ ।
ପରମାନନ୍ଦକୁ ନ ଚିହ୍ନି ।
ସକଳ ଶାସ୍ତ୍ର ବ୍ୟର୍ଥ ତାର ।
କେବଳ ଶ୍ରମ ମାତ୍ର ସାର ।
କୁଧେନୁ ବାନ୍ଧି ଗୃହେ ଯେହ୍ନେ ।
କଦାଚ ହୋନ୍ତି କ୍ଷୀର ପାନେ ।

---

ପ୍ରୟାସ ଓ ପରିଶ୍ରମ ।

ପିପୀଲିକା ଗଣ ଅତି ବୁଦ୍ଧିମାନ ଏହାର କାରଣ
ଅଟେ ହେବାର ଉଦ୍‌ଯୋଗୀ ।
ଶୀତର ସଞ୍ଚୟ କରିବା ଆଶୟ ଗ୍ରୀଷ୍ମର ସମୟ
ହୋଯ୍ସେ ଶ୍ରମେ ଅନୁରାଗୀ ।
ଏମନ୍ତ ମାନବେ ପିପୀଲିକା ସବେ ନୀରବେ ନୀରବେ
କରେ ଏହ ଉପଦେଶ ।

ଯେ କୌଣସି ଜଣ ଶ୍ରମେ ଅଯତନ ନୋହେ କଦାଚନ
କ୍ଲେଶ ସୁଖ କରେ ଶେଷ ।

---

## ଦାନ ପାତ୍ର ।

ଦାନର ଉଚିତ ପାତ୍ର ଦରିଦ୍ର ଦୁର୍ବଳ ।
ଧନବନ୍ତେ ଦେଲେ ଦାନ ନାହିଁ କିଛି ଫଳ ।
ଲୁଣା କ୍ଷେତ୍ରେ ପୁଣି ବୀଜ କରିଲେ ରୋପଣ ।
ଦୁହିଙ୍କ ଗୌରବ ନାଶ ବୁଝହେ ସୁଜନ ।

---

## ବନ୍ଧୁର ବିବେକ ।

ଯେ ଜନ ଦୁର୍ଜନ ସଙ୍ଗେ ପିରତି କରଇ ।
ତାର କୁକର୍ମର ଦୋଷ ଭାଗୀ ସେ ହୁଅଇ ।
ଏନିମନ୍ତେ ଯଶ ଅପଯଶ ଏ ଜୀବନେ ।
ଉତ୍ପତ୍ତି ହୋଇଥିବ ଜାଣ ସଖ୍ୟତାର ଗୁଣେ ।

---

## ବିଯୋଗର ଶୋକ ।

ଅନିତ୍ୟ ସଂସାରେ ଦେଖ ମନୁଷ୍ୟର ମନ ।
ଅଶେଷ ପ୍ରବଳ ଫାଶେ ବନ୍ଧା ଅନୁକ୍ଷଣ ।
ପୁଣି ଶୋକରୂପ ଅସ୍ତ୍ର କାଟି ସେହି ଫାଶ ।
ସ୍ୱର୍ଗପୁରେ ଯିବାକୁ ଦିଅଇ ଉପଦେଶ ।

---

## ବ୍ୟବସାୟରେ ପରିଶ୍ରମ ।

କର ଯାଇ ଧର ହଳ ଅବା ଖେଳେ ବାନ୍ଧ ଜାଲ
ଅବା କର ମୃତ୍ତିକା ଖନନ ।
କର କୌଣସି ବ୍ୟାପାର ସାନ ଅବା ବଡ ରାର
ନାହି କର ମନରେ ଗଣନ ।
ଲୋକେ ଯେବେ କହେ ସାନ ତେବେ ନାହି ନିନ୍ଦା ଜ୍ଞାନ
କର ପରମୋତ୍ପର ଶ୍ରମ ।
ଏଥିରେ ନ ଠାଇ କଲେ ଅବଶ୍ୟ ସୁଫଳ ମିଳେ
ଏହି ବ୍ୟବସାୟର ନିୟମ ।

---

## କ୍ରୋଧ ।

କ୍ରୋଧାନଳ ଯେ ସମୟେ ଅନ୍ତରେ ଜ୍ୱଳିତ ହୋୟେ
ଶିଖା ପ୍ରବଳ ନିଭାଅ ତାର ।
ସ୍ୱବଶେ ରଖ ଜିହ୍ୱାକେ ଯେସନ କେବେ ନ କରେ
ଅପବାଦ ନିନ୍ଦାର ସଞ୍ଚାର ।

---

## ପୂର୍ବ ଚିନ୍ତା ।

ବ୍ୟସ୍ତ ଆଉ ବ୍ୟସ୍ତ ହେଲେ ସମସ୍ତ ବିନାଶ ।
ସ୍ଥିରଚିତ୍ତ ସର୍ବ କାର୍ଯ୍ୟ ସିଦ୍ଧି ହେବ ଆଶ ।
ଯେବେ କର ଅଭି ପ୍ରାପ୍ତ ମନେ କୋନ୍ତ ଜନ ।
ତାର ଉପାୟ ଲକ୍ଷଣ ଭାବ ସମାପନ ।

---

## କାଲ କ୍ଷେପ ।

ସମୟ ଅମୂଲ୍ୟ ରତ୍ନ କର ଅତଶୟ ଯତ୍ନ
ନାହି କର ହେଲା ଯଥା ସାଧ୍ୟ ।
ତାର ଦଣ୍ଡ କ୍ଷେପଣରେ ସଦା ରହ ସତର୍କରେ
ନୋହିବ ହେ ଅଲସ୍ୟର ବାଧ୍ୟ ।
ଯେ ହେତୁ ଅଶୁଭକ୍ଷଣ ଯାହା ବ୍ୟର୍ଥେ କ୍ଷେପଣ
କଲେ ନଷ୍ଟେ ବଧି ବଡମ୍ବିତ ।
ତାର ଅନୁତାପ ମନେ ଘଟିବ ଯେ କ୍ଷଣେ କ୍ଷଣେ
ସେହି କାଲ ଅସି ଉପସ୍ଥିତ ।

ସମାପ୍ତଃ ।

---

NOTE.—Some of the minor pieces in this volume may be thought scarcely worthy of insertion; but as this is the first collection of Oriya poetry that we have made, it was on the whole thought best to give them a place. Should they only excite to more successful attempts at this kind of composition they will not have been printed in vain.

---

କଟକ ନଗରର ମୁଦ୍ରାଯନ୍ତ୍ରାଲୟରେ ଛପା ଗଲ୍ଲା ।
ସନ ୧୮୪୩ ।

75.
B D-88

THE LIBRARY OF CONGRESS

DOBBS BROS. INC.
MAR 83
ST. AUGUSTINE
FLA.
32084

LC FT. MEADE
0 019 223 831 6